# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୬/୨୦୨୧ (୧୨ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Thursday, August 26/2021 | ★★★★★★

୪୭ଶ ଭାଗ ୨୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପେଗ୍ ଗ୍ରେକୋଙ୍କୁ ପ୍ରଥମ ସ୍ୱର୍ଣ୍ଣ**

ଟୋକିଓ ପାରାଲିମ୍ପିକ୍ସରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଅଷ୍ଟ୍ରେଲୀୟ ମହିଳା ସାଇକ୍ଲିଷ୍ଟ ପେଗ୍ ଗ୍ରେକୋ।

୧୨

୧୦

**ଶୁଟିଂ ସେଟ୍‌ରେ ଚାପୁଡ଼ା ମାରିଥିଲେ ଈଶା**

ଏକ ଫିଲ୍ମର ଶୁଟିଂ ସେଟ୍‌ରେ ଅଭିନେତ୍ରୀ ଅମୃତା ରାଓଙ୍କ ସହ ଝଗଡ଼ା ହେବାପରେ ତାଙ୍କୁ ଚାପୁଡ଼ା ମାରିଦେଇଥିଲେ ଅଭିନେତ୍ରୀ ଈଶା ଦେଓ୍ୱଲ।





ଅହମଦାବାଦରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ ରୋଡ୍ ଶୋ ବେଳେ ବୁଧବାର ଷ୍ଟଣ୍ଟ ପ୍ରଦର୍ଶନ କରୁଛନ୍ତି ଜଣେ ଯବାନ।

# ପିପିପିକୁ ଯିବ ଭୁବନେଶ୍ୱର ବିମାନବନ୍ଦର

**ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନ୍ୟାଶନାଲ ମନିଟାଇଜେଶନ ପାଇପ୍‌ଲାଇନ ଯୋଜନା ସମ୍ପର୍କରେ ସୋମବାର ଘୋଷଣା କରିଥିଲେ। ଏଥିରେ ଭୁବନେଶ୍ୱର ବିମାନବନ୍ଦରର ୯୦୦ କୋଟି ଟଙ୍କାର ସମ୍ପତ୍ତି ମୁଦ୍ରୀକରଣ (ମନିଟାଇଜ୍) କରାଯିବା ପ୍ରସ୍ତାବ ରହିଛି। ଏହାଦ୍ୱାରା ଏହି ବିମାନବନ୍ଦର ସରକାରୀ ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ପରିଚାଳନା ହେବା ରାସ୍ତା ଖୋଲିଛି।**



**ନୂଆଦିଲ୍ଲୀ, ୨୫।୮**

୨୦୨୫ ସୁଦ୍ଧା କେନ୍ଦ୍ର ସରକାର ବ୍ରାଉନଫିଲ୍ଡ (କାର୍ଯ୍ୟକାରୀ) ପ୍ରକଳ୍ପଗୁଡ଼ିକରେ ରହିଥିବା ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ସମ୍ପତ୍ତିକୁ ମୁଦ୍ରୀକରଣ କରିବାକୁ ଯୋଜନା ରଖିଛନ୍ତି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଆଇଆଇ) ଦ୍ୱାରା ପରିଚାଳିତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନା ପରିସରରେ ସାମିଲ କରାଯାଇଛି। ବ୍ରାଉନଫିଲ୍ଡ ପିପିପି ମୋଡ୍‌ରେ ଏହି ବିମାନବନ୍ଦରର ପରିଚାଳନା ନେଇ ପଥ ପରିଷ୍କାର ହେଉଥିବା କୁହାଯାଉଛି। ଏହାଦ୍ୱାରା ଭୁବନେଶ୍ୱର ବିମାନବନ୍ଦରର ୯୦୦ କୋଟି ଟଙ୍କାର ସମ୍ପତ୍ତିକୁ ମୁଦ୍ରୀକରଣ (ମନିଟାଇଜ) କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦେଶର ଟାୟାର ୨ ଏବଂ ୩ ସହରରେ ରହିଥିବା ୬ ବିମାନବନ୍ଦରକୁ ଚଳିତ ଆର୍ଥିକ ବର୍ଷରେ ପିପିପିରେ ପରିଚାଳନା ଲାଗି ପ୍ରଦାନ କରାଯିବ। ଅନ୍ୟ ବିମାନବନ୍ଦରଗୁଡ଼ିକ ମଧ୍ୟରେ ବାରାଣସୀ, ଅମୃତସର, ତ୍ରିଚି, ଇନ୍ଦୋର ଏବଂ ରାୟପୁର ବିମାନବନ୍ଦର ରହିଛି। ୨୦୨୫ ସୁଦ୍ଧା ୨୫ ବିମାନବନ୍ଦରକୁ ଏହି ଯୋଜନାରେ ସାମିଲ କରାଯିବା ନେଇ ପ୍ରସ୍ତାବ ରହିଛି। ଗତ ଆର୍ଥିକ ବର୍ଷରେ ☞ପୃଷ୍ଠା-୪

**ନ୍ୟାଶନାଲ ମନିଟାଇଜେଶନ ପାଇପଲାଇନ**

- ପାରାଦୀପ ବନ୍ଦରର ୪ ପ୍ରକଳ୍ପ ସାମିଲ
- ହୋଟେଲ କଳିଙ୍ଗ ଅଶୋକକୁ ଓ ଆଣ୍ଡ ଏମ୍ କଣ୍ଟ୍ରାକ୍ଟ
- ହୋଟେଲ ନୀଳାଚଳରୁ ପୁଞ୍ଜି ପ୍ରତ୍ୟାହାର

ବିତରକଙ୍କଠାରୁ ୮ ପୃଷ୍ଠାର ପାକ୍ଷିକ 'ସାହିତ୍ୟାୟନ' ସଂଗ୍ରହ କରିବାକୁ ପାଠିକା, ପାଠକ ବନ୍ଧୁମାନଙ୍କୁ ଅନୁରୋଧ।



ଧରିତ୍ରୀର ୭ ଟଙ୍କା ମୂଲ୍ୟ ଅପରିବର୍ତ୍ତିତ।

**ଆଜିର ସମ୍ପାଦକୀୟ**

**କ୍ଷୁଧାମୁକ୍ତ ବିଶ୍ୱ ପ୍ରୟାସ**

# ନିୟମ ଭାଙ୍ଗିଲେ ଡିଏଲ୍ ରଦ୍ଦ

**ରାଜ୍ୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଏବେ ଆଉ ନିସ୍ତାର ନାହିଁ। ପ୍ରଥମଥର ପାଇଁ ନିୟମ ଉଲ୍ଲଂଘନ କରିଥିଲେ ମଧ୍ୟ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ସର୍ବନିମ୍ନ ୩ମାସ ପାଇଁ ରଦ୍ଦ କରାଯିବ। ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରିଛି ରାଜ୍ୟ ପରିବହନ ବିଭାଗ।**

**ଭୁବନେଶ୍ୱର, ୨୫।୮**

ସଡ଼କ ସୁରକ୍ଷା ନେଇ ଗଠିତ ସୁପ୍ରିମକୋର୍ଟ କମିଟି ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ପରିବହନ କମିଶନର ତଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅରୁଣ ବୋଥ୍ରା ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ୨୦୧୫ ଅଗଷ୍ଟ ୧୮ ତାରିଖରେ କମିଟି ଦେଇଥିବା ମତ ଅନୁସାରେ ଦ୍ରୁତ ଗାଡ଼ିଚାଳନା, ଧାର୍ଯ୍ୟଠାରୁ ଅଧିକ ମାଲ୍ ପରିବହନ କରିବା, ମାଲ୍‌ବାହୀ ଗାଡ଼ିରେ ଯାତ୍ରୀ ପରିବହନ, ମଦ୍ୟପାନ କରି ଗାଡ଼ି ଚଳାଇବା, ଗାଡ଼ି ଚଳାଇବାବେଳେ ମୋବାଇଲ ଫୋନ୍ ବ୍ୟବହାର କରିବା ଆଦି ଅଭିଯୋଗରେ ମୋଟର ଭେଇକିଲ ଆକ୍ଟ ୧୯୮୮ର ଦଫା ୧୯ ଏବଂ ସେଣ୍ଟ୍ରାଲ ମୋଟର ଭେଇକିଲ ରୁଲ୍‌ର ୨୧ ଅନୁସାରେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ପରିବହନ କମିଶନର ବୋଥ୍ରା ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମ୍‌ବ୍ରାଞ୍ଚ ରିପୋର୍ଟ ଅନୁସାରେ, ୨୦୨୧ ଜାନୁୟାରୀରୁ ଜୁନ୍ ମଧ୍ୟରେ ଦ୍ରୁତ ଗାଡ଼ି ଚାଳନା କରିଥିବା ଅଭିଯୋଗରେ ୪୦,୧୩୯ ଚାଲାଣ କଟାଯାଇଥିବାବେଳେ ମାତ୍ର ୪,୦୨୭(୧୦%) ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ୨୦୨୦ ବର୍ଷରେ ଦ୍ରୁତ ଗାଡ଼ିଚାଳନା ଯୋଗୁ ୭୨% ଦୁର୍ଘଟଣା ଘଟିଥିଲା ଏବଂ ଏହା ମୋଟ ମୃତ୍ୟୁର ୭୩% ଅଟେ। ଏଥିରୁ ସଡ଼କ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅନୁଭବ ହେଉଛି। କଠୋର ପଦକ୍ଷେପ ନେଲେ ହିଁ ସଡ଼କ ଦୁର୍ଘଟଣାର ମାତ୍ରାକୁ କମାଇବା ସହ ମୃତ୍ୟୁକୁ ମଧ୍ୟ ରୋକାଯାଇପାରିବ। ତେଣୁ ମୋଟର ଯାନ ଆଇନକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ଉଲ୍ଲଂଘନକାରୀ ଚାଳକଙ୍କ ଶତପ୍ରତିଶତ ଡ୍ରାଇଭିଂ ☞ପୃଷ୍ଠା-୪

**ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ପାଇଁ କଡ଼ା ନିୟମ**

# ସିବିଆଇ, ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ବିଧାୟକ ଏବଂ ଏମ୍‌ପିମାନଙ୍କ ବିରୋଧରେ ବିଚାରାଧୀନ ମାମଲାରେ ତଦନ୍ତର ମନ୍ଥରତାକୁ ନେଇ ବୁଧବାର ସୁପ୍ରିମକୋର୍ଟ ଭାରତର ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ଆଇନପ୍ରଣେତାମାନଙ୍କ ନାମରେ ତଦନ୍ତର ୧୦-୧୫ ବର୍ଷ ପରେ ମଧ୍ୟ କାହିଁକି ଚାର୍ଜଶିଟ୍ ଦାଖଲ କରାଯାଉ ନାହିଁ ବୋଲି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି।**

**ନୂଆଦିଲ୍ଲୀ, ୨୫।୮**

ସୁପ୍ରିମକୋର୍ଟ ବୁଧବାର ସିବିଆଇ ଏବଂ ଇଡି ଭଳି ତଦନ୍ତକାରୀ ସଂସ୍ଥାଗୁଡ଼ିକ ଉପରେ ପ୍ରବଳ ବର୍ଷିଛନ୍ତି। ଏମ୍‌ପି, ବିଧାୟକଙ୍କ ବିରୋଧରେ ବିଚାରାଧୀନ ମାମଲାରେ ଏହି ଦୁଇ ଏଜେନ୍ସି ପକ୍ଷରୁ ତଦନ୍ତରେ ଅହେତୁକ ବିଳମ୍ବ କରାଯାଉଥିବାରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ☞ପୃଷ୍ଠା-୪

## ଓଡ଼ିଶାର ଏମ୍‌ପି, ବିଧାୟକଙ୍କ ନାଁରେ ୩୬୨ ମାମଲା ଗଡ଼ୁଛି

**ନୂଆଦିଲ୍ଲୀ, ୨୫।୮**

ଓଡ଼ିଶାର ଏମ୍‌ପି ଏବଂ ବିଧାୟକଙ୍କ ବିରୋଧରେ ୧୮ଟି କୋର୍ଟରେ ୩୬୨ ମାମଲା ବିଚାରାଧୀନ ଅଛି। ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାଖଲ ରିପୋର୍ଟରେ ଏହି ବିଷୟ ଉଲ୍ଲେଖ କରାଯାଇଛି। ସର୍ବୋଚ୍ଚ ଅଦାଲତରେ ଦାଖଲ କରିଥିବା ଷ୍ଟାଟସ୍ ରିପୋର୍ଟରେ ରେଜିଷ୍ଟ୍ରାର ଜେନେରାଲ କହିଛନ୍ତି, ଆଇନପ୍ରଣେତାମାନଙ୍କ ବିରୋଧରେ ବିଚାରାଧୀନ ମାମଲା ମଧ୍ୟରୁ ୧୭୮ଟି ହାଜର ହେବା ପାଇଁ ଉଦ୍ଦିଷ୍ଟ। ଜିଲାଓ୍ୱାରି ରିପୋର୍ଟ ଉଲ୍ଲେଖ କରି କହିଛନ୍ତି, ଅନୁଗୋଳ ଜେଏମ୍‌ଏଫ୍‌ସିଙ୍କ ନିକଟରେ ୩୧ ମାମଲା ବିଚାରାଧୀନ ଅଛି। ସେଥିରୁ ୧୬ଟି ହେଉଛି ହାଜର ହେବା ପାଇଁ। ସେହିପରି ଭୁବନେଶ୍ୱର ତୃତୀୟ ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ନିକଟରେ ☞ପୃଷ୍ଠା-୪

# ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୪.୭୬% ପିଲା

**ଭୁବନେଶ୍ୱର, ୨୫।୮(ବ୍ୟୁରୋ)**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ତଳମୁହାଁ ହେଉଥିବାବେଳେ ପିଲାଙ୍କ ସଂକ୍ରମଣ ହାର ବଢ଼ୁଥିବା ଦେଖାଯାଉଛି। ଆଗକୁ ତୃତୀୟ ଲହର ଆସିବା ସମ୍ଭାବନା ଥିବାରୁ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଗତ ୨୪ ଘଣ୍ଟାରେ ୮୮୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୋଟ ୬୮,୭୧୭ ନମୁନା ପରୀକ୍ଷା ହୋଇଥିଲାବେଳେ ପଜିଟିଭିଟି ହାର ୧.୨୯% ରହିଛି। ସେହିଭଳି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୧୩୧ଜଣ ରହିଥିବାବେଳେ ☞ପୃଷ୍ଠା-୪

- ଓଡ଼ିଶାରେ ତୃତୀୟ ଲହର ପ୍ରଭାବ କମ୍ ରହିବ : ଡିଏମ୍‌ଇଟି
- ଆଉ ୮୮୭ ଆକ୍ରାନ୍ତ, ୬୭ ମୃତ
- ୨୭ରୁ ଏସ୍‌ସିବିରେ ଏକ୍‌ମୋ ଚିକିତ୍ସା

# ଅକ୍ଟୋବରରୁ ଟିକା

**ନୂଆଦିଲ୍ଲୀ, ୨୫।୮**

ଅକ୍ଟୋବର ପ୍ରଥମ ସପ୍ତାହରୁ ୧୨ ବର୍ଷରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ କୋଭିଡ୍ ଟିକା ଦିଆଯାଇପାରେ। ଟିକାଦାନରେ ଗୁରୁତର ରୋଗାକ୍ରାନ୍ତ ପିଲାଙ୍କୁ ପ୍ରାଥମିକତା ଦିଆଯିବ। ଦେଶରେ ୧୨ରୁ ୧୭ ବର୍ଷ ବୟସ ବର୍ଗରେ ୧୨ କୋଟି ପିଲା ଅଛନ୍ତି। ପିଲାମାନଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ସ୍କୁଲ୍ ଖୋଲାଯିବା ଆବଶ୍ୟକ ବୋଲି କୋଭିଡ୍ ଓ୍ୱାର୍କିଂ ଗ୍ରୁପ୍ କହିଛି। ☞ପୃଷ୍ଠା-୪

**ରୋଗାକ୍ରାନ୍ତ ପିଲାଙ୍କୁ ଦିଆଯିବ ପ୍ରାଥମିକତା**

# ପିଜା ବିକୁଛନ୍ତି ପୂର୍ବତନ ଆଫଗାନ୍ ମନ୍ତ୍ରୀ

**ସମୟ କାହା ପାଇଁ କେତେବେଳେ କେମିତି ଆସିବ ତାହା କେହି କହିପାରିବେ ନାହିଁ। ଏକଦା ଆଫଗାନିସ୍ତାନର ପ୍ରଭାବଶାଳୀ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଥିବା ସୟେଦ ଅହମଦ ଶାହ ସାଦତ୍ ଏବେ ଜର୍ମାନୀରେ ପିଜା ବିକ୍ରି କରୁଥିବା ଦେଖିବାକୁ ମିଳିଛି।**

**ବର୍ଲିନ, ୨୫।୮**



ଜର୍ମାନୀର ଲେଇପ୍‌ଜିଙ୍ଗ ସହରରେ ପିଜା ବିକ୍ରି କରୁଥିବା ପୂର୍ବତନ ଆଫ୍‌ଗାନ ମନ୍ତ୍ରୀ ଅହମଦ ଶାହ ସାଦତ୍।

ମନ୍ତ୍ରୀପଦ ଛାଡ଼ିବାର ବର୍ଷକ ପରେ ଅହମଦ ଶାହ ସାଦତ୍ ଜର୍ମାନୀର ଲେଇପ୍‌ଜିଗ ସହରରେ ଏକ ଡେଲିଭରି ସେବାରେ ନିୟୋଜିତ ହୋଇଛନ୍ତି। ସ୍ଥାନୀୟ ଖବରଦାତା ତାଙ୍କ ପିଜା ଡେଲିଭରି ସମୟର ଫଟୋ ଉତ୍ତୋଳନ କରିବା ପରେ ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ଫଟୋରେ ପୂର୍ବତନ ମନ୍ତ୍ରୀ ନାରଙ୍ଗି ରଙ୍ଗର ପୋଷାକ ପିନ୍ଧି ଓ ପଛରେ ବ୍ୟାଗ୍ ପକାଇ ଲେଇପ୍‌ଜିଙ୍ଗ ସହରର ଏକ ରାସ୍ତାରେ ସାଇକେଲ୍‌ରେ ଯାଉଥିବା ଦେଖିବାକୁ ମିଳିଛି। ସେ ସାଇକେଲରେ ପିଜା ବିକ୍ରି କରୁଥିବାବେଳେ ଦେଖିଥିବା ଜର୍ମନୀର ଜଣେ ଖବରଦାତା କହିଛନ୍ତି। ସେ କିଛିଦିନ ତଳେ ସାଦତ୍‌ଙ୍କୁ ଭେଟି ତାଙ୍କ ସହ କଥା ହୋଇଥିଲେ ବୋଲି ଖବରଦାତା ଜଣକ ଟୁଇଟ୍ କରିଛନ୍ତି। ସୋସିଆଲ ମିଡିଆରେ ଘୂରି ବୁଲୁଥିବା ସାଦତ୍‌ଙ୍କ ଫଟୋ ସେ ଉଠାଇଥିଲେ ବୋଲି ସ୍କାଏ ନ୍ୟୁଜ୍ ଆରବର ଉକ୍ତ ଖବରଦାତା ସ୍ପଷ୍ଟ କରିଛନ୍ତି।

୨୦୧୮ରେ ଅଶ୍ରଫ୍ ଗନି ସରକାରରେ ସୟେଦ ଅହମଦ ଶାହ ସାଦତ୍ କ୍ୟାବିନେଟ ମନ୍ତ୍ରୀ ଥିଲେ। ସେ ଦୁଇବର୍ଷ କାର୍ଯ୍ୟ କରିବା ପରେ ୨୦୨୦ରେ ଇସ୍ତଫା ଦେଇଥିଲେ। ଗତବର୍ଷ ଡିସେମ୍ବରରେ ସେ ଜର୍ମାନୀ ଚାଲିଯାଇଥିଲେ। ସାଦତ୍ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ କମ୍ୟୁନିକେଶନ୍ସ ଏବଂ ଇଲେକ୍ଟ୍ରୋନିକ୍ ଇଞ୍ଜିନିୟରିଂରେ ଡବଲ୍ ମାଷ୍ଟର ଡ୍ରିଗୀ ହାସଲ ☞ପୃଷ୍ଠା-୪



**ମିଗ୍-୨୧ ବିମାନ ଦୁର୍ଘଟଣା**

ଭାରତୀୟ ବାୟୁସେନାର ଏକ ମିଗ୍-୨୧ ବିସନ୍ ଲଢୁଆ ବିମାନ ରାଜସ୍ଥାନର ବାର୍‌ମେରଠାରେ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଶିକ୍ଷଣ ଉଡ଼ାଣ ବେଳେ ବିମାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଦୁର୍ଘଟଣା ଘଟିଥିଲା। ତେବେ ପାଇଲଟ ସୁରକ୍ଷିତ ଥିବା ଜଣାପଡ଼ିଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଏନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଥିବା ବାୟୁସେନା ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଆଖୁ ଏଫ୍‌ଆର୍‌ପି ୨୯୦ ଟଙ୍କାକୁ ବୃଦ୍ଧି

**ନୂଆଦିଲ୍ଲୀ, ୨୫।୮:** ଅକ୍ଟୋବରରୁ ଆରମ୍ଭ ହେବାକୁ ଥିବା ପରବର୍ତ୍ତୀ ବିପଣନ ବର୍ଷ ନିମନ୍ତେ କେନ୍ଦ୍ର ସରକାର ଆଖୁର ଉଚିତ ଏବଂ ଲାଭକାରୀ ମୂଲ୍ୟ (ଏଫ୍‌ଆର୍‌ପି) ସର୍ବାଧିକ ୨୯୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଉପରୋକ୍ତ ଆଖୁ ଏଫ୍‌ଆର୍‌ପିକୁ ଅନୁମୋଦନ କରାଯାଇଥିବା ଖାଦ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରୀ ପୀୟୂଷ ଗୋୟଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାଦ୍ୱାରା ଦେଶର ୫ କୋଟି ଆଖୁଚାଷୀ ଏବଂ ଚିନିକଳରେ ନିୟୋଜିତ ୫ ଲକ୍ଷ ଶ୍ରମିକ ଉପକୃତ ହେବେ। ଚଳିତ ବିପଣନ ବର୍ଷ ଲାଗି ଆଖୁ ଏଫ୍‌ଆର୍‌ପି ୨୮୫ ଟଙ୍କା ରହିଥିଲା। ଆସନ୍ତା ବିପଣନ ବର୍ଷ ଲାଗି ସେଥିରେ ୫ ଟଙ୍କା ବୃଦ୍ଧି କରାଯାଇଛି। ଏଫ୍‌ଆର୍‌ପି ହେଉଛି ଚିନି କଳ ଆଖୁଚାଷୀଙ୍କୁ ଦେଉଥିବା ସର୍ବନିମ୍ନ ମୂଲ୍ୟ। ସରକାର ଏହା ସ୍ଥିର କରିଥାନ୍ତି।

### ଅମରିନ୍ଦରଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବ କଂଗ୍ରେସ

**ନୂଆଦିଲ୍ଲୀ, ୨୫।୮:** ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ନେତୃତ୍ୱରେ କଂଗ୍ରେସ ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନ ଲଢ଼ିବ। ଦଳର ରାଜ୍ୟ ପ୍ରଭାରୀ ହରିଶ ରାୱତ୍ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରୁ ଅମରିନ୍ଦରଙ୍କୁ ହଟାଇବା ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ପୂର୍ବରୁ ୪ କ୍ୟାବିନେଟ ମନ୍ତ୍ରୀ ତ୍ରିପ୍ତ ରାଜିନ୍ଦର ସିଂ ବାଜ୍‌ୱା, ସୁଖବୀର ସିଂ ସରକାରିଆ, ସୁଖଜିନ୍ଦର ସିଂ ରାନ୍ଧାୱା ଏବଂ ଚରଣଜିତ ସିଂ ଚାନ୍ନି ଡେରାଡୁନ୍‌ଠାରେ ଏକ ବୈଠକ ପାଇଁ ହରିଶ ରାୱତ୍‌ଙ୍କୁ ଭେଟିଥିଲେ। ଅମରିନ୍ଦରଙ୍କ ବିରୋଧୀ ଭାବେ ଜଣାଶୁଣା ଏହି ମନ୍ତ୍ରୀ ଏବଂ ପାଖାପାଖି ଦୁଇ ଡଜନ ବିଧାୟକ ମଙ୍ଗଳବାର ଏକ ବୈଠକରେ ଏକାଠି ହୋଇଥିଲେ। ସେମାନେ ଅମରିନ୍ଦରଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଦାବି କରିଥିଲେ। ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥବା ମୁଖ୍ୟମନ୍ତ୍ରୀଙ୍କ ଉପରୁ ସେମାନଙ୍କର ଆସ୍ଥା ତୁଟିଯାଇଥିବା ଅସନ୍ତୁଷ୍ଟ ନେତାମାନେ କହିଥିଲେ।

### ବଳାତ୍କାର ମାମଲାରେ ମେଘାଳୟର ପୂର୍ବତନ ବିଧାୟକଙ୍କୁ ୨୫ ବର୍ଷ ଜେଲ



**ଗୁଆହାଟୀ, ୨୫।୮:** ପାଞ୍ଚ ବର୍ଷ ପୂର୍ବେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସ୍ଥାନୀୟ ଅଦାଲତ ମେଘାଳୟର ପୂର୍ବତନ ବିଧାୟକ ଜୁଲିଅସ୍ ଡୋରଫାଙ୍ଗଙ୍କୁ ୨୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ତାଙ୍କୁ ୧୫ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଡୋରପାଙ୍ଗଙ୍କୁ ଗତ ୧୩ ତାରିଖରେ ଦୋଷୀସାବ୍ୟସ୍ତ କରାଯାଇଥିବାବେଳେ ଅଦାଲତ ମଙ୍ଗଳବାର ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀସାବ୍ୟସ୍ତ ହେବା ପରେ ଡୋରପାଙ୍ଗଙ୍କୁ ଗିରଫ କରାଯାଇ ଜେଲ୍ ପଠାଇ ଦିଆଯାଇଥିଲା। ଏହି ମାମଲାରେ ଅନ୍ୟ ୩ ଜଣଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ଦିଆଯାଇଛି। ପୋକ୍ସୋ ଅଦାଲତ ରାୟ ବିରୋଧରେ ଡୋରପାଙ୍ଗ ମେଘାଳୟ ହାଇକୋର୍ଟ ଯିବେ ବୋଲି ତାଙ୍କ ଓକିଲ କହିଛନ୍ତି।

## ସିଏଏର ସମୀକ୍ଷା ହେଉ



ଆଫଗାନିସ୍ତାନରୁ ଭାରତ ଆସୁଥିବା ହିନ୍ଦୁ ଓ ଶିଖ୍‌ମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଏଥିପାଇଁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ଥରେ ସମୀକ୍ଷା କରାଯାଇ ସେଥିରେ ପରିବର୍ତ୍ତନ ଅଣାଯାଉ ବୋଲି ଅକାଳୀ ଦଳ ଏମ୍‌ପି ହରସିମ୍ରତ କୌର ବାଦଲ ବୁଧବାର କହିଛନ୍ତି। ଉଦ୍ଧାର ପରେ ସେମାନଙ୍କ ପୁନର୍ବାସ ପାଇଁ ସିଏଏରେ ବ୍ୟବସ୍ଥା ରହିବା ଜରୁରୀ ବୋଲି କହି ହରସିମ୍ରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉଦ୍ଦେଶ୍ୟରେ ଏକ ଟୁଇଟ୍ କରିଛନ୍ତି। ବ୍ୟାପକ ବିରୋଧ ସତ୍ତ୍ୱେ ୨୦୧୯ ଡିସେମ୍ବରରେ ସିଏଏ ବିଲ୍ ପାର୍ଲାମେଣ୍ଟରେ ପାରିତ ହୋଇଥିଲା। ୨୦୧୫ ପୂର୍ବରୁ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନ ଭଳି ମୁସ୍‌ଲିମ୍ ଦେଶଗୁଡ଼ିକରୁ ଭାରତ ପଳାଇଆସିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ ତଥା ଅଣ-ମୁସଲମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ ବୋଲି ଏହି ଆଇନରେ ବ୍ୟବସ୍ଥା ରହିଛି।

## ମୁଠାଏ ମାଟି ବି ଆଣିପାରିଲିନି



'ଏମିତି ଅବସ୍ଥାରେ ଘରଦ୍ୱାର ଏପରି କି ଦେଶ ଛାଡ଼ିବାକୁ ପଡ଼ିବ ବୋଲି କେବେ ଭାବି ନ ଥିଲି। କିନ୍ତୁ ପରିସ୍ଥିତି ନିଜ ମାତୃଭୂମି ଛାଡ଼ିବାକୁ ବାଧ୍ୟ କରିଛି। ସ୍ମୃତି କରି ସାଇତିବାକୁ ସେଠାରୁ ମୁଠାଏ ମାଟି ବି ଆଣିପାରିଲିନି।' ଏଭଳି କୋହଭରା ଶବ୍ଦ ଉଚ୍ଚାରଣ କରିଛନ୍ତି ଭାରତ ପଳାଇଆସିଥିବା ଆଫଗାନିସ୍ତାନର ପ୍ରଥମ ମହିଳା ଅଣ-ମୁସଲମାନ୍ ଏମ୍‌ପି ଅନାରକଲି କୌର ହୋନାରୟାର। ୩୬ ବର୍ଷୀୟା ଡେଣ୍ଟିଷ୍ଟ ହୋନାରୟାର ଆଫଗାନିସ୍ତାନର ପୁରୁଷପ୍ରଧାନ ସମାଜରେ ମହିଳାଙ୍କ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା ସହ ଅସୁରକ୍ଷିତ ସମ୍ପ୍ରଦାୟର ଅଧିକାର ପାଇଁ ଅଭିଯାନର ନେତୃତ୍ୱ ନେଇଥିଲେ। ଏକ ପ୍ରଗତିଶୀଳ ତଥା ଗଣତାନ୍ତ୍ରିକ ଆଫଗାନିସ୍ତାନରେ ଜୀବନ କାଟିବାର ସ୍ୱପ୍ନ ଦେଖିଥିଲେ ହେଁ ଏବେ ତାହା ଭାଙ୍ଗି ଚୂର୍‌ମାର ହୋଇଯାଇଛି ବୋଲି କହିଛନ୍ତି। ହୋନାରୟାର ଭାରତୀୟ ବାୟୁସେନା ବିମାନ ସି-୧୭ରେ ପରିବାର ସହ ଭାରତରେ ପହଞ୍ଚିଥିଲେ।

# ତାଲିବାନ୍, ଚାଇନା ଆଲୋଚନା

## ନିଜ ଗ୍ରହଣୀୟତା ବଢ଼ାଉଛି ଆତଙ୍କବାଦୀ ସଙ୍ଗଠନ

**କାବୁଲ/ବେଜିଂ/ୱାଶିଂଟନ/ନୂଆଦିଲ୍ଲୀ, ୨୫।୮**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆଫଗାନିସ୍ତାନରେ ଦୁଇ ଦଶନ୍ଧି ଧରି ଚାଲିଥିବା ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇ ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ନେବା ପରେ ଗତ ଅଗଷ୍ଟ ୧୫ରେ ତାଲିବାନ୍ କାବୁଲ ଦଖଲ କରିଥିଲା, ଯଦିଓ ସମ୍ପୂର୍ଣ୍ଣ ସେନା ଅପସାରଣକୁ ୨ ସପ୍ତାହ ବାକି ଥିଲା। ଇତିମଧ୍ୟରେ ବିଜୁଳି ବେଗରେ ବଦଳିବାରେ ଲାଗିଛି ଆଫଗାନିସ୍ତାନ ଘଟଣାକ୍ରମ। ବିଦେଶୀ ସୈନ୍ୟଙ୍କ ତ୍ୱରିତ ପ୍ରତ୍ୟାବର୍ତ୍ତନ ସହ ତାଲିବାନର ଶକ୍ତି ବୃଦ୍ଧି ଅଭାବନୀୟ ସ୍ଥିତି ଉପୁଜାଇଛି। ଅନେକ ସ୍ଥାନରେ ତତ୍ପର ହୋଇଉଠିଛନ୍ତି ସଶସ୍ତ୍ର ଜେହାଦୀ। ସାମ୍ପ୍ରତିକ ସ୍ଥିତିରୁ ନିଜକୁ ମଜଭୁତ କରିବା ପାଇଁ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଏବଂ ଅଲ୍-କାଏଦା ଭଳି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ସୁଯୋଗ ଖୋଜୁଛନ୍ତି। ଏଥିଯୋଗୁ ୯/୧୧ ଆକ୍ରମଣକାରୀ ଅଲ୍-କାଏଦା ସହ ବାଇଡେନ୍ ପ୍ରଶାସନ ମୁହାଁମୁହିଁ ହେବା ଆଶଙ୍କାକୁ ଏଡ଼ାଇ ଦେଇହେଉ ନାହିଁ। ଅନ୍ୟପକ୍ଷେ ତାଲିବାନ୍‌ର ଆଫଗାନିସ୍ତାନ ଦଖଲ ପରେ ଅନେକ ରାଷ୍ଟ୍ର ସେଠାରେ ନିଜ ନିଜ ଡିପ୍ଲୋମାଟିକ୍ ମିଶନକୁ ବନ୍ଦ କରିଦେଇଛନ୍ତି। କିନ୍ତୁ ପାକିସ୍ତାନ ଓ ରୁଷିଆ ଭଳି ଚାଇନା ମଧ୍ୟ କାବୁଲରେ ଦୂତାବାସ ଚାଲୁ ରଖିଛି। ଇତିମଧ୍ୟରେ ଚାଇନା-ତାଲିବାନ ମଧ୍ୟରେ ପ୍ରଥମ ଥର ପାଇଁ ଆଲୋଚନା ହୋଇଛି। ଆହୁରି ଅନେକ ରାଷ୍ଟ୍ର ଆତଙ୍କବାଦୀ ସଙ୍ଗଠନର ନେତାଙ୍କ ସହ ଯୋଗସୂତ୍ରରେ ରହିଛନ୍ତି। କ୍ଷମତା ଦଖଲ ସହ ଅନ୍ତର୍ଜାତୀୟ ସମୁଦାୟ ନିକଟରେ ତାଲିବାନ୍ କିପରି ନିଜ ରାଜନୈତିକ ଓ କୂଟନୈତିକ ଗ୍ରହଣୀୟତା ବଢ଼ାଇବାରେ ଲାଗିଛି ବର୍ତ୍ତମାନର ଅନେକ ଘଟଣା ସେସବୁକୁ ଦର୍ଶାଉଛି।

### ଆଲୋଚନା ଜରୁରୀ: ମର୍କେଲ



ଆମେ ଦୀର୍ଘ ୨୦ ବର୍ଷ ଧରି ଆଫଗାନିସ୍ତାନରେ ଯେଉଁ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛେ ତାକୁ ବଜାୟ ରଖିବାକୁ ହେଲେ ତାଲିବାନ୍ ସହ ଆଲୋଚନା ଜରୁରୀ ବୋଲି ଜର୍ମାନୀ ଚାନ୍ସଲର ଆଞ୍ଜେଲା ମର୍କେଲ କହିଛନ୍ତି। ଆଫଗାନିସ୍ତାନରେ ଦୁଇ ଦଶନ୍ଧି ଧରି ନାଟୋର ଉପସ୍ଥିତି ସେଠାରେ ଅନେକ ବିକାଶ କାର୍ଯ୍ୟକୁ ଆଗକୁ ବଢ଼ାଇଛି। ସେହି କାମଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ତାଲିବାନ୍ ସହ ଆଲୋଚନା କରୁ ବୋଲି ମର୍କେଲ ଆହ୍ୱାନ ଦେଇଛନ୍ତି।

### କାବୁଲ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ: ବେଜିଂ



କାବୁଲରେ ତାଲିବାନ୍ ନେତାମାନଙ୍କ ସହ ଚାଇନା କୂଟନୀତିଜ୍ଞ।

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନକୁ ଆତଙ୍କବାଦୀ ସଙ୍ଗଠନ ନିଜ ନିୟନ୍ତ୍ରଣକୁ ନେବା ପରେ ଚାଇନା ପ୍ରଥମ ଥର ପାଇଁ ତାଲିବାନ୍ ସହ କୂଟନୈତିକ ଯୋଗସୂତ୍ର ସ୍ଥାପନ କରିଛି। ଉଭୟ ପକ୍ଷ ମଧ୍ୟରେ ପ୍ରଭାବୀ ଓ ସଫଳ ବାର୍ତ୍ତା ହୋଇଥିବା ବୁଧବାର ଚାଇନା ବହିର୍ବ୍ୟାପାର ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଲିବାନର ରାଜନୈତିକ ଅଫିସ ଉପମୁଖ୍ୟ ଅବ୍‌ଦୁଲ ସଲାମ ହନାଫିଙ୍କ ସହ କାବୁଲରେ ଅବସ୍ଥାପିତ ଚାଇନା ରାଷ୍ଟ୍ରଦୂତ ୱାଙ୍ଗ୍ ୟୁ ଆଲୋଚନା କରିଛନ୍ତି। ୱାଙ୍ଗ୍ କହିଛନ୍ତି, କାବୁଲ ଆମ ପାଇଁ ସ୍ୱାଭାବିକ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ, ଯେଉଁଠି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇପାରେ। ଆଫଗାନ୍ ଲୋକେ ନିଜ ଭାଗ୍ୟ ଓ ଭବିଷ୍ୟତକୁ ନେଇ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇପାରିବେ। ଏହାକୁ ଚାଇନା ସମ୍ମାନ ଜଣାଏ। ଆଫଗାନିସ୍ତାନର ପୁନଃ ପ୍ରତିଷ୍ଠା ପାଇଁ ଚାଇନା ଏକ ପଡ଼ୋଶୀ ରୂପେ ସହଯୋଗର ହାତ ବଢ଼ାଇବ ବୋଲି ୱାଙ୍ଗ୍ କହିଛନ୍ତି। ତେବେ ଉଭୟଙ୍କ ମଧ୍ୟରେ କ'ଣ ସବୁ ଆଲୋଚନା ହୋଇଛି ତାହା କହିବାକୁ ମନା କରିଦେଇଛନ୍ତି।

## ଅଧିକ ବିପଜ୍ଜନକ ହୋଇପାରେ କୋଭିଡ-୨୨



**ନୂଆଦିଲ୍ଲୀ, ୨୫।୮**

କୋଭିଡ୍-୧୯ର ଏକ ସୁପର ଭାରିଆଣ୍ଟ ଆସନ୍ତାବର୍ଷ ଆସିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି। କୋଭିଡ୍-୨୨ ନାମରେ ଏହି ସୁପର ଭାରିଆଣ୍ଟ ବର୍ତ୍ତମାନର ଡେଲ୍ଟା ଭାରିଆଣ୍ଟଠାରୁ ଅଧିକ ବିପଜ୍ଜନକ ହୋଇପାରେ ବୋଲି ସେମାନେ ଆକଳନ କରିଛନ୍ତି। ଟିକା ନେଇ ନ ଥିବା ଲୋକେ ଏହାର ସୁପର ସ୍ପ୍ରେଡର ହୋଇପାରନ୍ତି ବୋଲି କୁହାଯାଉଛି। ଜୁରିଚ୍‌ର ଇମ୍ୟୁନୋଲୋଜିଷ୍ଟ ପ୍ରଫେସର ସାଇ ରେଡ୍ଡୀଙ୍କ ମତରେ ବର୍ତ୍ତମାନର କରୋନା ଭୂତାଣୁର ବିଭିନ୍ନ ରୂପ ଏକତ୍ର ହୋଇ ଅଧିକ ଭୟଙ୍କର ମହାମାରୀ ସୃଷ୍ଟି କରିପାରନ୍ତି। କରୋନା ଭୂତାଣୁର ବିବର୍ତ୍ତନ ନିଶ୍ଚିତ ହୋଇଥିବାରୁ ଏହାର ମୁକାବିଲା ପାଇଁ ଆଗାମୀ କିଛି ବର୍ଷରେ ଅଧିକ ଟିକାକରଣର ଆବଶ୍ୟକତା ପଡ଼ିବ ବୋଲି ସେ କହିଛନ୍ତି। ସବୁ ପିଲା ଟିକା ନେବା ଆବଶ୍ୟକ ବୋଲି ଡ. ରେଡ୍ଡୀ ପରାମର୍ଶ ଦେଇଛନ୍ତି। ନୂଆ ଭାରିଆଣ୍ଟ ଆସିଲେ କେବଳ ବର୍ତ୍ତମାନର ଟିକା ଉପରେ ଭରସା କରାଯାଇପାରିବ ନାହିଁ। ସେଥିପାଇଁ ନୂଆ ଟିକା ଆବଶ୍ୟକ ବୋଲି ସେ କହିଛନ୍ତି।

## କ'ଣ କରିବ ଭାରତ

ଯିଏ ଯେଉଁ କାରଣରୁ ହେଉନା କାହିଁକି ଗୋଟିଏ ପରେ ଗୋଟିଏ ରାଷ୍ଟ୍ର ତାଲିବାନ୍‌ର ନିକଟତର ହେବାରେ ଲାଗିଛନ୍ତି। ଏହି କ୍ରମରେ ଭାରତ ମଧ୍ୟ ତାଲିବାନର ଇନ୍‌କ୍ଲୁସିଭ୍ ଗଭର୍ନମେଣ୍ଟ ବା ସମାବେଶୀ ସରକାର ସହ ଆଲୋଚନା କରିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଲ୍ୟୁଟ୍‌ନାଣ୍ଟ ଜେନେରାଲ ଶୋକିନ ଚୌହାନ କହିଛନ୍ତି, ଆଫଗାନିସ୍ତାନ ଯେପରି ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ରସ୍ଥଳ ନ ପାଲଟେ ତାହା ସୁନିଶ୍ଚିତ କରିବା ଲାଗି ସବୁ ପ୍ରକାର କୂଟନୈତିକ ସମ୍ବଳକୁ ବିନିଯୋଗ କରାଯିବା ଆବଶ୍ୟକ। ତାଲିବାନ୍ ସବୁ ବର୍ଗର ଲୋକଙ୍କୁ ନେଇ ସରକାର ଗଠନ କଲେ ଭାରତ ଏହାସହ ଆଲୋଚନା କରିପାରେ। ଆଲୋଚନା ବେଳେ କୂଟନୈତିକ, ଅର୍ଥନୈତିକ, ରାଜନୈତିକ ଓ ସାମରିକ ଦିଗ ଉପରେ ନୂଆଦିଲ୍ଲୀ ଗୁରୁତ୍ୱ ଦେବା ଉଚିତ। ଅନ୍ୟପକ୍ଷେ ତାଲିବାନ୍‌ଠାରୁ ଦୂରେଇ ଯିବା ଭାରତ ପାଇଁ ବିଜ୍ଞ କାର୍ଯ୍ୟ ହେବ ନାହିଁ। କାରଣ ଭାରତ ଏପରି କରୁ ବୋଲି ପାକିସ୍ତାନ ଚାହୁଁଛି। ତାଲିବାନ ସହ ଆଲୋଚନା ନ କଲେ ସେଥିରୁ ଇସ୍‌ଲାମାବାଦ ଫାଇଦା ଉଠାଇପାରେ ବୋଲି ପ୍ରଫେସର ରାଜନ କୁମାର ଏବଂ ବପ୍ପାଦିତ୍ୟ ମୁଖାର୍ଜୀ ମତ ଦେଇଛନ୍ତି। ପ୍ରକାଶ ଯେ, ଆଫଗାନିସ୍ତାନରେ ଭାରତ ପକ୍ଷରୁ ୩ ବିଲିୟନ ଡଲାର ଖର୍ଚ୍ଚରେ ଅନେକ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପ କରାଯାଇଛି। ଏଥିଲାଗି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକା, ବ୍ରିଟେନ ସମେତ ଅନ୍ୟ କେତେକ ରାଷ୍ଟ୍ର ସହ ଆଲୋଚନା ଜାରି ରଖିଛନ୍ତି। ଜୟଶଙ୍କର ବୁଧବାର ବ୍ରିଟେନ ପ୍ରତିପକ୍ଷ ଡୋମିନିକ୍ ରାବ୍‌ଙ୍କ ସହ ଆଫଗାନିସ୍ତାନ ସ୍ଥିତି ନେଇ ଆଲୋଚନା କରିଥିବା ଟୁଇଟ୍‌ରରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମଙ୍ଗଳବାର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଫଗାନିସ୍ତାନ ଉପରେ ଆଲୋଚନା କରିଥିଲେ। ତାଲିବାନ ୨.୦ରେ ସୃଷ୍ଟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସ୍ଥାୟୀ ଦ୍ୱିପାକ୍ଷିକ ଚ୍ୟାନେଲ ପ୍ରତିଷ୍ଠା କରିବାକୁ ଦୁଇନେତା ରାଜି ହୋଇଛନ୍ତି। ଆଫଗାନିସ୍ତାନରେ ଫସିରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ଅଗଷ୍ଟ ୧୬ରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ 'ମିଶନ ଦେବୀ ଶକ୍ତି'ରେ ସେଠାରୁ ଅଦ୍ୟାବଧି ଶିଖ୍ ଓ ହିନ୍ଦୁଙ୍କ ସମେତ ୮୦୦ ଜଣଙ୍କୁ ସ୍ୱଦେଶକୁ ଅଣାଯାଇଛି।



ଏସ୍. ଜୟଶଙ୍କର

## କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

**ମହୀଶୂର, ୨୫।୮**

କର୍ଣ୍ଣାଟକର ମହୀଶୂର ସହରରେ ନିର୍ଭୟା କାଣ୍ଡର ପୁନରାବୃତ୍ତି ଘଟିଛି। ମଙ୍ଗଳବାର ରାତିରେ ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର କରାଯିବା ସହ ତାଙ୍କ ପୁରୁଷ ବନ୍ଧୁଙ୍କୁ ଆକ୍ରମଣ କରାଯାଇଛି। ବୁଧବାର ଥାନାରେ ମାମଲା ରୁଜୁ ହେବା ପରେ ଘଟଣାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। ସ୍ଥାନୀୟ ଏକ ଘରୋଇ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀ ଜଣକ ମଙ୍ଗଳବାର ରାତି ୭ଟା ୩୦ରେ ଚାମୁଣ୍ଡି ହିଲ୍ସରୁ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଫେରୁଥିବାବେଳେ କେତେଜଣ ଯୁବକ ସେମାନଙ୍କୁ ଘେରିଯାଇ ଟଙ୍କା ମାଗିଥିଲେ। ସେମାନେ ଟଙ୍କା ଦେବାକୁ ମନା କରିବାରୁ ଛାତ୍ରୀଙ୍କୁ ୨ ଜଣ ବଳାତ୍କାର କରିବା ସହ ଅନ୍ୟମାନେ ତାଙ୍କ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିଥିଲେ। ଉଭୟଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ଅରାଗ ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି। ମହୀଶୂର ପୋଲିସ କମିଶନର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଅପରାଧୀମାନଙ୍କୁ ଧରିବା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ପୋଲିସ ମହାନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ତଦନ୍ତ କରିବ ଏସ୍‌ଆଇଟି**



କୁନ୍ଦୁଜ ପ୍ରଦେଶରୁ ନିଜ ୬ ପିଲାଙ୍କୁ ଧରି କାବୁଲକୁ ପଳାୟନ କରିଛନ୍ତି ଜହରା ଓମାରି। କହୁଛନ୍ତି, ଲୋକେ ଯେତେବେଳେ ଗଣପଳାୟନ ଆରମ୍ଭ କଲେ ମୁଁ ମଧ୍ୟ ମୋର ଛୁଆଙ୍କୁ ଧରି ଚାଲିଆସିଲି। ସାଙ୍ଗରେ ମୋ ୧୦ ମାସର ଝିଅ ପାଇଁ କ୍ଷୀର ମଧ୍ୟ ଆଣିପାରିଲି ନାହିଁ। କାବୁଲକୁ ଆସୁଥିବା ଏକ ବସ୍‌ରେ ଚଢ଼ିଲୁ। ବସ୍ ଭିତରେ ଦେଖିବାକୁ ପାଇଲୁ ସିଟ୍‌ଗୁଡ଼ିକୁ କାଢ଼ି ଦିଆଯାଇଛି। କାରଣ ପଚାରିବାରୁ ବସ୍ ଷ୍ଟାଫ୍ କହିଲେ, ଅଧିକରୁ ଅଧିକ ଲୋକଙ୍କୁ ନେବା ଲାଗି ଏପରି କରାଯାଇଛି। ଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଆତଙ୍କିତ ମହିଳା ଓ ଛୋଟ ପିଲା।

## ମେକ୍ସିକୋ ପଳାଇଲେ ଆଫଗାନ୍ ପ୍ରତିଭା

**ମେକ୍ସିକୋ ସିଟି, ୨୫।୮**

ତାଲିବାନ୍ ଫେରିବା ପରେ ଆଫଗାନ ମହିଳାଙ୍କ ଭବିଷ୍ୟତ ଉପରେ ଘନେଇଛି କଳାବାଦଲ। ଛାତ୍ରୀଙ୍କ ପଢ଼ାରେ ଡୋରି ପଡ଼ିବାକୁ ଯାଉଛି। ତାଲିବାନ୍ ଶାସନରେ କଠୋର ଶରିଆ ଆଇନ ସେମାନଙ୍କଠାରୁ ସବୁକିଛି ଛଡ଼ାଇନେବ। ଏଭଳି ନର୍କପୂର୍ଣ୍ଣ ଜୀବନରୁ ମୁକ୍ତି ପାଇଁ ଦେଶ ଛାଡ଼ି ପଳାୟନ ଏକମାତ୍ର ପନ୍ଥା। ତେଣୁ ନିଜ ଦେଶକୁ ବିଦାୟ ଦେଇ ନୂଆ ଉଦ୍ଭାବନ ଓ ଭବିଷ୍ୟତ ଗଢ଼ିବା ଆଶାରେ କାତାର ଦେଇ ମଙ୍ଗଳବାର ସନ୍ଧ୍ୟାରେ ମେକ୍ସିକୋରେ ପହଞ୍ଚିଛନ୍ତି ଅଲ୍-ଗର୍ଲ ଆଫଗାନ୍ ରୋବୋଟିକ୍ସ ଟିମ୍‌ର ୧୦ ସଦସ୍ୟା। ୧୪ରୁ ୧୮ ବର୍ଷୀୟା ଏହି ଝିଅମାନେ କୋଭିଡ୍ ସମୟରେ ନିଜ ଦକ୍ଷତା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ହାସଲ କରିଥିବା ଜ୍ଞାନର ପରିଚୟ ଦେଇଥିଲେ। କରୋନା ପ୍ରଭାବିତ ଆଫଗାନିସ୍ତାନବାସୀଙ୍କ ଚିକିତ୍ସା ପାଇଁ ସେମାନେ ଅତି କମ୍‌ମୂଲ୍ୟରେ ଜୀବନ ରକ୍ଷାକାରୀ ଭେଣ୍ଟିଲେଟର ପ୍ରସ୍ତୁତ କରିଥିଲେ। ଗରିବ ଲୋକଟିଏ ବି ଯେପରି ଚିକିତ୍ସା ଅଭାବରୁ କରୋନାରେ ପ୍ରାଣ ନ ହାରେ ତାହା ଥିଲା ଏହି ଟିମ୍‌ର ଉଦ୍ଦେଶ୍ୟ। ଅତ୍ୟାଧୁନିକ ରୋବୋ ନିର୍ମାଣ କରି ଗର୍ଲ-ରୋବୋଟିକ୍ ଟିମ୍ ଗତ ମାର୍ଚ୍ଚରେ ଅନ୍ତର୍ଜାତୀୟସ୍ତରରେ ନିଜ ପରିଚୟ ସୃଷ୍ଟି କରିବା ସହ ପୁରସ୍କାର ମଧ୍ୟ ହାସଲ କରିଥିଲେ।



ରୋବୋଟିକ୍ସ ଟିମ୍ ସହ ସୁପରଓମ୍ୟାନ୍ ଆଲିସନ୍ ରେନେୟୁ(ବାମରୁ ତୃତୀୟ)।

୨୦୧୭ରେ ଆମେରିକାରେ ଅନ୍ତର୍ଜାତୀୟ ରୋବୋଟିକ୍ସ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତି ପ୍ରଶଂସା ସାଉଁଟିଥିଲେ ରୋବୋଟିକ୍ସ ଟିମ୍। ଗତ ବର୍ଷ ମାର୍ଚ୍ଚରେ ଶସ୍ତାରେ ଭେଣ୍ଟିଲେଟର ନିର୍ମାଣ କରି ସେମାନେ ପୁଣି ଚର୍ଚ୍ଚାକୁ ଆସିଥିଲେ। ପୁରୁଣା ଗାଡ଼ି ପାର୍ଟସ୍ ବ୍ୟବହାର କରି ଭେଣ୍ଟିଲେଟର ତିଆରି କରିଥିଲେ।

### ଉଦ୍ଧାର କଲେ ସୁପରଓମ୍ୟାନ୍

**ୱାଶିଂଟନ୍, ୨୫।୮**

୨୦୧୯ରେ ଅଲ୍-ଗର୍ଲ ଆଫଗାନ୍ ରୋବୋଟିକ୍ସ ଟିମ୍‌କୁ ସାକ୍ଷାତ କରିଥିଲେ ଆମେରିକାର 'ସୁପରଓମ୍ୟାନ୍' ଭାବେ ଜଣା ଆଲିସନ୍ ରେନେୟୁ। ମହାକାଶ ନୀତି ବିଶେଷଜ୍ଞ ଆଲିସନ୍ ସେମାନଙ୍କୁ ଉଦ୍ଧାର ପାଇଁ ଆମେରିକା ସରକାରଙ୍କ ସହାୟତା ଲୋଡ଼ିଥିଲେ। ଏଥିରେ ବିଫଳ ହେବା ପରେ ସେ ନିଜେ ବିମାନରେ କାତାରରେ ପହଞ୍ଚିଥିଲେ। ସେଠାରୁ ଆମେରିକା ଦୂତାବାସ ସହଯୋଗରେ ସେମାନଙ୍କୁ ଆଫଗାନିସ୍ତାନରୁ ସୁରକ୍ଷିତ ଭାବେ କାତାରରେ ପହଞ୍ଚାଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୪୩,୧୨,୨୫୮ | ୪୪,୭୦,୩୩୪ | ୧୯,୧୮,୦୪,୩୦୭ |
| ଭାରତ | ୩,୨୫,୧୬,୭୭୫ | ୪,୩୫,୯୦୦ | ୩,୧୭,୫୪,୨୮୧ |
| ଓଡ଼ିଶା | ୧୦,୦୩,୨୧୦ | ୭୫୬୨(+୫୩) | ୯,୮୮,୦୯୦ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସଜେଇ ହେଲେ ଜୀବନ ଯିବ

## ପ୍ରସାଧନ ସାମଗ୍ରୀ ଉପରେ ତାଲିବାନ୍ ଫତ୍‌ଓ୍ୱା

**ବୁର୍ଖା ପଛରେ ଲୁଚିଯିବେ ମହିଳା। ନଖରେ ନ ଥିବ ନେଲ୍‌ପଲିସ୍ କି ଓଠରେ ନ ଥିବ ଲିପ୍‌ଷ୍ଟିକ୍। ଜିନ୍ସ ନୁହେଁ, ପାରମ୍ପରିକ ପୋଷାକରେ ଢଙ୍କାଯିବ ଶରୀର। ବ୍ୟତିକ୍ରମ ହେଲେ କାଟି ଦିଆଯିବ ଆଙ୍ଗୁଠି। ଛେଦି ଦିଆଯିବ ଅଙ୍ଗପ୍ରତ୍ୟଙ୍ଗ। ସର୍ବସାଧାରଣରେ ଭୋଗିବାକୁ ପଡ଼ିବ ଅକଥନୀୟ ନିର୍ଯାତନା। ଆଫଗାନ୍ ମାଟିକୁ ତାଲିବାନ୍ ଶାସନ ଫେରିବା ପରେ ଚରମପନ୍ଥୀଙ୍କ ବନ୍ଧୁକର ବଳ ସ୍ୱାଧୀନଚେତା ମହିଳାଙ୍କୁ ବାଧ କରିଛି ନିଜକୁ ବଦଳାଇ ଦେବା ପାଇଁ। ନିଜର ଇଚ୍ଛାକୁ କବର ଦେଇ ସେମାନେ ଏବେ ପାଲଟିଛନ୍ତି ଆତଙ୍କବାଦୀ ହାତରେ ସଖୀ କଣ୍ଢେଇ। ପ୍ରସାଧନ ସାମଗ୍ରୀ ବିରୋଧୀ ମୌଳବାଦୀ ମାନସିକତା ଆଗାମୀ ଦିନରେ ଫ୍ୟାଶନ ଜଗତ ଏବଂ ଏହା ସହିତ ଜଡ଼ିତ ଉଦ୍ୟୋଗକୁ ଦୋହଲାଇଦେବା ଆଶଙ୍କା ଦେଖାଦେଲାଣି।**



କାବୁଲ, ୨୫।୮

ଆଫ୍‌ଗାନିସ୍ତାନର ଅନ୍ୟତମ ସାଂସ୍କୃତିକ ତଥା ବାଣିଜ୍ୟିକ ସହର କାନ୍ଦାହାରରେ ତାଲିବାନ୍ ପକ୍ଷରୁ ଜାରି କରାଯାଇଛି ଫତ୍‌ଓ୍ୱା। ନୂତନ ଭାବେ ଲାଗୁ ହୋଇଥିବା ନିୟମରେ ମହିଳା, ଯୁବତୀଙ୍କୁ ନଖରେ ରଙ୍ଗିନ ଆବରଣ ଲଗାଇବା ପାଇଁ ବାରଣ କରାଯାଇଛି। ନେଲ୍‌ପଲିସ ଲଗାଇ ଧରାପଡ଼ିଲେ ସର୍ବସାଧାରଣରେ ଅଙ୍ଗୁଳି ଛେଦନ କରାଯିବ ବୋଲି କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି ଆତଙ୍କବାଦୀ ଗୋଷ୍ଠୀ। କେବଳ ଏତିକି ନୁହେଁ, ହାଇ ହିଲ୍ ସ୍ୟାଣ୍ଡେଲ୍ ଉପରେ ମଧ୍ୟ ଅନୁରୂପ କଟକଣା ଲାଗିଛି। ଚାଲିବା ବେଳେ ଚପଲରୁ ଶବ୍ଦ ସୃଷ୍ଟି ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଲିବାନ୍ ଗଳିକନ୍ଦିରେ ବୁଲି ଚେତାବନୀ ଦେଉଛନ୍ତି।

ଆଫଗାନ୍ ମାଟିରେ ତାଲିବାନ୍‌ର ୨.୦ ଶାସନ ମହିଳା ବିରୋଧୀ ହେବନାହିଁ। ଶରିଆ ଆଇନ ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟକ୍ଷେତ୍ରରେ ଚାକିରି କରିବା ଲାଗି ସେମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ମିଳିବ ବୋଲି ଗଣମାଧ୍ୟମ ଆଗରେ ସଫେଇ ଦେଇଥିଲା ତାଲିବାନ୍। ହେଲେ ଏହା ଆତ୍ମପ୍ରଚାର ଏବଂ ସମର୍ଥନ ହାସଲ କରିବା ଲାଗି ଆତଙ୍କବାଦୀ ଗୋଷ୍ଠୀର ଚାଲ୍ ବୋଲି ଜଳଜଳ ହୋଇ ଦିଶିଲାଣି। ମହିଳାଙ୍କ ଜିନ୍ସ ପରିଧାନ ଉପରେ ଫତ୍‌ଓ୍ୱା ଜାରି କରିଥିବା ତାଲିବାନ୍ ଏବେ ପ୍ରକୃତ ରୂପ ଦେଖାଇବା ଆରମ୍ଭ କରିଛି। ଜିନ୍ସ ପରିହିତା ଯୁବତୀଙ୍କୁ ସର୍ବସମ୍ମୁଖରେ ନିଘୁଞ୍ଚ ପିଟିଛନ୍ତି ବନ୍ଧୁକଧାରୀ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଜଣେ ଆଫଗାନ୍ ଯୁବତୀ ତାଲିବାନୀ କ୍ରୁରତା ସମ୍ପର୍କରେ ଗଣମାଧ୍ୟମ ଆଗରେ ମତ ରଖିଛନ୍ତି। ସାଙ୍ଗମାନଙ୍କ ସହିତ ଯାଉଥିବାବେଳେ କାବୁଲ ବଜାରରେ କେତେଜଣ ଆତଙ୍କବାଦୀ ଗାଡ଼ିରେ ପହଞ୍ଚି ଜିନ୍ସ ପିନ୍ଧିଥିବାରୁ ତାଙ୍କୁ ପିଟିଥିଲେ। ଏହାର ପୁନରାବୃତ୍ତି ହେଲେ ସର୍ବସମ୍ମୁଖରେ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇ ଛାଡ଼ିଥିଲେ।

ତାଲିବାନ୍ ଆତଙ୍କବାଦୀ ଗାଡ଼ିରେ କାବୁଲର ଗଳିକନ୍ଦିରେ ଚକ୍କର କାଟୁଛନ୍ତି। ପ୍ରତିଦିନ ନୂଆ ନୂଆ ଫତ୍‌ଓ୍ୱା ଜାରି କରୁଛନ୍ତି। କମ୍ ବୟସର ଯୁବତୀଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇବା ସହିତ ରାସ୍ତାରୁ ଉଠାଇନେଉଛନ୍ତି। ପୂର୍ବରୁ ଜିନ୍ସ ଉପରେ କଟକଣା ଲାଗି ଥିବାବେଳେ ଆଫଗାନ୍ ମହିଳା କ'ଣ କରିବେ ଓ ସେମାନଙ୍କ ପାଇଁ କେଉଁଟା ବର୍ଜନୀୟ ତାହାର ତାଲିକା ବଢ଼ିବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ବ୍ୟବସାୟୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ତାଲିବାନୀ ଭୟର ପ୍ରଭାବ ସିଧାସଳଖ ପ୍ରସାଧନ ସାମଗ୍ରୀ ବ୍ୟବସାୟ ଉପରେ ପଡ଼ିଛି। ଅନ୍ତର୍ଜାତୀୟ ବ୍ରାଣ୍ଡ ତ ଦୂରର କଥା, ଦେଶୀୟ କସ୍‌ମେଟିକ୍ ସାମଗ୍ରୀ ମଧ୍ୟ ବଜାରରୁ ଉଭାନ ହୋଇଯାଇଛି। ନେଲ୍‌ପଲିସ, ଆଧୁନିକ ଜୋତା, ପୋଷାକ ବିକ୍ରି କରି ଦୁଇ ପଇସା ରୋଜଗାର କରୁଥିବା କ୍ଷୁଦ୍ର ବ୍ୟବସାୟୀ ଜୀବିକା ଛାଡ଼ି ଜୀବନ ଚିନ୍ତାରେ ପଡ଼ିଛନ୍ତି। ତାଲିବାନ୍‌ର କଠୋର ଶାସନ ଆଫ୍‌ଗାନିସ୍ତାନର ପ୍ରସାଧନ ସାମଗ୍ରୀ ବଜାରକୁ ସଙ୍କୁଚିତ କରିଦେବ। ଏହାର ଗଭୀର ନକାରାତ୍ମକ ପ୍ରଭାବ ଆଫ୍‌ଗାନିସ୍ତାନର ଅର୍ଥନୀତି ଉପରେ ପଡ଼ିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି।

# ସମଲିଙ୍ଗୀ ଗୋଷ୍ଠୀ ଆତଙ୍କିତ



କାବୁଲ, ୨୫।୮

କେବଳ ଆଫଗାନ୍ ନୁହେଁ, ତାଲିବାନ୍ ଶାସନରେ ଏଲ୍‌ଜିବିଟିକ୍ୟୁ ବର୍ଗର ଲୋକଙ୍କ ଜୀବନ ମଧ୍ୟ ଦୁର୍ବିଷହ ହୋଇଯାଇଛି। ଶରିଆ ଆଇନକୁ ସମର୍ଥନ କରୁଥିବା ବିଚାରପତିମାନେ ଶାରୀରିକ ଭିନ୍ନତା ଥିବା ଏଭଳି ମଣିଷଙ୍କୁ ଖୋଜି ଖୋଜି ହତ୍ୟା କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଲିଙ୍ଗଗତ ସୂଚନା ସାର୍ବଜନୀନ ହେଲେ ଆତଙ୍କବାଦୀମାନେ ସେମାନଙ୍କୁ ଛାଡ଼ିବେ ନାହିଁ ବୋଲି ଏହି ଗୋଷ୍ଠୀ ଅନେକେ ଅନୁଭବ କଲେଣି।

ଜର୍ମାନୀର ଏକ ଛାପା ଗଣମାଧ୍ୟମ ସଂସ୍ଥାକୁ ସୂଚନା ଦେଇ ଜଜ୍ ଗୁଲ ରହିମ୍ କହିଛନ୍ତି, ଚୋରି କରିଥିବା ପ୍ରମାଣିତ ହେଲେ ଅଭିଯୁକ୍ତଙ୍କ ହାତ, ଗୋଡ଼ କାଟିଦିଆଯିବ। ସମଲିଙ୍ଗୀ ସମ୍ପର୍କ ବିଷୟରେ ଜଣାପଡ଼ିଲେ ପ୍ରାଇଭେଟ୍ ପାର୍ଟ ଛେଦନ କରାଯିବ। ଏଭଳି ଖୋଲାଖୋଲି ଧମକ ପରେ ଏଲ୍‌ଜିବିଟିକ୍ୟୁ ବର୍ଗ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

'ସ୍କାଇ ନ୍ୟୁଜ୍' ସହ ନିଜ ଅନୁଭୂତି ବାଣ୍ଟି ଜଣେ ଆଫ୍‌ଗାନ ଯୁବକ କହିଛନ୍ତି, ଶୈଶବରୁ ସେ ସମଲିଙ୍ଗୀ ବୋଲି ଜାଣିଥିଲେ। ସାମାଜିକ ବ୍ୟବସ୍ଥା ଯୋଗୁ ତାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ନିକଟତମ ବନ୍ଧୁମାନେ ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ଏପରି କି ମାନସିକ ଯନ୍ତ୍ରଣା ଅସହ୍ୟ ହେବାରୁ ତାଙ୍କ ପିତା ମଧ୍ୟ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ଜୀବନ ବଞ୍ଚାଇବା ଲାଗି ଇଚ୍ଛା ବିରୋଧରେ ସେ ଜଣେ ଯୁବତୀଙ୍କୁ ବିବାହ କରିଛନ୍ତି। ଏହା ତାଙ୍କ ଜୀବନର ସବୁଠାରୁ କଷ୍ଟକର ନିଷ୍ପତ୍ତି। ଏଭଳି କାର୍ଯ୍ୟ କରି ସେ ଏବେ ଅନୁତପ୍ତ। ବିକଳ୍ପ ନ ଥିବାରୁ ଏଭଳି କଷ୍ଟକର ଜୀବନ ଦେହସୁହା କରିଦେବାକୁ ପଡ଼ିବ ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ସମଲିଙ୍ଗୀ ବୋଲି ସାର୍ବଜନୀନ ହୋଇଗଲେ ତାଲିବାନ୍ ଆତଙ୍କବାଦୀ ତାଙ୍କୁ ଛାଡ଼ିବେନାହିଁ। ଖୋଜି ଖୋଜି ହତ୍ୟା କରିବେ। ଏଥିଲାଗି ସେ ପଡ଼ୋଶୀ ଦେଶରେ ଶରଣାର୍ଥୀ ଭାବେ ରହିବା ଲାଗି ଆବେଦନ କରିଛନ୍ତି। ଆଫଗାନ୍‌ଙ୍କ ପାଇଁ ଅଧିକାଂଶ ଦେଶ ସହାନୁଭୂତି ଦେଖାଉନାହାନ୍ତି। ଭାରତ ଫ୍ରି-ଭିଜା ଜାରି କରିଥିବାରୁ ଆଶାର ଆଲୋକ ଦେଖାଯାଉଛି ବୋଲି ସମ୍ପୃକ୍ତ ଯୁବକ କହିଛନ୍ତି।

ଅନ୍ୟ ଜଣେ ସମଲିଙ୍ଗୀ ଯୁବକ ନିଜର ପରିଚୟ ଗୋପନ ରଖିବା ସର୍ତ୍ତରେ ଗଣମାଧ୍ୟମକୁ କହିଛନ୍ତି, ତାଲିବାନ ସେମାନଙ୍କୁ ୧୪୦୦ ବର୍ଷ ପଛକୁ ନେଇଯିବାକୁ ଯୋଜନା କରୁଛନ୍ତି। ସେମାନଙ୍କ ସହିତ କୌଣସି ତର୍କ କରିବ ମୂଲ୍ୟହୀନ। ସେମାନେ ପୁରୁଣା ମାନସିକତାରେ ବଞ୍ଚିବାକୁ ଚାହୁଁଛନ୍ତି। ଏଥିଲାଗି ଅନ୍ୟମାନଙ୍କୁ ବାଧ ମଧ୍ୟ କରୁଛନ୍ତି। ନାସ୍ତିକ ଏବଂ ଏଲ୍‌ଜିବିଟିକ୍ୟୁ ଲୋକଙ୍କ ଲାଗି ତାଲିବାନର ସାମାନ୍ୟ ସମବେଦନା ନ ଥିବା ସେ କହିଛନ୍ତି।

# ଗୁମର ଖୋଲୁଛି ରତ୍ନଭଣ୍ଡାର ରେଜିଷ୍ଟର



**ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ନୂଆ ମୋଡ଼**
- ଭିତରଭଣ୍ଡାର ଚାବି ସମ୍ପର୍କରେ ଉଲ୍ଲେଖ ନାହିଁ
- ଚାପି ଦିଆଯାଇଛି ତଦନ୍ତ କମିଶନ ରିପୋର୍ଟ
- ବିଧାନସଭାରେ ଉପସ୍ଥାପନ ହୋଇନି

ପୁରୀ ଅଫିସ,୨୫।୮

ରତ୍ନଭଣ୍ଡାର ଚାବି ଚୋରି ଘଟଣା ନୂଆ ମୋଡ଼ ନେଇଛି। ଗୁରୁବାର ଶ୍ରୀମନ୍ଦିରର ନୂତନ ପରିଚାଳନା କମିଟି ବୈଠକ ହେବାକୁ ଯାଉଥିବାବେଳେ ରତ୍ନଭଣ୍ଡାର ମରାମତି ଓ ଅଳଙ୍କାର ଯାଞ୍ଚ ପାଇଁ ଦାବି ଜୋର୍ ଧରିଛି। ଅନ୍ୟପକ୍ଷରେ ୨୦୧୮ରେ ରତ୍ନଭଣ୍ଡାର ଯାଞ୍ଚ ବେଳେ ଭିତର ଭଣ୍ଡାର ଘର ଚାବି ହଜିଯାଇଥିବା ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନା କହିଥିଲେ। ପରେ ସଂପୃକ୍ତ ଚାବି ଜିଲା ରେକର୍ଡ ରୁମ୍‌ରୁ ମିଳିଥିବା ନେଇ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ୍ ସୂଚନା ଦେଇଥିଲେ। ମାତ୍ର ଏହି କଥାର ସତ୍ୟତା ନେଇ ସେତେବେଳେ ପ୍ରଶ୍ନ ଉଠିଥିଲା। ଏବେ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ଏକ ରିପୋର୍ଟ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ବିଶ୍ୱସନୀୟତା ଉପରେ ପୁଣି ଥରେ ପ୍ରଶ୍ନ ଉଠାଇଛି।

୨୦୧୮ ଏପ୍ରିଲ ୪ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ରେଜିଷ୍ଟରରେ ଉଲ୍ଲେଖ ଥିବା ତଥ୍ୟ ମଙ୍ଗଳବାର ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଛି। ଏଥିରୁ ଜଣାପଡ଼ିଛି ଯେ, ସମ୍ପୃକ୍ତ ୧୭ଜଣିଆ ଟିମ୍ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରିବା ପରେ ଏହାର ରେଜିଷ୍ଟର ଯାଞ୍ଚର ବୃତ୍ତାନ୍ତକୁ ବିସ୍ତୃତ ଭାବେ ବର୍ଣ୍ଣନା କରି ଦସ୍ତଖତ କରିଛନ୍ତି। ସେ ସମୟର ଭଣ୍ଡାର ମେକାପ ଦାୟିତ୍ୱରେ ଥିବା ଗଣେଶ ମେକାପ, ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଶ୍ରୀମନ୍ଦିର ନୀତିପ୍ରଶାସକ ପ୍ରଦୀପ ଦାଶ ଏବଂ ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନାଙ୍କ ସମେତ ଟିମ୍‌ର ସଦସ୍ୟମାନେ ଏଥିରେ ଦସ୍ତଖତ କରିଛନ୍ତି। ଯାଞ୍ଚ ସମ୍ପର୍କରେ ଲେଖାଯାଇଛି ଯେ, ଭଣ୍ଡାର ମେକାପ ଗଣେଶ ମେକାପ, ଗଜପତିଙ୍କ ପ୍ରତିନିଧି ଅମିୟ ମହାନ୍ତି ଏବଂ ନୀତି ପ୍ରଶାସକ ପ୍ରଦୀପ ଦାଶଙ୍କ ପାଖରେ ଥିବା ବାହାର ଭଣ୍ଡାର ଘର ଚାବି ନେଇ ରତ୍ନଭଣ୍ଡାର ଖୋଲାଯାଇଥିଲା। ପ୍ରଥମେ ହାଇକୋର୍ଟ ପ୍ରତିନିଧିଙ୍କ ଉପସ୍ଥିତିରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସଦସ୍ୟ ଓ କୋର୍ କମିଟିର ୪ଜଣ ସଦସ୍ୟ ସର୍ଚ୍ଚ ଲାଇଟ୍ ପକାଇ ବାହାର ଭଣ୍ଡାରର ବାହାର ଘର ଛାତ ଓ କାନ୍ଥ ସ୍ଥିତି ଅନୁଧ୍ୟାନ କରିଥିଲେ। ଅଳନ୍ଧୁ ଲାଗିଥିବାରୁ ଝାଡୁରେ ଝଡ଼ାଯାଇଥିଲା। ପରେ କାନ୍ଥ ଓ ଛାତରେ ଫାଟ ଦେଖିବାକୁ ମିଳିଥିଲା। କାନ୍ଥ ଓ ଛାତର କିଛି ସ୍ଥାନ ଓଦାଳିଆ ଥିଲା। ଉକ୍ତ ରିପୋର୍ଟକୁ ଇଞ୍ଜିନିୟର ଟିମ୍ ଶ୍ରୀମନ୍ଦିର ପ୍ରଶାସନକୁ ଦେବା ପାଇଁ ଅନୁରୋଧ କରିଥିଲା। ଭିତରଭଣ୍ଡାରରେ ଲାଗିଥିବା ଲୁହା ଜାଲି ମାଧ୍ୟମରେ ଭିତର ଦୃଶ୍ୟ ଦେଖି ହେଉଥିବାରୁ ଭିତର ଭଣ୍ଡାର ତାଲା ଖୋଲିବାର ଆବଶ୍ୟକତା ନ ଥିଲା। ଭିତର ଭଣ୍ଡାର କାନ୍ଥ ଓ ଛାତକୁ ସର୍ଚ୍ଚ ଲାଇଟ୍ ପକାଇ ଯାଞ୍ଚ କରାଯାଇଥିଲା। ଭିତର ଘରେ ୩ଟି ତାଲା ପଡ଼ିଥିବାବେଳେ ଗୋଟିଏ ତାଲାରେ ଜଉମୁଦ ଲଗାଯାଇଥିଲା। ଭିତରଗୃହ ମଧ୍ୟରେ ଏକ ଲୁହାପାଇପ୍ ଭର୍ତ୍ତି କରାଯାଇ ଦୈର୍ଘ୍ୟ ଓ ପ୍ରସ୍ତ ମପାଯାଇଥିଲା। ଏହାପରେ ଲାଇଟ୍ ପକାଇ କାନ୍ଥ, ଛାତ ଓ ଚଟାଣର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ସେହି ସମୟରେ କେବଳ ଗଣେଶ ମେକାପ, ହାଇକୋର୍ଟଙ୍କ ପ୍ରତିନିଧି, ମୁଖ୍ୟ ପ୍ରଶାସକ ଓ ଜିଲାପାଳ ଉପସ୍ଥିତ ଥିଲେ। ଅନୁଧ୍ୟାନ ସମୟରେ ବାହାର କିମ୍ବା ଭିତର ଘରର ସାମଗ୍ରୀ ସ୍ପର୍ଶ କରାଯାଇନାହିଁ। ସମସ୍ତ ସଦସ୍ୟ ବାହାରକୁ ଆସିବା ପରେ ଗଣେଶ ମେକାପ, ନୀତି ପ୍ରଶାସକ ଓ ଗଜପତିଙ୍କ ପ୍ରତିନିଧି ତାଲା ପକାଇଥିଲେ ବୋଲି ଉକ୍ତ ରେଜିଷ୍ଟରରେ ଉଲ୍ଲେଖ ରହିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଚାବି ନ ଥିବା କିମ୍ବା ନିଆଯାଇଥିବା ଚାବିରେ ତାଲା ଖୋଲା ନ ଯିବା ନେଇ ରେଜିଷ୍ଟରରେ କାହିଁକି ଉଲ୍ଲେଖ କରାଯାଇନାହିଁ। ସାଙ୍ଗରେ ଚାବି ନିଆଯାଇଥିବା କଥା ମଧ୍ୟ ରେଜିଷ୍ଟରରେ ଉଲ୍ଲେଖ ନାହିଁ। ଚାବି ହଜିଯାଇଥିବା ପ୍ରଶାସନିକ ଅଧିକାରୀମାନେ ଜାଣିଥିଲେ ମଧ୍ୟ ରେଜିଷ୍ଟରରେ ଉଲ୍ଲେଖ କରି ନ ଥିଲେ। ପରବର୍ତ୍ତୀ ସମୟରେ ଚାବି ହଜିଥିବା କଥା ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ରଘୁବୀର ଦାସଙ୍କ ନେତୃତ୍ୱରେ ଏକ ତଦନ୍ତ କମିଶନ ଗଠନ କରିଥିଲେ। ତଦନ୍ତ ବାବଦକୁ ୨୨ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ କରାଯାଇଛି। ତଦନ୍ତ କମିଶନ ୩୨୪ ପୃଷ୍ଠାର ଏକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାର ସମ୍ପୃକ୍ତ ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ ନ କରି କାହିଁକି ଏପର୍ଯ୍ୟନ୍ତ ଚାପି ରଖିଛନ୍ତି ସେନେଇ ଉତ୍ତର ରଖନ୍ତୁ ବୋଲି ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରେ କହିଛନ୍ତି, ୨୦୧୮ରେ ରତ୍ନଭଣ୍ଡାର ଯାଞ୍ଚ ସମ୍ପର୍କିତ ମଗାଯାଇଥିବା ତଥ୍ୟ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ସେ ସମ୍ପର୍କିତ ସବିଶେଷ ତଥ୍ୟ ଉପରେ ମୋର ଧାରଣା ନାହିଁ। ଗଜପତି ମହାରାଜା, ନୀତି ପ୍ରଶାସକ ଓ ଭଣ୍ଡାର ମେକାପଙ୍କ ପାଖରେ ବାହାର ଭଣ୍ଡାର ଚାବି ରହିଥାଏ। ତେଣୁ ଭିତର ଭଣ୍ଡାର ଚାବି କଥା ମୁଁ କହିପାରିବି ନାହିଁ।

# ପୌର ନିର୍ବାଚନ ବିଳମ୍ବର ଜବାବ ଦିଅ

## ରାଜ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ



କଟକ ଅଫିସ, ୨୫।୮

ପୌର ନିର୍ବାଚନ ବିଳମ୍ବ ନେଇ ଆଗତ ମାମଲାରେ ହାଇକୋର୍ଟ ବୁଧବାର ଶୁଣାଣି କରିଛନ୍ତି। ୩ବର୍ଷ ବିତିବାକୁ ବସିଥିଲେ ମଧ୍ୟ ନିର୍ବାଚନ ବିଳମ୍ବ ହୋଇଥିବାରୁ ହାଇକୋର୍ଟ କ୍ଷୁବ୍ଧ ହେବା ସହ ରାଜ୍ୟ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଛନ୍ତି। ଏଥିରେ ଆସନ୍ତା ୪ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା କାହିଁକି ନିର୍ବାଚନ କରାଯାଇନାହିଁ, କେବେ ନିର୍ବାଚନ ହେବ ହାଇକୋର୍ଟ ଏହାର ସ୍ପଷ୍ଟୀକରଣ ମାଗିଛନ୍ତି। ଜବାବ ଦାଖଲ ପରେ ଏହା ଉପରେ ଚୂଡ଼ାନ୍ତ ଶୁଣାଣି ହେବ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି।

୨୦୧୮ ସେପ୍ଟେମ୍ବରରୁ ରାଜ୍ୟର ଏନ୍‌ଏସି, ପୌରପାଳିକା ଓ ମହାନଗର ନିଗମର କାର୍ଯ୍ୟକାଳ ଶେଷ ହୋଇଯାଇଛି। ଏନେଇ ରାଜ୍ୟ ସରକାର କିଛି ପଦକ୍ଷେପ ନେଉନାହାନ୍ତି। କିଛିଦିନ ତଳେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ପୌର ନିର୍ବାଚନ ସମ୍ପର୍କରେ ଏକ ସ୍ମାରକପତ୍ର ଦେଇଥିଲେ। ପରେ ଆବେଦନକାରୀ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପୂର୍ବତନ ମନ୍ତ୍ରୀ ସମୀର ଦେ ଓ ପୂର୍ବତନ ପ୍ରଶାସକ ପ୍ରସନ୍ନ ମିଶ୍ର ହାଇକୋର୍ଟରେ ଏ ନେଇ ପିଟିଶନ ଦାଏର କରିଥିଲେ। ରାଜ୍ୟ ସରକାରଙ୍କ ଚାପରେ ରାଜ୍ୟ ନିର୍ବାଚନ କମିଶନ ପୌର ନିର୍ବାଚନ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ସମସ୍ତ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ଦୁର୍ଘଟଣାରେ ପରିବାରର ୪ ମୃତ



ଦୁର୍ଘଟଣାଗ୍ରସ୍ତ କାରରୁ ମୃତାହତମାନଙ୍କୁ ବାହାର କରାଯାଉଛି।

- କୋଲକାତାରୁ ରାଉରକେଲା ଆସୁଥିବାବେଳେ ଦୁର୍ଘଟଣା
- ମୃତକଙ୍କ ମଧ୍ୟରେ ଅଛନ୍ତି ମା', ବାପା ଓ ୨ପୁଅ

ରାଉରକେଲା ଅଫିସ, ୨୫।୮

ଝାଡ଼ଖଣ୍ଡ ରାଜ୍ୟ ଖୁଣ୍ଟି ଥାନା ତୋରପା ତୁରାଗୀ ନିକଟ ବୁଲାଣୀରେ ବୁଧବାର ସଡ଼କ ଦୁର୍ଘଟଣାରେ ରାଉରକେଲାର ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରାଉରକେଲା ସିଭିଲ ଟାଉନଶିପ୍ ଅଞ୍ଚଳର କହ୍ନେୟା ଜୈନ, ସ୍ତ୍ରୀ ରମା, ପୁଅ ଋଷବ(୭), ନିତ୍ୟା(୩)। କାର୍ ଚଳାଉଥିବା ବଶିଷ୍ଠ ଜୈନ, ଅନ୍ୟ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ଦୁହିଁଙ୍କୁ ଚିକିତ୍ସା ପାଇଁ ରାଞ୍ଚିସ୍ଥିତ ରିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି ଦୁଃଖଦ ଖବରକୁ ନେଇ ରାଉରକେଲା ସିଭିଲଟାଉନଶିପ୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମିଳିଥିବା ସୂଚନା ମୁତାବକ, ସିଭିଲଟାଉନଶିପ୍ ଅଞ୍ଚଳର ବଶିଷ୍ଠ ଜୈନ ଓ ତାଙ୍କ ପରିବାର ଏକ କାର ଯୋଗେ କୋଲକାତା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ବୁଧବାର ଅପରାହ୍ଣରେ ସେଠାରୁ ବଶିଷ୍ଠ ଜୈନ, ଜଣେ ସମ୍ପର୍କୀୟା ଯୁବତୀ, କହ୍ନେୟା ଜୈନ ଓ କହ୍ନେୟାଙ୍କ ସ୍ତ୍ରୀ, ଦୁଇ ପୁଅ ଏକ କାର ଯୋଗେ ରାଉରକେଲା ଫେରୁଥିଲେ। ସେମାନେ ଝାଡ଼ଖଣ୍ଡର ଖୁଣ୍ଟି ଦେଇ ଆସୁଥିବାବେଳେ ତୋରପା ତୁରାଗୀ ନିକଟ ବୁଲାଣୀରେ କାର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଭୀର ଖାତକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକ, ପୋଲିସ ପହଞ୍ଚି ଗ୍ୟାସ କଟର ସହାୟତାରେ ଡୋର୍ କାଟି କହ୍ନେୟା ଓ ତାଙ୍କ ସ୍ତ୍ରୀ ଏବଂ ଦୁଇ ପିଲାଙ୍କ ସହ ଗୁରୁତର ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। କାରଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। ପୋଲିସ ଚାରି ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।




**ଆଜିର ମନ୍ତବ୍ୟ**

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀ ମତେ ଭରସା କରି ଛତିଶଗଡ଼ ସରକାର ଚଳାଇବା ପାଇଁ ଦାୟିତ୍ୱ ଦେଇଛନ୍ତି। ସେମାନେ କହିଲେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବି।
**–ଭୂପେଶ ବାଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଭୂପତିକେଶରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଟିଗଲି ଦୂବ ଘାସ**
**ପଛକଥା ସବୁ ପାସୋରି ପକାଇ**
**ଅନ୍ନ ଭୁଞ୍ଜିବ ଗୋ ଆସ।**

ପତିପତ୍ନୀଙ୍କ ମଧ୍ୟରେ କଥା କଟାକଟି ହୋଇ ପରସ୍ପରର ଦୋଷ ଧରି ବସିଲେ ସମ୍ପର୍କରେ ମଳିନତା ଆସିଯାଏ। ଉଭୟଙ୍କ ମନରେ ଫାଟ ସୃଷ୍ଟି ହେବା ସହ ସମ୍ପର୍କର ମଧୁରତା ନଷ୍ଟ ହୋଇଯାଇଥାଏ। ତେବେ ପରିସ୍ଥିତିକୁ ଦେଖି ଜଣେ ଯଦି ନିଜର ଦୋଷ ପାଇଁ କ୍ଷମା ମାଗିନିଏ, ତା'ହେଲେ ପରିସ୍ଥିତି ବଦଳିଯିବା ସହ ସମ୍ପର୍କରେ ସୁଧାର ଆସିଥାଏ। ପଛ କଥା ଭୁଲି ଖାଇବା ପାଇଁ ସ୍ୱାମୀଙ୍କୁ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁକୁର ଶୋଇଲା ପଲାରେ**
**ଧାନ ମାଣକୁ ନାକଚଣାଟେ**
**ହଲାଇ ହଲାଇ ମଲାରେ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଆଡ଼ମ୍ବଡ଼ିମା ଶୋଭନୀୟ ହୋଇ ନ ଥାଏ। ଦୈନନ୍ଦିନ ଗୁଜୁରାଣ ମେଣ୍ଟେଇବାକୁ ଅସମର୍ଥ ମହିଳା ନାଁକୁ ମାତ୍ର ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧି ବାହାରେ ନିଜକୁ ଦେଖେଇ ହେଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ନିୟମ ଭାଙ୍ଗିଲେ ...

ଲାଇସେନ୍ସ ରଦ୍ଦ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବୋଥ୍ରା କହିଛନ୍ତି। ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ବିରୋଧରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତା'ର ପ୍ରତି ୩ମାସରେ ଏକ ସମୀକ୍ଷା ରିପୋର୍ଟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସ୍ତରରେ କରିବାକୁ ସୁପ୍ରିମକୋର୍ଟ କମିଟି ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ୨୦୨୧ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ୨୭,୨୬୪ ଏବଂ ଏପ୍ରିଲରୁ ଜୁନ୍ ମଧ୍ୟରେ ୧୦,୭୨୪ ବେପରୁଆ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ସାରଥି ଡାଟାବେସରୁ ଜଣାପଡ଼ିଛି।

## ପିଜା ବିକୁଛନ୍ତି ପୂର୍ବତନ ...

କରିଛନ୍ତି। ତାଲିବାନ୍ ନିୟନ୍ତ୍ରଣକୁ ଯାଇଥିବା ଆଫଗାନିସ୍ତାନ ସଙ୍କଟ ମଧ୍ୟରେ ଗତି କରୁଥିବାବେଳେ ସାଦତଙ୍କ ଫଟୋ ଭାଇରାଲ ହୋଇଛି। ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ସାଦତ୍‌ଙ୍କୁ ପଚରାଯିବାରେ ଏତେ ଶୀଘ୍ର ଅଶ୍ରଫ୍ ଗନି ସରକାରର ପତନ ଘଟିବା ଆଶା କରାଯାଉ ନ ଥିଲା ବୋଲି ସେ କହିଥିଲେ।

## ପିପିପିକୁ ଯିବ ...

୬ ବିମାନ ବନ୍ଦରର ପରିଚାଳନାକୁ ସରକାର ଘରୋଇ କ୍ଷେତ୍ରକୁ ପ୍ରଦାନ କରିବା ଲାଗି ଲିଜ୍ ପ୍ରଦାନ କରିଥିଲେ। ଏହା ମଧ୍ୟରେ ଅହମଦାବାଦ, ଲକ୍ଷ୍ନୌ, ମାଙ୍ଗାଲୋର, ଗୁଆହାଟୀ, ଜୟପୁର, ଥିରୁଭାନନ୍ତପୁରମ ଭଳି ବିମାନବନ୍ଦର ରହିଥିଲା। ସେହିଭଳି ଦେଶର ୯ ପ୍ରମୁଖ ବନ୍ଦରରେ ୩୧ ପ୍ରକଳ୍ପକୁ ଉକ୍ତ ଯୋଜନାରେ ସାମିଲ କରାଯାଇଛି। ଏହା ମଧ୍ୟରେ ପାରାଦୀପର ୪ ପ୍ରକଳ୍ପ ଚଳିତ ଆର୍ଥିକ ବର୍ଷରେ ମନିଟାଇଜେଶନ କରାଯିବ। ୨୦୨୪-୨୫ରେ ଆଉ ୨ ପ୍ରକଳ୍ପ ଏହି ଯୋଜନାରେ ସାମିଲ ରହିବ। ୨ ଜାତୀୟ ଷ୍ଟାଡିୟମ ଏବଂ ଆଞ୍ଚଳିକ ସ୍ପୋର୍ଟ ସେଣ୍ଟର ମଧ୍ୟ ଏଥିରେ ମୁଦ୍ରୀକରଣ କରାଯିବ। ହସ୍ପିଟାଲିଟି ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱର ହୋଟେଲ କଳିଙ୍ଗ ଅଶୋକକୁ ଓ ଆଣ୍ଡ ଏମ୍ କଣ୍ଟ୍ରାକ୍ଟ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ସେହିଭଳି ପୁରୀର ହୋଟେଲ ନୀଳାଚଳରୁ ପୁଞ୍ଜି ପ୍ରତ୍ୟାହର ନେଇ ଲକ୍ଷ୍ୟ ରଖାଯାଇଛି। ରାଜପଥ ପ୍ରକଳ୍ପ ମଧ୍ୟରେ ଓଡ଼ିଶାର ପୁଇଁତଳା-ସୁନାଖଳା ଷ୍ଟ୍ରେଚ(୫୭ କି.ମି.), ସୁନାଖଳା -ଭୁବନେଶ୍ୱର(୭୬ କି.ମି.), ଭୁବନେଶ୍ୱର-ପୁରୀ(୬୦ କି.ମି.), ଚଣ୍ଡିଖୋଲ-ଭଦ୍ରକ (୭୫ କି.ମି.), ଭଦ୍ରକ-ବାଲେଶ୍ୱର(୬୩ କି.ମି.), ଚଣ୍ଡିଖୋଲ-ପାରାଦୀପ (୭୭ କି.ମି.)ର ପ୍ରକଳ୍ପ ମନିଟାଇଜେଶନ ଯୋଜନାରେ ସାମିଲ ରହିଥିବା ଜଣାପଡ଼ିଛି। ଆର୍ଥିକ ବର୍ଷ ୨୦୨୨-୨୩ରେ ୧.୬୨ ଲକ୍ଷ କୋଟି, ୨୦୨୩-୨୪ରେ ୧.୭୯ ଲକ୍ଷ କୋଟି, ୨୦୨୪-୨୫ରେ ୧.୬୭ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ମନିଟାଇଜ ହେବ। ପ୍ରମୁଖ କ୍ଷେତ୍ରଗୁଡିକ ମଧ୍ୟରେ ୨୬,୭୦୦ କି.ମି.ର ରାଜପଥ ପ୍ରକଳ୍ପ ରହିଛି। ଏହା ମଧ୍ୟରେ ପୂର୍ବାଞ୍ଚଳର ୨୨ ଷ୍ଟ୍ରେଚରେ ୧୪୬୮ କି.ମି. ରାଜପଥ ଥିବା ବେଳେ ଦେଶର ଉତ୍ତରଭାଗରେ ୨୯ ଷ୍ଟ୍ରେଚର ୧୩୬୧ କି.ମି., ପଶ୍ଚିମଭାଗରେ ୨୫ ଷ୍ଟ୍ରେଚର ୨୦୩୧ କି.ମି., ଦକ୍ଷିଣ ଭାଗର ୨୮ ଷ୍ଟ୍ରେଚରେ ୧୯୩୧ କି.ମି. ରାଜପଥ ରହିଛି। ଆଗାମୀ ୪ ବର୍ଷରେ ରେଲୱେର ୪୦୦ ଷ୍ଟେଶନ, ୯୦ ପାସେଞ୍ଜର ଟ୍ରେନ, ୧୪ ଶହ କି.ମି. ଟ୍ରାକ୍‌ର ରୁଟ୍ (କୋଙ୍କଣ ରେଲୱେ- ୭୪୧ କି.ମି., ହିଲ୍ ରେଲୱେର ୨୪୪ କି.ମି. ଲେଖାଏ ୪ ରୁଟ୍), ୨୫୬ ଗୁଡସ ସେଡ୍, ୬୭୩ କି.ମି.ର

## ପ୍ରଥମ ପୃଷ୍ଠାରୁ...

ଡିଏଫ୍‌ସି ଟ୍ରାକ୍ ଏବଂ ଅନ୍ୟ ଭିତ୍ତିଭୂମି, ୧୫ ରେଳ ଷ୍ଟାଡିୟମ ଏବଂ ରେଳ କଲୋନି ସାମିଲ ରହିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

ଆଗାମୀ ୪ ବର୍ଷରେ ରାଜପଥ କ୍ଷେତ୍ରର ୧.୬୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ମନିଟାଇଜେଶନ କରାଯିବ। ସେହିଭଳି ରେଲୱେର ୧.୫୨ ଲକ୍ଷ କୋଟି, ପାୱାର ଟ୍ରାନ୍ସମିଶନ କ୍ଷେତ୍ରରେ ୪୫,୨୦୦ କୋଟି, ଶକ୍ତି ଉତ୍ପାଦନ କ୍ଷେତ୍ରର ୩୯,୮୩୨ କୋଟି, ପ୍ରାକୃତିକ ବାଷ୍ପ ପାଇପଲାଇନ ୨୪,୪୬୨ କୋଟି, ପ୍ରଡକ୍ଟ ପାଇପଲାଇନ ଏବଂ ଅନ୍ୟ କ୍ଷେତ୍ରରେ ୨୨,୫୦୪ କୋଟି, ଟେଲିକମ୍ କ୍ଷେତ୍ରରେ ୩୫,୧୦୦ କୋଟି, ୱେରହାଉସିଂ କ୍ଷେତ୍ରରେ ୨୮,୯୦୦ କୋଟି ଟଙ୍କାର ସମ୍ପତ୍ତିକୁ ଯୋଜନା ମଧ୍ୟରେ ସାମିଲ କରାଯାଇଛି। ସେହିଭଳି ଖଣି କ୍ଷେତ୍ରରେ ୨୮,୭୪୭ କୋଟି, ବିମାନ ଚଳାଚଳ କ୍ଷେତ୍ରରେ ୨୦,୭୮୨ କୋଟି, ବନ୍ଦର କ୍ଷେତ୍ରରେ ୧୨,୮୨୮ କୋଟି, ଷ୍ଟାଡିୟମ କ୍ଷେତ୍ରରେ ୧୧,୪୫୦ କୋଟି ଏବଂ ଅର୍ବାନ ରିୟଲ ଇଷ୍ଟେଟ କ୍ଷେତ୍ରରେ ୧୫ ହଜାର କୋଟି ଟଙ୍କା ର ସମ୍ପତ୍ତି ମନିଟାଇଜେଶନ କରାଯିବାର ଲକ୍ଷ୍ୟ ରହିଛି। ମନିଟାଇଜେଶନ ହେବାକୁ ଥିବା ପ୍ରମୁଖ ୫ କ୍ଷେତ୍ର ମଧ୍ୟରେ ରାଜପଥ ପ୍ରକଳ୍ପର ଅଂଶ ୨୭% ଥିବା ବେଳେ ରେଲୱେ ୨୫%, ପାୱାର ୧୫%, ତୈଳ ଏବଂ ବାଷ୍ପ ପାଇପଲାଇନ ୮% ଏବଂ ଟେଲିକମ କ୍ଷେତ୍ରର ୬% ରହିଛି।

କରୋନା ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଥିବା ବେଳେ ଏଭଳି ପଦକ୍ଷେପ ଦ୍ୱାରା ସରକାର ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୮୮ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ମନିଟାଇଜେଶନ ପାଇପଲାଇନ ମଧ୍ୟରେ ରାଜପଥ, ବନ୍ଦର, ବିମାନ ବନ୍ଦର, ଟେଲିକମ, ରେଳପଥ, ୱେୟାରହାଉସିଂ, ଏନର୍ଜି ପାଇପଲାଇନ, ପାୱାର ଜେନେରେଶନ, ହସ୍ପିଟାଲିଟି ଏବଂ ଷ୍ଟାଡିୟମ ସହ ଖଣି ଏବଂ ହାଉସିଂ ରିଡେଭଲପମେଣ୍ଟ ଭଳି ଭିତ୍ତିଭୂମି କ୍ଷେତ୍ରର ପ୍ରକଳ୍ପଗୁଡିକୁ ସାମିଲ କରାଯାଇଥିବା ଜଣାପଡ଼ିଛି।

## ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ...

ସଂକ୍ରମଣ ହାର ୧୪.୭୬% ରହିଛି। କିଛିଦିନ ତଳେ ଏହି ହାର ୧୦ରୁ ୧୩% ଭିତରେ ଥିଲା। ତେବେ ତୃତୀୟ ଲହରରେ ୧୮ ବର୍ଷରୁ କମ୍ ବର୍ଗର ପିଲାମାନେ ଅଧିକ ଆକ୍ରାନ୍ତ ହେବେ ବୋଲି ଆକଳନ କରାଯାଉଥିବାବେଳେ ଏବେଠୁ ପିଲାଙ୍କ ସଂକ୍ରମଣ ହାର ବଢ଼ିବା ଚିନ୍ତା ବଢ଼ାଇଛି। ଏପରିସ୍ଥଳେ ଡିଏମ୍‌ଇଟି ସିବିକେ ମହାନ୍ତି ଆଶ୍ୱସ୍ତିଜନକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତୃତୀୟ ଲହର ଆସିଲେ ବି ଦ୍ୱିତୀୟ ଲହର ଭଳି ପ୍ରଭାବୀ ହୋଇ ନ ପାରେ। ଯଦି ଭାଇରସ ରୂପ ବଦଳାଏ ତା'ହେଲେ ପ୍ରଭାବ ଅଧିକ ରହିବ। ସମ୍ଭାବ୍ୟ ଲହରକୁ ନେଇ ବିଭିନ୍ନ ମଡେଲ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି। କିଛି ମଡେଲ କହୁଛି, ଦିନକୁ ସର୍ବାଧିକ ୪ରୁ ୫ ଲକ୍ଷ ସଂକ୍ରମିତ ହେବେ। ଅନ୍ୟପକ୍ଷେ ଆଉ କେତେକ ମଡେଲ ତୃତୀୟ ଲହରର ଏତେ ପ୍ରଭାବ ପଡ଼ିବ ନାହିଁ ବୋଲି ଆକଳନ କରିଛି। କିନ୍ତୁ ଆଇଆଇଟି କାନପୁର ସୂତ୍ର କହୁଛି, ଓଡ଼ିଶାରେ ତୃତୀୟ ଲହରର ବିଶେଷ ପ୍ରଭାବ ରହିବ ନାହିଁ। କିନ୍ତୁ ମଡେଲ ଯାହା କହୁ ପଛେ ସରକାର ସବୁ ଦିଗକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଉଛନ୍ତି ବୋଲି ଡିଏମ୍‌ଇଟି କହିଛନ୍ତି। ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ୍ ସଂକ୍ରମିତ ସଂଖ୍ୟା ୧୦,୦୩,୨୧୦କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ଆଉ ୬୭ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କଟକ ଜିଲାରୁ ସର୍ବାଧିକ ୨୦ଜଣ ଆକ୍ରାନ୍ତ ଆଖି ବୁଜିଛନ୍ତି। ଜଗତ୍‌ସିଂହପୁରରୁ ୧୪, ଢେଙ୍କାନାଳ ୮, ଯାଜପୁର ୬, ବାଲେଶ୍ୱର ୫, ଅନୁଗୋଳ ଓ କେନ୍ଦ୍ରାପଡ଼ାରୁ ୩ ଲେଖାଏ, ଭଦ୍ରକ ଓ ମୟୂରଭଞ୍ଜରୁ ୨ ଲେଖାଏ, କେନ୍ଦୁଝର, ନବରଙ୍ଗପୁର, ପୁରୀ ଓ ରାୟଗଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ୭,୪୯୩ରେ ପହଞ୍ଚିଛି। ତେବେ ସଂକ୍ରମଣ କମିଥିଲେ ମଧ୍ୟ ଗୁରୁତର ରୋଗୀ ଅଧିକ ରହିବା ସହ ମୃତ୍ୟୁ ବଢ଼ିବା ଆଉ ଏକ ଚିନ୍ତା ବଢ଼ାଇଛି। ଏଥିପାଇଁ ଚିକିତ୍ସା କ୍ଷେତ୍ରରେ ଏକ୍‌ମୋ ମେଶିନର ଗୁରୁତ୍ୱ ବଢ଼ିଯାଇଛି। ଏ ସମ୍ପର୍କରେ ଡିଏମ୍‌ଇଟି କହିଛନ୍ତି, କଟକ ଏସ୍‌ସିବିରେ ଏକ୍‌ମୋ ଚିକିତ୍ସା ଆସନ୍ତା ୨୭ ତାରିଖରେ ଆରମ୍ଭ ହେବ। ପୂର୍ବ ଭାରତରେ ସରକାରୀ ଭାବେ ଏହା ସବୁଠାରୁ ବଡ଼ ୟୁନିଟ୍ ହେବ। ଏଠାରେ ସମୁଦାୟ ୯ଟି ଏକ୍‌ମୋ ମେଶିନ ରହିବ ବୋଲି ଡିଏମ୍‌ଇଟି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଏକ୍‌ମୋ ମେଶିନ ଅଭାବରୁ ଗୁରୁତର କରୋନା ରୋଗୀ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯାଉଥିଲେ। ଏହାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏକ୍‌ମୋ ସେବା ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। କଟକ ଏସ୍‌ସିବିରେ ଗତ ୧୫ ତାରିଖରୁ ଏହି ସେବା ପ୍ରଦାନ କରାଯିବ ବୋଲି ପୂର୍ବରୁ ଡିଏମ୍‌ଇଟି କହିଥିଲେ।

## ଅକ୍ଟୋବରରୁ ...

ଅନ୍ୟ ପକ୍ଷରେ ସ୍କୁଲ ଶିକ୍ଷକମାନଙ୍କୁ ପ୍ରାଥମିକତା ଆଧାରରେ ଟିକା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସେପ୍ଟେମ୍ବର ୫ ଗୁରୁଦିବସ ପୂର୍ବରୁ ସମସ୍ତ ଶିକ୍ଷକ ଟିକା ନେବା ଦରକାର ବୋଲି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ କହିଛନ୍ତି। କରୋନା ସ୍ଥିତିରେ ଉନ୍ନତି ଆସିଥିବାରୁ କେତେକ ରାଜ୍ୟରେ ସ୍କୁଲ୍ ଖୋଲିଲାଣି। ତେବେ ସମସ୍ତ ଶିକ୍ଷକ ଓ କର୍ମଚାରୀ ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇ ନ ଥିବାରୁ ଏହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୫ ସୁଦ୍ଧା ସମସ୍ତ ଶିକ୍ଷକଙ୍କୁ ଟିକା ଦେବା ଲାଗି ରାଜ୍ୟଗୁଡ଼ିକୁ ଚଳିତ ମାସରେ ଅତିରିକ୍ତ ୨ କୋଟି ଡୋଜ୍ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ ବୁଧବାର କହିଛନ୍ତି। ସୂଚନାଯୋଗ୍ୟ କରୋନା ମହାମାରୀ ପାଇଁ ଗତବର୍ଷ ମାର୍ଚ୍ଚରୁ ଦେଶର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଥିଲା। ଗତ ଅକ୍ଟୋବରରେ କୋଭିଡ୍ ଗାଇଡଲାଇନ ଅନୁଯାୟୀ ସ୍କୁଲ ଖୋଲିବାକୁ କେନ୍ଦ୍ର ସରକାର ଅନୁମତି ଦେଇଥିଲେ। କେତେକ ରାଜ୍ୟ ଆଂଶିକ ସ୍କୁଲ ଖୋଲିଥିବାବେଳେ କୋଭିଡ୍‌ର ଦ୍ୱିତୀୟ ଲହର ଆସିବାରୁ ପୁଣିଥରେ ଏପ୍ରିଲରୁ ସ୍କୁଲ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଏବେ ସ୍ଥିତି ସୁଧୁରୁଥିବାରୁ ବିଭିନ୍ନ ରାଜ୍ୟରେ ସ୍କୁଲ ଖୋଲିବା ଆରମ୍ଭ ହୋଇଛି। ତେଣୁ ସେପ୍ଟେମ୍ବର ୫ ସୁଦ୍ଧା ସମସ୍ତ ସ୍କୁଲ ଶିକ୍ଷକଙ୍କୁ ପ୍ରାଥମିକତା ଭିତ୍ତିରେ ଟିକା ଦେବା ଲାଗି ଉଦ୍ୟମ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଥିବା ମାଣ୍ଡବ୍ୟ ଟୁଇଟ୍ କରିଛନ୍ତି। ସେହିପରି ବିଭିନ୍ନ ଗୁରୁତର ରୋଗ ଥିବା ପିଲାଙ୍କୁ ଟିକାଦାନରେ ପ୍ରାଥମିକତା ଦେବା ଲାଗି ସରକାରଙ୍କ ଉପଦେଷ୍ଟା କମିଟି ନ୍ୟାଶନାଲ ଇମ୍ୟୁନାଇଜେଶନ ଟେକ୍ନିକାଲ ଆଡଭାଇଜରି ଗ୍ରୁପ୍ (ଏନ୍‌ଟିଏଜିଆଇ) ପରାମର୍ଶ ଦେଇଛି। ଜାଇଡସ୍ କାଡିଲା କମ୍ପାନୀ ଇତିମଧ୍ୟରେ ଯୋଗାଇଥିବା ଜାଇକୋଭ୍-ଡି ଟିକା ସେମାନଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ଏନ୍‌ଟିଏଜିଆ ମୁଖ୍ୟ ଏନ୍.କେ. ଆରୋରା କହିଛନ୍ତି। ଗତ ସପ୍ତାହରେ ଜାଇଡସ୍ କାଡିଲା କମ୍ପାନୀର କୋଭିଡ୍ ଟିକାକୁ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ମିଳିଥିଲା। ଭାରତ ବାୟୋଟେକ୍‌ର ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କୋଭାକ୍ସିନ୍‌କୁ ଅନୁମୋଦନ ପାଇଁ ପ୍ରକ୍ରିୟା ଜାରି ରହିଛି। ସେପ୍ଟେମ୍ବରରୁ ପ୍ରତି ମାସରେ ୧୦ କୋଟି କୋଭାକ୍ସିନ ଡୋଜ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଥିବା ଆରୋରା ସୂଚନା ଦେଇଛନ୍ତି।

## ସିବିଆଇ, ଇଡିକୁ ...

ଗଠିତ ୩ ଜଣିଆ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଅନେକ କ୍ଷେତ୍ରରେ ୧୦ରୁ ୧୫ ବର୍ଷ ଧରି ମାମଲା ଗଡୁଛି। କିନ୍ତୁ ଚାର୍ଜଶିଟ୍ ଦାଖଲ ହେଉନାହିଁ। ଇଡି କେବଳ ସମ୍ପତ୍ତି ବାଜ୍ୟାପ୍ତ କରୁଛି। ଏହାଦ୍ୱାରା ଅନ୍ୟ କିଛି ହେଉନାହିଁ। ଏଭଳି ସ୍ଥିତି କାହିଁକି ସୃଷ୍ଟି ହେଉଛି ବୋଲି ଉଭୟ ସିବିଆଇ ଏବଂ ଇଡିକୁ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ରମନା କହିଛନ୍ତି, ମାମଲାଗୁଡ଼ିକୁ ଏପରି ଭାବେ ଝୁଲାଇ ରଖନାହିଁ। ଚାର୍ଜଶିଟ୍ ଦାଖଲ କର। ଲୋକଙ୍କୁ ନ୍ୟାୟ ଦେବା ପାଇଁ ଦ୍ରୁତ ଶୁଣାଣି ଜରୁରୀ। ତଦନ୍ତକାରୀ ସଂସ୍ଥାଗୁଡ଼ିକର ମନୋବଳକୁ ଦୁର୍ବଳ କରିବାକୁ ଚାହୁଁନାହୁଁ। ତେଣୁ ସେଗୁଡ଼ିକ ବିରୋଧରେ ଆମେ କିଛି କହିବାକୁ ଚାହୁଁନାହୁଁ। କିନ୍ତୁ ଗଡୁଥିବା ଗଦା ଗଦା ମାମଲା ଅନେକ କଥା କହୁଛି। ସୁପ୍ରିମକୋର୍ଟଙ୍କ ସହାୟକ (ଆମିକସ୍ କ୍ୟୁରି) ବିଜୟ ହଂସାରିଆ କହିଥିଲେ, ଗୋଟିଏ ମାମଲାର ତଦନ୍ତ ୨୦୩୦ ସୁଦ୍ଧା ଶେଷ ହେବ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି। ଏନେଇ ଖଣ୍ଡପୀଠରେ ସାମିଲ ଥିବା ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ବିସ୍ମିତ ହୋଇ କହିଥିଲେ, ହେ ଭଗବାନ! ସିଜେଆଇ ରମନା, ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ତଦନ୍ତରେ ବିଳମ୍ବର କାରଣ ମଧ୍ୟ କହୁନାହାନ୍ତି। ଆମ ଭଳି ଏହି ସଂସ୍ଥାଗୁଡ଼ିକରେ ମଧ୍ୟ କର୍ମଚାରୀ ଅଭାବ ରହିଛି। ବଡ଼ ହେଉ କି ଛୋଟ ମାମଲା ଲୋକେ ଚାହାନ୍ତି ସିବିଆଇ ଏହାର ତଦନ୍ତ କରୁ। ତଦନ୍ତ କରୁଥିବା ସଂସ୍ଥାଗୁଡ଼ିକ ମଧ୍ୟ କୋର୍ଟ ଭଳି ବୋଝ ସହୁଛନ୍ତି। କିନ୍ତୁ ଅଦାଲତଗୁଡ଼ିକ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ତଦନ୍ତକାରୀ ସଂସ୍ଥାଗୁଡ଼ିକୁ କରୋନା ସେତେ ପ୍ରଭାବିତ କରିନାହିଁ। ସେମାନେ କାହିଁକି ଭଲ କାମ କରୁନାହାନ୍ତି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ପ୍ରଧାନ ବିଚାରପତି ରମନାଙ୍କ ମତରେ ଜନ ପ୍ରତିନିଧିମାନଙ୍କ ବିରୋଧରେ ମାମଲା ବିଚାରାଧୀନ ଥିବାବେଳେ ସେମାନେ ନିଜ ପଦବୀ ଓ କ୍ଷମତାର ଅପବ୍ୟବହାର କରିପାରନ୍ତି। ସେଥିପାଇଁ ଗତ ଶୁଣାଣିରେ ଆମେ କହିଥିଲୁ, ଆଇନପ୍ରଣେତାଙ୍କ ବିରୋଧରେ ବିଚାରାଧୀନ ମାମଲାକୁ ହାଇକୋର୍ଟଙ୍କ ଅନୁମୋଦନ ବିନା ପ୍ରତ୍ୟାହାର କରାଯାଇପାରିବ ନାହିଁ। ଏମ୍‌ପି, ବିଧାୟକଙ୍କ ନାମରେ ଗଡୁଥିବା ମାମଲାର ଶୁଣାଣି ଦ୍ରୁତ ଭାବେ ଶେଷ ହେବା ଆବଶ୍ୟକ। କେବଳ ସୁପ୍ରିମକୋର୍ଟରେ ଏପରି ୨୦୦ରୁ ଅଧିକ ମାମଲା ଗଡୁଛି। ପ୍ରକାଶ ଯେ, ସଙ୍ଗିନ ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଇନପ୍ରଣେତାମାନଙ୍କ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଉପରେ ଆଜୀବନ କଟକଣା ଜାରି କରିବା ଓ ସେମାନଙ୍କ ବିରୋଧରେ ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବନ୍ଧୁଭାବାଧିପତି କୋଣଭାବସ୍ଥ ହେତୁ ବନ୍ଧୁଙ୍କ ପରାମର୍ଶ କିମ୍ବା ସାହାଯ୍ୟରୁ କାମ ହାସଲ କରିପାରିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହୋଇପାରନ୍ତି। ପରିବାରରେ ଜମିଜମା ସମ୍ବନ୍ଧୀୟ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ବ୍ୟବସାୟ କିମ୍ବା ପରିବହନରେ ସାଧାରଣ ଘଟଣାକୁ ନେଇ ଝଗଡ଼ା ଲାଗିବାର ସୂଚନା ରହିଛି।

**ବୃଷ** – ବକ୍ରୀ ବୃହସ୍ପତି କର୍ମଭାବସ୍ଥ ହେତୁ ବାରମ୍ବାର ପ୍ରତିବନ୍ଧକ ଉପୁଜୁଥିବା କାରଣରୁ କାମରେ ଆଂଶିକ ସଫଳତା ପାଇବେ। ଭୁଲ୍ ବୁଝାମଣାରୁ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। କୌଣସି ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ନ ପାଇବା ହେତୁ ବିକଳ୍ପ ଚିନ୍ତା କରିବେ। କଚେରି ମାମଲାରେ ବାନ୍ଧି ହୋଇପଡ଼ିଥିବା ବ୍ୟକ୍ତି ଆଶ୍ୱସ୍ତି ଲାଭ କରିବେ।

**ମିଥୁନ** – ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଧୈର୍ଯ୍ୟର ଅଭାବ ଓ ଟିକିଏ କଥାରେ ରାଗିଯିବା ହେତୁ କଳହ ସୃଷ୍ଟି ହୋଇପାରେ। ଆଜି ବନ୍ଧୁ କିମ୍ବା ପରିଜନଙ୍କ ସହ ପ୍ରଭାତରୁ ସୁଖଭ୍ରମଣ ଯୋଗ ରହିଛି। ସହକର୍ମୀଙ୍କ ସାହାଯ୍ୟ ନେଇ ଅଟକି ରହିଥିବା କାମ ହାସଲ କରିବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ବନ୍ଧୁଙ୍କ ସହ ମତପାର୍ଥକ୍ୟ ଦେଖାଦେବ।

**କର୍କଟ** – ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପତିଙ୍କ ଯୋଗୁ ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଆଶଙ୍କା ରହିଛି। ସାମାଜିକ ସ୍ତରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନିଜ ପରିସରରେ ରହୁଥିବା କୌଣସି ବନ୍ଧୁ ଈର୍ଷାପୋଷଣ କରିପାରନ୍ତି।

**ସିଂହ** – ବୁଧାଦିତ୍ୟ ଯୋଗ ସହ ମଙ୍ଗଳଙ୍କ ସଂଯୋଗ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପ୍ରଦାନ କରିବ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ମାନସିକ ଅଶାନ୍ତି ଥିଲେ ମଧ୍ୟ ଅତି ପରିଚିତ ଓ ବିଶ୍ୱସ୍ତ ବନ୍ଧୁଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ରାଜନୈତିକ କ୍ଷେତ୍ରରେ ଆଜିର ଆଲୋଚନା ସରଗରମ ରହିବ।

**କନ୍ୟା** – ମଙ୍ଗଳ ଓ ବୁଧଙ୍କ ସଂଯୋଗ ହେତୁ ଆବଶ୍ୟକତା ପୂରଣ କ୍ଷେତ୍ରରେ ବନ୍ଧୁଙ୍କ ଅବଦାନକୁ ପ୍ରଶଂସା କରିବେ। କର୍ମକ୍ଷେତ୍ରରେ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଈର୍ଷାପର ମନୋଭାବ ନେଇ ନିଜ ଲୋକମାନେ ବିଶ୍ୱାସଘାତ କରିପାରନ୍ତି। ବନ୍ଧୁଙ୍କ ସହାନୁଭୂତି ମନୋବଳ ବୃଦ୍ଧିରେ ସହାୟକ ହେବ।

**ତୁଳା** – କର୍ମସ୍ଥାନ ପ୍ରତି ରାଜଯୋଗକାରକ ଗ୍ରହଙ୍କ ଦୃଷ୍ଟି ଯୋଗୁ ସମସ୍ୟା ସମାଧାନ କରିପାରନ୍ତି। କୌଣସି ବିବାଦୀୟ ପରିସ୍ଥିତିରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ଯାତ୍ରାକାଳରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ। ସହକର୍ମୀଙ୍କୁ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** – ଶନି ଓ ମଙ୍ଗଳଙ୍କ ଷଡ଼ାଷ୍ଟକସ୍ଥିତି ରହିଥିବାରୁ କାର୍ଯ୍ୟ ସମ୍ପାଦନରେ ସହଯୋଗର ଅଭାବ ରହିବ ନାହିଁ। ଛୋଟ କଥାକୁ କେନ୍ଦ୍ରକରି ଘରୋଇ କଳହ ଲାଗିରହିବ। ନିଜର କୃତିତ୍ୱରୁ ସାମାଜିକ ସ୍ତରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ଆଶା ରହିଛି। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍, ପ୍ରଶାସନ, ଯାନବାହନ, ନିର୍ମାଣ ତଥା ଯାତ୍ରାରୁ ସୁଫଳ ପାଇବେ।

**ଧନୁ** – ଶୁକ୍ରଙ୍କ ପ୍ରଭାବରୁ ଆଜି ସମ୍ମାନନୀୟ ବ୍ୟକ୍ତିଙ୍କ ସହାୟତା ଲାଭ କରିବେ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ଲୋକମାନେ ଅପପ୍ରଚାର କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଏପରିକି ସାଂସ୍କୃତିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଅଫିସିଆଲି ସମସ୍ୟାରେ ବ୍ୟସ୍ତ ଥିଲେ ମଧ୍ୟ ସ୍ତ୍ରୀଙ୍କ ପ୍ରେରଣା ଲାଗି ଉପକୃତ ହେବେ।

**ମକର** – କର୍ମାଧିପ ଭାଗ୍ୟଭାବସ୍ଥ ଯୋଗୁ ସ୍ଥଗିତ କାମ ପୂରା ଦମ୍‌ରେ କରିବା ନିଷ୍ପତ୍ତି ନେବେ। ପାରିବାରିକ କ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ବନ୍ଧୁଙ୍କ ସହ ଯାତ୍ରା କାଳରେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** – ପାପଗ୍ରହମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ଦ୍ୱନ୍ଦ୍ୱରେ ପଡ଼ି କେତେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବୁଝାମଣା ଠିକ୍ ରହିବା ହେତୁ ଶତଭିଷା ନକ୍ଷତ୍ର ଏକ ପ୍ରକାର ଖୁସି ଅନୁଭବ କରିବେ। ବାଣିଜ୍ୟ ଓ କଳା, ସାହିତ୍ୟରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ନିଜ ମନକୁ ନପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ।

**ମୀନ** – ଚନ୍ଦ୍ରଙ୍କ ଶୁଭପ୍ରଭାବରୁ ଦିନଟି ସବୁ ଦିଗରୁ ଅତି ଭଲରେ ଅତିବାହିତ ହେବ। କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବାରୁ ମନ ପ୍ରଫୁଲ୍ଲ ରହିବ। ବିଭିନ୍ନ ଦିଗରୁ ଉପକୃତ ହେବା କାରଣରୁ ଅର୍ଥ ଓ ସମ୍ମାନ,ସଦିଚ୍ଛାର ଅଭାବ ରହିବ ନାହିଁ। କିନ୍ତୁ ଅବହେଳା ନ କରି ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ।

## ଓଡ଼ିଶାର ଏମ୍ପି, ...

ବିଚାରାଧୀନ ୩୭ ମାମଲା ମଧ୍ୟରୁ ୭ଟିରେ ହାଜର ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ୩ ମାମଲା ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଭୁବନେଶ୍ୱର ଜେଏମ୍‌ଏଫ୍‌ସି ସ୍ୱତନ୍ତ୍ର ଅଦାଲତରେ ଥିବା ୨୦୦ ମାମଲାରୁ ପ୍ରାୟ ଅଧା ହାଜିରା ସ୍ଥିତିରେ ଥିବାବେଳେ ୩୧ଟିର ଶୁଣାଣି ଚାଲିଛି। ଉକ୍ତ କୋର୍ଟରେ ଜୁନ୍ ୭ରେ ବିଚାରପତି ନିଯୁକ୍ତ କରାଯାଇଛି। କିନ୍ତୁ ସେବେଠୁ ଅଦ୍ୟାବଧି ଗୋଟିଏ ବି ମାମଲାର ଫଇସଲା ହୋଇନାହିଁ। ଅନୁରୂପ ଭାବେ ସମ୍ବଲପୁର ଜେଏମ୍‌ଏଫ୍‌ସିରେ ୪୭ ମାମଲା ଗଡୁଛି, ଯହିଁରୁ ଅଧିକାଂଶ ହାଜିରା ସ୍ଥିତିରେ ରହିଛି। ୨୦୧୯ ନଭେମ୍ବରରେ ସମ୍ବଲପୁର ଜେଏମ୍‌ଏଫ୍‌ସିରେ ନିଯୁକ୍ତ ମହିଳା ବିଚାରପତି ତାଙ୍କ ନିଯୁକ୍ତି ସମୟରେ ଗୋଟିଏ ହେଲେ ମାମଲାର ବିଚାର ଶେଷ କରିପାରିନାହାନ୍ତି। ଏନେଇ ଆମିକସ୍ କ୍ୟୁରି ବିଜୟ ହଂସାରିଆ କହିଥିଲେ, ହାଇକୋର୍ଟ ପ୍ରଶାସନିକ କ୍ଷେତ୍ରରେ ସମ୍ପୃକ୍ତ ବିଚାରପତିଙ୍କଠାରୁ ଦୀର୍ଘ ସମୟ ଧରି ମାମଲା ଫଇସଲା ନ କରିବାର କାରଣ ସମ୍ପର୍କରେ ଜବାବ ମାଗିପାରିବେ। ସେହିପରି ହାଇକୋର୍ଟରେ ବିଚାରାଧୀନ ଥିବା ସମସ୍ତ ମାମଲାର ଶୁଣାଣି ୨ ମାସ ମଧ୍ୟରେ ଶେଷ କରିବାକୁ ଉଚ୍ଚ ଅଦାଲତଙ୍କୁ ଅନୁରୋଧ କରାଯାଇପାରେ। ଯେଉଁ ମାମଲାଗୁଡ଼ିକ ହାଜିରା ସ୍ଥିତିରେ ଅଛି, ସେଠି ଅଭିଯୋଜନକାରୀ ପକ୍ଷଙ୍କୁ ଅଭିଯୁକ୍ତଙ୍କୁ ହାଜର କିମ୍ବା ସମନ ଲାଗି ନିର୍ଦ୍ଦେଶ ଦିଆଯାଇପାରେ। ଅଭିଯୁକ୍ତ ୨ ସପ୍ତାହ ମଧ୍ୟରେ ସ୍ୱତନ୍ତ୍ର ଅଦାଲତରେ ହାଜର ନ ହେଲେ ତାଙ୍କୁ ଦିଆଯାଇଥିବା ଜାମିନ ସ୍ୱତଃ ଖାରଜ ହୋଇଯିବ। ଏମିତି ହେଲେ ଅଭିଯୁକ୍ତଙ୍କୁ ହାଜତକୁ ନିଆଯାଇପାରିବ ବୋଲି ଆମିକସ୍ କ୍ୟୁରି ଯୁକ୍ତି ବାଢ଼ିଛନ୍ତି।


# classifieds

**Everyday**
**0674-2580101, 2549302**




**SALE**

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub 'Grand Bazar' ସମ୍ମୁଖରୁ 1 Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 9078699286. D-70892

ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542. D-70889

30'road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422. D-70879

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989. D-70890

ଭୁବନେଶ୍ୱର-ଖୋର୍ଦ୍ଧା ରୋଡ୍ ଜଟଣୀ ଗେଟ୍ ପାଖରେ ଇଲେକ୍ଟ୍ରିଫିକେସନ ଥାଇ ସ୍ଥିତିବାନ demarcated ପ୍ଲଟ୍ କିଣି ଘର କରନ୍ତୁ -9438315973. D-21374

2BHK Simplex Santola near Trinath Bazar (Nakhara) rate- 28,50,000/- Bank Loan available. 7978230118, 8249477254. D-70886

Duplex house for sale at Gadakana, Bhubaneswar. Contact Owner: 9348695941. D-21436




Construct your home with branded material. We provide plan approval, boring, vastu. 7789824989, 9040744989. D-70891




Ground Floor 1BHK, Ashutosh Nagar, Kesura beside SBI Colony. Contact: 7008032171. D-21456

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open Saikrupa Panchakarma Spa positively health benefits with Expert. 8984068077. D-21451

Take wellness relax massage trained ladies / jents therapist 800/-. 7008773793. D-71409

Newly open full body massage Ladies and Gents. 8658471570, 8658994614. D-70473

Monalisa massage Club: All types Body massage with hiprofile smart lady rooms service available. 9708545108. D-21447

Swarna SPA newly open positively health benefits with expert therapist. 9556978408. D-71133

Lotus SPA newly open positively health benefits/ expert therapist. 8455987557. D-71403

Newly open SPA Offer @ 799/-, positively health benefits. Jaydevbihar. 7846814019. D-71408

**AFFIDAVIT**
ଏତଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆଯାଉଛି, ଝୁନା ସାହାଣୀ, ବୟସ: ୩୫ ବର୍ଷ, ପ୍ଲଟ୍ ନଂ. 3634/2 ପଳାଶୁଣି, ପୋ.: ଜି.ଜି.ପି. କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଜି.: ଖୋର୍ଦ୍ଧା ଆଫିଡାଭିଟ୍ ନଂ. 53AA354493 ଅନୁଯାୟୀ ରୁକ୍ମଣୀ ଜେନା ପରିବର୍ତ୍ତନ କରୁଅଛି। ଧ-୬୪୪୦୪

**ସେପ୍ଟେମ୍ବର ୧୯ରେ ୩ୟ ଜାତୀୟ ଲୋକ ଅଦାଲତ**

**କଟକ ଅଫିସ:** ଆସନ୍ତା ସେପ୍ଟେମ୍ବର ୧୯ ତାରିଖରେ ୩ୟ ଜାତୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏହା ନୂଆଦିଲ୍ଲୀ ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜନ କରାଯାଉଥିବାବେଳେ ଓଡ଼ିଶା ଆଇନ ସେବା ପ୍ରାଧିକରଣ ଓ ହାଇକୋର୍ଟ ଆଇନ ସେବା କମିଟି ସହଯୋଗ କରୁଛି। ଏଥିରେ ମୋଟର ଦୁର୍ଘଟଣା କ୍ଲେମ ଅପିଲ ମାମଲାଗୁଡ଼ିକର ସମାଧାନ କରାଯିବ। ତେଣୁ ଏ ସମ୍ପର୍କିତ ମାମଲାର ଆବେଦନ ସେପ୍ଟେମ୍ବର ୬ ମଧ୍ୟରେ ହାଇକୋର୍ଟ ଆଇନ ସେବା କମିଟି ସଚିବଙ୍କ ନିକଟରେ ଦାଖଲ କରିବାକୁ ପଡିବ। ଏ ନେଇ ହାଇକୋର୍ଟ ଆଇନ ସେବା କମିଟି ସଚିବଙ୍କ ପକ୍ଷରୁ ମଙ୍ଗଳବାର ନୋଟିସ ପ୍ରକାଶ ପାଇଛି।

# ପ୍ରେମ କଥା ଭାବିନି



ସ୍ୱରାଜ ବାରିକ

**ୟଙ୍ଗେଷ୍ଟ ଆଉ ଷ୍ଟାଇଲିଶ ଓଡ଼ିଆ ସିନେ ତାରକା ସ୍ୱରାଜ ବାରିକ। ଶିଶୁ କଳାକାରଭାବେ କ୍ୟାରିୟର ଆରମ୍ଭ କରିଥିବା ସ୍ୱରାଜ ୫ରୁ ଊର୍ଦ୍ଧ୍ୱ ଧାରାବାହିକ ସହ ୨୨ଟି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଲଭ୍ ଷ୍ଟୋରୀ ସମେତ ଆଉ କେତୋଟି ଚଳଚ୍ଚିତ୍ରରେ ନାୟକ ଭୂମିକାରେ ବି ଅବତୀର୍ଣ୍ଣ ହୋଇଛନ୍ତି। ରିଲିଜ୍ ଅପେକ୍ଷାରେ ରହିଛି ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ଦିଲ୍ ମୋର ମାନେନା'। 'ଦିଲ୍‌ର ପାସ୍‌ୱାର୍ଡ' ଏବଂ ଆଉ ଏକ ଚଳଚ୍ଚିତ୍ର ପାଇଁ ସାଇନ୍ ମଧ କରିଛନ୍ତି। ପୁଣି ଏକାଧିକ ଶର୍ଟ ଫିଲ୍ମ ନିର୍ମାଣ କରି ପ୍ରଶଂସା ମଧ ସାଉଁଟିଛନ୍ତି ସେ। ୧୯୯୮ ଜାନୁୟାରୀ ୨୪ରେ ବାରିପଦାରେ ଜନ୍ମିତ ସ୍ୱରାଜଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**

**ଧରିତ୍ରୀ ଆଳାପ**

**ପ୍ରଶ୍ନ– ଅଭିନୟ ସୁଯୋଗ କିପରି ମିଳିଥିଲା?**

ଉତ୍ତର– ପିଲାଟିବେଳୁ ଅଭିନୟର ଇଚ୍ଛା ଥିଲା। ୩ବର୍ଷ ବୟସରୁ ଡ୍ୟାନ୍ସ ଶିଖିବା ଆରମ୍ଭ କରିଥିଲି। ସେତେବେଳେ ବାରିପଦାରେ ବହୁତ ଷ୍ଟେଜ୍ ଶୋ' ହେଉଥିଲା। ସବୁଥିରେ ଅଂଶଗ୍ରହଣ କରେ ଆଉ ପ୍ରାୟତଃ ପ୍ରଥମ ପୁରସ୍କାର ଜିତେ। ସତକଥା ଡ୍ୟାନ୍ସର ଭାବେ ମୋର ପ୍ରଥମ ପରିଚୟ ସୃଷ୍ଟି ହୋଇଥିଲା। ମୋ ପିଉସା କୈଳାସ ଚନ୍ଦ୍ର ସେନାପତି ଜଣେ ମ୍ୟୁଜିସିଆନ୍ ଥିଲେ। ତାଙ୍କ ସହିତ ଅଜିତ୍ ଦାସଙ୍କ ଘରକୁ ଥରେ ବୁଲିବାକୁ ଯାଇଥିଲି। ସେଠାରେ ଅଜିତ୍ ସାର୍ ମୋତେ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ 'ସମ୍ପର୍କ'ରେ ଅଭିନୟ ଲାଗି ଅଫର୍ ଦେଇଥିଲେ। ସେତେବେଳକୁ ମୋର ବୟସ ୫ବର୍ଷ। ୨୦୦୬ରେ ଅନୁଷ୍ଠିତ ଡ୍ୟାନ୍ସ ରିଆଲିଟି ଶୋ 'ଅନ୍ୱେଷଣ'ରେ ଟପ୍ ୭ରେ ରହିଥିଲି। ଏହାକୁ ହର ପଟ୍ଟନାୟକ ଆୟୋଜନ କରିଥିଲେ। ଟପ୍ ୭ଜଣ ପିଲାଙ୍କୁ ଚଳଚ୍ଚିତ୍ର 'ପାଗଳପ୍ରେମୀ'ରେ ଅଭିନୟର ସୁଯୋଗ ମିଳିବ ବୋଲି ହରସାର୍ କହିଥିଲେ। ମାତ୍ର ଏହା ପୂର୍ବରୁ ତାଙ୍କ ସମ୍ପର୍କୀୟ ଚଣ୍ଡୀ ପରିଜା ମୋତେ 'ରକତେ ଲେଖିଛି ନାଁ'ରେ ଅଭିନୟର ସୁଯୋଗ ଦେଇଥିଲେ।

**ପ୍ରଶ୍ନ– କେଉଁ ଚରିତ୍ର ଆପଣଙ୍କ କ୍ୟାରିଅର୍‌ର ଟର୍ଣ୍ଣିଂ ପଏଣ୍ଟ?**

ଉତ୍ତର– 'ସମୟ ହାତରେ ଡୋରୀ' ସିନେମାରେ ଅଭି ଚରିତ୍ରରେ ମୋ ଅଭିନୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା। ଏଥିପାଇଁ ମୋତେ ରାଜ୍ୟ ପୁରସ୍କାର ବି ମିଳିଥିଲା। କହିବାକୁ ଗଲେ ଏହି ଚଳଚ୍ଚିତ୍ର ହିଁ ମୋର ପରିଚିତି ଦେଇଥିଲା। ଚଳଚ୍ଚିତ୍ର ପୂର୍ବରୁ ମଞ୍ଚରେ ଅଭିନୟ କରିଥିଲି। ଅନେକ ଡ୍ରାମାରେ ଅଭିନୟ କରି ଶ୍ରେଷ୍ଠ ଶିଶୁ କଳାକାର ଭାବେ ବି ପୁରସ୍କାର ପାଇଛି। ତେଣୁ କ୍ୟାମେରା ପ୍ରତି ମୋର ବେଶୀ ଡର ରହି ନ ଥିଲା ଆଉ ନିଜ ଚରିତ୍ରକୁ ଭଲଭାବେ ଉପସ୍ଥାପିତ କରିପାରୁଥିଲି।

**ପ୍ରଶ୍ନ– ନୃତ୍ୟରୁ ଶିକ୍ଷା ଆରମ୍ଭ ହୋଇଥିଲା। ତେବେ ନୃତ୍ୟକୁ କ୍ୟାରିୟର କଲେନି କାହିଁକି ?**

ଉତ୍ତର– ମୁଁ ଜଣେ ରାଜ୍ୟସ୍ତରୀୟ ନୃତ୍ୟଶିଳ୍ପୀ। ମଡର୍ଣ୍ଣ, କ୍ଲାସିକାଲ୍ ସମେତ ବିଭିନ୍ନ ନୃତ୍ୟ କରିପାରେ। ନୃତ୍ୟକୁ ଜମାରୁ ଛାଡିନାହିଁ। କାରଣ ନୃତ୍ୟରୁ ହିଁ ମୋର ଶିକ୍ଷା ଆରମ୍ଭ ହୋଇଥିଲା। ମୂଳ ଜିନିଷକୁ ଛାଡିଦେଲେ ଯାହା ସଫଳତା ପାଇଥିବେ ସେଇଟା ପାଖରେ ବେଶୀ ଦିନ ରହିବ ନାହିଁ। ଚଳଚ୍ଚିତ୍ରରେ ନୃତ୍ୟ ବି ଗୋଟିଏ ଅଂଶ। ଏଥିରେ ଅଭିନୟ ଓ ନୃତ୍ୟ ଦୁଇଟି ଯାକ ଇଚ୍ଛା ପୂରଣ ହୋଇ ପାରୁଛି। ତେଣୁ କେବଳ ନୃତ୍ୟକୁ ନେଇ କ୍ୟାରିୟର କରିବାକୁ ଭାବିନାହିଁ।

**ପ୍ରଶ୍ନ– ଆପଣଙ୍କୁ ବେଶୀ ଚଳଚ୍ଚିତ୍ରରେ ଦେଖିବାକୁ ମିଳିନି। କାରଣ?**

ଉତ୍ତର– ଗୋଟିଏ ଚଳଚ୍ଚିତ୍ର ସାରିବା ପରେ ହିଁ ଆଉ ଗୋଟିଏ ଆରମ୍ଭ କରେ। ଏହା ଭିତରେ ଅତି କମ୍‌ରେ ୬ମାସର ବ୍ୟବଧାନ ରହିଯାଏ। ତେଣୁ ବର୍ଷରେ ୨ଟିରୁ ଅଧିକ ଚଳଚ୍ଚିତ୍ର କରିପାରେନି। ଅଫର୍ ବହୁତ ମିଳେ। କିନ୍ତୁ ମୁଁ ଚୁଜି। ଚଳଚ୍ଚିତ୍ର ସାଇନ୍ କରିବା ପୂର୍ବରୁ ତା'ର ଷ୍ଟୋରୀ, ନିର୍ଦ୍ଦେଶକ, ପ୍ରଡକ୍ସନ ହାଉସ୍ ଏସବୁକୁ ମତେ ଦେଖିବାକୁ ପଡେ। ଯଦି ଗୋଟେ ବି ପାହାଚରୁ ଗୋଡ ଖସୁଛି ତାହାଲେ ପୁରା କ୍ୟାରିୟର ବେକାର ହୋଇଯିବାର ଆଶଙ୍କା ଅଛି।

**ପ୍ରଶ୍ନ– ଚଳଚ୍ଚିତ୍ର ଜଗତରେ ତିଷ୍ଠିବା ପାଇଁ ଜଣେ ବ୍ୟାକ୍ ସର୍ପୋଟ ବା ଗଡ୍‌ଫାଦର ରହିବା ଆବଶ୍ୟକ କି?**

ଉତ୍ତର– ନା, ସେପରି କିଛି ନାହିଁ। ଯଦି ଆପଣଙ୍କ ପାଖରେ ଦକ୍ଷତା ଅଛି ତେବେ ଏଠାରେ ତିଷ୍ଠି ପାରିବେ। କାମ ପାଇବାରେ କିଛି ଅସୁବିଧା ହେବନି। ମାତ୍ର ଏଥିପାଇଁ ବହୁତ କଷ୍ଟ କରିବାକୁ ପଡିବ। ଶିଶୁ କଳାକାର ଭାବେ ମୋତେ ବି ଢେର ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଶୁଟିଂ ପାଇଁ ସକାଳୁ ବାରିପଦାରୁ ଟ୍ରେନ୍‌ରେ ଭୁବନେଶ୍ୱର ଆସିବାକୁ ପଡେ। ସେଠାରେ ଶୁଟିଂ ସରିବା ପରେ ଘରକୁ ଫେରିବା ବେଳକୁ ରାତି ହୋଇଯାଏ। ବହୁତ କିଛି ଷ୍ଟ୍ରଗଲ କରିଛି।

**ପ୍ରଶ୍ନ– ଅଭିନୟ ପାଇଁ ପାଠ ପଢା କେବେ ପ୍ରଭାବିତ ହୋଇନି?**

ଉତ୍ତର– ପାଠ ପଢା କେବେ ପ୍ରଭାବିତ ହୋଇନି। ସ୍କୁଲରେ ମୋ ସ୍ଥାନ ସବୁବେଳେ ପ୍ରଥମ କିମ୍ବା ଦ୍ୱିତୀୟ ରହି ଆସିଛି। ପଞ୍ଚମ ଓ ସପ୍ତମ ଶ୍ରେଣୀରେ ବୃତ୍ତି ମଧ ପାଇଛି। ଏବେ କମ୍ପ୍ୟୁଟର ସାଇନ୍ସରେ ପିଜି ସରିଲା। ମତେ ଲାଗେ ଶୁଟିଂ ନ ଥିଲେ ମୋ ପଢାପଢି ପ୍ରଭାବିତ ହୁଏ। ଘରେ ଫାଙ୍କା ବସିଲେ ପରୀକ୍ଷାରେ କମ୍ ନମ୍ବର ରଖେ। ମୋ ମତରେ ଯଦି ଜଣେ ପିଲାଙ୍କୁ କିଛି ଗୋଟେ କାମ ଯାହାକି ପରେ ତାଙ୍କ ଜୀବନରେ ଲାଗି ପାରିବ ସେଥିରେ ବ୍ୟସ୍ତ ରଖାଯିବ ତେବେ ପିଲା ପାଠ ସହ ସେହି କାମରେ ଅଧିକ ରଚି ରଖିବେ।

**ପ୍ରଶ୍ନ– ଅଭିନେତା ନ ହୋଇଥିଲେ କ'ଣ କରିଥାନ୍ତେ?**

ଉତ୍ତର– ଅଭିନୟ ଛଡା ଆଉ କିଛି ଭାବିନି। ଯେହେତୁ ପିଲାବେଳୁ ଏଥିପାଇଁ ଆଗ୍ରହ ଥିଲା ତେଣୁ ଅନ୍ୟ କୌଣସି ଭାବନା ମନକୁ ଆସିନାହିଁ।

**ପ୍ରଶ୍ନ– ଫ୍ରି ଟାଇମ୍‌ରେ କ'ଣ କରିବାକୁ ଭଲଲାଗେ?**

ଉତ୍ତର– ଡ୍ରଇଁ, କ୍ରାଫ୍ଟ ୱର୍କ କରିବାକୁ ଭଲଲାଗେ। ଓଡ଼ିଆରେ ସ୍କ୍ରିପ୍ଟ ଲେଖାଲେଖି କରେ। କାହାଣୀ, କବିତା ଆଦିରେ ରଚି ରହିଛି।

**ପ୍ରଶ୍ନ– ଜୀବନର କିଛି ସ୍ମରଣୀୟ ଘଟଣା?**

ଉତ୍ତର– ମୁଁ ଯେବେ ପ୍ରଥମ ଥର ହିରୋ ଭାବେ ପରଦାକୁ ଆସିଲି, କେବେ ବି ଭାବି ନଥିଲି ଯେ ମୋ ଫିଲ୍ମ ଚାଲିବ। କାରଣ ହିରୋ ହେବା ପାଇଁ ଏକ ପରଫେକ୍ଟ ଫିଗର, ଲୁକ୍‌ସ, ହାଇଟ୍ ସବୁ ଦରକାର ଯାହାକି ସେତେବେଳେ ମୋର ନ ଥିଲା। ମୋତେ ସେତେବେଳକୁ ବୟସ ୧୮ବର୍ଷ ହୋଇଥିଲା। ବହୁତ ପତଳା ଥିଲି ଏବଂ ମୁହଁସାରା ବ୍ରଣ ଭର୍ତ୍ତି ହୋଇଥିଲା। ତେଣୁ ଏମିତି ଚେହେରାରେ ଦର୍ଶକେ ମୋତେ ଗ୍ରହଣ କରିବେ ବୋଲି ବିଶ୍ୱାସ ନ ଥିଲା। ୨୦୧୭ ଏପ୍ରିଲ ୭ରେ ପ୍ରଥମ ପ୍ରିମିୟର ଥିଲା। ସାରା ଓଡ଼ିଶାରେ ହାଉସ୍ ଫୁଲ୍। ପ୍ରଥମ କରି ସେଦିନ ବାପାଙ୍କ ଆଖିରେ ଖୁସିର ଲୁହ ଦେଖିଥିଲି।

**ପ୍ରଶ୍ନ– ଶର୍ଟ ଫିଲ୍ମ କରିବାକୁ କାହିଁକି ମନ ବଳାଇଲେ?**

ଉତ୍ତର– ୬ଷ୍ଠ ଶ୍ରେଣୀରେ ପଢିବା ସମୟରେ ମତେ ପ୍ରଥମ ମୋବାଇଲ ମିଳିଥିଲା। ସେଥିରେ ସାହି ପିଲାଙ୍କୁ ନେଇ ମୁଁ କିଛି ଶୁଟ୍ କରିଥିଲି। ଆଗରୁ ଲେଖାଲେଖି କରୁଥିଲି। ମାତ୍ର ଲକ୍‌ଡାଉନ୍ ସମୟରେ ସ୍କ୍ରିପ୍ଟ ଲେଖିବାକୁ ଢେର ସମୟ ମିଳିଲା। ନିଜର ପ୍ରଡକ୍ସନ ହାଉସରେ ପ୍ରଥମ ଶର୍ଟ ଫିଲ୍ମ 'ଫ୍ରସ୍୨' ପ୍ରସ୍ତୁତ କଲି। ଏହାପରେ 'ମଞ୍ଜୁନାଥ' ନିର୍ମିତ ହୋଇଛି। ଗୋଟିଏ ସିନେମାରେ ଯାହା ଯାହା ଦରକାର ସବୁ ସେଥିରେ ରହିଛି।

**ପ୍ରଶ୍ନ– ପ୍ରେମ କଲେଣି?**

ଉତ୍ତର– ଏବେ ମୁଁ କ୍ୟାରିୟରକୁ ନେଇ ବ୍ୟସ୍ତ ଅଛି। ପ୍ରେମ କିମ୍ବା ଜୀବନସାଥୀ କଥା ଭାବିନାହିଁ। ଯେବେ ଜୀବନକୁ ସେ ଆସିବେ ଘର ପକ୍ଷରୁ ସମସ୍ତଙ୍କୁ ଜଣାଇ ଦିଆଯିବ। ମୁଁ ବାଛିବି କି ଘରଲୋକ ବାଛିବେ ତାହା ସମୟ କହିବ। ମୋ ଭଳିଆ ଜଣେ ଦରକାର। ସିମ୍ପଲ୍ ହୋଇଥିବ ଓ ମୋ ପରିବାରର ଭଲଭାବେ ଯତ୍ନ ନେଇ ପାରୁଥିବ।

**ପ୍ରଶ୍ନ– କ'ଣ ଖାଇବାକୁ ଭଲଲାଗେ?**

ଉତ୍ତର– ମୁଁ ବହୁତ ଫୁଡି। ପକେଟରୁ ପଇସା ସରିଯିବ ପଛେ ମୁଁ ଖାଇବି। ସବୁକିଛି ମତେ ଭଲ ଲାଗେ। ବେଶୀକିଛି ବାଛବିଚାର କରେନି। ତେବେ ପଖାଳ ମୋର ବେଶୀ ପ୍ରିୟ। କିନ୍ତୁ ସୋସିଆଲ ମିଡିଆରେ କେବେବି ଖାଇବାର ଫଟୋ ପକାଏନି। ମତେ ଲାଗେ ଖାଇବା ଫଟୋ ପକେଇଲେ କାହା ନଜର ଲାଗିଯିବ ଆଉ ମୋ ପେଟ ଖରାପ ହୋଇଯିବ।

**ପ୍ରଶ୍ନ– ଫିଟ୍ ରହିବା ପାଇଁ କ'ଣ କରନ୍ତି?**

ଉତ୍ତର– ପ୍ରତିଦିନ ୨ଘଣ୍ଟା ଏକ୍ସରସାଇଜ କରେ। ୨ଘଣ୍ଟା ଡ୍ୟାନ୍ସ ଆଉ ଅଧଘଣ୍ଟା ସାଇକେଲିଂ ବି କରିଥାଏ।

## ସ୍ୱତନ୍ତ୍ର ସ୍କୁଲର ନବମ ଶ୍ରେଣୀ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ସ୍ୱତନ୍ତ୍ର ସ୍କୁଲରେ ନବମ ଶ୍ରେଣୀ ପାଠପଢ଼ା ଆରମ୍ଭ ହେବ। ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନ ବାଲେଶ୍ୱର, କଟକ, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର, ପୁରୀ, କନ୍ଧମାଳ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖି କୋଭିଡ୍ ନିୟମ ପାଳନ କରି ସ୍ୱତନ୍ତ୍ର ସ୍କୁଲ୍‌ର ନବମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଓ ହଷ୍ଟେଲ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ ଡିଷ୍ଟ୍ରିକ୍ଟ ସୋସିଆଲ ସିକ୍ୟୁରିଟି ଅଫିସର(ଡିଏସ୍‌ଏସ୍‌ଓ) ନିଜେ ସ୍କୁଲ ଓ ହଷ୍ଟେଲ ତଦାରଖ କରିବେ। ପରବର୍ତ୍ତୀ ସମୟରେ ମଧ ପର୍ଯ୍ୟାୟକ୍ରମେ ସ୍କୁଲ ପରିଦର୍ଶନ କରିବେ। ପିଲାଙ୍କ ଉପସ୍ଥିତି ଓ ସାମାଜିକ ଦୂରତା ବଜାୟ ରଖାଯାଉଛି କି ନାହିଁ ସେ ସମ୍ପର୍କରେ ମାସକୁ ମାସ ରିପୋର୍ଟ ଦେବାକୁ ଉକ୍ତ ଚିଠିରେ ନିର୍ଦ୍ଦେଶ ରହିଛି।

## ଅନ୍‌ଲାଇନରେ ଲ' ପରୀକ୍ଷା

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ଶେଷରେ ଆଇନ ଛାତ୍ରୀଛାତ୍ରଙ୍କ ଦାବିକୁ ମାନିନେଇଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ୍‌ରେ ଲ' ପରୀକ୍ଷା କରିବାକୁ ସହମତି ପ୍ରକାଶ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଆଇନ ମହାବିଦ୍ୟାଳୟରେ ଅନ୍‌ଲାଇନ୍‌ରେ ପରୀକ୍ଷା ହେବ ବୋଲି ବୁଧବାର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୬ ମାସରେ ୪ଟି ସେମିଷ୍ଟର ପରୀକ୍ଷା ଅଫଲାଇନ୍‌ରେ କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେଇଥିଲା। ଏହା ନିଷ୍ପତ୍ତି ବିରୋଧରେ ସୋମବାର ଆଇନ ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇଥିଲେ। ବିଶ୍ୱବିଦ୍ୟାଳୟ ଅଧୀନରେ ଆସୁଥିବା ୟୁନିଭର୍ସିଟି ଲ' କଲେଜ, କ୍ୟାପିଟାଲ ଲ' କଲେଜ, ଏମ୍‌ଏସ୍ ଲ' କଲେଜ ଏବଂ ଦି ଲ' କଲେଜ ଛାତ୍ରୀଛାତ୍ରମାନେ ବାଣୀବିହାର ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍ ମୋଡ୍‌ରେ କରିବା ପାଇଁ କୁଳପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରା ନ ଗଲେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି ଆଇନ ଛାତ୍ରୀଛାତ୍ର ଚେତାବନୀ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆସନ୍ତା ୨୫ ତାରିଖରେ ବସିବାକୁ ଥିବା କମିଟିରେ ନିଷ୍ପତ୍ତି ନିଆଯିବ ବୋଲି ସେହିଦିନ ପରୀକ୍ଷା ନିୟନ୍ତ୍ରକ କହିଥିଲେ।

## ହାତୀ ଉପଦ୍ରବ, ଧାନ ଫସଲ ନଷ୍ଟ

ବାଙ୍କୀ,୨୫।୮(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗପୁର ଅଞ୍ଚଳରେ ବୁଧବାର ଭୋର ସମୟରେ ହାତୀପଲ ଧାନ ବିଲରେ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଏଥିରେ ଭଗିପୁର ଗ୍ରାମର ବିକଳ ସାହୁ, ହୃଦାନନ୍ଦ ସାହୁ, ବିମ୍ବାଧର ସାହୁଙ୍କ ସମେତ ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ହାତୀପଲ୍ଲଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ କୌଣସି ସହଯୋଗ କରାଯାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

**ODISHA SPACE APPLICATIONS CENTRE (ORSAC)**
**Department of Science & Technology, Government of Odisha**
**ADVERTISEMENT FOR WALK-IN-INTERVIEW**
**Advt. No-12/2021**

**No. CAD-993:-** Applications in the prescribed format are invited from eligible and desirous candidates for temporary engagement under selected manpower provider of ORSAC for the following positions:

1. Software Engineer – Java, Python, PHP, iOS & Android
2. Database Developer under Linux Platform
3. UI/UX – Designer / Developer
4. Business Analyst
5. Server & Network Co-Admin & Capacity Planner

**Number of Temporary Posts** : To be decided by ORSAC
**Maximum Age limit** : 35 Years
**Consolidated Pay** : Rs. 20, 000.00 – Rs 55, 000.00

Candidates are to send in their updated resume, scanned recent passport photo alongwith scanned copies of their educational certificates and experience certificates to **orsac2012@gmail.com**, **orsacgeoict@gmail.com** by **5:30 PM of 3rd September 2021**. No TA/DA will be paid to the candidates for attending the interview. For more information, please refer the detailed advertisement and Application Format which can be downloaded from https://www.orsac.gov.in

OIPR-28007/11/0006/2122 **Sd./- CHIEF EXECUTIVE**





ନିର୍ମାଣ ଶ୍ରମିକଙ୍କୁ କୋଭିଡ୍ ସହାୟତା ରାଶି ତୁରନ୍ତ ପ୍ରଦାନ, କଲ୍ୟାଣ ବୋର୍ଡର ଆବଶ୍ୟକ ଭିତ୍ତିଭୂମି ଗଠନ ସହ ବିଭିନ୍ନ ଦାବି ନେଇ ରାଜ୍ୟ ନିର୍ମାଣ ଶ୍ରମିକ ୟୁନିଅନ ସମନ୍ୱୟ କମିଟି ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ଶୋଭାଯାତ୍ରା ଶ୍ରମ କମିଶନଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଶ୍ରୀକାନ୍ତଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର

**ଖରସ୍ରୋତା ନଦୀଜଳ ବିବାଦ**

**କେନ୍ଦ୍ରାପଡ଼ା ଅଫିସ, ୨୫।୮:** ଭିତରକନିକା ଜୈବ ବିବିଧତାର ସୁରକ୍ଷା ପାଇଁ ଖରସ୍ରୋତା ନଦୀରୁ ପାଣି ଉଠାକୁ ବିରୋଧ କରି ପରିବେଶବିତ୍ ଶ୍ରୀକାନ୍ତ ନାୟକ ଗତ ୧୦ ତାରିଖଠାରୁ ଅନଶନରତ ଥିଲେ। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଶ୍ରୀକାନ୍ତ ଗୁରୁତର ଥିବା ଦର୍ଶାଇ ବୁଧବାର ରାତି ସାଢେ ୯ଟାରେ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଶ୍ରୀକାନ୍ତ କହିଛନ୍ତି, ସମ୍ଭାବନା ଅନୁଷ୍ଠାନ ଭିତରକନିକା ସେନ୍ସିଟିଭ ଜୋନ ମନିଟରିଂ କମିଟିର ସେ ସଦସ୍ୟ। ରାଜକନିକା ବ୍ଲକ ଖରସ୍ରୋତା ନଦୀରୁ ପାଣି ଉଠାଯିବାକୁ ନେଇ ୨୦୨୦ ଡିସେମ୍ବରରେ ଦୁଇଟି ବୈଠକ ବସିଥିଲା। ଏଥିରେ ସଭ୍ୟମାନଙ୍କର କୌଣସି ସମ୍ମତି ନ ଥିଲେ ମଧ ଚଞ୍ଚକତା କରି ଭଦ୍ରକର ମେଗା ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହାର ପ୍ରତିବାଦରେ ଅନଶନରେ ବସିଥିଲେ ବୋଲି ସେ କହିଛନ୍ତି।

# ଜାମିନ ବେଳେ ଅପରାଧର ଗମ୍ଭୀରତା ବିଚାରଯୋଗ୍ୟ

**ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ବେଳେ ଅଦାଲତ କିପରି ଭାବେ ନିଜ ଇଚ୍ଛାଧୀନ କ୍ଷମତା ଉପଯୋଗ କରିବେ ସୁପ୍ରିମକୋର୍ଟ ତା'ର ସିଦ୍ଧାନ୍ତଗୁଡ଼ିକର ଅବତାରଣା ସଂକ୍ଷେପରେ କରିଛନ୍ତି। ଜାମିନ ଦେବା ସମୟରେ ଅପରାଧର ଗମ୍ଭୀରତାକୁ ମଧ ଏକ ଦିଗ ରୂପେ ବିବେଚନା କରାଯିବା ଆବଶ୍ୟକ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି।**

ନୂଆଦିଲ୍ଲୀ,୨୫।୮

ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟରୁ ମିଳିଥିବା ଜାମିନକୁ ଖାରଜ କରିଦେଇଛନ୍ତି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତିଙ୍କ ପୁଅ ହରଜିତ୍ ସିଂ ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ନିଜ ପିଟିଶନରେ ହରଜିତ୍ ଦର୍ଶାଇଥିଲେ ଯେ, ଅପରାଧର ଗମ୍ଭୀରତାକୁ ହାଇକୋର୍ଟ ଆଦୌ ବିଚାରକୁ ନେଇନାହାନ୍ତି। ଅଭିଯୁକ୍ତ ଜେଲ୍‌ରେ ଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ। ସେ ଏହି ଅପରାଧର ମାଷ୍ଟରମାଇଣ୍ଡ ବୋଲି ଏଫ୍‌ଆଇଆର୍‌ରେ ମଧ ଉଲ୍ଲେଖ ରହିଛି, ଯାହାକୁ ହାଇକୋର୍ଟ ଜାମିନ ପ୍ରଦାନ ବେଳେ ଅଣଦେଖା କରିଛନ୍ତି।

ଖଣ୍ଡପୀଠ ଉକ୍ତ ଅପିଲକୁ ଗ୍ରହଣ କରି କେତୋଟି ପୂର୍ବ ରାୟର ଅବତାରଣା କରିଥିଲେ। ଜାମିନ ଦେବାବେଳେ ଉପର କୋର୍ଟର କର୍ତ୍ତବ୍ୟ କ'ଣ ହେବା ଉଚିତ ଏବଂ ଅଦାଲତ କିପରି ଭାବେ ନିଜ ଇଚ୍ଛାଧୀନ କ୍ଷମତାର ଉପଯୋଗ କରିବେ ତାହା ସ୍ପଷ୍ଟ କରିଥିଲେ। ଖଣ୍ଡପୀଠ କହିଥିଲେ, ଜାମିନ ଦେବାକୁ ମନା କରିବା ସ୍ୱାଧୀନତାରୁ ବଞ୍ଚିତ ଲାଗି ଦଣ୍ଡ ପ୍ରଦାନ ଉଦ୍ଦେଶ୍ୟରେ ନୁହେଁ, ବରଂ ନ୍ୟାୟର ଉଭୟ ପକ୍ଷ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ସିଦ୍ଧାନ୍ତ କରାଯାଇଛି। ଅଭିଯୋଗର ପ୍ରକାରଭେଦ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ। ଏଠାରେ ପ୍ରମାଣର ପ୍ରକାର ମଧ ଯଥାର୍ଥ। ତେବେ ଅଭିଯୁକ୍ତ ଜଣକ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତାଙ୍କୁ କେତେ ପରିମାଣର ଦଣ୍ଡ ଦିଆଯିବା କଥା ତାହା ମଧ ଦେଖାଯିବା ଉଚିତ। ଏଠି ଆଉ



ଏକ ପ୍ରାସଙ୍ଗିକ ବିଷୟ ହେଉଛି, ନ୍ୟାୟିକ ପ୍ରକ୍ରିୟା ଚାଲିଥିବାବେଳେ ଅଭିଯୁକ୍ତ ଏଥିରେ ବାଧା ସୃଷ୍ଟି କରିବେ କି, ଯିଏକି ଅଦାଲତଙ୍କ ଦୟା କ୍ଷେତ୍ରାଧିକାରକୁ ନେଇ ସାମୟିକ ମୁକ୍ତି ଚାହୁଁଛନ୍ତି। ଜାମିନ ଆବେଦନକାରୀ ଅଭିଯୋଜନକାରୀଙ୍କ ସାକ୍ଷୀମାନଙ୍କୁ ପ୍ରଭାବିତ ବା ନ୍ୟାୟିକ ପ୍ରକ୍ରିୟାକୁ ପ୍ରଦୂଷିତ କରିବେ କି ତାହା ମଧ ବିଚାରଯୋଗ୍ୟ। ସେହିପରି ଅଭିଯୁକ୍ତଙ୍କ ଆପରାଧିକ ପୃଷ୍ଠଭୂମି (ଯଦି ଥାଏ) ସମ୍ପର୍କରେ ମଧ ତଦନ୍ତ କରାଯିବା ଆବଶ୍ୟକ। ବିଶେଷକରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଜାମିନ ଦିଆଗଲେ ସେ ଜେଲରୁ ମୁକୁଳି ସଙ୍ଗିନ ଅପରାଧ ଘଟାଇବା ଆଶଙ୍କା ସମ୍ପର୍କିତ ରେକର୍ଡକୁ ମଧ ଦେଖାଯିବା ଉଚିତ ବୋଲି ୧୯୭୮ରେ ଗୁଡ଼ିକାନ୍ତି ନରସିଂହୁଲୁ ବନାମ ଆନ୍ଧ୍ର ପ୍ରଦେଶ ହାଇକୋର୍ଟ ସରକାରୀ ଓକିଲଙ୍କ ମାମଲାରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ।

ମୁକ୍ତ ଜୀବନ ଜିଇଁବା ପାଇଁ ସ୍ୱାଧୀନତା ଅତ୍ୟନ୍ତ ମୂଲ୍ୟବାନ ହୋଇଥିଲେ ହେଁ ଏହାର ବି ସୀମା ଅଛି। ସମାଜର କୌଣସି ତତ୍ତ୍ୱ ଏପରି କାର୍ଯ୍ୟ କରିପାରିବେ ନାହିଁ, ଯାହାର ପରିଣାମ ଅନ୍ୟମାନଙ୍କ ଜୀବନ କିମ୍ବା ସ୍ୱାଧୀନତାକୁ ବିପଦରେ ପକାଇବ। ୨୦୧୨ରେ ଅଶ୍ ମହମ୍ମଦ ବନାମ ଶିବରାଜ ସିଂଙ୍କ ମାମଲାର ରାୟରେ ଏହି ବିଷୟ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟ ଜାମିନ ଦେବାବେଳେ ଆଉ କେତେକ ଦିଗ ପ୍ରତି ମଧ ଧ୍ୟାନ ଦେବା ଆବଶ୍ୟକ। ଯେପରି କି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ କେତେ ଦଣ୍ଡ ପାଇପାରନ୍ତି, ସାକ୍ଷୀମାନଙ୍କୁ ଧମକ ଦେବା ଆଶଙ୍କା ଏବଂ ତାଙ୍କ ବିରୋଧରେ ଥିବା ଅଭିଯୋଗକୁ ନେଇ ଅଦାଲତ କ'ଣ ହୃଦ୍‌ବୋଧ କରୁଛନ୍ତି। ମହାରାଷ୍ଟ୍ର ସରକାର ବନାମ ସୀତାରାମ ପୋପଟ ବେତାଲ ମାମଲାର ରାୟ (୨୦୦୪)ରେ ସୁପ୍ରିମକୋର୍ଟ ଏହା କହିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ଭାବେ ଅଭିଯୁକ୍ତଙ୍କୁ ଜାମିନ ଦେବା ବା ମନା କରିବା ନେଇ ହାଇକୋର୍ଟ ରାୟରେ ହସ୍ତକ୍ଷେପ କରି ନ ଥାଆନ୍ତି। ତେବେ ଯେଉଁଠି ହାଇକୋର୍ଟ ସବୁକଥା ବିଚାରକୁ ନ ନେଇ କିମ୍ବା ସର୍ବୋଚ୍ଚ ଅଦାଲତଙ୍କ ରାୟର ଅନୁପାଳନ ନ କରି ନିଜ ଇଚ୍ଛାଧୀନ କ୍ଷମତା ବ୍ୟବହାର କରିଥିବେ, ସେହି କ୍ଷେତ୍ରରେ ଅଭିଯୁକ୍ତଙ୍କ ଜାମିନକୁ ରଦ୍ଦ କରାଯାଇପାରେ।

**DISTRICT MINERAL FOUNDATION, KEONJHAR**
**(2nd Floor, DRDA Building, Keonjhar, Odisha - 758001)**
**E-mail: dmfkeonjhar@gmail.com**
**No. 1491/DMF** **Date: 25.08.2021**

**QUOTATION CALL NOTICE FOR FINANCIAL AUDIT OF ACCOUNTS OF THE DISTRICT MINERAL FOUNDATION, KEONJHAR FOR THE FY 2020-21**

Collector & Chairman-cum-Managing Trustee, District Mineral Foundation, Keonjhar invites quotation from C & AG empanelled list (Last updated) partnership Chartered Accountants firms for conduct of Statutory Audit of Accounts of District Mineral Foundation, Keonjhar for the financial year 2020-21. The Engagement of Chartered Accountants Firm will be through a Quotation Call Notice. The firm who qualify the technical specification will go for the financial part. Quotation with all documents can be submitted by interested firm in Speed Post/Registered Post only to Chief Executive Officer, DMF, Keonjhar, PIN - 758001. The firm should submit their technical specification and financial part in two separate envelopes and both the envelopes are to be packed inside one single sealed envelope. The outer sealed envelope is to be superscripted with "QUOTATION CALL NOTICE FOR FINANCIAL AUDIT OF ACCOUNTS OF THE DISTRICT MINERAL FOUNDATION, KEONJHAR FOR THE FY 2020-21".

The detail term and condition along with bid documents will be available in Keonjhar District website i.e. **http://kendujhar.nic.in/**.

- Opening date of quotation: 09.09.2021
- Last date of receipt/submission of quotation: 08.09.2021 upto 5.00 P.M.
- Opening of quotation: 09.09.2021 at 11.00 A.M. O/o. Chief Executive Officer, District Mineral Foundation, Keonjhar in presence of quotationers.
- The Technical & Financial Part can be downloaded from **http://kendujhar.nic.in/webportal**, the quotationer must submit a DD of Rs.500/- along with the quotation drawn in favour of Chief Executive Officer, District Mineral Foundation, Keonjhjhar payable at Keonjhar towards the cost of participation in the Q.C.N.
- Without the DD the quotation will be liable for rejection.
- The authority reserves the right to reject any or all the bids without assigning any reason thereof.

**Sd./- Collector & Chairperson**
**D.M.F., Keonjhar**

ଏପରି ଏକ ଦିନ ଆସିବ-ଯେତେବେଳେ କି ଏ ପୃଥିବୀର ସବୁ ଧନସଂପଦ ଭଗବତ୍ ବିରୋଧୀମାନଙ୍କ ଅଧିକାରରୁ ମୁକ୍ତ ହେବ। ଏବଂ ଭଗବାନଙ୍କ କାର୍ଯ୍ୟ ଏ ପୃଥିବୀରେ ଚାଲିବା ପାଇଁ ସେଗୁଡିକ ସ୍ୱଚ୍ଛନ୍ଦରେ ବ୍ୟୟିତ ହେବେ। -ଶ୍ରୀମା

# କ୍ଷୁଧାମୁକ୍ତ ବିଶ୍ୱ ପ୍ରୟାସ



ଗ୍ଲୋରିଆ ଅବ୍ରାହମ୍ ପରାଲ୍ଟା

ଏକ ଅନୁକୂଳ, ନିଷ୍ପକ୍ଷ ତଥା ଅଧିକ ସ୍ଥାୟୀ କୃଷି ବାଣିଜ୍ୟ ବ୍ୟବସ୍ଥାକୁ ଫେରିବା ପାଇଁ ଆମକୁ ଉତ୍ତମ ବୈଶ୍ୱିକ ନୀତିନିୟମ ତଥା ନେତୃତ୍ୱ ସାହାଯ୍ୟ କରିବ । ଏହା ମଧ୍ୟ କ୍ଷୁଧା ଏବଂ ଅପପୁଷ୍ଟି ନିୟନ୍ତ୍ରଣ କରିବାରେ ଆମର ଏବକାର ପ୍ରୟାସରେ ଉପୁଜୁଥିବା ବାଧାକୁ ଦୂରେଇଦେବ। ତେବେ ଏହି ନୀତି ଉପରେ ଚଳିତବର୍ଷ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀଗୁଡ଼ିକରେ ବିଭିନ୍ନ ଦେଶର ସରକାର ହିଁ ନିଶ୍ଚିତ କରିପାରିବେ। ଆସନ୍ତା ସେପ୍ଟେମ୍ବରରେ ୟୁନାଇଟେଡ ନେସନ୍ସ ଫୁଡ୍ ସିଷ୍ଟମ୍ ସମିଟ୍ ଓ ନଭେମ୍ବରର ୟୁଏନ୍ କ୍ଲାଇମେଟ କନ୍‌ଫରେନ୍ସ (କୋପ୍‌୨୬) ଏବଂ ପରେ ସେହି ମାସରେ ୱାର୍ଲ୍ଡ ଟ୍ରେଡ୍ ଅର୍ଗାନାଇଜେଶନ ବା ବିଶ୍ୱ ବାଣିଜ୍ୟ ସଂଗଠନର ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହିସବୁ ସମ୍ମିଳନୀ ନୀତି ନିର୍ଦ୍ଧାରକମାନଙ୍କୁ ବିଭିନ୍ନ ନୀତି ପ୍ରସ୍ତୁତ କରିବା ଲାଗି ପର୍ଯ୍ୟାପ୍ତ ସୁଯୋଗ ଦେବ। କୋଭିଡ୍-୧୯ ମହାମାରୀ, ତଳମୁହାଁ ଅର୍ଥନୀତି, ଜଳବାୟୁ ପରିବର୍ତ୍ତନ ଏବଂ ଯୁଦ୍ଧ ଭଳି ପରିସ୍ଥିତି ଯୋଗୁ ବିଶ୍ୱରେ କ୍ଷୁଧା ଓ ଅପପୁଷ୍ଟି ବୃଦ୍ଧି ପାଇଛି। ନିକଟରେ ପ୍ରକାଶ ପାଇଥିବା ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ଆନ୍ତଃ ସରକାରୀ କମିଟି ରିପୋର୍ଟରେ ଆମେ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକୁ ନେଇ ଅନେକ ସତର୍କତା ଜାରି କରାଯାଇଛି। ଏଗୁଡ଼ିକୁ ସମାଧାନ କରିବାକୁ ବିଭିନ୍ନ ଦେଶ କାହିଁକି ତତ୍କାଳିକ ଦୃଢ଼ ପଦକ୍ଷେପ ନେବା ସମ୍ପର୍କରେ ମଧ୍ୟ ଦର୍ଶାଇଛି। ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ଏବକାର ଖାଦ୍ୟ ଓ କୃଷି ବଜାର ଉପରେ ଅତ୍ୟଧିକ ଚାପ ରହିଛି। ଏହି ସ୍ଥିତିରେ ପରିବର୍ତ୍ତନ ଆଣି ଖାଦ୍ୟ ଓ କୃଷି ବଜାର ଉପରୁ ବୋଝ କମାଇ ତାହାକୁ ସୁଧାରିବା ପାଇଁ ବିଭିନ୍ନ ଦେଶର ସରକାରଗୁଡ଼ିକ ଧ୍ୟାନ ଦେବା ଉଚିତ। ଏହି ବଜାରଗୁଡ଼ିକ କିଭଳି ଭଲ ଭାବେ କାର୍ଯ୍ୟ କରିବ, ସେଥିପାଇଁ ଯଦି ନୀତିନିର୍ଦ୍ଧାରକମାନେ ଚେଷ୍ଟା କରିବେ, ତେବେ କ୍ଷତି ସହୁଥିବା ଉତ୍ପାଦକ ଏବଂ ଉପଭୋକ୍ତା ମାନେ ଏହାଦ୍ୱାରା ପର୍ଯ୍ୟାପ୍ତ ଲାଭ ପାଇପାରିବେ ବୋଲି ରିପୋର୍ଟରେ କୁହାଯାଇଛି।

ସ୍ପଷ୍ଟଭାବେ କୁହାଯାଇପାରେ ଯେ, କ୍ଷୁଧା ଦୂର କରିବାକୁ ହେଲେ ଖାଦ୍ୟ ଓ କୃଷି କ୍ଷେତ୍ରରେ ପ୍ରଚଳିତ ବାଣିଜ୍ୟିକ ବ୍ୟବସ୍ଥା ଏକମାତ୍ର ବିକଳ୍ପ ନୁହେଁ। ନିକଟରେ ଜାତିସଂଘର ଏଜେନ୍ସିଗୁଡ଼ିକ ଦ୍ୱାରା କରାଯାଇଥିବା ଆକଳନ ଅନୁଯାୟୀ, ୨୦୨୦ରେ ବିଶ୍ୱରେ ୭୨୦ ମିଲିୟନରୁ ୮୧୧ ମିଲିୟନ ଭୋକିଲା ରହିଛନ୍ତି। ତେବେ ମଧ୍ୟମ କିମ୍ବା ଗମ୍ଭୀର ଖାଦ୍ୟ ଅଭାବ ଗତ ୬ ବର୍ଷ ହେବ ଧୀରେ ଧୀରେ ବଢ଼ିଛି , ଫଳରେ ଏବେ ବିଶ୍ୱରେ ପ୍ରତି ୩ ଜଣରେ ଜଣେ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଯଦି ଚଳିତ ଦଶନ୍ଧି ଶେଷସୁଦ୍ଧା କ୍ଷୁଧା ଓ ଅପପୁଷ୍ଟି ଦୂର କରିବାରେ ଆମେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା, ତେବେ ଏହି ପରିସ୍ଥିତିକୁ ନିଶ୍ଚିତ ଭାବେ ପରିବର୍ତ୍ତନ କରିବାକୁ ସକ୍ଷମ ହୋଇପାରିବା। ୨୦୫୦ ସୁଦ୍ଧା ପୃଥିବୀର ଜନସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୧୦ ବିଲିୟନରେ ପହଞ୍ଚିବାର ସମ୍ଭାବନା ରହିଛି। ଏହା ଖାଦ୍ୟାଭାବର ଆଉ ଏକ କାରଣ ହେବ। ଏଣୁ କୃଷି ବାଣିଜ୍ୟ ଓ ବଜାର ସମ୍ପର୍କରେ ଉତ୍ତମ ନୀତି ବା ବ୍ୟବସ୍ଥା ଗ୍ରହଣ କରାଗଲେ ତାହା ଖାଦ୍ୟ ସୁରକ୍ଷା ବୃଦ୍ଧି କରିବା ସହ ସ୍ଥାୟୀଭାବେ କୃଷି ଉତ୍ପାଦନ ବୃଦ୍ଧି କରିବାରେ ସହାୟକ ହୋଇପାରିବ। ଏବେ ବିଶ୍ୱର ହାରାହାରି ତାପମାତ୍ରାରେ ପରିବର୍ତ୍ତନ ଯୋଗୁ ଲଗାତର ମରୁଡ଼ି, ବନ୍ୟା ଓ ଝଡ଼ ଭଳି ଭୟଙ୍କର ବିପର୍ଯ୍ୟୟ ତୀବ୍ର ହେବାରେ ଲାଗିଛି। ଏହି ପରିସ୍ଥିତିରେ ଉତ୍ତମ କୃଷି ବଜାର କାର୍ଯ୍ୟକଲେ ତାହା ଖାଦ୍ୟ ବ୍ୟବସ୍ଥାକୁ ସହାୟକ ହେବ ଓ ଏହାକୁ ମଧ୍ୟ ମଜଭୁତ କରିବ। ବିଶ୍ୱରେ କ୍ଷୁଧା ଓ ଅପପୁଷ୍ଟି ବଢ଼ିଚାଲିଛି। ତେବେ କ୍ଷୁଧାମୁକ୍ତ ପୃଥିବୀ ଗଢ଼ିବାକୁ ହେଲେ ଆମକୁ ଗତ ୨୫ ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ସେହି ସମୟରେ କୋଟି କୋଟି ଲୋକ ଦାରିଦ୍ର୍ୟ ଓ ଖାଦ୍ୟାଭାବରୁ ମୁକ୍ତ ହୋଇଛନ୍ତି। ଲୋକଙ୍କର ହାରାହାରି ଆୟ ବୃଦ୍ଧି ପାଇଛି ଓ ବଜାରଗୁଡ଼ିକ ଅଧିକ ସମନ୍ୱିତ ହୋଇଛି। ସେଥିରୁ କିଛି ଶିଖି ଆମକୁ ଭବିଷ୍ୟତ ପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ।

ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଅନୁଯାୟୀ ବାସ୍ତବରେ ୧୯୯୫ଠାରୁ ଖାଦ୍ୟ ଓ କୃଷି କ୍ଷେତ୍ରରେ ବାଣିଜ୍ୟିକ କାରବାର ଦୁଇଗୁଣରୁ ଅଧିକ ହୋଇଛି। ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ ସହଭାଗୀ ବାଣିଜ୍ୟ ମଧ୍ୟ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ସାମ୍ପ୍ରତିକ ସମୟରେ ଖାଦ୍ୟ ଏବଂ କୃଷି ବଜାରରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ନୂତନ ଡିଜିଟାଲ ଟେକ୍ନୋଲୋଜିର ଯୋଗଦାନ ରହିଛି। ଏହା ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ହେଉଛି ଏବଂ ସାମଗ୍ରୀ ଓ ସେବା କ୍ଷେତ୍ରରେ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ବାଣିଜ୍ୟିକ କାରବାର ସହଜ ହୋଇଛି। ଏହାସହ ଦେଶଗୁଡ଼ିକ ମଧ୍ୟରେ ଏହାକୁ ନେଇ ବୁଝାମଣା ହେବାବେଳେ ଏମାନଙ୍କ ମଧ୍ୟରେ ଅନେକ ଦ୍ୱିପାକ୍ଷିକ ଓ ଆଞ୍ଚଳିକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର ହୋଇଛି। ଉଭୟ ପଡ଼ୋଶୀ ତଥା ଦୂରରେ ଥିବା ଦେଶଗୁଡ଼ିକ ସହ ବଜାର ଉପଲବ୍ଧତାରେ ଉନ୍ନତି ଏବଂ ସେମାନଙ୍କ ସହ ବାଣିଜ୍ୟିକ ସମ୍ପର୍କ ଦୃଢ଼ କରିବାକୁ ଚାହିଁବାରୁ ଏହା ଘଟିଛି। କିନ୍ତୁ, ଖାଦ୍ୟ ଓ କୃଷି ଲାଗି ବୈଶ୍ୱିକ ନୀତିନିୟମ ବା ବ୍ୟବସ୍ଥାରେ ନବୀକରଣ କରିବା ପାଇଁ ଜାରି ରହିଥିବା ଉଦ୍ୟମରେ ଶିଥିଳତା ଲକ୍ଷ୍ୟ କରାଯାଇଛି। କୃଷି ବାଣିଜ୍ୟ ସବ୍‌ସିଡି ଦୂର କରିବା ଲାଗି ୨୦୧୫ରେ ନାଇରୋବୀରେ ଅନୁଷ୍ଠିତ ସମ୍ମିଳନୀରେ ବାଣିଜ୍ୟ ମନ୍ତ୍ରୀମାନେ ଏକ ଚୁକ୍ତି କରିଥିଲେ। ଏହା ଦ୍ୱାରା ସ୍ଥାୟୀ ବିକାଶ ଲକ୍ଷ୍ୟର ଏକ ପ୍ରତିବଦ୍ଧତା ପୂରଣ ହୋଇପାରିଛି । ଦୁଇବର୍ଷ ପୂର୍ବେ ବ୍ୟାପକ ବାଣିଜ୍ୟିକ ପ୍ୟାକେଜକୁ ନେଇ ବିଶ୍ୱ ବାଣିଜ୍ୟ ସଂଗଠନ ତତ୍ତ୍ୱାବଧାନରେ ଖାଦ୍ୟ ଏବଂ କୃଷି କ୍ଷେତ୍ରରେ ଥିବା ଅନ୍ୟ ସମସ୍ୟାଗୁଡ଼ିକୁ ନେଇ ଏମାନେ ସହମତିରେ ପହଞ୍ଚିଛନ୍ତି। କିନ୍ତୁ ଖାଦ୍ୟ ଓ କୃଷି ବଜାରରେ ଲାଗି ରହିଥିବା ଦୀର୍ଘଦିନର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଆଉ ଅଧିକ କିଛି କରିବା ଦରକାର। ଏହା ସହ ନିର୍ଦ୍ଧାରିତ ବୈଶ୍ୱିକ ନୀତିନିୟମ ଓ ବ୍ୟବସ୍ଥା ଆଗାମୀ ଦିନ ପାଇଁ ଉପଯୁକ୍ତ ବୋଲି ନିଶ୍ଚିତ କରିବାକୁ ହେବ।

ବିଶ୍ୱ ବାଣିଜ୍ୟ ସଂଗଠନର ମନ୍ତ୍ରୀସ୍ତରୀୟ ସମ୍ମିଳନୀ ପୂର୍ବରୁ ମୁଁ ମଧ୍ୟସ୍ଥିମାନଙ୍କ ସହ ୭ଟି କୃଷି ବାଣିଜ୍ୟ ସମ୍ପର୍କିତ ବିଷୟ ଉପରେ ଆଲୋଚନା କରୁଛି। ଏହି ଆଲୋଚନା କପା ଭଳି କୃଷିଜାତ ଦ୍ରବ୍ୟ ପାଇଁ ସବ୍‌ସିଡି, ଖାଦ୍ୟ ରପ୍ତାନି ସମ୍ପର୍କିତ କଟକଣା ଏବଂ କୃଷକଙ୍କ ପାଇଁ କୃଷିବଜାର ଉପଲବ୍ଧତାରେ ଉନ୍ନତି ଆଣିବାରେ ରହିଥିବା ବାଧା ଉପରେ ପର୍ଯ୍ୟବସିତ। ସରକାରୀ ଗୋଦାମଗୁଡ଼ିକ ପାଇଁ ଖାଦ୍ୟଶସ୍ୟ କିଣା ପ୍ରକ୍ରିୟାର ସଞ୍ଚାଳନ କରିବା, କୃଷିଜାତ ଦ୍ରବ୍ୟଗୁଡ଼ିକର ସୁରକ୍ଷା ଏବଂ ରପ୍ତାନି ସବ୍‌ସିଡି ନିୟମଗୁଡ଼ିକ ସମ୍ପର୍କରେ ଆଲୋଚନା କରୁଛି। ସହଜରେ ଅଧିକ ସୂଚନା ମିଳିବାର ବ୍ୟବସ୍ଥା କରି ସବୁ କ୍ଷେତ୍ରରେ ବିନା ବାଧାରେ ସହଜରେ ଉନ୍ନତି ଆଣିବା ସହ ସ୍ୱଚ୍ଛତା ବଜାୟ ରଖିବା ଅନେକ ଦେଶ ପାଇଁ ଅତ୍ୟନ୍ତ ଜଟିଳ। ତେବେ ମନ୍ତ୍ରୀମାନେ ବିଶ୍ୱ ବାଣିଜ୍ୟ ସଂଗଠନ ସମ୍ମିଳନୀରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରନ୍ତି। ଖାଦ୍ୟ ଓ କୃଷି କ୍ଷେତ୍ରରେ ଉତ୍ତମ ଫଳାଫଳ ଲାଗି ସେମାନେ ଏକ ବୁଝାମଣାରେ ଉପନୀତ ହୋଇପାରନ୍ତି। ଏହା ସେମାନଙ୍କ ମଧ୍ୟରେ ବିଶ୍ୱାସ ପୁନଃସ୍ଥାପନ କରିବାରେ ସାହାଯ୍ୟ କରିବା ସହ ଆଗକୁ ଏକ ବିକାଶ ନକ୍ସା ଅଙ୍କନ କରିବା ତଥା ରାଜନୈତିକ କାର୍ଯ୍ୟକଳାପ ବଢ଼ାଇବାକୁ ଉତ୍ସାହିତ କରିବ। ଏହା ମଧ୍ୟ ଆମର ସାମଗ୍ରିକ ଦକ୍ଷତା କ୍ଷେତ୍ରରେ ବିଶ୍ୱାସ ପୁନଃସ୍ଥାପନ କରିବ ଓ ଆମେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ସମାଧାନ କରିବା ପାଇଁ ଆମକୁ ସକ୍ଷମ କରାଇବ।

ସାମ୍ପ୍ରତିକ ସମୟରେ ଆମେ ମହାମାରୀ ଉପରେ ବିଜୟ ଲାଭ କରିବା ପାଇଁ ପ୍ରୟାସ କରିବା ଉଚିତ। ଏହା ବ୍ୟତୀତ ଅଧିକ ସମ୍ମିଳିତ ଏବଂ ସ୍ଥାୟୀ ଅର୍ଥ ବ୍ୟବସ୍ଥା ଗଢ଼ିବା ଲାଗି ଯତ୍ନବାନ ହେବା ଦରକାର। ଏକ ସୁନ୍ଦର ଏବଂ ଅଧିକ ଉପଯୋଗୀ ଭବିଷ୍ୟତ ଗଢ଼ିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ ସଂଗଠନରେ ଏକ ବୁଝାମଣାରେ ପହଞ୍ଚିବା ହିଁ ଖାଦ୍ୟ ଓ କୃଷି ବାଣିଜ୍ୟ ବ୍ୟବସ୍ଥାଗୁଡ଼ିକରେ ଉନ୍ନତି ଆଣିବାରେ ପ୍ରତିବଦ୍ଧତା ପ୍ରକାଶ କରିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରାରମ୍ଭିକ ପଦକ୍ଷେପ ହେବ।

**ଆମ୍ବାସାଡର (କୋଷ୍ଟାରିକା), ବିଶ୍ୱ ବାଣିଜ୍ୟ ସଂଗଠନ**

# କରୋନା ସମୟରେ ହୃତ୍‌ପିଣ୍ଡର ଯତ୍ନ



ଡା. ପ୍ରଫୁଲ୍ଲ କୁମାର ଦାସ

ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ହୃଦ୍‌ଘାତରେ ଅନେକ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଛି। ଏଥିମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ହୋଇ ହୃତ୍‌ପିଣ୍ଡରେ ରକ୍ତ ଜମାଟ ବାନ୍ଧିବା ଯୋଗୁ ମୃତ୍ୟୁ ହେଉଛି। ଅନ୍ୟ ଦିଗରେ ୩ରୁ ୫ ପ୍ରତିଶତ ଏଭଳି ରୋଗୀ ଅଛନ୍ତି; ଯେଉଁମାନଙ୍କ ବୟସ କମ୍ ଏବଂ କୌଣସି ପ୍ରକାର ଲକ୍ଷଣ ନ ଥାଇ ବି ଅଚାନକ ହୃଦ୍‌ଘାତର ଶିକାର ହେଉଛନ୍ତି। ଏଥିପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। କୌଣସି ପରିସ୍ଥିତିରେ ମଧ୍ୟ କୋଭିଡ୍‌କୁ ନେଇ ଛାନିଆ ହେବା ଅନୁଚିତ। କୋଭିଡ୍ ମୃତକଙ୍କ ଆଜି ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ହୋଇନାହିଁ। ଏଥିଯୋଗୁ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ହୃଦ୍‌ଘାତ, କୋଭିଡ୍ ମୃତ୍ୟୁ ମଧ୍ୟରେ ସମ୍ପର୍କ ଥିବା ବିଭିନ୍ନ ସମୟରେ ଦେଖାଯାଏ। ବିଶେଷଜ୍ଞଙ୍କ ଅନୁସାରେ, କୋଭିଡ୍ ହେଲେ ରକ୍ତ ପ୍ରବାହ ହୋଇପାରେ ନାହିଁ। ଫୁସ୍‌ଫୁସ୍, ହୃତ୍‌ପିଣ୍ଡ କିମ୍ବା ମସ୍ତିଷ୍କରେ ରକ୍ତ ଜମାଟ ହୋଇଯାଏ। ଫୁସ୍‌ଫୁସ୍‌ରେ ରକ୍ତ ଜମାଟ ବାନ୍ଧିଲେ, ଏହାର ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼ିଥାଏ। ଶେଷରେ ହୃଦ୍‌ଘାତରେ ମୃତ୍ୟୁ ହୁଏ। ଅନେକ ସମୟରେ କାରଣ ଗୋଟିଏ ଜଣାପଡୁଥିଲେ ମଧ୍ୟ ଅନେକ ଜଟିଳତା ଥାଏ। ଅନ୍ୟ ଦିଗରେ କୌଣସି ଗୁରୁତର ସ୍ଥିତି ନ ଥାଇ କୋଭିଡ୍ ଆକ୍ରାନ୍ତଙ୍କ ଇସିଜି ପରେ ହାର୍ଟ ସମସ୍ୟା ଦେଖାଯାଉଛି। ଏଥିମଧ୍ୟରୁ କିଛି ବ୍ୟକ୍ତିଙ୍କର ଛାନିଆ ହୋଇ ହୃଦ୍‌ଘାତ ଦେଖାଯାଏ ତ ଆହୁରି ଅନେକଙ୍କ ଭିନ୍ନ କିଛି ସମସ୍ୟା ଥିବାର ସନ୍ଦେହ ରହୁଛି। ଜ୍ୱର ଛାଡ଼ିବାର ୭ରୁ ୮ ଦିନ ପରେ ରକ୍ତ ପରୀକ୍ଷା କରନ୍ତୁ। ରକ୍ତ ଜମାଟ ବାନ୍ଧୁଛି କି ବାନ୍ଧିବାର ଆଶଙ୍କା ରହିଛି କି ନାହିଁ ତାହା ଦେଖନ୍ତୁ। ଡାକ୍ତରଙ୍କୁ ଦେଖାଇ ରକ୍ତକୁ ପତଳା କରିବା ଔଷଧ ଖାଇବା ଉଚିତ। ମଧୁମେହ, ରକ୍ତଚାପ, ସିଗାରେଟ, ବିଡ଼ି ପିଉଥିବା ବ୍ୟକ୍ତି, ମେଦବହୁଳତା, ଘରେ ହାର୍ଟ ସମସ୍ୟା ଥିବା କୋଭିଡ୍ ରୋଗୀଙ୍କଠାରେ ହୃଦ୍‌ଘାତ ସମସ୍ୟା ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଯେଉଁମାନେ ଡାକ୍ତରଖାନାରେ ଅଛନ୍ତି, ରକ୍ତଜମାଟ ବାନ୍ଧିଲେ ଚିକିତ୍ସା ପାଇଯାଆନ୍ତି। କିନ୍ତୁ ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କଠାରେ ରକ୍ତଜମାଟ ବାନ୍ଧିବା ସମସ୍ୟା ଜଣାପଡ଼େ ନାହିଁ। ସେମାନେ ଏହି ଦିଗ ପ୍ରତି ଦୃଷ୍ଟିଦେବା ଉଚିତ। ଏଥିସହିତ ଅଧିକାଂଶ ହୃଦ୍‌ରୋଗ ଥିବା ବ୍ୟକ୍ତିଙ୍କଠାରେ କୋଭିଡ୍ ହେଲେ ହୃଦ୍‌ରୋଗ ଔଷଧ ଖାଉ ନାହାନ୍ତି କିମ୍ବା ଅନେକ ଔଷଧ ପାଉ ନାହାନ୍ତି ବା ଭୁଲ୍ ପରାମର୍ଶର ଶିକାର ହେଉଛନ୍ତି। ଏଥିଯୋଗୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହେଉଥିବା ଦେଖାଯାଉଛି।

ଆଗକୁ ତୃତୀୟ ଲହର ପାଇଁ ସତର୍କତା ଆସିଯାଇଥିବାରୁ ଏହା ଏକ ଜଟିଳ ପରିସ୍ଥିତିକୁ ସାମ୍ନା କରିପାରେ। ଏଥିସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାର ଅନେକ ଚାପ ରହିବ। ତେବେ ଏହି ସମୟରେ ହୃଦ୍‌ରୋଗୀମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ଇଣ୍ଟରଭେନ୍‌ସନାଲ କାର୍ଡିଓଲୋଜିଷ୍ଟ ଓ କାର୍ଡିଆକ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟମାନେ ମତ ଦେଇଛନ୍ତି। କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବା ହୃଦ୍‌ରୋଗୀମାନଙ୍କୁ ଆରୋଗ୍ୟ ଲାଭ ପରେ ହାର୍ଟ ଚେକଅପ୍ ଦରକାର; ଯାହାଦ୍ୱାରା ଭାଇରସଜନିତ କୌଣସି ପାର୍ଶ୍ୱ ପ୍ରତିକ୍ରିୟାକୁ ଦୂର କରାଯାଇ ପାରିବ। ଗୁରୁତର କ୍ଷେତ୍ରରେ ବିଳମ୍ବିତ ରୋଗ ନିରୂପଣ କୋଭିଡ୍-୧୯ ହେତୁ ଦୁର୍ବଳ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟ ଦ୍ୱାରା ଭବିଷ୍ୟତରେ ହୃଦ୍‌ଘାତର ସମସ୍ୟା ଦେଖାଦେଇପାରେ। କାରଣ କୋଭିଡ୍-୧୯ ହେତୁ ହୃଦ୍‌ରୋଗୀ ଓ କାର୍ଡିଓଭାସ୍କୁଲାର ସମସ୍ୟା ଥିବା ରୋଗୀମାନଙ୍କଠାରେ ଗୁରୁତର ଲକ୍ଷଣ ଦେଖାଯାଉଛି। ସେମାନେ ଆରୋଗ୍ୟ ଲାଭ କରିବା ପରେ ଇମେଜିଂ ଟେଷ୍ଟ ଓ ଚେକ୍‌ଅପ୍ କରାଇ ନେବା ଉଚିତ; ଯାହାଦ୍ୱାରା ଭାଇରସଜନିତ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାକୁ ଏଡ଼ାଇ ଯାଇପାରିବ।

ହୃତ୍‌ପିଣ୍ଡରେ ସମସ୍ୟାର ଅର୍ଥ ହେଉଛି ଶରୀରର ଆବଶ୍ୟକତା ଅନୁଯାୟୀ ହୃତ୍‌ପିଣ୍ଡ ଠିକ୍ ଭାବରେ ରକ୍ତକୁ ପମ୍ପ ନ କରି କାଢ଼ିବା, ଯାହା ଲୋକଙ୍କ ମଧ୍ୟରେ ଏକ ତ୍ରୁଟିପୂର୍ଣ୍ଣ ଧାରଣା ରହିଛି। ଏହା ଗୁରୁତର ଡାକ୍ତରୀ ଅବସ୍ଥା; ଯାହାର ଠିକ୍ ସମୟରେ ଚିକିତ୍ସା କରାଯିବା ଆବଶ୍ୟକ। ହୃଦ୍ ସମସ୍ୟା କ୍ଷେତ୍ରରେ ଏହା ହଠାତ୍ କାର୍ଯ୍ୟ କରିବା ବନ୍ଦ କରେ ନାହିଁ। ଏହା ପରିବର୍ତ୍ତେ ହୃତ୍‌ପିଣ୍ଡର ସମସ୍ୟା ଧୀରେ ଧୀରେ ବିକଶିତ ହୋଇଥାଏ ଓ ହୃତ୍‌ପିଣ୍ଡର ମାଂସପେଶୀ ଧୀରେ ଧୀରେ ସମୟକ୍ରମେ ଦୁର୍ବଳ ହୋଇଥାଏ। କରୋନା ସମୟରେ ସଂକ୍ରମଣ ଦ୍ୱାରା ଶରୀରରେ ଗୁରୁତର ପ୍ରବାହ ସୃଷ୍ଟି ହୋଇପାରେ; ଯାହା ହୃତ୍‌ପିଣ୍ଡର ମାଂସପେଶୀକୁ ଦୁର୍ବଳ କରିଥାଏ। ତେଣୁ ରୋଗୀ ସମସ୍ୟାରେ ପଡ଼େ। ରୋଗ ପ୍ରତିଷେଧକ ଶକ୍ତିକୁ ବୃଦ୍ଧି କରିବା ପାଇଁ ସନ୍ତୁଳିତ ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବା, ଚାପ ଓ ଉଦ୍‌ବିଗ୍ନତାକୁ କମ୍ କରିବା। ଓଜନ, ଶର୍କରା, ରକ୍ତଚାପ ପ୍ରଭୃତି ନିୟନ୍ତ୍ରଣରେ ରଖିଲେ ସୁସ୍ଥ ଜୀବନ ଅତିବାହିତ କରିପାରିବା।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ:୯୪୩୭୦୨୩୪୪୩**

## ଏଇ ଭାରତରେ

କୃଷି ବର୍ଜ୍ୟରୁ କପଡ଼ା ପ୍ରସ୍ତୁତ ହେବା କଥା ଶୁଣି ଆଶର୍ଯ୍ୟ ଲାଗୁଛି, ହେଲେ ଏହା ମୁମ୍ବାଇର କୌଶିକଙ୍କ ବରଦାନଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ଟେକ୍ସଟାଇଲ ଇଣ୍ଡଷ୍ଟ୍ରିରେ କୃଷି ବର୍ଜ୍ୟ ଉପଯୋଗ କରି ସେ ପରିବେଶ ଉପଯୋଗୀ କପଡ଼ା ପ୍ରସ୍ତୁତ କରୁଛନ୍ତି। ୨୦୧୯ରେ କୌଶିକ 'ରେଡାନ' ଷ୍ଟାର୍ଟଅପ୍ ଗଠନ କରି ତା'ମାଧ୍ୟମରେ ପଦ୍ମ, ଗୋଲାପ, କଦଳୀ, ଘିକୁଆଁରୀ, ବାଉଁଶ, ଡାଳିମ୍ବ, ମକା ବର୍ଜ୍ୟ ଉପଯୋଗ କରି ଏଭଳି କପଡ଼ା ପ୍ରସ୍ତୁତ କରୁଛନ୍ତି। ଏହି କପଡ଼ା ମଧ୍ୟ ରିସାଇକ୍ଲିଂ ହୋଇପାରୁଛି। କୌଶିକଙ୍କ ଏହି ପ୍ରୟାସ ଯୋଗୁ କୃଷି ବର୍ଜ୍ୟ ପୋଡ଼ିରୁ ସୃଷ୍ଟି ହେଉଥିବା ଭୟଙ୍କର ବାୟୁ ପ୍ରଦୂଷଣ ଅନେକାଂଶରେ ରୋକାଯାଇପାରୁଛି। ସେ ଇଞ୍ଜିନିୟରିଂ ପରେ ଡିଜାଇନିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ମା' ଶସ୍ୟ ଓ ବିଭିନ୍ନ ଗଛରୁ ପ୍ରସ୍ତୁତ ଜୈବିକ ରଙ୍ଗ ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟ କରନ୍ତି ଓ ତାଙ୍କଠାରୁ କୌଶିକ ପ୍ରେରଣା ପାଇ ଏହି କାର୍ଯ୍ୟରେ ପାଦ ଦେଇଛନ୍ତି । ସେ ଦକ୍ଷିଣ ଭାରତରେ ୟୁନିଟ୍ ପ୍ରତିଷ୍ଠା କରି ଆନ୍ଧ୍ରପ୍ରଦେଶର ବିଭିନ୍ନ ମିଲ୍‌ରୁ କଦଳୀ, ବାଉଁଶ, ଗୋଲାପ, ପଦ୍ମ ଏବଂ ଡାଳିମ୍ବ ବର୍ଜ୍ୟ ସଂଗ୍ରହ କରି ଉପଯୋଗ କରୁଛନ୍ତି। ଏବେ ଏହି କପଡ଼ାର ଚାହିଦା ବଢ଼ିବାରେ ଲାଗିଛି। ଗତ ବର୍ଷ ପାଖାପାଖି ୨୦ ଲକ୍ଷ ଟଙ୍କା କାରବାର ହୋଇଥିବାବେଳେ ଆଗକୁ ଏହା ବୃଦ୍ଧି ପାଇବ ବୋଲି କହନ୍ତି କୌଶିକ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୨୬ ଅଗଷ୍ଟ ୧୯୯୬**

- ଶାନ୍ତି ପ୍ରକ୍ରିୟାକୁ ତ୍ୱରାନିତ କରିବାକୁ ଟିପେଟି କାର୍ଯ୍ୟାଳୟ ବନ୍ଦ କରିବାର ଆବଶ୍ୟକତା ରହିଛି ବୋଲି ଇସ୍ରାଏଲ ଦାବି କରିବା ପରେ ପାଲେଷ୍ଟାଇନ କର୍ତ୍ତୃପକ୍ଷ ତାଙ୍କର ପୂର୍ବ ଜେରୁଜେଲମଠାରେ ଥିବା ଉକ୍ତ କାର୍ଯ୍ୟାଳୟକୁ ବନ୍ଦ କରିଦେଇଛନ୍ତି।
- ମିଳିତ ସାମ୍ମୁଖ୍ୟରେ ସାମିଲ ହେବାପାଇଁ ଶିବସେନା ମୁଖ୍ୟ ବାଲ୍ ଥାକ୍‌ରେଙ୍କର ପ୍ରସ୍ତାବକୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁଦେଶମ ପାର୍ଟିର ସଭାପତି ଚନ୍ଦ୍ରବାବୁ ନାଇଡୁ ଅଗ୍ରାହ୍ୟ କରିଦେଇଛନ୍ତି।
- ଉପସ୍ଥିତ ଢାଞ୍ଚାରେ ସରକାରୀ ପେନସନ୍ ଯୋଜନା ଲାଗୁ କରାଯିବା ବ୍ୟବସ୍ଥାକୁ କେନ୍ଦ୍ରର ୫ଟି ଶ୍ରମିକ ସଂଘ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 9 | 4 | 2 | |
| | | | 8 | | | | | |
| 3 | 2 | 5 | | | | | | 9 |
| | | | 9 | 4 | | | 7 | 6 |
| | 8 | 7 | | | | | | |
| 1 | | | | | | 3 | | 2 |
| 2 | | 1 | | 6 | | | | |
| | | | 5 | | | | 9 | 4 |
| | | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 2 | 4 | 3 | 6 | 9 | 1 | 7 |
| 6 | 1 | 4 | 8 | 9 | 7 | 5 | 3 | 2 |
| 9 | 3 | 7 | 2 | 5 | 1 | 4 | 8 | 6 |
| 7 | 5 | 1 | 6 | 8 | 9 | 2 | 4 | 3 |
| 8 | 4 | 6 | 5 | 2 | 3 | 1 | 7 | 9 |
| 3 | 2 | 9 | 1 | 7 | 4 | 6 | 5 | 8 |
| 2 | 6 | 5 | 3 | 1 | 8 | 7 | 9 | 4 |
| 4 | 9 | 3 | 7 | 6 | 5 | 8 | 2 | 1 |
| 1 | 7 | 8 | 9 | 4 | 2 | 3 | 6 | 5 |

ଗତକାଲିର ଉତ୍ତର

# ସୁଖ ନିଦ୍ରାରେ ଉଚ୍ଚଶିକ୍ଷା



ଡ. ସୁବାସ ଚନ୍ଦ୍ର ପାତ୍ର

ସରକାରଙ୍କ ଅନ୍ୟାନ୍ୟ ବିଭାଗଗୁଡ଼ିକ ଉଚ୍ଚଶିକ୍ଷା ବିଭାଗକୁ ଈର୍ଷା କରନ୍ତି, କାରଣ ଏଠି କିଛି ନ କଲେ ବି ଚକ ଗଡ଼ିବା ନ୍ୟାୟରେ ସବୁ ଚାଲେ। ଏଠି ଗଜାମରୁଡ଼ି ହୁଏ ନାହିଁ, ଭୁଲ୍ ଇଞ୍ଜେକ୍ସନ ନେଇ ରୋଗୀ ମରନ୍ତିନି, ବାତ୍ୟା କାହାର ଘର ଉଜାଡ଼ି ଦିଏ ନାହିଁ, ହଠାତ୍ କାହାରି ଏଠି ମୃତ୍ୟୁ ହୁଏ ନାହିଁ ଅବା ଅବ୍ୟବସ୍ଥା ମଣିଷର ଛାତି ଥରେଇ ଦିଏ ନାହିଁ। ଯାହା ବି ହୁଏ, 'ଧୀର ବିଷ' ଭଳି ଆସ୍ତେ ଆସ୍ତେ ହୁଏ। କିନ୍ତୁ ଶୈକ୍ଷିକ ଅନଗ୍ରସରତାର ଶିକାର ହୋଇ, ପ୍ରତିଯୋଗିତା ବଜାରରେ ଅଲୋଡ଼ା ହୋଇ ପାରିବାରିକ ଓ ସାମାଜିକ ବୋଝ ପାଲଟିବା କ୍ରମରେ ଅବାଟକୁ ଯିବା ଅବା ଅସାମାଜିକ କର୍ମରେ ଲିପ୍ତ ହେବା ମଧ୍ୟ ଏକ ପ୍ରକାର ଆତ୍ମିକ ମୃତ୍ୟୁ। ତେବେ ଏତେକଥା ଭାବିବାକୁ ବିଭାଗର ଅବା ଆମ ବୁଦ୍ଧିଜୀବୀମାନଙ୍କର ସମୟ ନାହିଁ।

ସୁଖ ନିଦ୍ରାରେ ଅସୁବିଧା ନାହିଁ, ତେବେ ନିଦ୍ରାଟି ଯେତେବେଳେ ଅତି ଦୀର୍ଘ ହୋଇଯାଏ ତାହା ବାଧେ। ସାଧାରଣ ଭାବରେ ସରକାରଙ୍କ କୌଣସି ନୀତି କାର୍ଯ୍ୟକାରୀ କରିବାକୁ କେତେବର୍ଷ ଲାଗେ ବା ଲାଗିବା ଉଚିତ ? ୪୦ ବର୍ଷ ତ ନୁହେଁ? ଅଶୀ ଦଶକରେ କେନ୍ଦ୍ର ସରକାର ଏକ ନୂତନ ଶିକ୍ଷାନୀତି ପ୍ରଣୟନ କରି ୧୦+୨+୩ ବ୍ୟବସ୍ଥା ଚାଲୁକରିବା କ୍ରମରେ ଯୁକ୍ତ୨କୁ ସ୍କୁଲସ୍ତରକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦେଲେ। ୧୯ ବର୍ଷ ଏହା ଶୀତଳଭଣ୍ଡାରରେ ରହିଲା। ୧୯୯୯ରେ ସରକାର କାଗଜରେ ଯୁକ୍ତ୨ ଓ ଯୁକ୍ତ୩କୁ ବିଭାଜନ କଲେ। ଶିକ୍ଷକ, ଭିତ୍ତିଭୂମି, କର୍ମଚାରୀ ମିଶାମିଶି ରହିଲା। ଏହା ଭିତରେ ୨୨ ବର୍ଷ ବିତିଗଲାଣି। ଓଡ଼ିଶାରେ ଯୁକ୍ତ୨ ଯୁକ୍ତ୩ରୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛେଦ ହୋଇପାରିଲା ନାହିଁ। ୩୪ଟି ସରକାରୀ କଲେଜ ଓ ୨୫୫ଟି ପୂର୍ଣ୍ଣ ସାହାଯ୍ୟପ୍ରାପ୍ତ କଲେଜରେ ଏହି ମିଶ୍ରିତ ପାଠପଢ଼ା ଚାଲିଛି। କେତେ ଶିକ୍ଷାଦାନ ଦିବସ ଯେ ନଷ୍ଟ ହେଲାଣି, କେତେ ଅବାଞ୍ଛିତ କର୍ମକାଣ୍ଡ ଯେ ଘଟି ଚାଲିଛି, ତାହାର ହିସାବ କାହା ପାଖରେ ନାହିଁ। ଯୁକ୍ତ୨ରେ ପରୀକ୍ଷା ଅବା ସାଂସ୍କୃତିକ କାର୍ଯ୍ୟକ୍ରମ ହେଲେ ଯୁକ୍ତ୩ରେ ପାଠପଢ଼ା ବନ୍ଦ ରହେ; ଯୁକ୍ତ୩ରେ ନିର୍ବାଚନ ଓ ପରୀକ୍ଷା ହେଲେ ଯୁକ୍ତ୨ ଶ୍ରେଣୀ ବନ୍ଦ ରହେ। ଅନେକ ସମୟରେ ଅଧିକାରଜନିତ ବାଦବିସମ୍ବାଦରେ ଯୁକ୍ତ୨ ଓ ଯୁକ୍ତ୩ ଅଧ୍ୟକ୍ଷମାନଙ୍କ ଅଧିକାଂଶ ସମୟ ବିତେ, ଯାହା ସ୍ଥଳବିଶେଷରେ ଛାତ୍ରୀଛାତ୍ରଗହଣକୁ ସମ୍ପ୍ରସାରିତ ହୋଇ ହିଂସାତ୍ମକ ରୂପ ନିଏ। ଯୁକ୍ତ୨ ସ୍କୁଲର ଅଂଶବିଶେଷ ହୋଇଥିବାରୁ ତାହା ସ୍କୁଲ ନିର୍ଘଣ୍ଟ ଅନୁଯାୟୀ ପଢ଼ା ହେବା ବଦଳରେ କଲେଜ ନିର୍ଘଣ୍ଟ ଅନୁଯାୟୀ ଅଳ୍ପ ସଂଖ୍ୟକ ଶ୍ରେଣୀ ଶିକ୍ଷା ମାଧ୍ୟମରେ ସମାପନ ହୁଏ। ଦୁଇଟି ଶ୍ରେଣୀ ପାଇଁ ଗୋଟିଏ ଅନୁଷ୍ଠାନ ପରିବର୍ତ୍ତେ ନିକଟତମ ସ୍କୁଲ ସହ ତା' ମିଶି ଯାଇଥିଲେ, ଶୈକ୍ଷିକ ଓ ଅଣଶୈକ୍ଷିକ ମାନବସମ୍ବଳର ଯଥାଯଥଃ ଉପଯୋଗ ସହ ଅନେକ ଏଷ୍ଟାବ୍ଲିଶମେଣ୍ଟ ଖର୍ଚ୍ଚ କମିଯାଆନ୍ତା। ଏହାଛଡ଼ା ଯୁକ୍ତ ୨ ସ୍ତରରେ ନିୟୋଜିତ କିଛି ଉନ୍ନତମାନର ଶିକ୍ଷକଙ୍କ ଶିକ୍ଷାଦାନର ଲାଭ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ପାଇପାରନ୍ତେ। ଏବେ ପୁଣି ନୂତନ ଜାତୀୟ ଶିକ୍ଷାନୀତି ଆସିଲାଣି, ଯେଉଁଥିରେ ଅଙ୍ଗନୱାଡ଼ିଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ାକୁ ଗୋଟିଏ ପରିସରକୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦେଖାଯାଉ ତାହା ହେବାକୁ କେତେ ଦଶନ୍ଧି ଲାଗୁଛି। ଏଥିସହିତ ପୁଣି ନୂଆ ବିବାଦର ସୂତ୍ରପାତ ହେବାକୁ ଯାଉଛି। ଗଣଶିକ୍ଷା ବିଭାଗ ସିଦ୍ଧାନ୍ତ ନେଇଛନ୍ତି ଯେ ଯୁକ୍ତ୨ କଲେଜର ତଦାରଖ ଜିଲା ଶିକ୍ଷାଧିକାରୀ କରିବେ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ସରକାରୀ ଓ ବେସରକାରୀ ସାହାଯ୍ୟପ୍ରାପ୍ତ ପାଖାପାଖି ୩୦୦ କଲେଜରେ ଯୁକ୍ତ୨ ଓ ଯୁକ୍ତ୩ ମିଶିକରି ରହିଛି, ଯାହାର ଅଧ୍ୟକ୍ଷମାନେ ଯୋଗ୍ୟତା, ଚାକିରିକାଳ ଓ ଦରମାରେ ଜିଲା ଶିକ୍ଷାଧିକାରୀଠୁ ବହୁତ ଉର୍ଦ୍ଧ୍ୱରେ। ସେମାନେ ଜିଲା ଶିକ୍ଷାଧିକାରୀଙ୍କ ପରିଦର୍ଶନ ଓ ତଦାରଖକୁ ମାନିବେ ନାହିଁ। ଅଯଥା କଳହର ବୀଜ ବପନ କରାଯାଉଛି। ଯୁକ୍ତ୨ ଓ ଯୁକ୍ତ୩ ପୃଥକ ନ ହେଲେ ଏପରି ଅଘଟଣ ଆଗକୁ ଘଟିବ। ହେଲେ ଏ କଥାକୁ ଭାବିବ କିଏ ? ବିଭାଗ ତ ଘୋର ନିଦରେ।

ଖାଲି ଯୁକ୍ତ୨ ଓ ଯୁକ୍ତ୩ର ପୃଥକୀକରଣ ନୁହେଁ; ଶିକ୍ଷକ ପଦବୀ ପୂରଣ, ଅଣଶିକ୍ଷକ ଯେପରି ଲାଇବ୍ରେରିଆନ, ଲାବରେଟୋରି ଆସିଷ୍ଟାଣ୍ଟ, ଅଫିସ କିରାଣି, ଆବଶ୍ୟକ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପୂରଣ ଦିଗରେ ଉଚ୍ଚଶିକ୍ଷା ବିଭାଗର ସାମାନ୍ୟତମ ପ୍ରତିକ୍ରିୟା ନାହିଁ। ଅନୁଷ୍ଠାନଗୁଡ଼ିକର ପାଠପଢ଼ା ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ବିଭାଗର ଯେପରି ନୁହେଁ। ଅଥଚ ବିଡ଼ମ୍ବନା କ୍ରମରେ ଗଣଶିକ୍ଷା ବିଭାଗ ୬୩,୦୦୦ ଶିକ୍ଷକଙ୍କୁ ପଦୋନ୍ନତି ଦେବାକୁ ସିଦ୍ଧାନ୍ତ ନେଇଥିଲା ବେଳେ ୧୫୦୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍କୁଲଗୁଡ଼ିକର ରକ୍ଷଣାବେକ୍ଷଣର ଦାୟିତ୍ୱ ଦେଇଛନ୍ତି। ୧୧୨୩ଟି ସ୍କୁଲକୁ ସ୍ମାର୍ଟ-ସ୍କୁଲକୁ ରୂପାନ୍ତରିତ କରିବାକୁ ଚେଷ୍ଟା ଚାଲିଛି। ଅଥଚ ଉଚ୍ଚଶିକ୍ଷା ବିଭାଗ ନିଜ ଅନୁଷ୍ଠାନଗୁଡ଼ିକରେ ଉନ୍ନତମାନର ଶିକ୍ଷାପ୍ରଦାନ ଓ ସ୍ୱଚ୍ଛ ପରିବେଶ ଗଢ଼ିବାରେ ସାମାନ୍ୟତମ ନିଷ୍ଠା ପ୍ରକାଶ କରୁନାହାନ୍ତି। ହଜାର ହଜାର ତ ଦୂରର କଥା ଆପାତତଃ ସରକାରଙ୍କର ନିଜସ୍ୱ ୫୦ଟି କଲେଜରେ ୫୦ଜଣ ଅଧ୍ୟାପକଙ୍କୁ ପଦୋନ୍ନତି ଦେଇ ୫୦ଜଣ ଅଧ୍ୟକ୍ଷ ନିଯୁକ୍ତି କରନ୍ତେ କି! ସରକାରଙ୍କ ନିଜ କଲେଜ ହିସାବରେ ସରକାରୀ କଲେଜରେ ଖାଲିଥିବା ହଜାରେରୁ କମ୍ ଅଧ୍ୟାପକ ପଦବୀ ପୂରଣ କରନ୍ତେ କି! ଏବେ ମାନବ ସମ୍ବଳ ଅପେକ୍ଷା ଇଟା, ବାଲି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶ୍ୱବ୍ୟାଙ୍କରୁ ଋଣଆଣି ଏବଂ କେନ୍ଦ୍ର ସରକାରଙ୍କ ରୁଷା ଅନୁଦାନରେ ଖାଲି କୋଠା ଗଢ଼ାଯାଉଛି। ପାଠ ପଢ଼େଇବାକୁ ଶିକ୍ଷକ ଅବା ଶୈକ୍ଷିକ କର୍ମଚାରୀ ନାହାନ୍ତି ; ଘର ସଫା କରିବାକୁ, କ୍ଲାସ ଆରମ୍ଭ / ଶେଷ ଘଣ୍ଟି ବଜେଇବାକୁ ଲୋକ ନାହାନ୍ତି। ଖାଲି କ୍ଲାସ ପିଛା ୫୦୦ଟଙ୍କା 'ମଜୁରି'ରେ ଅତିଥି ଅଧ୍ୟାପକ ନିଯୁକ୍ତି କରିଦେଲେ କଥା ସରିଲା।

ଏ ପ୍ରକାର ସୁଖ ନିଦ୍ରାର କାରଣ ବିଭାଗର କକ୍ଷଚ୍ୟୁତି। ଅନୁଷ୍ଠାନଗୁଡ଼ିକୁ ନେଇ ବିଭାଗ। ଅଥଚ ବିଭାଗ ତା' ଅଧୀନ ଅନୁଷ୍ଠାନଗୁଡ଼ିକର ଗୁଣାତ୍ମକ ସୁପରିଚାଳନା ଅପେକ୍ଷା ଅଯଥା କର୍ମରେ ଲିପ୍ତ ରହୁଛି। ଯାହା ଦିନେ କଲେଜଗୁଡ଼ିକୁ ଉପହାସ କରି କୁହାଯାଉଥିଲା ଅର୍ଥାତ୍ କଲେଜଗୁଡ଼ିକ ମୁଖ୍ୟ କାର୍ଯ୍ୟ ଶିକ୍ଷାଦାନ ଅପେକ୍ଷା ଗୌଣ କାର୍ଯ୍ୟ- ଆଡମିସନ, ଇଲେକ୍‌ସନ, ଏକ୍‌ଜାମିନେସନ୍, ଭାଲୁଏସନ୍, ପବ୍ଲିକେସନ ଅଫ୍ ରେଜଲ୍ଟ- ଏହି 'ସନ୍' ଗୁଡ଼ିକ ଭିତରେ ଅଧିକ ସୀମାବଦ୍ଧ; ଠିକ୍ ସେହିପରି ଭାବରେ ଉଚ୍ଚଶିକ୍ଷା ବିଭାଗ ଆଜି କଲେଜଗୁଡ଼ିକର ସୁପରିଚାଳନା ଅପେକ୍ଷା ନିଜେ କଲେଜଗୁଡ଼ିକରେ ଆଡ୍‌ମିସନ୍, ପ୍ରବେଶିକା ପରୀକ୍ଷା ପରିଚାଳନା, ଫଳ ପ୍ରକାଶନ, ଏପରିକି ସିଲାବସ ପ୍ରଣୟନରେ ବ୍ୟସ୍ତ। ଏଗୁଡ଼ିକ ଅଣପ୍ରଶାସନିକ କାର୍ଯ୍ୟ। ଏହା ମୂଳତଃ ଶୈକ୍ଷିକ କାର୍ଯ୍ୟ। ଏହା କଲେଜ ବା ବିଶ୍ୱବିଦ୍ୟାଳୟ ଅବା ଏକ ସ୍ୱୟଂଶାସିତ ସଂସ୍ଥାକୁ ଛାଡ଼ିଦେଇ ବିଭାଗ ଯେଉଁଥିପାଇଁ ସୃଷ୍ଟ, ତା'ର ମୌଳିକ କାର୍ଯ୍ୟରେ ନିୟୋଜିତ ରହୁ। କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ କ'ଣ ତାଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକର ଆଡମିସନ୍ ଓ ପ୍ରବେଶିକା ପରୀକ୍ଷା ପରିଚାଳନା କରୁଛି? ଓଡ଼ିଶାର ଉଚ୍ଚ ବିଭାଗ କାହିଁକି ତା'ର ଆତ୍ମସମ୍ମାନ ରକ୍ଷା କରୁନାହିଁ ? ଉଚ୍ଚଶିକ୍ଷା ବିଭାଗର କର୍ତ୍ତୃପକ୍ଷଙ୍କୁ ଅନୁରୋଧ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍‌ସି ଭଳି ରାଜ୍ୟରେ ଷ୍ଟେଟ୍ ଟେଷ୍ଟିଂ ଏଜେନସିଂ ନାମକରେ ଏକ ସ୍ୱୟଂଶାସିତ ପାରଦର୍ଶୀ ଅନୁଷ୍ଠାନଟି ଗଢ଼ି, ତାକୁ ଉଭୟ ସାମ୍ସ ଆଡମିଶନ ଏବଂ ଯାବତୀୟ ପ୍ରବେଶିକା ପରୀକ୍ଷାର ଦାୟିତ୍ୱ ଦିଅନ୍ତୁ। ଉଚ୍ଚଶିକ୍ଷା ବିଭାଗରେ ଏହାହିଁ ୫-ଟିର ଏକ ଉପଯୁକ୍ତ ପ୍ରତିଫଳନ ହେବ। ବିଭାଗ ଅଣପ୍ରଶାସନିକ କର୍ମରେ ଲିପ୍ତ ରହି ନିଜର ପଦମର୍ଯ୍ୟାଦା ହାନି ନ କରୁ।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର, ମୋ: ୯୪୩୭୩୭୬୨୧୯**
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ସତ ପଦାକୁ ଆସୁ

ମହାଶୟ,

ଏଡିଆର ରିପୋର୍ଟ ଅନୁସାରେ ୨୦୧୯-୨୦ ବର୍ଷରେ ଜାତୀୟ ରାଜନୈତିକ ଦଳ ଗୁଡ଼ିକ ଶହ ଶହ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଛନ୍ତି। ସବୁଠାରୁ ଅଧିକ ୭୮୫.୭୭ କୋଟି ଏକାକୀ ଶାସକ ଦଳ ଭାଜପା ସଂଗ୍ରହ କରିଛି। କିନ୍ତୁ ଚାନ୍ଦା ଦେଉଥିବା ଲୋକେ ସବିଶେଷ ଠିକଣା, ଚାନ୍ଦାର ଚେକ୍ ଏବଂ ଡିମାଣ୍ଡ ଡ୍ରାଫ୍ଟ ନମ୍ବର, ବ୍ୟାଙ୍କ ନାମ, ପ୍ୟାନ ଆଦି ଦଳ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଯଦି ଜଣେ ସାଧାରଣ ଜନତା କିମ୍ବା ସରକାରୀ ଚାକିରିଆ ତା'ର ଆୟଠାରୁ ଅଧିକ ସମ୍ପତ୍ତିର ଅଧିକାରୀ ହୋଇଥାଏ ଏବଂ ଅଧିକ ଅର୍ଥର ଉତ୍ସର ବିବରଣୀ ଦେଖାଇ ନ ପାରିଲେ ତା' ବିରୋଧରେ ଭିଜିଲାନ୍ସ କେସ୍ କରାଯାଇ ଦଣ୍ଡ ଦିଆଯାଇଥାଏ। ଶେଷରେ ଆୟ ବହିର୍ଭୂତ ଅର୍ଥ ସରକାରୀ ରାଜକୋଷକୁ ଯାଇଥାଏ। ଠିକ୍ ସେହିପରି ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ସଂଗ୍ରହ କରାଯାଇଥିବା ଅର୍ଥ ଉପରେ ତଦନ୍ତ କରାଯାଇ ଏହାର ସତ୍ୟାସତ୍ୟ ଜନସାଧାରଣଙ୍କ ନିକଟକୁ ଆସୁ। ଏହି ଅର୍ଥ ସବୁ କୌଣସି ବ୍ୟକ୍ତିବିଶେଷ କିମ୍ବା କର୍ପୋରେଟ୍‌ମାନଙ୍କୁ ବିଶେଷ ସହାୟତା ନେଇ ଚାନ୍ଦା ହିସାବରେ ପାଇ ନାହାନ୍ତି ତ। ସରକାର ରାଜନୈତିକ ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ରହି ଏହାର ତଦନ୍ତ କରାନ୍ତୁ। ସର୍ବଦା ସ୍ୱଚ୍ଛତାର ଦ୍ୱାହି ଦେଉଥିବା ଭାଜପା ସରକାର ନିଜେ କ'ଣ ଏହା ଉପରେ ତଦନ୍ତ କରାଇପାରିବେ। ନଚେତ୍ ଭାରତର ସୁପ୍ରିମକୋର୍ଟ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଅବୈଧ ଉପାୟରେ ସଂଗ୍ରହ କରାଯାଇଥିବା ଅର୍ଥ ସରକାରୀ ରାଜକୋଷକୁ ଅଣାଯାଉ।

**-ସତ୍ୟପ୍ରକାଶ ମହାନ୍ତି, ଖାରବେଳ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ଶ୍ରାବଣର କେତେ ଅମା
କାଟି ଆଜି ଜଳେ ମହାଦୀପ
''ଜୀବନ-ତଇଳ ଢାଳି
ରଖ ତାକୁ ସଜାଗ ଜୀବିତ! -(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ଅଗଷ୍ଟ, ୨୦୨୧



**ଭିଜିଲାନ୍ସ ଜାଲରେ ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ**

**ନୂଆପଡ଼ା ଅଫିସ/ଖଡ଼ିଆଲ, (ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ବାଦୀ ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ ସୁଜନ କୁମାର ସାହୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ନିଜ ସହକର୍ମୀ ଟିଜିଟି ଶିକ୍ଷକଙ୍କ ଏରିଅର ଇନକ୍ରିମେଣ୍ଟ ବାହାର କରିବା ପାଇଁ ୪୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଛି। ଅଧିକ ତଦନ୍ତ ଲାଗି ଭିଜିଲାନ୍ସ ଟିମ୍ ପ୍ରିନ୍ସିପାଲଙ୍କୁ ଭବାନୀପାଟଣା ନେଇ ପଚରାଉଚରା କରୁଛି। ସୂଚନା ଯେ, ଏରିଅର ଇନକ୍ରିମେଣ୍ଟ ବାହାର କରିବା ପାଇଁ ଟିଜିଟି ଶିକ୍ଷକ ରାମକୃଷ୍ଣ ପ୍ରଧାନ ପ୍ରିନ୍ସିପାଲଙ୍କୁ ଅନୁରୋଧ କରିଥିଲେ। ପ୍ରିନ୍ସିପାଲ ୭ ହଜାର ଟଙ୍କା ଦେବାକୁ କହିଥିଲେ। ଏ ନେଇ ରାମକୃଷ୍ଣ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ରାମକୃଷ୍ଣଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ନେଇଥିବା ବେଳେ ବୁଧବାର ଅଫିସରେ ପୁଣି ୪ ହଜାର ଟଙ୍କା ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ନୂଆପଡ଼ା ଓ କଳାହାଣ୍ଡି ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲେ।

# ୨୧ ଶିକ୍ଷା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

**ଯାଜପୁର ଅଫିସ,୨୫।୮**

ଶିକ୍ଷାନୁଷ୍ଠାନକୁ ଶିକ୍ଷାର ମନ୍ଦିର ଭାବେ ଅଭିହିତ କରାଯାଇଥାଏ। କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀଙ୍କ ଦୁର୍ନୀତି ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଏହି ପରିପ୍ରେକ୍ଷୀରେ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାରେ ଥିବା ୨୧ କଲେଜର ଅଧ୍ୟକ୍ଷ, ଜଣେ କିରାଣି ଓ ଜଣେ ଆକାଉଣ୍ଟାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିଛି । ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଲୋକାଲ ଫଣ୍ଡ ଅଡିଟ(ଏଲଏଫ୍ଏ) ନିର୍ଦ୍ଦେଶାଳୟରୁ ଯାଜପୁର ଜିଲା ଅଡିଟ ଅଧିକାରୀଙ୍କୁ ଗତ ୧୮।୮।୨୦୨୧ରେ ନିର୍ଦ୍ଦେଶ ଦିଆଯାଇଛି । କଲେଜର ବିଭିନ୍ନ ଉନ୍ନୟନ କାମ ପାଇଁ ଆସିଥିବା ଅନୁଦାନ ଖର୍ଚ୍ଚରେ ଅନିୟମିତତା ହୋଇଥିବା ପୂର୍ବରୁ ଅଡିଟ୍ ରିପୋର୍ଟରେ ଧରାପଡିଥିଲା । ଏହି ନିର୍ଦ୍ଦେଶ ପରେ ପୂର୍ବ ଅନିୟମିତତା ଘଟଣା ସାମ୍ନାକୁ ଆସିଛି । ଯାହା ଶିକ୍ଷା ବିଭାଗ ପାଇଁ ଏକ କଳଙ୍କିତ ଅଧ୍ୟାୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ର ଯେପରି ଉଚ୍ଚଶିକ୍ଷାରୁ ବଞ୍ଚିତ ନ ହେବେ ସେଥିପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଏକାଧିକ କଲେଜ ଖୋଲିଛି। ସେହି କଲେଜଗୁଡିକର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ ଅନୁଦାନ ପ୍ରଦାନ କରୁଛନ୍ତି। ତେବେ କେତେକ କଲେଜରେ ଆବଣ୍ଟିତ ଅନୁଦାନର ଠିକ୍

**ଦୁର୍ନୀତି ଅଭିଯୋଗ**

Higher Education Department

ବିନିଯୋଗ ହୋଇ ନ ଥିବା ଅଡିଟ ରିପୋର୍ଟରେ ଧରାପଡିଥିଲା। ଏନେଇ ୨୨ଟି ମାମଲା ରୁଜୁ ହୋଇ ସଂପୃକ୍ତ ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ କୁହାଯାଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା କଲେଜର ପୂର୍ବତନ ଅଧ୍ୟକ୍ଷ ସେକ ସମସୁର, ଇନ୍ଦୁପୁର ବିରୂପା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ୟୁ.ଏନ.ଏସ. ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଯୋଗେଶ ଚନ୍ଦ୍ର ପତି, ବି.କେ. ସାଇନ୍ସ କଲେଜର ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ଧଳ, ମଦନପୁର ୟୁ.କେ. ମହାବୀର କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ସୁଧାଂଶୁ ମୋହନ ତ୍ରିପାଠୀ, ଚଣ୍ଡିଖୋଲ ବି.ବି. ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହରପ୍ରସାଦ ମହାପାତ୍ର, ଶୈଳେନ୍ଦ୍ର ନାରାୟଣ କଲେଜର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନା, ଏସ.ଏସ.ଜେ. ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ବରାଳ, ଖରସ୍ରୋତା କଲେଜର ପୂର୍ବତନ ଅଧ୍ୟକ୍ଷ ଉଦୟନାରାୟଣ ପରିଡ଼ା, ଏଲ.ଏନ. ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦେବେନ୍ଦ୍ରନାଥ ଖୁଣ୍ଟିଆ, ଯାଜପୁର ରୋଡ ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ଶତପଥୀ ଓ ୟୁ.କେ. ମହାବୀର କଲେଜର ପୂର୍ବତନ ଅଧ୍ୟକ୍ଷ ଯୋଗେଶ ପ୍ରସାଦ ନନ୍ଦ, ଓଳାବର କଲେଜର ଜୁନିୟର କ୍ଲର୍କ ପ୍ରତାପ କୁମାର ଦାସ, ପୂର୍ବତନ ଅଧ୍ୟକ୍ଷ ବୈକୁଣ୍ଠନାଥ ପରିଡ଼ା, ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ଦାସ ଓ ପୂର୍ବତନ ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରସାଦ ରାୟ, ବାଲିଚନ୍ଦ୍ରପୁର ସାହସପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଜଗନ୍ନାଥ ଜେନା ଓ ଗୋପବନ୍ଧୁ ତ୍ରିପାଠୀ, ଧର୍ମଶାଳା କଲେଜର ପୂର୍ବତନ ଅଧ୍ୟକ୍ଷ ମହେନ୍ଦ୍ର ସାମଲ, ସୁଜନପୁର ଏ.ପି. କଲେଜର ପୂର୍ବତନ ଅଧ୍ୟକ୍ଷ ଗୌରହରି ସାହୁ, ସାହସପୁର କଲେଜର ପୂର୍ବତନ ଅଧ୍ୟକ୍ଷ ସେକ୍ ସମସୁରଙ୍କ ନାମ ତାଲିକାଭୁକ୍ତ ରହିଛି। ତେବେ ଧର୍ମଶାଳା କଲେଜର ପୂର୍ବତନ ଅଧ୍ୟକ୍ଷ ସାମଲ ଅଡିଟ ରିପୋର୍ଟ ଉପରେ ଦେଇଥିବା ଅନୁପାଳନକୁ ନେଇ ସ୍ପଟ୍ ଭେରିଫିକେଶନ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି ।

ସୂଚନାଯୋଗ୍ୟ, ୨୦୦୬-୦୭ ବର୍ଷରେ ରାଜ୍ୟ ଏଲ୍ଏଫ୍ଏ ନିର୍ଦ୍ଦେଶାଳୟରୁ ଉପରୋକ୍ତ ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ସହ ତୋସରପାତ ଅର୍ଥ ଅସୁଲି ସମ୍ପର୍କରେ ନୋଟିସ ଜାରି ହୋଇଥିଲା ।

## ଫାଇଜର, ଅଷ୍ଟ୍ରାଜେନିକା ଟିକାର ପ୍ରତିରୋଧ ଶକ୍ତି ୬ ମାସରେ କମିଯାଉଛି

**ଲଣ୍ଡନ, ୨୫।୮:** କୋଭିଡ୍-୧୯ ବିରୋଧରେ ଫାଇଜର ଏବଂ ଅଷ୍ଟ୍ରାଜେନିକା ଟିକାର ଦୁଇଟି ଡୋଜ୍‌ର ରୋଗ ପ୍ରତିରୋଧ ଶକ୍ତି ୬ ମାସ ମଧ୍ୟରେ କମିଯାଉଥିବା ବ୍ରିଟେନର ଗବେଷକମାନେ ଜାଣିବାକୁ ପାଇଛନ୍ତି। ସେଥିପାଇଁ ଯେଉଁମାନେ ଉକ୍ତ ଟିକା ନେଇଛନ୍ତି, ସେମାନଙ୍କୁ ୬ ମାସ ମଧ୍ୟରେ ବୁଷ୍ଟର ଡୋଜ୍‌ର ଆବଶ୍ୟକତା ଥିବା ସେମାନେ କହିଛନ୍ତି। ଫାଇଜର କିମ୍ବା ଅଷ୍ଟ୍ରାଜେନିକା ଟିକା ନେଇଥିବା ବ୍ୟକ୍ତିଙ୍କ ରୋଗ ପ୍ରତିରୋଧ କ୍ଷମତା ଦ୍ୱିତୀୟ ଡୋଜ୍ ନେଇଥିବା ମାସଠାରୁ ୫ରୁ ୬ ମାସ ପରେ ୮୮ରୁ ୭୪ ପ୍ରତିଶତ ହ୍ରାସ ପାଉଛି। ବ୍ରିଟେନର ଜେଡ୍‌ଓଇ କୋଭିଡ୍ ଅଧ୍ୟୟନରେ ସଂଗୃହୀତ ତଥ୍ୟକୁ ଅନୁଶୀଳନ କରି ଗବେଷକମାନେ ଏହା ଜାଣିବାକୁ ପାଇଛନ୍ତି। ଅକ୍ସଫୋର୍ଡ/ଅଷ୍ଟ୍ରାଜେନିକା ଟିକା କ୍ଷେତ୍ରରେ ପ୍ରଭାବ ୪ରୁ ୫ ମାସ ପରେ ୭୭ରୁ ୬୭ ପ୍ରତିଶତ ହ୍ରାସ ପାଉଛି। ୧୨ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷା ଫଳାଫଳରୁ ଏହା ଜଣାପଡ଼ିଛି। ପୂର୍ବରୁ ହୋଇଥିବା ଅନ୍ୟ ଏକ ବିଶ୍ଳେଷଣରୁ ଟିକାର ସୁରକ୍ଷା ପ୍ରଦାନ କ୍ଷମତା ଅନ୍ୟୂନ ୬ ମାସ ବୋଲି କୁହାଯାଇଥିଲା। ଶୀତଋତୁ ସୁଦ୍ଧା ବୃଦ୍ଧ ବ୍ୟକ୍ତି ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କ ରୋଗ ପ୍ରତିରୋଧ ଶକ୍ତି ୫୦ ପ୍ରତିଶତରୁ ଅଧିକ ତଳକୁ ଖସିବ ବୋଲି ଜେଡ୍‌ଓଇ କୋଭିଡ୍ ଷ୍ଟଡିର ମୁଖ୍ୟ ଅନୁଧ୍ୟାନକାରୀ ଟିମ୍ ସ୍ପେକ୍ଟର କହିଛନ୍ତି। ବ୍ରିଟେନ ସରକାର ସେପ୍ଟେମ୍ବରରୁ କୋଭିଡ୍-୧୯ ଭାକ୍ସିନର ବୁଷ୍ଟର ଡୋଜ୍ ବରିଷ୍ଠ ନାଗରିକ ଏବଂ ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତିଙ୍କୁ ଦେବା ନିମନ୍ତେ ଯୋଜନା ଆରମ୍ଭ କରିଛନ୍ତି।

## ୬୦ କୋଟି ଟପିଲା ଟିକାଦାନ

**ନୂଆଦିଲ୍ଲୀ, ୨୫।୮:** ଦେଶରେ କୋଭିଡ୍ ଟିକାକରଣ ବୁଧବାର ୬୦ କୋଟି ଅତିକ୍ରମ କରିଛି। ବୁଧବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୩୭,୫୯୩ ଜଣଙ୍କୁ ଟିକାକରଣ କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦେଶରେ ଏବେ ସକ୍ରିୟ ମାମଲା ସଂଖ୍ୟା ୩.୨୨ ଲକ୍ଷକୁ ହ୍ରାସ ପାଇଛି। ସେଥିରୁ କେବଳ କେରଳରେ ସକ୍ରିୟ ମାମଲା ସଂଖ୍ୟା ୧.୫୯ ଲକ୍ଷ। କେରଳରେ ବୁଧବାର ସର୍ବାଧିକ ୩୧,୪୪୫ ଜଣ କୋଭିଡ୍ ସଂକ୍ରମିତ ହୋଇଛନ୍ତି। ଏହା ପୂର୍ବରୁ ମେ' ୨୦ରେ ସର୍ବାଧିକ ସଂକ୍ରମଣ ୩୦,୪୯୧ ଥିଲା। ଦିନକରେ ୨୧୫ ଜଣଙ୍କ ମୃତ୍ୟୁକୁ ମିଶାଇ ରାଜ୍ୟରେ ମୋଟ କୋଭିଡ୍ ମୃତ୍ୟୁସଂଖ୍ୟା ୧୯,୯୭୨ରେ ପହଞ୍ଚିଛି। ଓନାମ ଯୋଗୁ ପରୀକ୍ଷା କମାଇଦିଆଯାଇଥିବାରୁ ସଂକ୍ରମଣ ବଢ଼ିଥିବା କୁହାଯାଉଛି।

# ୬ ସପ୍ତାହରେ ରିପୋର୍ଟ ଦେବାକୁ ଏନ୍ଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

**ପାରଳାଖେମୁଣ୍ଡି,୨୫।୮ (ଡି.ଏନ୍.ଏ.)**

**ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲା**



ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁକୁ ୪୪ଦିନ ବିତିବାକୁ ଯାଉଥିବା ବେଳେ ଘଟଣାର ରହସ୍ୟ ଉପରୁ ପରଦା ହଟୁନାହିଁ। ଏହି ମାମଲାର ତଦନ୍ତ ରିପୋର୍ଟକୁ ୬ ସପ୍ତାହ ମଧ୍ୟରେ ପ୍ରଦାନ କରିବା ପାଇଁ ବୁଧବାର ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ଜୁଲାଇ ୧୨ରେ ଗୁରୁତର ଭାବେ ପୋଡ଼ିହୋଇ ପାରଳାଠାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକ ଅଭିଯୋଗ କରୁଥିଲେ। ଏ ନେଇ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ସହଯୋଗୀ ବନ କର୍ମଚାରୀ, ଡାକ୍ତର ଓ ରୋଷେୟା ମନ୍ମଥ କୁମ୍ଭ, ଗୁରାଣ୍ଡି ଥାନା ଅଧିକାରିଣୀ ମମତା ପଣ୍ଡା ଓ ଡିଏଫ୍ଓ ସଂଗ୍ରାମ କେଶରୀ ବେହେରାଙ୍କୁ ମଧ୍ୟ ମାରାଥନ ଜେରା କରାଯାଇଥିଲା। କିନ୍ତୁ ତତ୍କାଳୀନ ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ତଦନ୍ତ ନ ସରୁଣୁ ପାରଳା ଡିଏଫ୍ଓ, ରୋଷେୟା ଏବଂ ଗୁରାଣ୍ଡି ଥାନା ଅଧିକାରିଣୀଙ୍କୁ କ୍ଲିନଚିଟ୍ ଦେଇ ବିବାଦରେ ପଡ଼ିଥିଲେ। କ୍ଲିନଚିଟ୍‌ର ୨୪ଘଣ୍ଟା ନ ପୂରୁଣୁ ଉକ୍ତ ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଥିଲେ। ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ପରେ କ୍ରାଇମବ୍ରାଞ୍ଚ ପାରଳାଖେମୁଣ୍ଡିଠାରେ ୮ ଦିନରେ ୧୪ଜଣଙ୍କୁ ଜେରା କରି ବୟାନ ରେକର୍ଡ କରିଥିଲେ। ଏହା ପରେ ପାରଳାରେ ତଦନ୍ତ କରୁଥିବା ୪ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସମସ୍ତ ରିପୋର୍ଟ ପ୍ରଦାନ ପାଇଁ ମୁଖ୍ୟ କାର୍ଯ୍ୟାଳୟକୁ ଫେରିଥିଲେ। ତଥାପି ସୌମ୍ୟ ମୃତ୍ୟୁ ରହସ୍ୟ ଜଣାପଡ଼ିଲା ନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗତ ୩ରେ ଭାରତୀୟ ବିକାଶ ପରିଷଦ ଜଗତ୍‌ସିଂହପୁର ଜିଲା ସଭାପତି ସୁବ୍ରତ ଦାସ ଏନ୍ଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ଜାତୀୟ ମାନବାଧିକାର କମିଶନ ମାମଲା ରୁଜୁକରି ଆକ୍ସନ ଟେକନ ରିପୋର୍ଟ ମାଗିଛନ୍ତି। ୬ ସପ୍ତାହ ମଧ୍ୟରେ ଘଟଣାର ସବିଶେଷ ରିପୋର୍ଟ ପ୍ରଦାନ ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ୨୯ରେ ଲଘୁଚାପ, ୨୬ରୁ ବର୍ଷା ବଢ଼ିବ

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

**ଆକଳନ କଲା ଘରୋଇ ପାଣିପାଗ ସଂସ୍ଥା**

- ମରୁଡ଼ି ସ୍ଥିତିରୁ ଚାଷୀଙ୍କୁ ଆଶ୍ୱସ୍ତି ମିଳିବ
- ଦୁଇଦିନ ପାଇଁ ୟେଲୋ ୱାର୍ନିଂ ଦେଲା ଭୁବନେଶ୍ୱର ପାଣିପାଗ କେନ୍ଦ୍ର

ରାଜ୍ୟରେ ଏବେ ୩୧% ନିଅଣ୍ଟିଆ ବର୍ଷା ହୋଇଛି। ଚଳିତ ବର୍ଷ ଆଗୁଆ ଅର୍ଥାତ୍ ଜୁନ୍ ୧ରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସିଥିଲେ ମଧ୍ୟ ଏଯାଏ ଭଲ ବର୍ଷା ହୋଇନାହିଁ। ଫଳରେ ୨୭ ଜିଲାରେ ଅଭାବୀ ବର୍ଷା ଯୋଗୁ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ଏପରିସ୍ଥଳେ ଅଗଷ୍ଟରେ ଆଉ ବର୍ଷା ନ ଥିବା ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ କହିବା ପରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଥିଲା। ହେଲେ ଘରୋଇ ପାଣିପାଗ ସଂସ୍ଥା ସ୍କାଏ ମେଟ୍‌ର ଆକଳନ ଆଶ୍ୱସ୍ତି ଦେଇଛି। ମାସ ଶେଷ ବେଳକୁ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ ଓ ନିଅଣ୍ଟିଆ ବର୍ଷା ସ୍ଥିତିରେ ଟିକିଏ ସୁଧାର ଆସିପାରେ ବୋଲି ବୁଧବାର ଉକ୍ତ ସଂସ୍ଥା ରିପୋର୍ଟ ପ୍ରକାଶ କରିଛି। ସ୍କାଏମେଟ ମଙ୍ଗଳବାର କହିଥିଲା, ଅଗଷ୍ଟ ୩୦ ସୁଦ୍ଧା ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। କିନ୍ତୁ ବୁଧବାର ପୂର୍ବ ବୁଲେଟିନ୍‌ରେ ସଂଶୋଧିତ କରି ୨୯ ତାରିଖରେ ଲଘୁଚାପ ହେବ ବୋଲି ସ୍ପଷ୍ଟ କରିଛି। ତେବେ ଏହା ପୂର୍ବରୁ ୨୭ ତାରିଖ ସୁଦ୍ଧା ବଙ୍ଗୋପସାଗରରେ ଏକ ସାଇକ୍ଲୋନିକ ସର୍କୁଲେଶନ ସୃଷ୍ଟି ହେବ। ପରବର୍ତ୍ତୀ ଦୁଇଦିନରେ ଏହା ଘନୀଭୂତ ହୋଇ ପୂର୍ବ-କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ଏହା ପ୍ରଭାବରେ ମୌସୁମୀ ପୁଣି ସକ୍ରିୟ ହେବ। ଆସନ୍ତା ୨୭ରୁ ୨୯ ତାରିଖ ମଧ୍ୟରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାରରେ ବର୍ଷା ହେବା ନେଇ ସ୍କାଏମେଟ୍ ଆକଳନ କରିଛି। ତେବେ ଲଘୁଚାପ ସମ୍ପର୍କରେ ଏଯାଏ ଭାରତୀୟ ପାଣିପାଗ ବିଭାଗ କୌଣସି ସୂଚନା ଦେଇ ନ ଥିଲେ ମଧ୍ୟ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ଆସନ୍ତା ୨୬ରୁ ୨୮ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବ। ୨୬ରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ପ୍ରବଳ ବର୍ଷା ହେବ। ୨୭ରେ କନ୍ଧମାଳ, ବୌଦ୍ଧ, ନୟାଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ଅନୁଗୋଳ, କଟକ, ଖୋର୍ଦ୍ଧା ଓ ପୁରୀ ଏବଂ ୨୮ରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡ଼ାରେ ପ୍ରବଳ ବର୍ଷା ହେବ। ଏସବୁ ଜିଲାକୁ ଏହି ଦୁଇଦିନ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅପରପକ୍ଷେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଓ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେହି ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ ଓ ବୌଦ୍ଧ। ଏହି ଜିଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ସାରା ଦେଶରେ ହେବ ଋଣମେଳା

**ନୂଆଦିଲ୍ଲୀ,୨୫।୮**

ଚଳିତ ବର୍ଷ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସାରା ଦେଶରେ ଋଣମେଳା ଆୟୋଜନ କରିବା କାର୍ଯ୍ୟକ୍ରମ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ଏକ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି, ସାରା ଦେଶରେ ଋଣ ଚାହିଦା ବଢ଼ାଇବା ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପ୍ରତି ଜିଲାରେ ସେମାନଙ୍କ ଋଣମେଳା ପ୍ରଦର୍ଶନ କରିବେ। ଉଲ୍ଲେଖଯୋଗ୍ୟ, ଆର୍ଥିକ ମାନ୍ଦାବସ୍ଥା ସମୟରେ ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ଏଭଳି ଋଣମେଳା ଆୟୋଜନ କରାଯାଇଥିଲା। ଏଥିରେ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡ଼ିକ ମଧ୍ୟ ଅଂଶ ଗ୍ରହଣ କରିଥିଲେ।

ସେ ପୁଣି କହିଛନ୍ତି, ବର୍ତ୍ତମାନର ପରିବର୍ତ୍ତିତ ସମୟରେ ଶିଳ୍ପସଂସ୍ଥାଗୁଡ଼ିକ ବ୍ୟାଙ୍କ ବାହାରୁ ମଧ୍ୟ ପୁଞ୍ଜି ଉଠାଣ କରିବାକୁ ସକ୍ଷମ ହେବେ। ବ୍ୟାଙ୍କଗୁଡ଼ିକ ମଧ୍ୟ ବିଭିନ୍ନ ସୂତ୍ରରୁ ପୁଞ୍ଜି ଉଠାଇପାରିବେ। ଋଣ ଆବଶ୍ୟକତା ସମୟରେ ଏଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବ୍ୟକ୍ତିବିଶେଷ ନଜର ରଖିବା ଆବଶ୍ୟକ। ସୀତାରାମନ ମୁମ୍ବାଇରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟିଥିଲେ। ବର୍ତ୍ତମାନ ସ୍ଥିତିରେ ଅର୍ଥ ବ୍ୟବସ୍ଥାକୁ ଆଗକୁ ବଢ଼ାଇବା ଲାଗି ବ୍ୟାଙ୍କଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।

## ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ ଏଜେଣ୍ଡା

ପ୍ରଧାନମନ୍ତ୍ରୀଙ୍କ ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ ଏଜେଣ୍ଡାକୁ ଆଗକୁ ବଢ଼ାଇବା ଲାଗି ସୀତାରାମନ ବ୍ୟାଙ୍କ ମୁଖ୍ୟଙ୍କୁ ଆହ୍ୱାନ ଜଣାଇଛନ୍ତି। ରପ୍ତାନି ପ୍ରୋତ୍ସାହନ ଏଜେନ, ଶିଳ୍ପସଂଘଗୁଡ଼ିକ ସହ ଆଲୋଚନାକରି ସେମାନଙ୍କ ରପ୍ତାନି ସମ୍ପର୍କିତ ଆବଶ୍ୟକତାକୁ ବୁଝିବାକୁ ସେ ପରାମର୍ଶ ଦେଇଛନ୍ତି। ଶିଳ୍ପକ୍ଷେତ୍ରକୁ ହ୍ୟାଣ୍ଡ ହୋଲ୍ଡିଂ ସୁବିଧା, ବିଭିନ୍ନ କ୍ଷେତ୍ରକୁ ସହଯୋଗ ଦ୍ୱାରା ସେମାନଙ୍କୁ ରପ୍ତାନିକାରୀ ଭାବେ ରୂପାନ୍ତରିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ଟାଟା ଷ୍ଟିଲ୍ କାରଖାନାରେ ଦୁର୍ଘଟଣା

**କଳିଙ୍ଗନଗର,୨୫।୮ (ଡି.ଏନ.ଏ.)**

**କ୍ରେନ୍ ଅପରେଟରଙ୍କ ମୃତ୍ୟୁ**

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ କାରଖାନାରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ କ୍ରେନ୍ ଅପରେଟରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼ଖଣ୍ଡ ରାଜ୍ୟର ରୋହିତ କୁମାର ପାଶ୍ୱାନ(୨୪)। ସକାଳ ପ୍ରାୟ ୮ଟାରେ ରୋହିତ କାରଖାନା ପରିସରରେ କ୍ରେନ୍ ଲିଫ୍ଟରେ ଉପରକୁ ଯାଉଥିଲେ। ତେବେ କୌଣସି କାର୍ଯ୍ୟ ପାଇଁ ତଳକୁ ଅନାଇବାରୁ ତାଙ୍କ ବେକ ଚାପି ହୋଇଯାଇଥିଲା। କ୍ରେନ୍‌ଟି ଅଟୋମେଟିକ ସେନ୍‌ସର ସିଷ୍ଟମ ହୋଇଥିବାରୁ ତୁରନ୍ତ ବନ୍ଦ ହୋଇଯାଇଥିଲା। ଫଳରେ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଳିଙ୍ଗନଗର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ଥାନାରେ ନଂ. ୧୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ତେବେ କାରଖାନାରେ ବାରମ୍ବାର ଦୁର୍ଘଟଣାରେ ଶ୍ରମିକ ଏବଂ କର୍ମଚାରୀଙ୍କ ମୃତ୍ୟୁ ଘଟିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୪୧ ତା:୧୯।୦୮।୨୧

**ବିଜ୍ଞାପନ**

No. CAD-986: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍-୯୪୫ (L-945), ୨ୟ ପର୍ଯ୍ୟାୟ ଡୁମୁଡୁମା ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଶ୍ରୀମତୀ ସୁନିତା ନାୟକ, ସ୍ୱାମୀ: ବସନ୍ତ କୁମାର ନାୟକ, ସା/ପୋ.- କୁଦୁତାଇ, ଥାନା: ବୁଗୁଡା, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସୁନିତା ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଜଗନ୍ନାଥ ସିଂହ, ପିତା: ମାଖନ କୁମାର ସିଂହ, ସା: ଭବାନୀପୁର, ପୋ/ଥାନା: ପିପିଲି, ଜିଲ୍ଲା: ପୁରୀଙ୍କ ନାମରେ ଆବଣ୍ଟନ ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଆବଣ୍ଟନ ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0082/2122

No. B-334

**Govt. of Odisha**
**"e" PROCUREMENT NOTICE**
**Bid Identification No. E.E. PKL (R&B) - 05/2021-22**
**E-mail address: eepwd.pkl@rediffmail.com**

| | | |
|---|---|---|
| 1. | Name of the Work | Road Work |
| 2. | Numbers of Work | 1 (One) |
| 3. | Estimated Cost | Rs.67.00 lakh |
| 4. | Period of Completion | 3 (Three) Calendar Months |
| 5. | Date & time of availability of bid document in the portal | From 11.00 A.M. of Dt.26.08.2021 to 05.00 P.M. of Dt.13.09.2021 |
| 6. | Last date/time for receipt of bids in the portal | 05.00 P.M. of Dt.13.09.2021 |
| 7. | Date of Opening of Bid | 11.30 A.M. of Dt.14.09.2021 |
| 8. | Name and address of the Officer Inviting Bid | Executive Engineer, Panikoili (R&B) Division, Panikoili |

Further details can be seen from the e-procurement portal **https://tendersodisha.gov.in**.

**Sd./- Executive Engineer**
**Panikoili (R&B) Division**
OIPR-34067/11/0006/2122

No. i-138

**OFFICE OF THE BLOCK DEVELOPMENT OFFICER, BHOGRAI BLOCK, Dist. Balasore**
**E-mail: ori-Bhograi@gmail.com**

**TENDER CALL NOTICE**

**Advt. No. 5110/Bhograi/Bls. of 2021-22 Date 24.08.2021**

Sealed tenders (Percentage Rates) in conformity with the DTCN are invited from the **"C" and "B"** Class Contractors registered with the State Govt. for Execution of 01 No. of Civil works of **Rs.20.55 lakhs** for Construction of New Sub-Centre Building at **Jaleswrpur Main S/C** under Bhograi Block, in the Dist. of Balasore. The tender documents (DTCN & BOQ) can be obtained (Download) from district NIC website **(www.baleswar.nic.in)** from **Dt.26.08.2021 to 10.09.2021 till 5 P.M.** The tenders will be **Received up to Dt.14.9.2021 till 5 P.M.** and **Opened on 16.9.2021 at 11.30 A.M.** and Address to Office of the BDO, Bhograi, Panchayat Samiti, Bhograi Block. Dist. Balasore through **Registered Post/ Speed Post/ Courier service** only. The incomplete Bid in any form is liable for rejection. The detail terms and conditions can be downloaded at NIC Website (**www.baleswar.nic.in**)

**Sd./- BDO, Bhograi Block**
OIPR-19140/11/0001/2122

**GOVT. OF ODISHA** No. A-395

**OFFICE OF THE SUPERINTENDING ENGINEER**
**JAJPUR IRRIGATION DIVISION, JAJPUR**
**Office Phone No. 06728-222022, Email: jpt.irrigation@gmail.com**

**'e'-Procurement Notice No. 03/2021-22**

| | | |
|---|---|---|
| 1. | Name of Work | Restoration, Protection & Improvement Works |
| 2. | Total No. of Packages | 4 (Four) Nos. of Packages only. |
| 3. | Estimated Cost | Varies from Rs.40.24 lakh to Rs.28.73 lakh |
| 4. | Mode of Payment of EMD (Bid Security) & Bid Cost | Bid Security Declaration as per Finance Department O.M. No. FIN-COD-MISC-0007-2019/8943/F Dated: 18.03.2021 |
| 5. | Period of Completion | Upto 6 (Six) Calendar Months |
| 6. | Other details as follows | |
| I. | Procurement Officer | Superintending Engineer, Jajpur Irrigation Division, Jajpur |
| II. | Period of Online Bidding | Dt.27.08.2021 from 10.00 hrs. to Dt.06.09.2021 upto 17.00 hrs. |
| III. | Date, time & place of Opening of Bid through Online | Dt.07.09.2021 at 11.30 hrs. in the Office of the Superintending Engineer, Jajpur Irrigation Division, Jajpur |
| IV. | Date of Transparent Lottery to be Conducted (if required) | Dt.14.09.2021 at 11.00 hrs. in the Office of the Superintending Engineer, Jajpur Irrigation Division, Jajpur |

Further details can be seen from the Govt. website: **www.tendersorissa.gov.in**.

**Sd./- Superintending Engineer, Jajpur Irrigation Division**
OIPR-32130/11/0003/2122

**OFFICE OF THE DHENKANAL MUNICIPAL COUNCIL, DHENKANAL**

No.C-812:-

**Paper Tender Notice**

Tender Call Notice No. 2258/ DKLMPLTY/ Date 21.8.21

| | | |
|---|---|---|
| 1. | Name of the work | Individual Civil Construction works as published the Dhenkanal Municipality website i.e. www.dhenkanalmunicipality.com |
| 2. | No. of works put to tender | 42 Nos. individual works |
| 3. | Estimated cost | Varies from Rs.1,20,000.00 to Rs.2,00,000.00 |
| 4. | Period of completion | Varies from 15 days to one month |
| 5. | Date and time of availability of bid document in the Municipality web portal | From 11.00 hours of Dt.25.08.2021 to 13.00 of Dt. 04.09.2021 |
| 6. | Last date / time for receipt of bids | 13.00 hours of Dt.04.09.2021 |
| 7. | Date and time of opening of bid | 16.00 hours of Dt.04.09.2021 |
| 8. | Name and address of the Officer inviting bid | Executive Officer, Dhenkanal Municipality, Dhenkanal |

Further details can be seen from the Dhenkanal Municipality website www.dhenkanalmunicipality.com

**Sd./- Executive Officer, Dhenkanal Municipality**
OIPR-13146/11/0003/2122

No. E-370

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**

**NOTICE**

**No. HFW-CONF-CONP-0078-2021 23620/H&F.W., Date: 23.08.2021**

**To**
**Dr. Seema Chouhan**
**Ex-Asst. Surgeon, DHH, Bhawanipatna**

Please take notice that a Disciplinary Proceeding has been initiated against you vide Memorandum No.838/H dtd.11.01.2008. After completion of inquiry, a copy of the inquiry report was served on you vide Notice bearing No.11848/H dtd.11.04.2013. You have not submitted your representation even after receipt of the same on dt.06.05.2013. Government have thereafter decided to propose the penalty and a second show cause notice proposing the penalty has been issued vide Notice bearing No.2778/H dtd.05.02.2014. But the said notice could not be served on you as your whereabouts/address are not known to Government.

You are, therefore, informed through this notice to appear before the Director, Health Services, Odisha, Bhubaneswar on any working day within a period of 10 days from the date of publication of this notice in the newspaper, receive the notice and submit your representation within next thirty days from the date of receipt of the same. If you fail to appear before the Director of Health Services, Odisha, Bhubaneswar and receive the notice, it will be deemed that the notice has been served on you and action as deemed proper shall be taken against you ex parte.

**Sd./- Special Secretary to Government**
**Health and F.W. Department**
OIPR-10001/11/0020/2122

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o- SR. GENERAL MANAGER (CONST), CONSTRUCTION ZONE-II, SAMBALPUR
**CIN: U40102OR2004SGC007553**

**No.SGM(TP&C)/Publication/Gaz-1278 Dated : 17.08.2021**

**NOTIFICATION**

No.CAD-996:- In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No.: R&R-II-10/2006/2353 dated 09.03.2006, the following transmission scheme, whcih are intended to be undertaken by the Odisha Power Transmission Corporation Limited for execution, are published for general information. The Tentative estimated amount is Rs.52.15 (Crores (Approx.). This will develop quality power supply to Brundabahal and nearby area. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the Office of the DGM (Elect.), EHT (C) Division, Rayagada on any working day during office hours.

**Name of the work:** Construction of proposed 132 kV LILO line from 132 kV Baner - Junagarh line (Loc No.41/0 to 41/1) to proposed 132/33 kV Grid S/S Brundabahal.

**Name of the Village in which the line will pass:**

**Tahasil:** Junagarh; R.I. Circle-Junagarh, Chichaiguda, Atigaon. Revenue Village: Junagarh, Baladhiamal, Krushnachandrapur, Prahaladpur, Jamunabahal, Bhejipadara, Mundiguda, Kelia.

**Tahasil:** Dharmagada, R.I. Circle: khairapadara; Revenue Village: Khatanara, Tambachhda, Telipalsa.

**Tahasil:** Golamunda, R.I. Circle: Dasapur; Revenue Village: Panjia, Lukhurabhata, Chichia, Dekote, Dumerbahal, Brundabahal.

FIPR-41/2021-22

**Sd./- Er. Rabindra Nath Mohapatra**
**Sr. GM (Const.), Zone-II, Sambalpur**
OIPR-04011/11/0058/2122

**OFFICE OF THE MUNICIPAL COUNCIL, BARGARH**
**At/P.O./P.S.- Bargarh, District: Bargarh (Odisha), PIN - 768028**
**Letter No. 4221 Date: 24.08.2021**

**QUOTATION CALL NOTICE**

No. C-814: Quotations are invited from 25.08.2021 to 03.09.2021 during office hours from reputed Architectural Firms/Technical Consultant services having minimum 10 years experience with valid GST Registration, Income Tax registration for execution of works for Survey, optimum space utilization planning, preparation of modern structural design and details plan and estimate (Technical sanction by the competent authority). Tender schedule etc. & complete supervision of the works at different required stages of the following projects under Municipality Office, Bargarh.

| Sl. No. | Name of the Project | Description | No. of Project |
|---|---|---|---|
| 1 | Preparation of DPR for Crematorium, Bargarh Municipality | Preparation of DPR & Supervision, 3D View of all Components in AutoCAD | 1 No. |

Interested firms having aforesaid eligibility may apply with necessary documents and brochure of projects/similar projects executed earlier along with EMD of Rs.10,000.00 (Rupees Ten Thousand) only in shape of Fixed Deposit receipt duly pledged in favour of Executive Officer, Municipality Office, Bargarh which is refundable. The Architectural firm/technical consultant can submit the application in plain paper mentioning the commission to be paid for such service in percentage basis of the estimate inclusive of all taxes and charges. The quotation paper along with all documents shall be received in the Office of the Executive Officer, Municipality Office, Bargarh through Regd./Speed Post or by person on before 03.09.2021 till 10.00 A.M. and will be opened on the same day at 11.00 A.M. in presence of the quotationer or their authorized representative. The tender committee reserves right to select the firm having better infrastructure experience and expertise over and above the financial quotation made. Further the tender committee has every right to constitute a panel of such firms & to assign various projects to various firms as per the necessity and suitability. The authority reserves the right to accept, cancel or reject any or all the quotations without assigning any reason thereof.

**Sd./- Executive Officer, Bargarh Municipality**
OIPR-13103/11/0009/2122

## ସଂକ୍ଷେପରେ

### 'ଗୁରୁଦିବସ ପୂର୍ବରୁ ଶିକ୍ଷକଙ୍କୁ ଟିକା ସ୍ୱାଗତଯୋଗ୍ୟ'

ଭୁବନେଶ୍ୱର, ୨୫।୮(ବ୍ୟୁରୋ): ଗୁରୁଦିବସ ପୂର୍ବରୁ ଦେଶର ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କରୋନା ଟିକା ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏଥିଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ କହିଛନ୍ତି, ଗୁରୁଦିବସର ପୂର୍ବରୁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଟିକାକରଣକୁ ପ୍ରାଥମିକତା ଦିଆଯିବ। ସବୁ ମାସରେ ରାଜ୍ୟଗୁଡ଼ିକୁ ମିଳୁଥିବା ଟିକା ବ୍ୟତୀତ ଅତିରିକ୍ତ ୨ କୋଟି ଟିକା ଉପଲବ୍ଧ କରାଯିବ। ମହାମାରୀ ସମୟରେ ପାଠପଢ଼ାରେ ଆସୁଥିବା ସମସ୍ୟା ଦୂର କରିବା ଦିଗରେ କେନ୍ଦ୍ର ସରକାରଙ୍କ ଏହା ବଳିଷ୍ଠ ପଦକ୍ଷେପ। ଏହି ଟିକାକରଣ ଅଭିଯାନକୁ ସଫଳ କରିବାକୁ ଧର୍ମେନ୍ଦ୍ର ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ଦରମା କରାଇଦେବାକୁ ଲାଞ୍ଚ ମାଗିଲେ ପ୍ରଧାନ ଶିକ୍ଷକ

**ଅଡିଓ ଭାଇରାଲ୍**

ସଜନାଗଡ଼,୨୫।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଧରମପୁର ନୋଡାଲ ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସେହି ସ୍କୁଲର ଜଣେ ଚୁକ୍ତି ଭିତ୍ତିକ ଶିକ୍ଷୟିତ୍ରୀଙ୍କ ଦରମା କରାଇ ଦେବାକୁ ଲାଞ୍ଚ ମାଗିବା ଅଭିଯୋଗ ହୋଇଛି। ଏସମ୍ପର୍କିତ ଅଡିଓ ଭାଇରାଲ୍ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ଉପଜିଲାପାଳ ଘଟଣାର ତଦନ୍ତ କରିଛନ୍ତି। ଉକ୍ତ ସ୍କୁଲର କାର୍ଯ୍ୟ କରୁଥିବା ଜନୈକା ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଙ୍କ ଜୁଲାଇ ଓ ନଭେମ୍ବର ୨୦୨୦ ଦୁଇ ମାସର ବକେୟା ଦରମା କରାଇଦେବା ପାଇଁ ପ୍ରଧାନଶିକ୍ଷକ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶିକ୍ଷୟିତ୍ରୀ ଜଣକ ହଜାରେ ଟଙ୍କା ଦେବି କହିଥିବା ଭାଇରାଲ ଅଡିଓରୁ ଜଣାପଡ଼ିଛି। ବାଲେଶ୍ୱର ଜିଲାପାଳ ଅଭିଯୋଗର ତଦନ୍ତ ପାଇଁ ନୀଳଗିରି ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଉପଜିଲାପାଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ସୂଚନା ମିଳିଛି।

# କୋଟିଆର ୩ ଗାଁରେ ପ୍ରାଣୀ ଚିକିତ୍ସା ଶିବିର କଲା ଆନ୍ଧ୍ର

**ସେପ୍ଟେମ୍ବର ୪ଯାଏ କୋଟିଆର ସବୁ ଗାଁରେ ଚାଲିବ**

ପଟ୍ଟାଙ୍ଗୀ,୨୫।୮(ଡି.ଏନ୍.ଏ.)

ଆନ୍ଧ୍ର ପ୍ରଦେଶ ସୀମାନ୍ତରେ ଥିବା କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତରେ ପୁଣି ଆନ୍ଧ୍ର ଅନୁପ୍ରବେଶ କରିଛି। ବିଭିନ୍ନ ସମୟରେ କୋଟିଆରେ ପହଞ୍ଚୁଥିବା ଆନ୍ଧ୍ରର ନେତା ଓ ପ୍ରଶାସନିକ ଅଧିକାରୀମାନେ ବୁଧବାର ପଞ୍ଚାୟତର ଉପରସେମ୍ଭି, ଧୂଳିପଦର ଓ ତଳସେମ୍ଭି ଗ୍ରାମରେ ପହଞ୍ଚି ପ୍ରାଣୀ ଚିକିତ୍ସା ଶିବିର କରିଛି। ସାଲୁର ବ୍ଲକ ପ୍ରାଣୀ ଚିକିତ୍ସାଳୟର ଆସିଷ୍ଟାଣ୍ଟ ଡାଇରେକ୍ଟର ପି.ସନ୍ୟାସୀ ରାଓ, ଡାକ୍ତର ଡି.ସୁରେଶ ଏବଂ ଡାକ୍ତର ଏମ୍. ସନ୍ୟାସୀ ରାଓ ଉପରୋକ୍ତ ଗ୍ରାମଗୁଡ଼ିକରେ ପହଞ୍ଚି ଗ୍ରାମର ଗୋରୁ, ଛେଳି ଓ ମେଣ୍ଢା ଆଦି ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପୃକ୍ତ ଅଧିକାରୀମାନେ ଏପରି କାର୍ଯ୍ୟକ୍ରମ ଆସନ୍ତା ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ କୋଟିଆ ପଞ୍ଚାୟତର ସମସ୍ତ ଗ୍ରାମରେ ଚାଲିବ। ପ୍ରାଣୀ ଚିକିତ୍ସା ଶିବିରମାନ ଆୟୋଜନ କରାଯାଇ ସମସ୍ତ ଗୋରୁଙ୍କୁ ମାଗଣାରେ ପରୀକ୍ଷା କରି ଔଷଧ ପ୍ରଦାନ କରାଯିବ। ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା କାର୍ଡ ମଧ୍ୟ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ତଳଗଞ୍ଜେଇପଦର ଗ୍ରାମର ପୂର୍ବତନ ସରପଞ୍ଚ ବିଶୁ ଗେମେଲ ଉପସ୍ଥିତ ଥିଲେ।



ଆନ୍ଧ୍ର ପକ୍ଷରୁ ଧୂଳିପଦର ଗ୍ରାମରେ ଚାଲିଥିବା ଶିବିର।

ଅନ୍ୟପକ୍ଷରେ ଆନ୍ଧ୍ରର ଆଦିବାସୀ ସଂଘର ବିଜୟନଗରମ ଜିଲା ସଭାପତି ସେତରା ଆପ୍ପାରାଓ, ଜେନେରାଲ ସେକ୍ରେଟାରି ଭି. ସୁନ୍ଦର ରାଓ, ସିପିଏମ୍‌ର ଜୋନାଲ ସେକ୍ରେଟାରି ମାରି ଶ୍ରୀନିବାସ ରାଓ, ଜିଲା କମିଟି ସଦସ୍ୟ କୋରଡି ଈଶ୍ୱର ରାଓ ପ୍ରମୁଖ କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର, ଉପରସେମ୍ଭି ଓ କୋଟିଆ ଗ୍ରାମରେ ପହଞ୍ଚି ଏକ ଶୋଭାଯାତ୍ରା କରିଛନ୍ତି। କୋଟିଆର ସବୁ ଗ୍ରାମବାସୀଙ୍କୁ ଜଙ୍ଗଲ ଜମିପଟ୍ଟା ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରର ଏପରି ବାରମ୍ବାର ଅନୁପ୍ରବେଶକୁ ଉତ୍କଳ ସମ୍ମିଳନୀ ନିନ୍ଦା କରିଛି। କୋଟିଆ ପଞ୍ଚାୟତର ସମସ୍ତ ଗ୍ରାମରେ ରାଜନୈତିକ ଦଳଗୁଡ଼ିକ ପହଞ୍ଚି ଗୋଟିଏ ଲେଖାଏ କମିଟି ଗଠନ କରିବା ଏବଂ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସବୁ ଗ୍ରାମରେ ସରକାରୀ କର୍ମଚାରୀ ରହି ଯେପରି ଓଡ଼ିଶା ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଯାଇପାରିବ ସେନେଇ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସମ୍ମିଳନୀର ରାଜ୍ୟ ସଭାପତି ଡାକ୍ତର ଅଦ୍ୱୈତ ପାତ୍ର, ଉପସଭାପତି ବିନୋଦ ମହାପାତ୍ର ଏବଂ ପଟ୍ଟାଙ୍ଗୀ ବ୍ଲକ ସଭାପତି ଶରତ କୁମାର ଧଳ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ବେଦଭୂଷଣଙ୍କୁ ପଚାରିବାରୁ ସେ କହିଲେ, ଓଡ଼ିଶା ସରକାରଙ୍କ ପକ୍ଷରୁ କୋଟିଆ ପଞ୍ଚାୟତ ସମେତ ବିଭିନ୍ନ ଗ୍ରାମରେ ଆମେ ପୂର୍ବରୁ ସ୍ୱାସ୍ଥ୍ୟସେବା ଶିବିରମାନ କରିଛୁ। ଏବେ ଆନ୍ଧ୍ର ଯଦି ଲୁଚିଛପି ଆସି ଏହି କାର୍ଯ୍ୟ କରେ ତେବେ ଆମେ ଆଉ କ'ଣ କରିପାରିବୁ।

# ପ୍ରେମିକାଙ୍କୁ ପ୍ରତାରଣା ପରେ ହତ୍ୟା

ଦେଓଗାଁ,୨୫।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅପାମରା ଗାଁର ଜଣେ ୧୯ବର୍ଷୀୟା ଯୁବତୀଙ୍କୁ ତାଙ୍କ ପ୍ରେମିକ ପ୍ରତାରଣା ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀଙ୍କ ବାପା ଦେଓଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୧) ରୁଜୁ ହୋଇଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତ ପ୍ରେମିକ, ତାଙ୍କ ବାପା ଓ ପରିବାରର ଅନ୍ୟ ଜଣେ ସଦସ୍ୟଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଛି।

ମୃତ ଯୁବତୀଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଅପାମରା ଗାଁର ଜଣେ ଯୁବକ ତାଙ୍କ ଝିଅଙ୍କୁ ପ୍ରେମ କରୁଥିଲେ। ଏହାପରେ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିରେ ଯୁବତୀ ଜଣକ ଅନ୍ତଃସତ୍ତ୍ୱା ହୋଇଥିଲେ। ଏକଥା ସେ ଘରେ କହିବା ପରେ ଯୁବତୀଙ୍କ ବାପା ବୁଧବାର ସକାଳେ ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ତାଙ୍କ ଝିଅକୁ ବିବାହ କରିବାକୁ ଦାବି କରିଥିଲେ। ହେଲେ ଯୁବକଙ୍କ ପରିବାର ଲୋକେ ଏଥିରେ ରାଜି ନ ହୋଇ ତାଙ୍କୁ ମାରପିଟ କରି ବିଦା କରିଦେଇଥିଲେ। ଏ ନେଇ ସେ ଦେଓଗାଁ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୧୭୦/୨୧) ରୁଜୁ ହୋଇଥିଲା। ଏହାପରେ ଯୁବତୀ ଜଣକ ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ବିବାହ ପାଇଁ ଜିଦ୍ ଧରିଥିଲେ। ତାଙ୍କୁ ମଧ୍ୟ ମାରପିଟ କରି ପ୍ରେମିକଙ୍କ ପରିବାର ଲୋକେ ଫେରାଇ ଦେଇଥିଲେ। ମଧ୍ୟାହ୍ନରେ ଯୁବତୀଙ୍କୁ ପ୍ରେମିକଙ୍କ ଘର ପଛପଟ ବାଡ଼ିରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସମ୍ପୃକ୍ତ ଯୁବକ ତାଙ୍କୁ ବିଷ ପିଆଇ ଦେଇଥିବା ଯୁବତୀ ତାଙ୍କ ଘର ଲୋକଙ୍କୁ କହିଥିଲେ। ଝିଅକୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହ ଥାନାକୁ ଆଣି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅପରପକ୍ଷେ ମିଥ୍ୟା ଅଭିଯୋଗ କରି ଆମକୁ ଫସାଇ ଦେବା ପାଇଁ ଯୁବତୀଙ୍କ ପରିବାର ଲୋକେ ଉଦ୍ୟମ କରିଛନ୍ତି ବୋଲି ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏହି ଅଭିଯୋଗକୁ ଭିତ୍ତି କରି ଅନ୍ୟ ଏକ ମାମଲା(ନଂ.୧୭୧/୨୧) ରୁଜୁ ହୋଇଛି।

# ରାଜ୍ୟରେ ପ୍ରତିଷ୍ଠା ହେବ କ୍ରୀଡ଼ାଭିତ୍ତିକ ଶିଳ୍ପ: ମନ୍ତ୍ରୀ

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଏବଂ ମହିଳାଙ୍କ ଚମତ୍କାର ପ୍ରଦର୍ଶନ ପରେ ସରକାର ଉତ୍ସାହିତ ଅଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟରେ କ୍ରୀଡ଼ାଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଲାଗି ଅନୁକୂଳ ବାତାବରଣ ସୃଷ୍ଟି କରାଯିବ। ଏଥିଲାଗି ଶିଳ୍ପୋଦ୍ୟୋଗୀଙ୍କୁ ଆମନ୍ତ୍ରଣ କରାଯାଉଛି ବୋଲି ସୂଚନା ଦେଇଛନ୍ତି ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର। ରାଜ୍ୟରେ କ୍ରୀଡ଼ାଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଲାଗି କରାଯାଉଥିବା ଯୋଜନା ସମ୍ପର୍କରେ 'ଆସୋଚମ୍'ର ଏକ ଆଭାସୀ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

'ବୈଶ୍ୱିକ ମୂଲ୍ୟ ଶୃଙ୍ଖଳ ପାଇଁ ଓଡ଼ିଶା ରାଜ୍ୟ ଦକ୍ଷତା ସୃଷ୍ଟି' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ମନ୍ତ୍ରୀ କହିଛନ୍ତି, ଏଭଳି ଯୋଜନା ସଫଳ ହେଲେ ଦେଶର କ୍ରୀଡ଼ା ଚାହିଦା ପୂରଣ ହେବ। ଅନ୍ତର୍ଜାତୀୟ ବଜାରକୁ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇପାରିବ। ନିବେଶକମାନଙ୍କ ନିମନ୍ତେ ଓଡ଼ିଶା ପ୍ରକୃଷ୍ଟ ରାଜ୍ୟ। ଏଠାରେ ଉତ୍ପାଦନର ୟୁନିଟ୍ ମୂଲ୍ୟ ଦେଶରେ ସବୁଠୁ କମ୍। ରାଜ୍ୟ ସରକାର ଶିଳ୍ପ ପାଇଁ ସମସ୍ତ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଉଛନ୍ତି। ରିହାତି ମଧ୍ୟ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଖଣିଖାଦାନ ଭରା ଓଡ଼ିଶାରେ ବଞ୍ଚିବା ଲାଗି ସମସ୍ତ ସାଧନ ଉପଲବ୍ଧ। ବିଶ୍ୱର ଯେକୌଣସି କାରଖାନା ପାଇଁ ଆବଶ୍ୟକ ଖଣିଜ ସମ୍ପଦ ଏଠାରେ ରହିଛି। ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶିଳ୍ପନୀତି, ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍, ବ୍ୟବସାୟ ନିମନ୍ତେ ସର୍ବନିମ୍ନ ମୂଲ୍ୟ ଆଦି ସୁବିଧା ଶିଳ୍ପଜଗତକୁ ଉତ୍ସାହିତ କରିପାରୁଥିବା ସେ କହିଛନ୍ତି।

# ଦକ୍ଷତା ବିକାଶ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବଢ଼ାଇବା ଜରୁରୀ

ଭୁବନେଶ୍ୱର, ୨୫।୮(ବ୍ୟୁରୋ)

**ନବମ ଅନ୍ତର୍ଜାତୀୟ ସ୍କିଲ୍ସ ଫୋରମ**

**ଯୁବଗୋଷ୍ଠୀଙ୍କୁ ଅପ୍-ସ୍କିଲିଂ ଏବଂ ରି-ସ୍କିଲିଂ ଉପରେ ବାଗ୍‌ଚୀଙ୍କ ଗୁରୁତ୍ୱ**

ନେତା, ନୀତି ନିର୍ଦ୍ଧାରକ ଓ ଦକ୍ଷତା ବିକାଶ ସଂସ୍ଥାଗୁଡ଼ିକ ନିକଟରେ ଦକ୍ଷତା କ୍ଷେତ୍ରରେ ରହିଥିବା ଅସମାନତା ଦୂର କରିବା ପାଇଁ ଉତ୍ତମ ସୁଯୋଗ ରହିଛି। ସେମାନେ ନୀତି ନିର୍ଦ୍ଧାରଣ, ପୁଞ୍ଜିନିବେଶ ଓ ଏହାକୁ କାର୍ଯ୍ୟକାରୀ କରିବା ସମୟରେ ଲିଙ୍ଗଗତ ତାରତମ୍ୟ, ସ୍ୱଳ୍ପ ବେତନ ତଥା ବେତନରେ ଭେଦଭାବ ଏବଂ ଦକ୍ଷତା ବିକାଶ ନିମନ୍ତେ ପୁଷ୍ଟିସାରଯୁକ୍ତ ଖାଦ୍ୟର ଆବଶ୍ୟକତା ଉପରେ ଧ୍ୟାନ ଦେବା ଆବଶ୍ୟକ। ବିଶେଷ କରି ଦକ୍ଷତା ବିକାଶ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବଢ଼ାଇବା ସହ ସେମାନଙ୍କ ପୁଷ୍ଟିକର ଖାଦ୍ୟର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଛନ୍ତି।



ଫୋରମରେ ସୁବ୍ରତୋ ବାଗ୍‌ଚୀ ମତ ରଖୁଛନ୍ତି।

ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଦ୍ୱାରା ଆୟୋଜିତ ନବମ ଅନ୍ତର୍ଜାତୀୟ ସ୍କିଲ୍ସ ଫୋରମରେ ବାଗ୍‌ଚୀ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଦକ୍ଷତା ବିକାଶ ନା ମାନବ ରୂପାନ୍ତରଣ (ସ୍କିଲ ଡେଭଲପ୍‌ମେଣ୍ଟ ଅର୍ ହ୍ୟୁମାନ ଟ୍ରାନ୍ସଫରମେଶନ)' ଉପରେ ମତ ରଖିଥିଲେ। ସେ କହିଲେ, ଦକ୍ଷତା ବିକାଶ ପରେ ଯୁବଗୋଷ୍ଠୀଙ୍କୁ ଅପ୍-ସ୍କିଲିଂ ଏବଂ ରି-ସ୍କିଲିଂ କରାଇବାର ଆବଶ୍ୟକତା ରହିଛି। ଔପଚାରିକ କ୍ଷେତ୍ରରେ ସମୟ, ଶ୍ରମ ଏବଂ ଅର୍ଥ ବିନିଯୋଗ କରି ଯୁବଗୋଷ୍ଠୀଙ୍କୁ ଏପରି ଦକ୍ଷ କରାଯାଇପାରିବ, ଯାହା ଅନୌପଚାରିକ କ୍ଷେତ୍ରରେ ଅସମ୍ଭବ। ଭାରତରେ ମଜୁରି ପ୍ରଦାନରେ ବହୁତ ତାରତମ୍ୟ ରହୁଛି। ଆମକୁ ସର୍ବନିମ୍ନ ମଜୁରିରୁ ଉପଯୁକ୍ତ ମଜୁରି ବିଷୟରେ ଚିନ୍ତା କରିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ନିର୍ଦ୍ଦେଶରେ କିଭଳି ଓଡ଼ିଶା ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଅନନ୍ୟ ରାଜ୍ୟ ଭାବେ ଉଭା ହୋଇପାରିଛି ସେ ସମ୍ପର୍କରେ ବାଗ୍‌ଚୀ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩ହଜାରରୁ ଅଧିକ ଅନ୍ତର୍ଜାତୀୟ ସ୍ତରର ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ବିଶିଷ୍ଟ ଶିକ୍ଷା ବିଶେଷଜ୍ଞ, ଶିକ୍ଷାବିତ୍, ବିଭିନ୍ନ ଦକ୍ଷତା ବିକାଶ ସଂସ୍ଥାର ପ୍ରତିନିଧି ଏବଂ ଏଡିବି ସହଯୋଗୀ ରାଷ୍ଟ୍ରର ସଦସ୍ୟମାନେ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଏହା ହେଉଛି ଏଡିବିର ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ। ପ୍ରତି ଦୁଇବର୍ଷରେ ଥରେ ଏହାକୁ ଆୟୋଜନ କରାଯାଇଥାଏ। ଚଳିତବର୍ଷ କୋଭିଡ୍ ମହାମାରୀ ଯୋଗୁ ଏହା ଭର୍ଚୁଆଲରେ ଗତ ୨୩ରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଖେଳ ଖବର

### ଓଡ଼ିଶାର ଦେବେନ୍ଦ୍ର ଜାତୀୟ ଫେନ୍‌ସିଂ ସଂଘର ଯୁଗ୍ମ ସମ୍ପାଦକ

ଭୁବନେଶ୍ୱର, ୨୫।୮ (କ୍ରୀଡ଼ା ପ୍ରତିନିଧି)

ଜାତୀୟ ଫେନ୍‌ସିଂ (ଅଶୀଚାଳନା) ସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଓ ନିର୍ବାଚନ ବୁଧବାର ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଫେନ୍‌ସିଂ ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି।


ଦେବେନ୍ଦ୍ର କୁମାର ସାହୁ

ପଙ୍କଜ ସିଂ ଜାତୀୟ ସଂଘର ସଭାପତି, ଭାରତୀୟ ଅଲିମ୍ପିକ୍ ସଂଘର ସାଧାରଣ ସମ୍ପାଦକ ରାଜୀବ ମେହେଟା ସମ୍ପାଦକ ଏବଂ ବସିର ଅହମଦ ଖାଁ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ନିକଟରେ ଶେଷ ହୋଇଥିବା ଟୋକିଓ ଅଲିମ୍ପିକ୍ସରେ ଭାରତର ଏକମାତ୍ର ଫେନ୍‌ସର ଭାବେ ଭାଗ ନେଇଥିବା ଭବାନୀ ଦେବୀଙ୍କୁ ଉକ୍ତ ବୈଠକରେ ୧୦ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିଲା। ରାଜ୍ୟରେ ଫେନ୍‌ସିଂ ଖେଳର ଅଧିକ ପ୍ରଚାର ଓ ପ୍ରସାର ପାଇଁ ବୈଷୟିକ ସହାୟତା ଯୋଗାଇ ଦେବାକୁ ଦେବେନ୍ଦ୍ର ଜାତୀୟ ସଂଘକୁ ନିବେଦନ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ଶେଷ ସପ୍ତାହରେ ରାଜ୍ୟ ସରକାର ଏବଂ ରାଜ୍ୟ ଫେନ୍‌ସିଂ ସଂଘର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ଦେବେନ୍ଦ୍ର ପ୍ରକାଶ କରିଛନ୍ତି।

# କୁଆରମୁଣ୍ଡା 'ଏ' ଚାମ୍ପିୟନ, ସରୋଜିନୀ ଶ୍ରେଷ୍ଠ ଖେଳାଳି

ଭୁବନେଶ୍ୱର, ୨୫।୮(କ୍ରୀଡ଼ା ପ୍ରତିନିଧି)

**ଓଏଫ୍‌ସି-ଓଏଫ୍‌ଏ ବାଳିକା ଫୁଟ୍‌ବଲ ଲିଗ୍**

ଓଡ଼ିଶା ଏଫ୍‌ସି ଓ ଓପନ ଫର୍ ଅଲ୍ (ଓଏଫ୍‌ଏ)ର ମିଳିତ ଆନୁକୂଲ୍ୟରେ ରାଉରକେଲାରେ ସର୍ବପ୍ରଥମ ଓଏଫ୍‌ସି-ଓଏଫ୍‌ଏ ବାଳିକା ଫୁଟ୍‌ବଲ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ କୁଆରମୁଣ୍ଡା 'ଏ' ୨-୧ ଗୋଲରେ ବନ୍ଧପୋସକୁ ହରାଇ ଚାମ୍ପିୟନ ହୋଇଛି। ଚିକାଟମାଟି 'ବି' ତୃତୀୟ ସ୍ଥାନ ଅଧିକାର କରିଛି। ଟୁର୍ନାମେଣ୍ଟ ସମ୍ପର୍କରେ ଓଡ଼ିଶା ଏଫ୍‌ସି ଗ୍ରାସ୍‌ରୁଟ୍ ମ୍ୟାନେଜର ଶୁଭମ୍ ଦାସ କହିଛନ୍ତି ଯେ, "ମହିଳା ଫୁଟବଲରଙ୍କ କଥା କହିଲେ ଓଡ଼ିଶା ସବୁବେଳେ ଜାତୀୟ କ୍ୟାମ୍ପରେ ପ୍ରତିନିଧିତ୍ୱ କରି ଆସିଛି। ତୃଣମୂଳ ସ୍ତରରୁ ଖେଳାଳିଙ୍କୁ ଦୃଢ଼ କରିବା ସହ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣି ରାଜ୍ୟ ଓ ଦେଶକୁ ଗର୍ବିତ କରିବା ଆମର ଲକ୍ଷ୍ୟ। ଏହା କେବଳ ଆରମ୍ଭ ମାତ୍ର, ଆଗକୁ ଅନେକ ଦୂର ଯିବାକୁ ଅଛି"। ଅନ୍ୟପକ୍ଷରେ ଓଏଫ୍‌ଏ ପ୍ରତିଷ୍ଠାତା ନମନ ଅଗ୍ରୱାଲ କହିଛନ୍ତି, ସମସ୍ତଙ୍କ ପାଇଁ କ୍ରୀଡ଼ା ଲକ୍ଷ୍ୟରେ ପ୍ଲାଟଫର୍ମ ପ୍ରସ୍ତୁତ କରିବା ଓଏଫ୍‌ଏ ସ୍ପୋର୍ଟ୍ସ ଫାଉଣ୍ଡେଶନର ଉଦ୍ଦେଶ୍ୟ। ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଓଡ଼ିଶା ଏଫ୍‌ସି ସହିତ ମିଶି କାର୍ଯ୍ୟ କରୁଥିବାରୁ ଆମେ ବହୁତ ଖୁସି। ଟୁର୍ନାମେଣ୍ଟରେ କୁଆରମୁଣ୍ଡା 'ଏ'ର ସରୋଜିନୀ ତିର୍କୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ୧୧ ଗୋଲ ଦେଇ ଶ୍ରେଷ୍ଠ ସ୍କୋରର ହୋଇଥିଲେ ବନ୍ଧପୋଷର ସୁମିତ୍ରା ଖାଲ୍‌କୋ। ସେହିପରି ବନ୍ଧପୋଷର ଜୁଲି କୁଜୁର ଶ୍ରେଷ୍ଠ ଡିଫେଣ୍ଡର, କୁଆରମୁଣ୍ଡା 'ଏ'ର ପଦ୍ମାବତୀ ଶ୍ରେଷ୍ଠ ଗୋଲକିପର ଏବଂ ଚିକାଟମାଟି 'ବି'ର ଅନୁପମା ଖାଲ୍‌କୋ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ପାଇଥିଲେ।



କୃତୀ ଖେଳାଳିମାନେ ପୁରସ୍କାର ସହ।

# ରୋହିତ, ଭରତ, ମୁସ୍କାନ ଫାଇନାଲରେ

ନୂଆଦିଲ୍ଲୀ, ୨୫।୮(ପି.ଟି.)

**ଏସିଆନ ଜୁନିୟର ବକ୍ସିଂ**

ଦୁବାଇରେ ଚାଲିଥିବା ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ୩ ବକ୍ସର ଫାଇନାଲରେ ପ୍ରବେଶ କରିଛନ୍ତି। ବାଳକ ବିଭାଗର ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଥିବା ଦୁଇ ପ୍ରତିଯୋଗୀ ହେଲେ ରୋହିତ ଚାମୋଲି (୪୮ କେଜି) ଓ ଭରତ ଜୁନ୍ (୮୧ କେଜିରୁ ଊର୍ଦ୍ଧ୍ୱ)। ସେହିପରି ବାଳିକା ବିଭାଗରେ ମୁସ୍କାନ (୪୬ କେଜି) ଫାଇନାଲରେ ପହଞ୍ଚିଛନ୍ତି। ସେମିଫାଇନାଲରେ ଚାମୋଲି କାଜାଖସ୍ତାନର ଆଇଦର କାଦିରଖାନ୍‌ଙ୍କୁ ୫-୦ରେ ହରାଇଥିବାବେଳେ ଜୁନ୍ ସମାନ ବ୍ୟବଧାନରେ କିର୍ଗିଜସ୍ତାନର ଇମିରଖାନ ରାଖାପୋଭଙ୍କୁ ପରାସ୍ତ କରିଛନ୍ତି। ମୁସ୍କାନ ସେମିଫାଇନାଲରେ କାଜାଖସ୍ତାନର ୟେଲୟାନୁର ଦୁର୍ଗାନୋଭାଙ୍କ ବିପକ୍ଷରେ ନିର୍ବିବାଦରେ ବିଜୟୀ ଘୋଷିତ ହୋଇଛନ୍ତି। ଅନ୍ୟପକ୍ଷରେ ସୁପ୍ରିୟା ରାୱତ (୬୬ କେଜି) ୧-୪ରେ ସାନୋୱାର ବୋଜୋରବୋଏଭାଙ୍କଠାରୁ ଏବଂ ଆରଜୁ (୫୪ କେଜି) ଉଜବେକିସ୍ତାନର ଗୁଲଡାନା ଟିଲେଉରଜେନଙ୍କଠାରୁ ୨-୩ ପଏଣ୍ଟରେ ହାରି ଯାଇଛନ୍ତି। ଅନ୍ୟ ଏକ ବାଳିକା ସେମିଫାଇନାଲରେ ଦେବିକା ଘୋରପଦେ (୫୦ କେଜି) ଉଜ୍‌ବେକିସ୍ତାନର ଶାଇନା ନେମାତୋଭେନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ବାଳକ ବିଭାଗରେ ଅଙ୍କୁଶ୍ (୬୬ କେଜି) ଉଜବେକିସ୍ତାନର ଫଜଲିଦ୍ଦିନ ଇର୍କିନବୋଏଭଙ୍କଠାରୁ ସେମିଫାଇନାଲରେ ଲଢ଼େଇ କରି ହାରି ଯାଇଛନ୍ତି। ତେବେ ଏହି ୪ ଭାରତୀୟ ବକ୍ସର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

କୋଭିଡ୍-୧୯ ଜନିତ ଭ୍ରମଣ କଟକଣା ଯୋଗୁ ଅନେକ ଦେଶ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି, ନଚେତ କମ୍ ସଂଖ୍ୟକ ପ୍ରତିଯୋଗୀ ପଠାଇଛନ୍ତି। ମାତ୍ର ଭାରତ ଅତିକମ୍‌ରେ ୨୦ଟି ପଦକ ପାଇବା ନିଶ୍ଚିତ ହୋଇଛି। ୟୁଥ୍ କାଟେଗୋରିରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୬,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ।

# ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ବିଜୟୀ

କିଙ୍ଗଷ୍ଟନ,୨୫।୮

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ବୁଧବାର ପଞ୍ଚମ ଦିବସରେ ୧୦୯ ରନରେ ବିଜୟ ହାସଲ କରିଛି। ଏଥିସହ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ରେ ଅମୀମାଂସିତ ରହିଛି। ପାକିସ୍ତାନର ଯୁବ ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦି ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ୨୧ ବର୍ଷୀୟ ଆଫ୍ରିଦି ପ୍ରଥମ ଇନିଂସରେ ୫୧ ରନ ବ୍ୟୟକରି ୬ ଉଇକେଟ ଓ ଦ୍ୱିତୀୟ ଇନିଂସରେ ୪୩ ରନ ଦେଇ ୪ ଉଇକେଟ ହାସଲ କରିଛନ୍ତି। ସିରିଜରେ ସେ ମୋଟ ଉପରେ ୧୧.୨୮ ରନ ହାରରେ ୧୮ଟି ଉଇକେଟ ହାସଲ କରିଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ପ୍ରଥମ ଇନିଂସରେ ୧୧୦ ଓଭରରେ ୯ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରି ଇନିଂସ ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୫୧.୩ ଓଭରରେ ୧୫୦ ରନକରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ୧୫୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ୨୭.୨ ଓଭରରେ ୬ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୨୯ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ ଆରମ୍ଭ କରି ବୁଧବାର ପଞ୍ଚମ ଦିବସରେ ୮୩.୨ ଓଭରରେ ୨୧୯ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୦୨/୯ (ଇନିଂସ ଘୋଷଣା)। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୫୦ ଅଲଆଉଟ। ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୭.୨ ଓଭରରେ ୧୭୬.୬ (ଇନିଂସ ଘୋଷଣା)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୮୩.୨ ଓଭରରେ ୨୧୯ ଅଲଆଉଟ (ହୋଲ୍ଡର- ୪୭, ଆଫ୍ରିଦି- ୪/୪୩, ନୌମାନ- ୩/ ୫୨, ହାସନ- ୨/୩୭)।

# ସାଥିୟାଁଙ୍କୁ ଟାଇଟଲ

**ଆଇଟିଟିଏଫ୍ ଚେକ୍ ଓପନ ଟେବୁଲ ଟେନିସ**

ଓଲୋମୋଉକ୍ (ଚେକ୍ ରିପବ୍ଲିକ୍), ୨୫।୮(ପି.ଟି.): ଭାରତର ତାରକା ଟେବୁଲ ଟେନିସ ଖେଳାଳି ଜି. ସାଥିୟାଁ ଏଠାରେ ଚାଲିଥିବା ଆଇଟିଟିଏଫ୍ ଚେକ୍ ଅନ୍ତର୍ଜାତୀୟ ଓପନ ଟେବୁଲ ଟେନିସ ପ୍ରତିଯୋଗିତାରେ ଟାଇଟଲ ହାସଲ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ୟୁକ୍ରେନର ୟେଭହେନ ପ୍ରିଶ୍ଚେପାଙ୍କୁ ୪-୦ରେ ପରାସ୍ତ କରିଛନ୍ତି। ସେମିଫାଇନାଲରେ ତାଙ୍କ ସ୍ୱିଡେନ ପ୍ରତିଦ୍ୱନ୍ଦ୍ୱୀ ଟ୍ରୁଲ୍ସ ମୋରେଗାର୍ଡ ରିଟାୟର୍ଡ ହର୍ଟ ହୋଇଥିଲେ। ସାଥିୟାଁ ପ୍ରଥମ ଦୁଇଟି ଗେମ୍‌ରେ ୧୧-୪ ଓ ୧୧-୮ରେ ସହଜ ବିଜୟ ହାସଲ କରିବାପରେ ତୃତୀୟ ଗେମ୍‌ରେ ୮-୨ରେ ଅଗ୍ରଣୀ ଥିବାବେଳେ ମୋରେଗାର୍ଡ ଆହତ ସମସ୍ୟା ଯୋଗୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ। ସାଥିୟାଁ ଗତ ସପ୍ତାହରେ ସାଥି ଖେଳାଳି ମନିକା ବାତ୍ରାଙ୍କ ପାର୍ଟନରଭାବେ ବୁଦାପେଷ୍ଟରେ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ।

# ଅଙ୍କିତ୍, ଶୁଭମ୍‌ଙ୍କୁ ୬ ଉଇକେଟ

ଭୁବନେଶ୍ୱର, ୨୫।୮(କ୍ରୀଡ଼ା ପ୍ରତିନିଧି)

**କଳାହାଣ୍ଡି କପ୍ କ୍ରିକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ପଡ଼ିଆରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଇକୋର୍ସା, ସୁନ୍ଦରଗଡ଼, ଓଡ଼ିଶା ଗ୍ରୀନ୍, ଝାରସୁଗୁଡ଼ା, କଟକ-ଏ ଓ ଓଡ଼ିଶା ଭାଓଲେଟ୍ ଦଳ ବିଜୟ ହାସଲ କରିଛନ୍ତି। ଇକୋର୍ସା ୮ ଉଇକେଟରେ ଓଡ଼ିଶା ୟେଲୋ, ସୁନ୍ଦରଗଡ଼ ୯ ଉଇକେଟ (ଡକ୍‌ୱର୍ଥ ଲୁଇସ ପଦ୍ଧତି)ରେ ଖୋର୍ଦ୍ଧା ଏବଂ ଓଡ଼ିଶା ଗ୍ରୀନ୍ ୭୪ (ଡିଏଲ୍‌ଏସ୍) ରନରେ ଓଡ଼ିଶା ବ୍ଲୁକୁ ପରାସ୍ତ କରିଛି। ସେହିପରି ଝାରସୁଗୁଡ଼ା ୫ ରନ (ଡିଏଲ୍‌ଏସ୍)ରେ ଓଡ଼ିଶା ପିଙ୍କ୍, କଟକ-ଏ ୮ ଉଇକେଟରେ ରାଉରକେଲା ଏବଂ ଓଡ଼ିଶା ଭାଓଲେଟ ୪୪ ରନ(ଡିଏଲ୍‌ଏସ୍)ରେ ଓଡ଼ିଶା ରେଡ୍‌କୁ ହରାଇ ଦେଇଛି। ଏଥିରେ ଇକୋର୍ସାର ଅଙ୍କିତ୍ ଯାଦବ ଓ କଟକ 'ଏ'ର ଶୁଭମ୍ ନାୟକ ୬ ଉଇକେଟ ସଫଳତା ପାଇଥିବାବେଳେ ସୁନ୍ଦରଗଡ଼ର ଅମିତ କୁମାର ଦାସ ଓ ଝାରସୁଗୁଡ଼ାର ତାରିଣୀ ଶ' ୫ଟି ଲେଖାଏ ଉଇକେଟ ନେଇଛନ୍ତି। ଓଡ଼ିଶା ଭାଓଲେଟ୍‌ର ଓମ୍ ଟି. ମୁଣ୍ଡେ ଶତକ (୧୦୩ ରନ) ହାସଲ କରିଛନ୍ତି।


ଅଙ୍କିତ୍ ଯାଦବ


ଶୁଭମ୍ ନାୟକ


ଓମ୍ ଟି. ମୁଣ୍ଡେ

## ବାରଙ୍ଗରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ

ବାରଙ୍ଗ,(ଡି.ଏନ୍.ଏ.): ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁପୁର ପଞ୍ଚାୟତରେ ବୁଧବାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ଦେଉଳି ଗ୍ରାମରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ୨୫୦ ପରିବାରକୁ ୫୦ ହଜାର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି, ମହିଳା ଗୋଷ୍ଠୀ କେନ୍ଦ୍ର, ମଧୁବନ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ନଂ ୧, ପଞ୍ଚାୟତ କାର୍ଯ୍ୟାଳୟର ଉପର ମହଲାରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାକର ପଣ୍ଡା, ଅତିରିକ୍ତ ଉନ୍ନୟନ ଅଧିକାରୀ ବିଜୟ କେତନ ଚୌଧୁରୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ବିଜେଡି ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଓଡ଼ିଆରେ ବୈଷୟିକ ଶିକ୍ଷା ପ୍ରଚଳନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)- ଓଡିଆ ଭାଷାରେ ବୈଷୟିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ସହିତ ଏ ସମ୍ପର୍କିତ ପୁସ୍ତକ ପ୍ରସ୍ତୁତି ପାଇଁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ତ୍ୱରିତ ପଦକ୍ଷେପ ନେବାକୁ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ଦାବି କରିଛି। ଏ ସମ୍ପର୍କରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଆଲୋଚନା କରିଛି। ବୈଷୟିକ ଶିକ୍ଷାକୁ ଓଡିଶାରେ ପ୍ରୟୋଗାତ୍ମକ ଢଙ୍ଗରେ ପ୍ରଚଳନ କରିବା, ଓଡିଆମାନେ ନିଯୁକ୍ତି ପାଇଁ କିଭଳି ବାହାରକୁ ନ ଯାଇ ଓଡିଶାର ଖଣିଜ ସମ୍ପଦକୁ ନିଜ ଶିକ୍ଷାଭିତ୍ତିକ ଜ୍ଞାନ ବଳରେ ବ୍ୟବହାର କରି ରାଜ୍ୟକୁ ସମୃଦ୍ଧ କରିବା ଉପରେ ପ୍ରତିନିଧିମାନେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ପଦକ୍ଷେପ ନେବାକୁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା, ଓଡିଶା ସରକାର, ବିଜୁ ପଟ୍ଟନାୟକ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ ଏବଂ ଓଡିଶା ବେସରକାରୀ ବୈଷୟିକ ଶିକ୍ଷା ପରିଷଦ ମଧ୍ୟରେ ଆଲୋଚନା ପାଇଁ ତାରିଖ ନିର୍ଦ୍ଧାରଣ କରିବାକୁ ଉପସ୍ଥିତ କେନ୍ଦ୍ରୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପ୍ରାଚୀନ ଓ ସମୃଦ୍ଧ ଓଡିଆ ଭାଷାକୁ ବିଶ୍ୱସ୍ତରରେ ପ୍ରଚାର ଓ ପ୍ରସାର ପାଇଁ ଆଇଆଇଟି ଭୁବନେଶ୍ୱରରେ କ୍ଲାସିକାଲ ଓଡିଆ ବିଷୟରେ ଶିକ୍ଷାଦାନ, କେନ୍ଦ୍ରୀୟ ବିଦ୍ୟାଳୟରେ ଓଡିଆ ଶିକ୍ଷକ ପଦବୀ ସୃଷ୍ଟି ଓ ନିଯୁକ୍ତି, ଶାସ୍ତ୍ରୀୟ ଭାଷା ପାଇଁ ଗବେଷଣା କାର୍ଯ୍ୟକୁ ବ୍ୟାପକ କରିବା, ଜାତୀୟ ପାଣ୍ଡୁଲିପି ମିଶନ ଦ୍ୱାରା ସଂଗୃହୀତ ୨ଲକ୍ଷ ୧୩ ହଜାର ଓଡିଆ ତାଳପତ୍ର ପୋଥି ଓ ୩୦ରୁ ଊର୍ଦ୍ଧ୍ୱ ଅଭିଲେଖର ପାଠୋଦ୍ଧାର ପାଇଁ ପଦକ୍ଷେପ ନେବା ବିଷୟରେ ଆଲୋଚନା ହୋଇଥିଲା। ଆଲୋଚନାରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ତଥା ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧକ୍ଷ ଅବସର ବେଉରିଆ, ପ୍ରଫେସର ଓଁକାରନାଥ ମହାନ୍ତି, ଡ. ସୁବ୍ରତ ପୃଷ୍ଟି, ଡ. ସିପ୍ରା ମଲ୍ଲିକ, ପ୍ରଫେସର ନଟବର ଶତପଥୀ, ଇଂ. କାହ୍ନୁଚରଣ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ କର୍ମୀଙ୍କୁ ହେଲ୍‌ଥ କିଟ୍ ପ୍ରଦାନ

ଭୁବନେଶ୍ୱର, ୨୫।୮ (ବ୍ୟୁରୋ) - କୋଭିଡ୍‌ର ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟକର୍ମୀଙ୍କୁ ହେଲ୍‌ଥ କିଟ୍ ପ୍ରଦାନ କରାଯାଇଛି। ୟୁନିଟ-୮ ଗଜଲକ୍ଷ୍ମୀ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତି ୱାର୍ଡର ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ମହିଳା ଆରୋଗ୍ୟ ସମିତି (ଏମ୍ଏଏସ୍) ସଦସ୍ୟଙ୍କୁ ଏହି କିଟ୍ ପ୍ରଦାନ କରାଯାଇଛି। ଏହି କିଟ୍‌ରେ ଅକ୍ସିମିଟର, ଡିଜିଟାଲ୍ ଥର୍ମୋମିଟର ସହ ବିଭିନ୍ନ ସ୍ୱାସ୍ଥ୍ୟ ଉପକରଣ ରହିଛି। ଏହା ଜରୁରୀ ସମୟରେ ଜନସାଧାରଣଙ୍କ ଚିକିତ୍ସାରେ ଲାଗିପାରିବ। ଅସୁବିଧାରେ ଥିବା ଲୋକଙ୍କ ଘରକୁ ଯାଇ ଏହି ଉପରକରଣ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବିଧାୟକ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟରଙ୍କ ସମେତ ମହିଳା, ଯୁବ, ଛାତ୍ର ଓ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।

# ଓଡ଼ିଶାରେ ହରିୟାଣା ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍

**ବଡ଼େଇବାଙ୍କରେ ଲୁଟ୍‌ବେଳେ ୨ ଜଣଙ୍କୁ ଧରିଲା ପୋଲିସ**

- ମେଶିନରେ ଲଗାଉଥିଲେ ଇଲେକ୍ଟ୍ରୋନିକ୍ସ ଡିଭାଇସ୍
- ଏକାଧିକ ଏଟିଏମ୍‌ରୁ ଲୁଟିଛନ୍ତି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା
- ହୋଟେଲରୁ ମାଷ୍ଟରମାଇଣ୍ଡ୍ ଫେରାର




ଭୁବନେଶ୍ୱର,୨୫।୮ (ବ୍ୟୁରୋ)

ଓଡ଼ିଶାରେ ଏଟିଏମ୍‌ରୁ ଟଙ୍କା ଲୁଟୁଥିଲା ହରିୟାଣା ଗ୍ୟାଙ୍ଗ୍। ବୁଧବାର ପୁରୁଣା ଭୁବନେଶ୍ୱରର ବଡ଼େଇବାଙ୍କ ସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ ଲୁଟ୍ ଉଦ୍ୟମବେଳେ କମିଶନରେଟ ପୋଲିସ ଗ୍ୟାଙ୍ଗ୍‌ର ଦୁଇଜଣଙ୍କୁ କାବୁ କରିଛି। ତେବେ ସେମାନଙ୍କଠାରୁ ପୋଲିସ ଏକାଧିକ ଏଟିଏମ୍ କାର୍ଡ ଓ ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ଜବତ କରିଥିବାବେଳେ ମାଷ୍ଟରମାଇଣ୍ଡ୍ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ତେବେ ସେ ରହୁଥିବା ହୋଟେଲ ଆଗରୁ ସ୍ପେଶାଲ ସ୍କ୍ୱାଡ୍ ଏକ ଦାମୀ କାର ଜବତ କରିଛି। ଗିରଫ ଅଭିଯୁକ୍ତଙ୍କ ଘର ହରିୟାଣା ଫରିଦାବାଦରେ। ସେମାନଙ୍କ ନାମରେ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଏକାଧିକ ମାମଲା ରହିଥିବାବେଳେ ଓଡ଼ିଶାରେ ମଧ ବହୁ ଏଟିଏମ୍‌ରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତ ଦ୍ୱୟଙ୍କ ବୟାନ ଆଧାରରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସେମାନଙ୍କୁ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି।

### ଲୁଟ୍ ପାଇଁ ଅଭିନବ କୌଶଳ ଆପଣାଇଥିଲେ

ଏହି ଗ୍ୟାଙ୍ଗ୍ କୌଣସି ଏଟିଏମ୍‌କୁ ତାଡ଼ି ଲୁଟୁ ନ ଥିଲେ। ଗ୍ୟାଙ୍ଗ୍‌ର ସଦସ୍ୟମାନେ ଏଟିଏମ୍‌ର କ୍ୟାସ୍ ବାହାରିବା ସ୍ଥାନରେ ଏକ ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ଲଗାଇ ଆଖପାଖରେ ଛକି ରହୁଥିଲେ। କେହି ବ୍ୟକ୍ତି ଟଙ୍କା ଉଠାଇବା ସମୟରେ ଟଙ୍କା ଇଲୋଟ୍ରୋନିକ୍ସ ଡିଭାଇସ୍ ପ୍ରଭାବରେ ଅଟକି ଯାଉଥିଲା। ବେଳେବେଳେ ଗ୍ରାହକ ଟଙ୍କା ଉଠାଇବାକୁ ବାରମ୍ବାର ପ୍ରୟାସ କରି ନିରାଶ ହୋଇ ଫେରିବା ପରେ ସେସବୁ ଟଙ୍କାକୁ ସମ୍ପୃକ୍ତ ଲୁଟେରାମାନେ ଉଠାଇ ନେଇଥାନ୍ତି।

### କଟକର ୧୦, ଭୁବନେଶ୍ୱରର ୪ ଏଟିଏମ୍‌ରୁ ଲୁଟିଛନ୍ତି

କେବଳ ଭୁବନେଶ୍ୱର ନୁହେଁ, କଟକର ୧୦ରୁ ଊର୍ଦ୍ଧ୍ୱ ଏଟିଏମ୍‌ରୁ ଲୁଟ୍ କରିଥିବା ଗିରଫ ଅଭିଯୁକ୍ତ ଦ୍ୱୟ କହିଛନ୍ତି। ମଙ୍ଗଳବାର ରାତିରେ କଟକରୁ ଏକାଧିକ ଏଟିଏମ୍‌ରୁ ଲୁଟ୍ କରିବା ପରେ ବୁଧବାର ସକାଳେ ଭୁବନେଶ୍ୱରର ୪ ଏଟିଏମ୍‌ରୁ ଟଙ୍କା ଲୁଟିଛନ୍ତି। ଲିଙ୍ଗରାଜ ଥାନା ଅଞ୍ଚଳରେ ୨ଟି ଏଟିଏମ୍, କଳ୍ପନା ନିକଟରୁ ଗୋଟିଏ ଓ କଟକରୋଡ୍‌ର ଅନ୍ୟ ଏକ ଏଟିଏମ୍‌ରୁ ଟଙ୍କା ଲୁଟିଥିବା ସ୍ପେଶାଲ ସ୍କ୍ୱାଡ୍‌ର ଜଣେ ଅଧିକାରୀ କହିଛନ୍ତି।

### କେମିତି ଧରାପଡିଲେ...

ଦ୍ୱୈତନଗରୀର ବିଭିନ୍ନ ଏଟିଏମ୍‌ରୁ ଲୁଟ୍‌ବେଳେ ଏହାର ସୂଚନା ଦିଲ୍ଲୀରେ ଥିବା ବ୍ୟାଙ୍କ୍‌ର ଗୋଇନ୍ଦା ସଂସ୍ଥା ପାଖରେ ପହଞ୍ଚିଥିଲା। ଉକ୍ତ ସଂସ୍ଥା ସିସିଟିଭି ଫୁଟେଜରୁ ଭିଡିଓ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ଚାରିଆଡକୁ ସୂଚନା ପଠାଇ ସତର୍କ କରି ଏହା ଉପରେ ନଜର ରଖିଥିଲା। ସକାଳ ପ୍ରାୟ ୭ଟା ୫୦ରେ ବଡ଼େଇବାଙ୍କ ଏଟିଏମ୍‌ରୁ ସମାନ ଢଙ୍ଗରେ ୨ଜଣ ଲୁଟ୍ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତଙ୍କ ଫଟୋ ଦିଲ୍ଲୀର ଉକ୍ତ ସଂସ୍ଥା ପାଖରେ ପହଞ୍ଚିଥିଲା। ତୁରନ୍ତ ଶହୀଦନଗରସ୍ଥିତ ଏଟିଏମ୍ ମେଣ୍ଟେନାନ୍ସ ସଂସ୍ଥାକୁ ଜଣାଇବା ପରେ ଏହାର କର୍ମଚାରୀମାନେ ଶୀଘ୍ର ସେଠାରେ ପହଞ୍ଚି ଏଟିଏମ୍‌ର ଶଟର ପକାଇ ଦେଇଥିଲେ। ଫଳରେ ଭିତରେ ଦୁଇ ଅଭିଯୁକ୍ତ ରହିଯାଇଥିଲେ। ଏଥିରେ ସ୍ଥାନୀୟ ଲୋକେ ବି ସହଯୋଗ କରିଥିଲେ। ଖବରପାଇ ଲିଙ୍ଗରାଜ ଥାନା ପୋଲିସ ସହ ସ୍ପେଶାଲ ସ୍କ୍ୱାଡ୍ ପହଞ୍ଚି ଅଭିଯୁକ୍ତଙ୍କୁ ଧରି ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା।

## ୩୦ ଲକ୍ଷର ବ୍ରାଉନସୁଗାର ଜବତ ଘଟଣା

### ଆଉ ୩ ଅଭିଯୁକ୍ତ ଗିରଫ, ଟଙ୍କା ଜବତ

ଭୁବନେଶ୍ୱର,୨୫।୮ (ବ୍ୟୁରୋ)

ଖାରବେଳନଗର ଥାନା ପୋଲିସ ଗତ ୧୬ ତାରିଖରେ ସତ୍ୟନଗର ଫ୍ଲାଏ ଓଭରବ୍ରିଜ ନିକଟରୁ ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର (୨୫୬ ଗ୍ରାମ) ଜବତ କରିଥିଲା। ଏଥିସହ ସମ୍ପୃକ୍ତ ୨ ଡ୍ରଗ୍ସ ବେପାରୀ ତାରିଣୀ ବସ୍ତିର ବିଜୟ କୁମାର ସାହୁ ଓ ଶାନ୍ତିପଲ୍ଲୀ ବସ୍ତିର ରାଜୁ ରେଡ୍ଡୀଙ୍କୁ ଗିରଫ କରିଥିଲା। ସେମାନଙ୍କ ବୟାନ ଆଧାରରେ ବୁଧବାର ଭୋର୍ ସମୟରେ ପୋଲିସ ସତ୍ୟନଗର ଓ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଚଢ଼ାଉ କରି ସଂପୃକ୍ତ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନ୍ଦରପଦା ଅଞ୍ଚଳର ବିକ୍ରମ ବେହେରା ଓରଫ କାହ୍ନା(୨୯), ୟୁନିଟ-୩ ମସ୍‌ଜିଦ କଲୋନୀର ଶେଖ ମହିବୁଲ(୩୨) ଓ ଶେଖ ସିଲୁ (୨୬)। ଏଥିସହ ପୋଲିସ ସେମାନଙ୍କ ନିକଟରୁ ୩୩ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି। ଏମାନେ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇବାରେ ସହଯୋଗ କରୁଥିବା ପୋଲିସ ଜାଣିବାକୁ ପାଇଛି।



ଶ୍ରାଦ୍ଧବାର୍ଷିକୀରେ ଭୁବନେଶ୍ୱର ଶାସ୍ତ୍ରୀନଗରସ୍ଥିତ ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ର ଚରଣ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଅତିଥିମାନେ।

## ଓଡ଼ିଶାର ମୂର୍ତ୍ତିକଳାକୁ ସୁପ୍ରତିଷ୍ଠିତ କରିଥିଲେ ବିପ୍ରଚରଣ

ପୁରୁଣା ଭୁବନେଶ୍ୱର, ୨୫।୮ (ଡି.ଏନ୍.ଏ.)

ଓଡ଼ିଶାରେ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣର ଜନକ ତଥା ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ର ଚରଣ ମହାନ୍ତିଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବିପ୍ରଚରଣ ସ୍ମାରକୀ ଟ୍ରଷ୍ଟ ବଡ଼ଚଣା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶାସ୍ତ୍ରୀନଗରସ୍ଥିତ ଶିଳ୍ପୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବଡ଼ଚଣା ନାନପୁର ମାଟିର ସୁଯୋଗ୍ୟ ଦାୟାଦ ସ୍ୱର୍ଗତ ମହାନ୍ତି ଓଡ଼ିଶାର ଭାସ୍କର୍ଯ୍ୟକଳାର ବିକାଶ କରିଥିଲେ। ପ୍ରଥମଥର ପାଇଁ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ଯୁଗର ଅୟମାରମ୍ଭ ହୋଇ ଏହା ଓଡ଼ିଶାର ମୂର୍ତ୍ତିକଳାକୁ ବିଶ୍ୱ ଦରବାରରେ ସୁପ୍ରତିଷ୍ଠିତ କରିପାରିଥିଲା ବୋଲି ଅତିଥିମାନେ କହିଥିଲେ। ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, କେନ୍ଦ୍ରୀୟ ଲଳିତକଳା ଏକାଡ଼େମୀ ସଚିବ ରାମକୃଷ୍ଣ ମାଦଳା, ଓଡ଼ିଶା ଲଳିତକଳା ଏକାଡ଼େମୀ ସଚିବ ପଞ୍ଚାନନ ସାମଲ, ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ କୁମାର ସାମଲ, ସ୍ୱର୍ଗତ ମହାନ୍ତିଙ୍କ ପୁତ୍ରବଧୂ ତଥା ବିପ୍ରଚରଣ ମହାନ୍ତି ସ୍ମୃତି ଟ୍ରଷ୍ଟ ଅଧକ୍ଷା ରୀତା ମହାନ୍ତି, ପୁତ୍ର କ୍ୟାପଟେନ୍ ଧୀରେନ୍ କୁମାର ମହାନ୍ତି, ପୂର୍ବତନ କର୍ପୋରେଟର ନରେନ ସାହୁ, ଉମା ପ୍ରସାଦ ମିଶ୍ର, ଶାଶ୍ୱତୀ ମିଶ୍ର, ଯତୀନ୍ଦ୍ରନାଥ ମହାନ୍ତି ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରିୟଦର୍ଶୀ ମିଶ୍ରଙ୍କୁ ବିପ୍ରଚରଣ ସ୍ମୃତିସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଧଉଳିଚାରୁକଳା ମହାବିଦ୍ୟାଳୟ ଛାତ୍ରୀ ସରସ୍ୱତୀ ଆଙ୍ଗିଆଙ୍କୁ ଦଶ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ଅଧକ୍ଷା ରୀତା ମହାନ୍ତି ଶିଳ୍ପୀଙ୍କ ପ୍ରତିମୂର୍ତ୍ତିର ଚତୁଃପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରୁଦ୍ରପ୍ରସାଦ ବେହେରା ସ୍ୱାଗତ ଭାଷଣ ଓ ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ଆତ୍ମଘୋଷିତ ବାବାଙ୍କ ୨ ବ୍ୟାଙ୍କ ଆକାଉଣ୍ଟ ଅଚଳ

- ୨୫ ଲକ୍ଷ ଠକେଇ ଅଭିଯୋଗ ଆଣିଲେ ଆଉ ଜଣେ ଠିକାଦାର
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୫।୮ (ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ନାଁରେ ଜାଲ୍ ୱାର୍କ ଅର୍ଡର ଦେଇ ଜଣେ ସ୍ପେଶାଲ କ୍ଲାସ୍ କଣ୍ଟ୍ରାକ୍ଟରଙ୍କୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଗିରଫ ହୋଇଥିବା ଆତ୍ମଘୋଷିତ ବାବା ଓରଫ ବିଜୟାନନ୍ଦ ଚୌଧୁରୀଙ୍କ ଠକେଇ ଗୁମର ଖୋଲିବାରେ ଲାଗିଛି। ତାଙ୍କ ନାମରେ ଠକେଇ ଅଭିଯୋଗ ସଂଖ୍ୟା ବଢୁଛି। ବିଜୟାନନ୍ଦ ଏକ କାମର ଟେଣ୍ଡର କରାଇ ଦେବାକୁ କହି ଗଞ୍ଜାମ ଜିଲାର ଜଣେ ଠିକାଦାରଙ୍କୁ ୨୫ ଲକ୍ଷ ଟଙ୍କାର ଠକେଇ କରିଥିବା ଇଓଡବ୍ଲ୍ୟୁରେ ଅଭିଯୋଗ ହୋଇଛି। ଏନେଇ ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିବା ସହ ତାଙ୍କ ନାମରେ ଥିବା ୨ଟି ବ୍ୟାଙ୍କ ଆକାଉଣ୍ଟରୁ ୨୫ ଲକ୍ଷ ଟଙ୍କାକୁ ଜବତ କରିବା ସହ ଅଚଳ କରିଦେଇଛି। ଅନ୍ୟପକ୍ଷରେ ବିଭିନ୍ନ ଲୋକଙ୍କ ପାଖରୁ ବାବାଙ୍କ ଆକାଉଣ୍ଟକୁ ବହୁ ପରିମାଣର ଅର୍ଥ ଟ୍ରାନ୍ସଫର ହୋଇଥିବାର ପ୍ରମାଣ ତଦନ୍ତକାରୀ ସଂସ୍ଥା ହାତରେ ଲାଗିଛି। ଟଙ୍କା ପଠାଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଇଓଡବ୍ଲ୍ୟୁ ନିଜ ସ୍କାନରକୁ ନେଇଛି। ସେହିଭଳି ବାବା ବିଜୟାନନ୍ଦ ଏକ ଓଡ଼ିଆ ଚଳଚ୍ଚିତ୍ରର ମହୁରତବେଳେ ନଜରକୁ ଆସିଥିଲେ। ତେବେ ଉକ୍ତ ସିନେମାରେ ସେ ଟଙ୍କା ନିବେଶ କରିଛନ୍ତି ନା ନାହିଁ ତାହାର ତଦନ୍ତ ମଧ କରୁଛି ଇଓଡବ୍ଲ୍ୟୁ। ତେବେ ୩ କୋଟି ଠକେଇ ମାମଲା ସହ ଅଭିଯୋଗ ଆସିଥିବା ବିଭିନ୍ନ ମାମଲାରେ ଅଧିକ ଖୋଳତାଡ଼ ପାଇଁ ବାବା ବିଜୟାନନ୍ଦଙ୍କୁ ଇଓଡବ୍ଲ୍ୟୁ ରିମାଣ୍ଡରେ ଆଣିବାକୁ ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ କରିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଖୋଲିଲା ଶାନ୍ତିସ୍ତୂପ ଧଉଳି

ପୁରୁଣା ଭୁବନେଶ୍ୱର,୨୫।୮ (ଡି.ଏନ୍.ଏ.)

କରୋନା କଟକଣା ଯୋଗୁ ଦୀର୍ଘ ୩ମାସ ଧରି ବନ୍ଦ ରହିଥିବା ଶାନ୍ତିସ୍ତୂପ ଧଉଳି ପୀଠ ବୁଧବାର ଖୋଲିଛି। ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ମାସ୍କ, ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ କରାଯାଇ ଶାନ୍ତିସ୍ତୂପକୁ ଛଡ଼ାଯାଉଛି। ଏଥିସହ ପ୍ରଥମଦିନରେ ଓଟିଡିସିର କୌଣସି ବସ୍ ଧଉଳି ପାହାଡ଼କୁ ଚଳାଚଳ କରିପାରି ନ ଥିଲା। ତେବେ ଗୁରୁବାରଠାରୁ ଓଟିଡିସିର ବସ୍ ଯାହା ପାହାଡ଼ ପାଦଦେଶରୁ ଶାନ୍ତିସ୍ତୂପକୁ ବସ୍ ଯୋଗେ ଆସୁଥିବା ପର୍ଯ୍ୟଟକଙ୍କୁ ନେବା ପାଇଁ ଚାଲିବ ବୋଲି ଓଟିଡିସି ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଦିନରେ କମ୍ ସଂଖ୍ୟକ ପର୍ଯ୍ୟଟକ ଧଉଳିକୁ ବୁଲିବାକୁ ଆସିଥିଲେ। ସେହିପରି ଧଉଳି ଲାଇଟ୍

### ଖୁବଶୀଘ୍ର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ

ଆଣ୍ଡ ସାଉଣ୍ଡ ଶୋ ମଧ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସମୟ ମଧ ନିର୍ଘଣ୍ଟ ହୋଇସାରିଛି। ପ୍ରଥମ ଶୋ ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ହୋଇ ୭ଟା ୦୫ମିନିଟ, ୨ୟ ଶୋ ୭ଟା ୧୫ରୁ ୭ଟା ୫୦ ପର୍ଯ୍ୟନ୍ତ ଚାଲିବ। ମୋଟ ସିଟ୍ ୨୫୦ ଥିବାବେଳେ କୋଭିଡ୍ କଟକଣା ପାଇଁ ୫୦ପ୍ରତିଶତ ସିଟ୍ କେବଳ ବଳବତ୍ତର ରହିବ। ତେବେ ଏହି ଶୋ ଗୁରୁବାରଠାରୁ ଚାଲିବାକୁ ପ୍ରସ୍ତୁତ ଚାଲିଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମାତ୍ର ୧/୨ଦିନ ଘୁଞ୍ଚାଇ ଦିଆଯାଇଥିବା ନେଇ ନୂତନ ଭାବେ ଯୋଗଦେଇଥିବା ଟୁରିଷ୍ଟ ଅଫିସର ଅଞ୍ଜନ ବାରିକ ସୂଚନା ଦେଇଛନ୍ତି।

## ମହିଳା ବନ୍ଦୀଙ୍କ ପାଇଁ 'କିରଣ'

ଭୁବନେଶ୍ୱର,୨୫।୮

ମହିଳା ଓ ଶିଶୁଙ୍କ ଅଧିକାର ପାଇଁ ରାଜ୍ୟରେ ଗତ ୨୧ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମାଧମ'ର ନୂଆ ପ୍ରକଳ୍ପ 'କିରଣ' ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ କାରାଗାର ଓ ସୁଧାର ସେବା ନିର୍ଦ୍ଦେଶାଳୟର ମିଳିତ ପ୍ରୟାସରେ ଆରମ୍ଭ ହୋଇଥିବା କିରଣ କାର୍ଯ୍ୟକ୍ରମ ମହିଳା ବନ୍ଦୀଙ୍କୁ ଆଇନଗତ ସହାୟତା ଓ ସେମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବା ପାଇଁ କାର୍ଯ୍ୟ କରୁଛି।

ଭୁବନେଶ୍ୱର ସ୍ୱତନ୍ତ୍ର ଜେଲ ପରିସରରେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। ବରିଷ୍ଠ ଆଇପିଏସ ଅଧିକାରୀ ଏସ.କେ. ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଦିନରେ ମହିଳା ଓ ଶିଶୁମାନେ ବିଭିନ୍ନ କ୍ଷେତ୍ରରେ ଅବହେଳିତ ସହିତ ଅସହାୟ ହୋଇପଡ଼ିଛନ୍ତି। ଏଭଳି ଏକ ମହତ୍ କାର୍ଯ୍ୟ ଓ ମହିଳା ବନ୍ଦୀଙ୍କ ପାଇଁ ଉଭୟ ଅନୁଷ୍ଠାନ କିଛି ନୂଆ କରିବାର ଚିନ୍ତାଧାରାକୁ ସ୍ୱାଗତ ଓ ସହଯୋଗ ପ୍ରଦାନ କରିବି ବୋଲି ଉପାଧ୍ୟାୟ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହିଳା କମିଶନ ସଦସ୍ୟା ସେହ୍ନାଞ୍ଜଳି ମହାନ୍ତି, ମାଧମର ସଭାନେତ୍ରୀ ତଥା ଆଇନଜୀବୀ ନମ୍ରତା ଚଢ଼ା, ସଂସ୍ଥାର ସମ୍ପାଦକ ରାଜଲକ୍ଷ୍ମୀ ଦାଶ ଏବଂ ଏହାର ନିର୍ଦ୍ଦେଶିକା ମହୀକ୍ଷିତା ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଅପରାହ୍ନରେ କଟକ ଚୌଦାର ସର୍କଲ ଜେଲ ପରିସରରେ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ପୋଲିସ ଅଧିକାରୀ କୁଳମଣି ବେହେରା ଏବଂ ସତ୍ୟ ସ୍ୱାଇଁ ସମେତ ଜେଲର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨୫।୮ (ବ୍ୟୁରୋ)

**ସମବାୟ ସମିତି ଦୁର୍ନୀତି**

କଟକ ଜିଲାରେ ସମବାୟ ସମିତିର ଚାଷୀଙ୍କୁ ଋଣ ଦେବା ନାମରେ ହୋଇଥିବା ଦୁର୍ନୀତି ବିରୋଧରେ ପ୍ରତିବାଦ ଜୋର ଧରିଛି। ଏପରିକି ଏଥିରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣି କଂଗ୍ରେସ ବୁଧବାର ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପଦ୍ମାକର ଗୁରୁ କହିଛନ୍ତି ଯେ, କେବଳ କଟକ ଜିଲା ନୁହେଁ ରାଜ୍ୟର ବିଭିନ୍ନ କେନ୍ଦ୍ର ସମବାୟ ବ୍ୟାଙ୍କରେ ଋଣ ଜାଲିଆତି ହୋଇଛି। ସମବାୟ ମନ୍ତ୍ରୀଙ୍କ ପୃଷ୍ଠପୋଷକତାରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ମନ୍ତ୍ରୀଙ୍କ ଭାଇ ବୀରେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହାୟତାରେ ଆଠଗଡ଼ର ଗୁରୁଡ଼ିଝାଟିଆ ପ୍ରାଥମିକ ସେବା ସମବାୟ ସମିତିରେ କୋଟି କୋଟି ଟଙ୍କାର ଦୁର୍ନୀତି ଏହାର ବଳିଷ୍ଠ ଉଦାହରଣ। ଏଥିସହ ଚାଷୀଙ୍କ ଅଖା ଦୁର୍ନୀତି କଥା ମଧ ଉଠେଇଛି କଂଗ୍ରେସ। ଚାଷୀଙ୍କ ପାଇଁ କିଣାଯାଇଥିବା ଅଖାରେ ପାଖାପାଖି ୨୨୦୬ କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ନ ନେବା ଶାସକ ଦଳର ଅନେକ ନେତା ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସଂପୃକ୍ତ ରହିଥିବା ପ୍ରମାଣିତ କରୁଛି। ରାଜ୍ୟ ସରକାର ୫-ଟିର ଦ୍ୱାହି ଦେଉଥିବାବେଳେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା କେବଳ ଏକ ଶବ୍ଦ ହୋଇ ରହିଯାଇଛି। ମୁଖ୍ୟମନ୍ତ୍ରୀ ଦୁର୍ନୀତି କ୍ଷେତ୍ରରେ ଶୂନ ସହନଶୀଳତାର କଥାକୁ କାର୍ଯ୍ୟରେ ପରିଣତ କରନ୍ତୁ। ଅବିଳମ୍ବେ ରାଜ୍ୟ ସମବାୟ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରନ୍ତୁ। ଏପରିକି ମୁଖ୍ୟମନ୍ତ୍ରୀ ଏହି ସମବାୟ ଦୁର୍ନୀତି ଉପରେ ନିଜର ଜବାବ ରଖନ୍ତୁ। ରାଜ୍ୟକୁ ଉପକୂଳ, ଦକ୍ଷିଣ, ପଶ୍ଚିମ ବିଭିନ୍ନ ଜୋନରେ ବିଭକ୍ତ କରି ଅଲଗା ଅଲଗା କମିଟି ଗଠନ କରି ଏହାର ତଦନ୍ତ କରାଯାଉ। ଦୁର୍ନୀତିଗ୍ରସ୍ତ ସମବାୟ ମନ୍ତ୍ରୀ ଯଦି ତୁରନ୍ତ ଇସ୍ତଫା ନ ଦେବେ, ତେବେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ଏହାକୁ ନେଇ ପ୍ରଦେଶ କଂଗ୍ରେସ ଏକ ଜନ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛି। ପ୍ରକାଶଯୋଗ୍ୟ ଯେ, ଗୁରୁଡ଼ିଝାଟିଆ ସମବାୟ ବ୍ୟାଙ୍କ ସମେତ ଅନ୍ୟ ୨୫ଟି ବ୍ୟାଙ୍କରେ କୃଷି ଋଣ ଜାଲିଆତି କରି ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭିଜିଲାନ୍ସ ତଦନ୍ତ କରାଯାଇ ୭ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଖବରକାଗଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା

ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଜାତୀୟତାବାଦ ବୃଦ୍ଧି କରିବାରେ ଖବରକାଗଜଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। କଟକର କୁଜିବର ଗ୍ରାମ ମହନ୍ତ ସାଧୁ ସୁନ୍ଦର ଦାଶ ୧୮୨୨ରେ ପ୍ରଥମ ପତ୍ରିକା 'କୁଜିବର' ଆରମ୍ଭ କରିଥିଲେ। ୧୮୬୬ ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମଲାଭ କରିଥିବା ପତ୍ରିକା 'ଉତ୍କଳ ଦୀପିକା' ଦୀର୍ଘ ୭୦ ବର୍ଷଧରି ୧୯୩୪ ପର୍ଯ୍ୟନ୍ତ ଓଡ଼ିଶାର ସ୍ୱତନ୍ତ୍ରତା ପାଇଁ ଲଢ଼େଇ କରିଥିଲା। ଲୋକଙ୍କ ମଧ୍ୟରେ କିଛି ମାତ୍ରାରେ ଜାତୀୟତାବାଦ ସୃଷ୍ଟି କରିବାରେ ଏସବୁ ପତ୍ରିକା ସଫଳ ହୋଇଥିଲା ବୋଲି ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ କହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ଆଜାଦୀ କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମରେ ବୁଧବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୫୪ତମ ସ୍ୱତନ୍ତ୍ର ସଂସ୍କୃତି ଚର୍ଚ୍ଚା ସମ୍ମାନ ଅନୁଷ୍ଠିତ ହୋଇଥିଲା। 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସମ୍ବାଦପତ୍ରଗୁଡ଼ିକର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ସ୍ତମ୍ଭକାର ପଟ୍ଟନାୟକ ଏହା କହିଥିଲେ।




ମୁଖ୍ୟ ଅତିଥି ଭାବେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ କହିଲେ, ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନରେ ଯେଉଁସବୁ ତଥ୍ୟ ଇତିହାସ ଓ ଦସ୍ତାବିଜ୍ ଆମ ନିକଟରେ ଉପଲବ୍ଧ ଅଛି, ସେସବୁ ତତ୍କାଳୀନ ଖବରକାଗଜର ପୃଷ୍ଠା ମଣ୍ଡନ କରିଥିଲା।

### ୫୪ତମ ସ୍ୱତନ୍ତ୍ର ସଂସ୍କୃତି ଚର୍ଚ୍ଚା

ବିଶେଷକରି ଆଶା, ନବୀନ, ଉତ୍କଳ ଦୀପିକା, ସମ୍ବଲପୁର ହିତୈଷିଣୀ, ସତ୍ୟବାଦୀ ଆଦି ଓଡ଼ିଆ ଖବରକାଗଜ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ନିଚ୍ଛକ ଚିତ୍ର ସ୍ଥାପନ କରିଥିଲେ ବୋଲି ମତ ଦେଇଥିଲେ। ଓଡ଼ିଶାରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କିତ ବିଭିନ୍ନ ଖବର ପରିବେଷଣ କରି ଖବରକାଗଜଗୁଡ଼ିକ ଲୋକଙ୍କୁ ଜାଗ୍ରତ କରିଥିଲା ବୋଲି ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ସଭାପତିତ୍ୱ କରି କହିଥିଲେ। ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅଗଷ୍ଟ ୩୧ ମଧ୍ୟରେ ୪ ଦିନ ବ୍ୟାଙ୍କ ଛୁଟି

**ନୂଆଦିଲ୍ଲୀ,୨୫।୮ :** ଅଗଷ୍ଟ ମାସରୁ ପାର୍ବଣର ପର୍ବ ଆରମ୍ଭ ହେଉଛି। ଫଳରେ ଅଗଷ୍ଟ ୩୧ ମଧ୍ୟରେ ସର୍ବଭାରତୀୟ ସ୍ତରରେ ୪ ଦିନ ବ୍ୟାଙ୍କ ଛୁଟି ରହିବ ବୋଲି ଜଣାପଡିଛି। ଏହି ମାସ ଶେଷ ହେବାକୁ ଆଉ ମାତ୍ର ୬ଦିନ ବାକି ଥିବାବେଳେ ଶେଷ ୪ ଦିନ ବ୍ୟାଙ୍କର ଛୁଟିଦିନ ପଡୁଛି। ଅଗଷ୍ଟ ୨୮ ମାସର ଶେଷ ଶନିବାର ପଡୁଥିବା ବେଳେ ୨୯ ଅଗଷ୍ଟ ରବିବାର। ସେହିପରି ଅଗଷ୍ଟ ୩୦ ଓଡ଼ିଶାରେ ଜନ୍ମାଷ୍ଟମୀ ଏବଂ ୩୧ରେ ମଧ୍ୟ ହାଇଦ୍ରାବାଦରେ ଜନ୍ମାଷ୍ଟମୀ ଯୋଗୁ ବ୍ୟାଙ୍କଗୁଡିକ ଛୁଟି ରହିବ। ଅପରପକ୍ଷରେ ଆର୍‌ବିଆଇ ପକ୍ଷରୁ ଜାରି ବ୍ୟାଙ୍କ ଛୁଟି ଅନୁସାରେ ଚଳିତ ଅଗଷ୍ଟ ମାସରେ ମୋଟ ୧୫ଟି ବ୍ୟାଙ୍କ ଛୁଟିଦିନ ପଡିଥିଲା। ଓଡ଼ିଶା କ୍ଷେତ୍ରର ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସୂଚନା ଅନୁସାରେ ରାଜ୍ୟରେ ଲଗାତର ୩ଦିନ ବ୍ୟାଙ୍କ ବନ୍ଦ ରହିବ।

### ଓଡ଼ିଶାରେ ଆଇସିଏଲ୍‌ର ୧୦ ଶାଖା

**ଭୁବନେଶ୍ୱର,୨୫।୮:** ଦକ୍ଷିଣ ଭାରତର ପ୍ରମୁଖ ଏନ୍‌ବିଏଫ୍‌ସି, ଆଇସିଏଲ୍ ଫିନ୍‌କର୍ପ ପକ୍ଷରୁ ଓଡ଼ିଶାର ପ୍ରମୁଖ ସହରଗୁଡିକରେ ତା'ର ୧୦ଟି ଶାଖା ବୁଧବାର ଖୋଲିଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସଂସ୍ଥାର ଚନ୍ଦ୍ରଶେଖରପୁର, ସାମନ୍ତରାପୁର,ରସୁଲଗଡ଼, ଖଣ୍ଡଗିରି, ବାଲିଘାଟ, ଅଠରନଳା, ଗ୍ରାଣ୍ଡରୋଡ୍ ପୁରୀ, ନୟାବଜାର, ଜଗତପୁର ଓ ଫୁଲନଖରା ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଶାଖାଗୁଡିକର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ପାଇଁ ଲକି ଡ୍ର ର ସୁବିଧା ଓ ବ୍ୟବସ୍ଥା କରାଯାଇଛି। ସଂସ୍ଥାର ଏହି ସବୁ ଶାଖାରୁ ଗ୍ରାହକ ସୁନା ଋଣ ନେବା ପରେ ସେମାନଙ୍କୁ ୧୦ଟି ସୁନା ମୁଦ୍ରା ଜିତିବାରେ କମ୍ପାନୀ ସୁଯୋଗ ଦେଉଛି। ଏହି ଅଫର ସମ୍ପର୍କରେ ଆସନ୍ତା ବର୍ଷ ଜାନୁୟାରୀ ପହିଲାରେ ଘୋଷଣା କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହାର ଉଦ୍‌ଘାଟନୀ ଉତ୍ସବ ଅବସରରେ କମ୍ପାନୀର ସିଏମ୍‌ଡି କେ.ଜି. ଅନିଲ କୁମାର ଏହାର ବିଭିନ୍ନ ଦିଗ ଓ ନିୟମାବଳୀ ସମ୍ପର୍କରେ ମତ ଦେଇଥିଲେ।

# ଇଜ୍‌ର ୪ର୍ଥ ସଂସ୍କରଣ ଆରମ୍ଭ

ନୂଆଦିଲ୍ଲୀ,୨୫।୮

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସହଜ ବ୍ୟାଙ୍କିଙ୍ଗ୍ ଲାଗି ଏନ୍‌ହାନ୍ସ ଆକ୍‌ସେସ୍ ଆଣ୍ଡ ସର୍ଭିସ ଏକ୍ସିଲେନ୍ସ (ଇଜ୍)ର ୪ର୍ଥ ସଂସ୍କରଣକୁ ଶୁଭାରମ୍ଭ କରିଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଲାଗି ଏହା ଏକ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ। ସ୍ୱଚ୍ଛ ଏବଂ ସ୍ମାର୍ଟ ବ୍ୟାଙ୍କିଙ୍ଗ୍ ସେବା ଯୋଗାଣ ଦିଗରେ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ୬ ଥିମ୍ ଏବଂ ୨୬ ପଏଣ୍ଟକୁ ସାମିଲ କରାଯାଇଛି। ଏହି ଅବସରରେ ସୀତାରାମନ କହିଛନ୍ତି, ବ୍ୟାଙ୍କଗୁଡିକ ଉତ୍ତରପୂର୍ବ ଭାରତକୁ ଫୋକସ କରିବାର ଆବଶ୍ୟକତା ରହିଛି। ଏହି ସ୍ଥାନଗୁଡିକର ଚଳନ୍ତି ଏବଂ ସଞ୍ଚୟଖାତା ଜମା (କାସା) ବୃଦ୍ଧି ହେଉଥିବା ନଜରକୁ ଆସିଛି। ବ୍ୟାଙ୍କ ଏହିସବୁ ସ୍ଥାନଗୁଡିକରେ ଋଣ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କଲେ ନିଜେ ମଧ୍ୟ ଲାଭବାନ୍ ହୋଇପାରିବେ। ଏଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାରକରି ବ୍ୟାଙ୍କଗୁଡିକ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକ ଲାଗି ବିଭିନ୍ନ ଅଭିନବ ଯୋଜନା ପ୍ରଣୟନ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ଲଜିଷ୍ଟିକ ଏବଂ



ନିର୍ମଳା ସୀତାରାମନ

ରପ୍ତାନି ଭଳି କ୍ଷେତ୍ରଗୁଡିକୁ ଏଥିରେ ପ୍ରାଥମିକତା ଦିଆଯିବ।

ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡିକରେ କାସା ଜମା ବଢୁଛି। ମାତ୍ର ବ୍ୟାଙ୍କଗୁଡିକ ଏହି ସ୍ଥାନଗୁଡିକରେ ଋଣ ପ୍ରଦାନ କ୍ଷେତ୍ରରେ ଆଖିଦୃଶିଆ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସକ୍ଷମ ହୋଇନାହାନ୍ତି। ସାରା ଦେଶରେ ବ୍ୟାଙ୍କ ଋଣ କ୍ଷେତ୍ରରେ ବର୍ତ୍ତମାନ ଅଭିବୃଦ୍ଧି ହେଉନାହିଁ ବୋଲି କହିହେବ ନାହିଁ। ବର୍ତ୍ତମାନ ଏହା ଉପରେ ଠିକ୍ ଆକଳନ କରିବା ଉପଯୁକ୍ତ ସମୟ ନୁହେଁ ବୋଲି ସୀତାରାମନ ମତ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ଦରଦାମ ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି

- ୨୪ × ୭ ବ୍ୟାଙ୍କ ସେବା ଯୋଗାଣ ଲକ୍ଷ୍ୟ
- ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବିହାରରେ ଋଣ ଯୋଗାଣ ତ୍ୱରାନ୍ୱିତ ହେବ
- ପୂର୍ବାଞ୍ଚଳ ରାଜ୍ୟରେ କାସା ଜମାରେ ଉନ୍ନତି

ସରକାର ଟିକସ ହ୍ରାସ ଭଳି ପଦକ୍ଷେପ ଉପରେ ଫୋକସ କରିଛନ୍ତି।

### ୬ ଥିମ୍ ଉପରେ ଗୁରୁତ୍ୱ

ଇଜ୍‌ର ୨୬ ଆକ୍ସନ ପଏଣ୍ଟ ମଧ୍ୟରେ ୨୪ ଘଣ୍ଟା ୭ ଦିନିଆ ବ୍ୟାଙ୍କ ସେବା, ସରକାରୀ ବ୍ୟାଙ୍କଗୁଡିକ ମଧ୍ୟରେ ମିଳିତ ଭାବେ କାର୍ଯ୍ୟକରିବା, କୃଷକଙ୍କୁ ସହଜରେ କୃଷି ଋଣ ଏବଂ ଗ୍ରାମପଞ୍ଚାୟତ ସହ ମିଳିତ ହୋଇ ବିଭିନ୍ନ ସେବା ଯୋଗାଣ ସାମିଲ ରହିଛି। ସେହିଭଳି ୬ ଥିମ୍ ମଧ୍ୟରେ ଉତ୍ତରଦାୟୀ ବ୍ୟାଙ୍କିଙ୍ଗ୍, ଋଣ ଯୋଗାଣ ତ୍ୱରାନ୍ୱିତ କରିବା, ଉଦ୍ୟମୀ ମିତ୍ର, ବିତ୍ତୀୟ ସାକ୍ଷରତା, ଡିଜିଟାଲାଇଜେଶନ ଏବଂ ବ୍ରାଣ୍ଡ ଡେଭଲପମେଣ୍ଟ ସାମିଲ ରହିଛି। ଇଜ୍ ଅଫ୍ ବ୍ୟାଙ୍କିଙ୍ଗ୍‌ର ପ୍ରଥମ ସଂସ୍କରଣ ୨୦୧୮ରେ ସରକାର ଶୁଭାରମ୍ଭ କରିଥିଲେ। ଏହା ଅଧୀନରେ ଗ୍ରାହକଙ୍କୁ କଲ୍ ସେଣ୍ଟର, ୱେବ୍ ପୋର୍ଟାଲ, ମୋବାଇଲ ଆପ୍ଲିକେଶନ, ଟଚ୍ ପଏଣ୍ଟ ଦ୍ୱାରା ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

### ଅଭିଯୋଗ ସମାଧାନ ସହଜ ହୋଇଛି

ଇଜ୍-୨ରେ ଏସ୍‌ବିଆଇ ଏବଂ ବ୍ୟାଙ୍କ ଅଫ୍ ବରୋଦା ସବୁଠାରୁ ଆଗରେ ରହିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଇଜ୍-୩ ସଂସ୍କରଣ ସରକାର ଲାଗୁ କରିଥିଲେ। ଏହା ଦ୍ୱାରା ଅଭିଯୋଗ ସମାଧାନର ହାରାହାରି ସମୟ ୯ରୁ ୫ ଦିନକୁ ହ୍ରାସ ହୋଇଛି। ସେହିଭଳି ଖୁଚୁରା ଋଣ ଯୋଗାଣ ସମୟ ୧୦ ଦିନକୁ ଖସିଛି। ଏହା ପୂର୍ବରୁ ୩୦ ଦିନ ରହିଥିଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୩୦ରୁ ଊର୍ଦ୍ଧ୍ୱ ସେବାକୁ ଅନ୍‌ଲାଇନ କରିଛନ୍ତି। ୫ କୋଟି ଗ୍ରାହକ ମୋବାଇଲ ଏବଂ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍‌ର ସୁବିଧା ଉଠାଉଛନ୍ତି। ୧୫ ଆଞ୍ଚଳିକ ଭାଷାରେ ବ୍ୟାଙ୍କ କଲ୍ ସେଣ୍ଟର କାମ କରୁଛି।

# ହୋଣ୍ଡା ଚାଳକ ରାଜୀବ ସେତୁଙ୍କୁ ଡବଲ ପୋଡିୟମ



ନୂଆଦିଲ୍ଲୀ,୨୫।୮

ଜାତୀୟ ମୋଟରସାଇକେଲ ରେସିଂ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡର ଶେଷ ଦିବସରେ ହୋଣ୍ଡା ଟିମ୍‌ର ଚାଳକ ରାଜୀବ ସେତୁ ବାଜି ମାରିଛନ୍ତି। ତାଙ୍କୁ ଡବଲ ପୋଡିୟମ ସଫଳତା ମିଳିଛି। ଚେନ୍ନାଇର ମାଡ୍ରାସ୍ ମୋଟର ରେସ୍ ଟ୍ରାକ୍‌ରେ ଚାଲିଥିବା ଏହି ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡରେ ଆଇଡେମିସୁ ହୋଣ୍ଡା ଏସ୍‌କେ ୬୯ ରେସିଂ ଟିମ୍‌ର ଚାଳକ ରାଜୀବ ସେତୁ ନିଜର ସ୍ଥିର ପ୍ରଦର୍ଶନ ଜାରି ରଖି ଟିମ୍ ପାଇଁ ଡବଲ ପୋଡିୟମ ହାସଲ କରିଛନ୍ତି। ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ରେ ଉର୍ଜାବାନ କେଭିନ୍ କ୍ୱିଣ୍ଟାଲ ଏନ୍‌ଏସ୍‌ଏଫ୍୨୫୦ଆର୍ ଓପନ୍ କ୍ଲାସ୍‌ରେ ଶୀର୍ଷ ସ୍ଥାନ ଦଖଲ କରିଥିବା ବେଳେ ସିବିଆର୍୧୫୦ଆର୍ ନୋଭିସ୍ କ୍ଲାସ୍‌ରେ ରକ୍ଷିତ ଏସ୍. ଡାଭେ ଓ ପ୍ରଶାନ୍ତ କାମାଥ୍‌ଙ୍କ ପାଇଁ ତାହା ଡବଲ ୧-୨ ଥିଲା। ନୂତନ ଭାବେ ଉପସ୍ଥାପନ କରାଯାଇଥିବା ହୋଣ୍ଡା ହର୍ନେଟ୍ ୨.୦ ୱାନ୍ ମେକ୍ ରେସ୍‌ରେ ବର୍ଷୀୟାନ ଚାଳକଙ୍କ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଲଗାତର ବିଜୟ ସହ ଚେନ୍ନାଇର କେଭିନ୍ କନ୍ନନ୍ ଏହି ବର୍ଗରେ ବିଜେତା ହୋଇଥିବା ବେଳେ ସୁଧୀର ସୁଧାକର ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ ବଢ଼ିବ

ନୂଆଦିଲ୍ଲୀ,୨୫।୮

ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ ପ୍ରସଙ୍ଗରେ ସରକାର ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବର୍ତ୍ତମାନ ବ୍ୟାଙ୍କ କର୍ମଚାରୀଙ୍କୁ ୩୦ରୁ ୩୫ ହଜାର ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ ମିଳିପାରେ। ପୂର୍ବରୁ ଏହା ୯୨୪୮ କୋଟି ଟଙ୍କା ରହିଥିଲା। ଆର୍ଥିକ ସେବା ବିଭାଗ ସଚିବ ଦେବାଶିଷ ପଣ୍ଡା ଏହି ସୂଚନା ଦେଇଛନ୍ତି। ଖବରଦାତା କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀଙ୍କ ସହ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ସେ କହିଛନ୍ତି, ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ ପେଆଉଟକୁ ବଢ଼ାଇବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।



ଏହାଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନରେ ଏନ୍‌ପିଏସ୍ ନିୟମ ଅନୁସାରେ ଯେଉଁ ଯୋଗଦାନ ରହିଛି ସେ କ୍ଷେତ୍ରରେ ୧୪% ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ୧୦% ରହିଥିଲା। ଏହାବାଦ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଯେଉଁ କର୍ମଚାରୀଙ୍କ କରୋନାରେ ମୃତ୍ୟୁ ହୋଇଛି ସେମାନଙ୍କ ପରିବାରକୁ ମିଳୁଥିବା ପେନ୍‌ସନ ୩୦% ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ଶେଷ ବେତନ ଆଧାରରେ ହୋଇଥିବା ଜଣାପଡ଼ିଛି।

### ପ୍ରାଇମ ଭିଡିଓରେ ଡବ୍ଲ୍ୟୁଏନ୍‌ବିଏ ଷ୍ଟ୍ରିମିଂ

ନୂଆଦିଲ୍ଲୀ,୨୫।୮

ଦେଶ ମଧ୍ୟରେ ଆମାଜନ ପ୍ରାଇମ ସଦସ୍ୟ ଡବ୍ଲ୍ୟୁଏନ୍‌ବିଏର ୨୫ତମ ସିଜନର ଖେଳଗୁଡ଼ିକ ଲିଗ୍ ସମୟରେ ଲାଇଭ୍ ଷ୍ଟ୍ରିମ୍ କରିପାରିବେ। ଆମାଜନ ପ୍ରାଇମ ଭିଡିଓ ଏବଂ ଜାତୀୟ ମହିଳା (ଡବ୍ଲ୍ୟୁଏନ୍‌ବିଏ) ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଛି। ମେ ୨୦୨୧ରେ ଆମାଜନ ଏବଂ ଡବ୍ଲ୍ୟୁଏନ୍‌ବିଏ ମଧ୍ୟରେ ଚୁକ୍ତିନାମା ହୋଇଛି। ଚୁକ୍ତିନାମା ଅନୁସାରେ ପ୍ରତ୍ୟେକ ସିଜନର ଲିଗ୍ ଗେମ୍ ଚୟନ କରିବାକୁ ଭାରତରେ ପ୍ରାଇମ୍ ଭିଡିଓ ମାଧ୍ୟମରେ ସ୍ୱତନ୍ତ୍ର ଷ୍ଟ୍ରିମିଂ ପାଇଁ ଏହା ଅଧିକାର ପାଇଛି।

### ବୀମା କ୍ଷେତ୍ରରୁ ସରକାର ସମ୍ପୂର୍ଣ୍ଣ ଓହରିବେନି

ନୂଆଦିଲ୍ଲୀ,୨୫।୮

ସରକାର ବୀମା କ୍ଷେତ୍ରରୁ ସମ୍ପୂର୍ଣ୍ଣ ଭାବେ ଓହରିଯିବେନି ବୋଲି ଅର୍ଥମନ୍ତ୍ରୀ ସୀତାରାମନ ସ୍ପଷ୍ଟ କରିଛନ୍ତି। ମାତ୍ର ଏକ୍ଷେତ୍ରରେ ସରକାରଙ୍କ ଅଂଶଧନ ସାମାନ୍ୟ ରହିବ। ଷ୍ଟ୍ରାଟେଜିକ ଗୁରୁତ୍ୱକୁ ବିଚାରକରି ଏଭଳି ପଦକ୍ଷେପ ସରକାର ଗ୍ରହଣ କରିଥିବା ବୁଧବାର ସେ ସ୍ପଷ୍ଟ କରିଛନ୍ତି। ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ ଏବଂ ବୀମା ଭଳି କ୍ଷେତ୍ର ଷ୍ଟ୍ରାଟେଜିକ କ୍ଷେତ୍ର ଭାବେ ପରିଗଣିତ। ଏହି କ୍ଷେତ୍ରଗୁଡିକୁ ସରକାର ସମ୍ପୂର୍ଣ୍ଣ ଛାଡ଼ିବେ ନାହିଁ। ଭାରତୀୟ ଜୀବନ ବୀମା ନିଗମ ଏବଂ ସାଧାରଣ ବୀମା କମ୍ପାନୀଗୁଡ଼ିକରେ ସରକାରଙ୍କ ଉପସ୍ଥିତି ରହିବ। ଆର୍ଥିକ କ୍ଷେତ୍ରଗୁଡ଼ିକରେ ରହିଥିବା ସଂସ୍ଥାଗୁଡ଼ିକରୁ ଅଂଶଧନ ବିକ୍ରି କିମ୍ବା ମିଶ୍ରଣ ଯୋଜନା ରଖାଯାଇଛି। ସରକାର ସାଧାରଣ ବୀମା କମ୍ପାନୀ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସରେ ମଧ୍ୟ କିଛି ମାତ୍ରାରେ ଅଂଶଧନ କମାଇବେ। ନିକଟରେ ସରକାର ଜେନେରାଲ ଇନ୍‌ସ୍ୟୁରାନ୍ସ ବିଜ୍‌ନେସ ସଂଶୋଧନ ବିଲ୍ ପାସ୍ କରାଇଛନ୍ତି। ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ଘରୋଇକରଣ କାର୍ଯ୍ୟକ୍ରମକୁ ଏହାଦ୍ୱାରା ତ୍ୱରାନ୍ୱିତ କରାଯାଇପାରିବ। ବଜେଟରେ ଅର୍ଥମନ୍ତ୍ରୀ ୨ ବୀମା କମ୍ପାନୀର ଘରୋଇକରଣ ସମ୍ପର୍କରେ ଘୋଷଣା କରିଥିଲେ।

## ଫୁରସତ୍

# ଘରୁ ଆରମ୍ଭ ହେଉ ମହିଳା ସମାନତା

**ନା**ରୀ ଏବଂ ପୁରୁଷ ସମାଜର ବିକାଶ ପାଇଁ ବିଶେଷ ଗୁରୁତ୍ୱବହନ କରିଥାନ୍ତି। ଦୁହିଁଙ୍କ ସମାନତାର ପ୍ରଭାବ ପରିବାରଠାରୁ ଆରମ୍ଭ କରି ସମଗ୍ର ପୃଥିବୀର ବିକାଶ ଧାରାକୁ ପ୍ରତିଫଳିତ କରିଥାଏ। ଭାରତ ସମେତ ପୃଥିବୀର ବହୁ ପ୍ରାଚୀନ ସମାଜ ନାରୀ ପୁରୁଷ ସମାନତାର ଗୁରୁତ୍ୱକୁ ଉପଲବ୍ଧି କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କହିଥିଲେ। ନାରୀ ନିଜ ପସନ୍ଦର ଜୀବନ ସାଥୀ ଚୟନ କରିବା ପାଇଁ ସ୍ୱୟମ୍ବରର ଆୟୋଜନ ମଧ୍ୟ ହେଉଥିଲା। ଇଜିପ୍ଟର ମହିଳା ଶାସକ କ୍ଲିଓପାଟ୍ରାଙ୍କଠାରୁ ଆରମ୍ଭ କରି ଭାରତରେ ରାଜିଆ ସୁଲତାନା, ମହରାଣୀ ଦୁର୍ଗାବତୀ, ରାଣୀ ଲକ୍ଷ୍ମୀବାଈ, ଅହଲ୍ୟାବାଈ ହୋଲକର, ସାବିତ୍ରୀ ଫୁଲେ ଆଦି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଅର୍ଥାତ୍ ମହିଳା ସମାନତା ବିନା କୌଣସି ପରିବାର, ସମାଜ, ଦେଶ ଅବା ପୃଥିବୀର ବିକାଶ ସ୍ୱପ୍ନ ଦେଖିବା କୁହୁଡ଼ି ପହଁରିବା ଭଳି। ତେଣୁ ମହିଳାଙ୍କୁ ସମାନ ଅଧିକାରର ପରମ୍ପରା ପ୍ରତ୍ୟେକ ଘରୁ ଆରମ୍ଭ ହେବା ଜରୁରୀ। ପରବର୍ତ୍ତୀ ସମୟରେ ଏହି ଚିନ୍ତାଧାରା ବିଶ୍ୱବ୍ୟାପୀ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମତ ପୋଷଣ କରିଥାନ୍ତି।

ଆମେରିକାରେ ପୂର୍ବରୁ ମହିଳାଙ୍କୁ ଭୋଟଦାନ କରିବାର ଅଧିକାର ପ୍ରଦାନ କରାଯାଇ ନ ଥିଲା। ତେବେ ୧୯୨୦ରେ ୧୯ ତମ ସମ୍ବିଧାନ ସଂଶୋଧନରେ ମହିଳାଙ୍କ ଭୋଟ ଦାନ ଅଧିକାରକୁ ସ୍ୱୀକୃତି ମିଳିଥିଲା। ତତ୍କାଳୀନ ବୈଦେଶିକ ସଚିବ ବେନବ୍ରିଜ କୋଲ୍‌ବେ ଆମେରିକୀୟ ମହିଳାମାନଙ୍କୁ ଭୋଟ ଦେବାର ସାମ୍ବିଧାନିକ ଅଧିକାର ପ୍ରଦାନ କରିବା ଲାଗି ଘୋଷଣାନାମାରେ ଦସ୍ତଖତ କରିଥିଲେ। ଏହି ଐତିହାସିକ ଦିନଟିକୁ ସ୍ମରଣୀୟ କରିବା ପାଇଁ ଅଗଷ୍ଟ ୨୬ରେ ମହିଳା ସମାନତା ଦିବସ ପାଳନ ପାଇଁ ୧୯୭୦ ଏବଂ ୧୯୭୧ରେ ଏକ ପ୍ରସ୍ତାବ ଅଣାଯାଇଥିଲା। ପରେ ୧୯୭୩ରେ ଏହାକୁ ନ୍ୟୁୟର୍କ କଂଗ୍ରେସ ପକ୍ଷରୁ ମହିଳା ସମାନତା ଦିବସ ପାଳନ ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ୧୯୭୨ ରେ, ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଘୋଷଣାନାମା ୪୧୪୭ ଜାରି କରିଥିଲେ, ଯାହା ଅଗଷ୍ଟ ୨୬କୁ ମହିଳା ସମାନତା ଦିବସ ଭାବରେ ପାଳନ କରିବା ଲାଗି ଉଦ୍ଦିଷ୍ଟ ଥିଲା।




# ବିନା ସ୍ପର୍ଶରେ ଚାଲିବ ସ୍ମାର୍ଟଫୋନ

**ନୂଆଦିଲ୍ଲୀ:** ଖୁବ ଶୀଘ୍ର ସ୍ମାର୍ଟଫୋନରେ ନୂଆ ଫିଚର ଆସିବାକୁ ଯାଉଛି। ଗୁଗୁଲ ଏବେ ଏକ ସ୍ୱତନ୍ତ୍ର ଟେକ୍ନୋଲୋଜି ଉପରେ କାମ କରୁଛି, ଯାହା ସାହାଯ୍ୟରେ ସ୍ମାର୍ଟଫୋନକୁ ସ୍ପର୍ଶ ନ କରି ବ୍ୟବହାର କରିହେବ। ଏଥିପାଇଁ ୟୁଜରଙ୍କୁ



ଭଏସ କମାଣ୍ଡ ମଧ୍ୟ ଦେବାକୁ ପଡିବ ନାହିଁ। ଗୁଗୁଲର ଏହି ନୂତନ ଟେକ୍ନୋଲୋଜି ସହିତ ୟୁଜରମାନେ ମୁଖର ଅଭିବ୍ୟକ୍ତି ମାଧ୍ୟମରେ ଫୋନର ବିଭିନ୍ନ କାର୍ଯ୍ୟ ପରିଚାଳନା କରିବାକୁ ସମର୍ଥ ହେବେ। ଏହି ଫିଚର ଦିବ୍ୟାଙ୍ଗଙ୍କ ପାଇଁ ବେଶ ଉପଯୋଗୀ ହେବ ବୋଲି କୁହାଯାଉଛି। ନୂଆ ସ୍ମାର୍ଟଫୋନ୍‌ରେ ଆଣ୍ଡ୍ରଏଡ ୧୨ ସହିତ ଆଧୁନିକ ଫିଚରକୁ ଅନ୍ତର୍ଭୁକ୍ତ କରାଯିବାର ଯୋଜନା ରହିଛି। ଏହି ଫିଚରକୁ ବିକଶିତ କରୁଥିବା ଏକ୍ସଡିଏ ଡେଭଲପର୍ସ କହିଛନ୍ତି ଯେ ଆଣ୍ଡ୍ରଏଡ ଆକ୍ସେସିବିଲିଟି ସୁଟ ଆପରେ କ୍ୟାମେରା ସୁଇଚ୍ ଫିଚରରେ ପରିବର୍ତ୍ତନ ଅଣାଯିବ। ହସିବା, ପାଟି ଖୋଲିବା, ହାତ ମାଧ୍ୟମରେ ବିନା ସ୍ପର୍ଶରେ କମାଣ୍ଡ ଦିଆଯିବାକୁ ଏହି ଫିଚର ଅନ୍ତର୍ଭୁକ୍ତ କରାଯାଇପାରେ। ଏହି ନୂତନ ଫିଚର ପାଇଁ ସ୍ମାର୍ଟଫୋନର କ୍ୟାମେରାକୁ ଅନ ରଖିବାକୁ ପଡିବ।

9th HAPPY BIRTHDAY



ଆଶୁତୋଷ ନାୟକ
(ଖଳିସରା, ବଳରାମପ୍ରସାଦ, ନୟାଗଡ଼)
ଆଜି ତୁମର ଜନ୍ମବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ । ଶୁଭେଚ୍ଛା ସହ- ଚିକୁ, ଭବାନୀ, ମାମାଲି, ବାବୁନା ଓ ପରିବାରବର୍ଗ ।
ଧ-୭୧୧୩୮

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


# ଶୁଟିଂ ସେଟ୍‌ରେ ଚାପୁଡ଼ା ମାରିଥିଲେ ଈଶା

**ମୁମ୍ବାଇ:** ବଲିଉଡ୍‌ରେ ଅଭିନେତା ଏବଂ ଅଭିନେତ୍ରୀମାନଙ୍କ ମଧ୍ୟରେ ଝଗଡ଼ା ହେବା ସାଧାରଣ କଥା। ବେଳେବେଳେ ଏପରି ଝଗଡା ହୋଇଥାଏ ଯେ ସେମାନେ ପରସ୍ପର ଚଳଚ୍ଚିତ୍ରରେ କାମ କରିବାକୁ ମଧ୍ୟ ଇଚ୍ଛା କରନ୍ତି ନାହିଁ । ଫିଲ୍ମ 'ପ୍ୟାରେ ମୋହନ'ର ସେଟ୍‌ରେ ହେମାମାଳିନୀଙ୍କ ଝିଅ ତଥା ଅଭିନେତ୍ରୀ ଈଶା ଦେଓଲ ଏବଂ ଅମୃତା ରାଓଙ୍କ ମଧ୍ୟରେ ଥରେ ଏମିତି ଝଗଡା ଦେଖିବାକୁ ମିଳିଥିଲା। ୨୦୦୬ରେ ଫିଲ୍ମ 'ପ୍ୟାରେ ମୋହନ'ର ଶୁଟିଂ ସେଟ୍‌ରେ ଈଶା ଏବଂ ଅମୃତାଙ୍କ ମଧ୍ୟରେ ଝଗଡା ହୋଇଥିଲା। ଈଶା ଏତେ ରାଗିଗଲେ ଯେ ଅମୃତାଙ୍କୁ ଶକ୍ତ ଚାପୁଡା ମାରିଥିଲେ। କୁହାଯାଏ, ଅମୃତା ଫିଲ୍ମ ସେଟ୍‌ରେ ଈଶାଙ୍କ ଉପରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ଏହି କାରଣରୁ ଈଶା ତାଙ୍କୁ ଚାପୁଡ଼ା ମାରିଥିଲେ। ଏକ ସାକ୍ଷାତ୍‌କାରରେ ଈଶା ଏହାକୁ ସ୍ୱୀକାର ମଧ୍ୟ କରିଥିଲେ। ପ୍ୟାକ ଅପ୍ ହେବାର ଗୋଟିଏ ଦିନ ପରେ ଅମୃତା ତାଙ୍କ ନିର୍ଦ୍ଦେଶକ ଇନ୍ଦ୍ର କୁମାର, କ୍ୟାମେରାମ୍ୟାନ ଏବଂ ତାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଏହା ତାଙ୍କ ପାଇଁ ଅସହ୍ୟ ହୋଇଗଲା, ତେଣୁ ଅମୃତାଙ୍କୁ ସେ ଚାପୁଡ଼ା ମାରିଥିଲେ ବୋଲି କହିଥିଲେ। ଅମୃତାଙ୍କ କାମ ଚାପୁଡା ମାରିବା ଭଳି ଥିଲା ଏବଂ କେବଳ ଆତ୍ମ ସମ୍ମାନ ରକ୍ଷା ଉଦ୍ଦେଶ୍ୟରେ ସେ ଏପରି କରିଥିବା ଈଶା କହିଥିଲେ। ତେବେ ଭଲ କଥା ହେଉଛି ଅମୃତା ମଧ୍ୟ ତାଙ୍କ ଭୁଲ୍‌କୁ ଶୀଘ୍ର ଅନୁଭବ କରି ଈଶାଙ୍କୁ କ୍ଷମା ମାଗିଥିଲେ।



# ପସନ୍ଦର ଗୀତ ନ ବାଜିବାରୁ ମଣ୍ଡପକୁ ଗଲେନି କନ୍ୟା

ମନପସନ୍ଦର ଗୀତ ନ ବାଜିବାରୁ ମଣ୍ଡପକୁ ଗଲେନି କନ୍ୟା। ନିକଟରେ ଏଭଳି ଘଟଣାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ବିବାହ ସମୟରେ ବାଜୁଥିବା ଗୀତ ପସନ୍ଦ ଆସିଲାନି ବୋଲି ରାଗି ପଞ୍ଚମ ହୋଇଗଲେ। ଏହି ଭିଡିଓକୁ ଶିବାନୀ ପୱାଲ ନାମକ ଜଣେ ଯୁବତୀ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏଥିରେ ସେ କ୍ୟାପଶନ ଲେଖିଛନ୍ତି, ମୁଁ ମଣ୍ଡପକୁ ଏଣ୍ଟ୍ରି କରିବା ସମୟରେ ବାଜୁଥିବା ଗୀତ ମୋର ପସନ୍ଦ ଆସି ନ ଥିଲା। ମୁଁ ଯେଉଁ ଗୀତ ବଜାଇବାକୁ କହିଥିଲି ତାହା ବାଜୁ ନ ଥିଲା। ଏଥିରେ ଅସନ୍ତୁଷ୍ଟ ହୋଇ ତାଙ୍କ ଗୋଡ଼ ଆଉ ମଣ୍ଡପକୁ ପଡ଼ିଲାନି। ଏହା ଦେଖି ସେଠାରେ ଥିବା ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ। ପରିବାର ଲୋକେ ତାଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେ କାହା କଥା ଶୁଣି ନ ଥିଲେ। ଏହି ଭିଡିଓକୁ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷରୁ ଅଧିକ ଲୋକ ଦେଖିସାରିଛନ୍ତି। ଅନେକ ୟୁଜର ଏହା ଉପରେ ଅନେକ ମଜାଳିଆ କମେଣ୍ଟ ଦେଇଛନ୍ତି।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ଲୋକନାଥ ଶତପଥି
ପୂର୍ବତନ ଶିକ୍ଷକ, ହୀରାକୁଦ ହାଇସ୍କୁଲ, ହୀରାକୁଦ, ସମ୍ବଲପୁର
ଆବିର୍ଭାବ: ୨୯.୭.୧୯୪୮
ତିରୋଧାନ- ୧୭.୮.୨୦୨୧
ତୁମେ ସର୍ବଦା ଆମ୍ଭମାନଙ୍କର ଭାବନା ଓ ହୃଦୟରେ ରହିଛ ଓ ରହିବ । ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
-: ଶୋକସନ୍ତପ୍ତ :-
ଶତପଥି ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

Admission Open 2021-22 Session
B.SC NURSING
Approved by Govt. of Odisha & affiliated to Utkal University
ADMISSION ELIGIBILITY
+2 Science Pass
45% of mark in PCB for Gen. Category
40% of mark in PCB for SC & ST Category
SRI BALADEVJEW COLLEGE OF NURSING
Email : srigurudevtrust2020@gmail.com
Kajala, Kendrapara
7008513605, 9439927471

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନୀୟ କମ୍ପାନୀ
ମାର୍କେଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457958917
9458678925

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୋନାକ୍ଷୀଙ୍କ ଟେନ୍‌ସନ୍

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ଏବେ ଶାଢ଼ି ପିନ୍ଧାକୁ ନେଇ ଦୋଛକିରେ ପଡ଼ିଛନ୍ତି। ଅସଲ କଥା ହେଲା, ଶାଢ଼ି ପିନ୍ଧିଲେ ଆଦୌ କମ୍ଫଟ ଅନୁଭବ କରି ନ ଥାନ୍ତି ସେ। ଏ ନେଇ ସୋନାକ୍ଷୀ କହନ୍ତି, 'ପିଲାଦିନେ ମୋତେ ଶାଢ଼ି ପିନ୍ଧିବାକୁ ଭଲ ଲାଗୁଥିଲା। ଥରେ ଶାଢ଼ି ପିନ୍ଧି ଦୌଡ଼ିବା ସମୟରେ ମୁଁ ପଡ଼ିଯାଇଥିଲି। ବାସ୍, ତା'ପରେ ଏହାକୁ ନେଇ ମୋ ମନରେ ଭୟ ରହିଆସିଛି। ତେବେ ମୋ ଆଗାମୀ ଫିଲ୍ମରେ ଶାଢ଼ି ପିନ୍ଧି କିପରି ଶଟ୍ ଦେବି ସେ ନେଇ ଚିନ୍ତା କରୁଛି। ଯଦି ଶାଢ଼ି ବଦଳରେ ଅନ୍ୟ କଷ୍ଟ୍ୟୁମ ଆରେଞ୍ଜ ପାଇଁ କହିଛି। ଯଦି ତାହା ହେଲା ତ ଭଲ, ନ ହେଲେ ମୋତେ ଶାଢ଼ି ପିନ୍ଧି ହିଁ ନାଚିବାକୁ ପଡ଼ିବ।'


ସୋନାକ୍ଷୀ

ଏମିତି ବି ହୋଇଥିଲା

## ମହେଶଙ୍କ କଥା ସତ ହେଲା

ଥରେ ମନେପକାନ୍ତୁ ନା ୧୯୯୦ରେ ରିଲିଜ ହୋଇଥିବା ମ୍ୟୁଜିକାଲ ହିଟ୍ ଫିଲ୍ମ 'ଆସୀକୀ'କୁ। ରାହୁଲ ରୟ ଏବଂ ଅନୁ ଅଗ୍ରୱାଲଙ୍କୁ ଏଥିରେ ବ୍ରେକ୍ ମିଳିଥିଲା। କିନ୍ତୁ ଏହାର ପ୍ରଯୋଜନା କରିବାକୁ ଗୁଲସନ କୁମାର ପ୍ରଥମେ ମନା କରିଦେଇଥିଲେ। ସେ ଭାବିଥିଲେ ଯେ, ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ନାହିଁ। କିନ୍ତୁ ନିର୍ଦ୍ଦେଶକ ମହେଶ ଭଟ୍ଟ ତାଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ। ଆଲୋଚନା ସମୟରେ ମହେଶ କହିଥିଲେ ଯେ, ଯଦି ଫିଲ୍ମଟି ଫ୍ଲପ ହୁଏ ତେବେ ସେ ଭବିଷ୍ୟତରେ କଦାପି ନିର୍ଦ୍ଦେଶନା ଦେବେ ନାହିଁ। ଶେଷକୁ ମହେଶଙ୍କ ଉପରେ ଭରସା ରଖି ଫିଲ୍ମଟିର ପ୍ରଯୋଜନା କରିଥିଲେ ଗୁଲସନ୍। ଯେତେବେଳେ ଏହି ଚିତ୍ରଟି ପରଦା ଉପରକୁ ଆସିଲା ଆଉ ତା'ପରେ ଯାହା ହେଲା କହିବା ଅନାବଶ୍ୟକ। ମାତ୍ର ୩୦ ଲକ୍ଷ ବଜେଟରେ ପ୍ରସ୍ତୁତ 'ଆସୀକୀ' ବକ୍ସ ଅଫିସରେ ପ୍ରାୟ ୫ କୋଟି ଆୟ କରିଥିଲା। ନଦୀମ-ଶ୍ରବଣଙ୍କ ଶ୍ରୋତାଦୃତ ମ୍ୟୁଜିକ ଫିଲ୍ମଟିକୁ ଆହୁରି ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ତା'ସହ ଏଥିରେ ସଂଯୋଜିତ ୧୨ଟି ଗୀତରୁ ୯ଟି ଗୀତ ପାଇଁ କଣ୍ଠଦାନ କରି ରାତାରାତି ଷ୍ଟାର ପାଲଟିଯାଇଥିଲେ କୁମାର ସାନୁ।


ମହେଶ ଭଟ୍ଟ


ଶୀତଲ-ଜ୍ୟୋତି

ନୂଆ ସିନେମା

## ଲଭ୍ ୪୨୦

ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ସିନେମା 'ଲଭ୍ ୪୨୦'। ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ବିନ୍ନି ପଟ୍ଟନାୟକ ଏବଂ ସଚୀକାନ୍ତ ଜେନା। ମୃତ୍ୟୁଞ୍ଜୟ ସାହୁ (ବାପି) ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ। ଅନ୍ୟପକ୍ଷରେ ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଅଭିଜିତ ମଜୁମଦାର। ଚିତ୍ରର ଲିଡ୍ ରୋଲ୍‌ରେ ଜ୍ୟୋତି ଅଭିନୟ କରୁଥିବା ବେଳେ ତାଙ୍କ ସ୍କ୍ରିନ୍ ଶେୟାର କରିବେ ଶୀତଲ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି ବିନ୍ନି। ତେବେ ଏହି ଫିଲ୍ମରେ ଜ୍ୟୋତି-ଶୀତଲଙ୍କ ଯୋଡ଼ି କି କମାଲ କରୁଛି ତାହା ରିଲିଜ ହେଲେ ହିଁ ଜଣାପଡ଼ିବ।

ରିଲିଜ ଅପେକ୍ଷାରେ

## ବାଜିବଲୋ ସାହାନାଇ

ଥରେ ମନେ ପକାନ୍ତୁ ନା ଗୌରୀ ଗଣନାଟ୍ୟ ପରିବେଶିତ ନାଟକ 'ବାଜିବ ଲୋ ସାହାନାଇ'କୁ। ଇଂ. ଆଶୁତୋଷ ମହାପାତ୍ରଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଏହି ନାଟକକୁ ଚଳଚ୍ଚିତ୍ରର ରୂପ ଦେଇଛନ୍ତି ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା। ଅପରପକ୍ଷରେ ଉକ୍ତ ଚିତ୍ରଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେଇପାରିବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ଆଶୁତୋଷ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)।


ଝିଲିକ୍

## ଆଇଟମ୍ ପାଇଁ ...

କ୍ରିତି ସାନନ ଏବେ କ'ଣ କରିବେ କିଛି ଜାଣିପାରୁନାହାନ୍ତି। ଏପଟେ ନୂଆ ସିନେମାର କାହାଣୀ ତାଙ୍କୁ ସିନା ପ୍ରଭାବିତ କରିଛି, ହେଲେ ସେଥିରେ ସଂଯୋଜିତ ଏକ ଆଇଟମ୍ ନମ୍ବର ତାଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ତେଣୁ ଏଥିରେ ଅଭିନୟ କରିବାକୁ ରାଜି ହେବେ ନା ମନା କରିବେ କିଛି ଠିକ୍ କରିପାରୁନାହାନ୍ତି। କଥା କ'ଣ କି କାହାଣୀ ଅନୁସାରେ ତାଙ୍କୁ ଏହି ଗୀତରେ ନାଚିବାକୁ ପଡ଼ିବ। ହେଲେ କଥାଟିକୁ ସହଜରେ ହଜମ କରିପାରୁନାହାନ୍ତି କ୍ରିତି। କିନ୍ତୁ ଶୁଣିବାକୁ ମିଳୁଛି ଯେ ଏହି ଫିଲ୍ମ ପାଇଁ ସେ ଅଧିକ ପାରିଶ୍ରମିକ ଦାବି କରୁଛନ୍ତି। ତେଣୁ ଅସଲ କଥା ସେଠାରେ ହିଁ ଅଟକିଛି। ଏ ସମ୍ପର୍କରେ ସଫେଇ ଦେଇ କ୍ରିତି କହନ୍ତି, 'ଅସଲ କଥା ହେଲା, ଏହି ଆଇଟମ ନମ୍ବରରେ ନାଚିବି କି ନାହିଁ ସେ ନେଇ ମୁଁ ଦ୍ୱନ୍ଦ୍ୱରେ ପଡ଼ିଛି। କାରଣ ସେଥିରେ ସୁଇମିଙ୍ଗ ସୁଟ୍ ପିନ୍ଧି ନାଚିବାକୁ ପଡ଼ିବ, ଯାହା ମୋତେ ଅଡୁଆରେ ପକାଇଛି। ହେଲେ ଏହି ଫିଲ୍ମ ପାଇଁ ମୁଁ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛି ବୋଲି ଯାହା ଶୁଣିବାକୁ ମିଳୁଛି, ତାହା ପଛରେ ଆଦୌ ସତ୍ୟତା ନାହିଁ।' ଅନ୍ୟପକ୍ଷରେ 'ଲୁକ୍କା ଛୁପି'ପରେ କାର୍ତ୍ତିକ ଆର୍ଯ୍ୟନ ଏବଂ କ୍ରିତି ପୁଣି ଥରେ ଏକାଠି ହୋଇ ବଡ଼ ପରଦାରେ ମୁହଁ ଦେଖାଇବେ। ଆଲୁ ଅର୍ଜୁନ ଏବଂ ପୂଜା ହେଗଡେ ଅଭିନୀତ ତେଲୁଗୁ ଫିଲ୍ମ 'ଆଲ୍ ବୈକୁଣ୍ଠପୁରମୁଲୁ'ର ହିନ୍ଦୀ ରିମେକ୍ ପାଇଁ ଏହି ଯୋଡ଼ିକୁ ସାଇନ୍ କରାଯାଇଛି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ସିନେମାଟିର ନିର୍ଦ୍ଦେଶନା ଦେବେ ରୋହିତ ଧାୱନ ଏବଂ ଫିଲ୍ମଟିର ଶୁଟିଂ ଚଳିତବର୍ଷ ନଭେମ୍ବରରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ଅପେକ୍ଷା ଶୁଭ ଦିନକୁ

କଙ୍ଗନାଙ୍କ ଗୋଡ଼ ଏବେ ତଳେ ଲାଗୁନି। କେମିତି ବା ଲାଗିବ କହୁନାହାନ୍ତି ? ହେଲେ ସେ ଏମିତି ଖୁସିରେ ଉଚ୍ଛୁଳିବା ପଛରେ ନିଶ୍ଚୟ କିଛି କାରଣ ରହିଛି। ତାହା ହେଲା, ଯେଉଁ କଥାକୁ ନେଇ ସେ ଟେନସନରେ ଥିଲେ ତାହା ଦୂର ହୋଇଛି। ଅର୍ଥାତ୍, ଯେଉଁ ସିନେମା କେବେ ରିଲିଜ ହେବ ସେ ନେଇ କଙ୍ଗନା ରାଣାୱତ ଦିନ ଗଣୁଥିଲେ ସେହି ଶୁଭ ଦିନ ଆସିଯାଇଛି। କଥା କ'ଣ କି ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ ଅଭିନେତ୍ରୀ ଜୟଲଳିଥାଙ୍କ ଜୀବନୀକୁ ନେଇ ନିର୍ମିତ ହୋଇଛି 'ଥାଲାଇଭି'। ଆଉ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି କଙ୍ଗନା। ଉକ୍ତ ସିନେମାଟି ସେପ୍ଟେମ୍ବର ୧୦ରେ ପରଦା ଉପରକୁ ଆସିବ ବୋଲି ଏହାର ଅନ୍ୟତମ ପ୍ରଯୋଜକ ବିଷ୍ଣୁ ବର୍ଦ୍ଧନ ଇନ୍ଦୁରି ଘୋଷଣା କରିଛନ୍ତି। ଆଉ ଯେତେବେଳେ ଏ କଥା କଙ୍ଗନା ଜାଣିଲେ ତାଙ୍କର ଖୁସି ଦେଖେ କିଏ। ଏ ନେଇ କଙ୍ଗନା କହନ୍ତି, 'ଏ କଥା ଶୁଣିବା ପରେ ମୋର ଗୋଡ଼ ଆଉ ତଳେ ଲାଗୁନି। କାରଣ ଏହି ଫିଲ୍ମଟି ଯଦି ହିଟ୍ ହେଲା ତେବେ ତାହା ମୋ କ୍ୟାରିୟରକୁ ନିଶ୍ଚୟ ଆହୁରି ମାଇଲେଜ ଦେବ। ଏଥିରେ ମୋର ପରିଶ୍ରମର ମୂଲ୍ୟ ଦର୍ଶକ ନିଶ୍ଚୟ ବୁଝିବେ ବୋଲି ଆଶା ରଖିଛି।' ନିକଟରେ ଏହି ଫିଲ୍ମର ଟ୍ରେଲର ରିଲିଜ ହେବା ପରେ ତାହା ବେଶ୍ ଭାଇରାଲ ହୋଇଛି। ସୂଚନାଯୋଗ୍ୟ ଚଳିତବର୍ଷ ଏପ୍ରିଲ ୨୩ରେ ଭିବ୍ରି ମୋଶନ ପିକ୍ଚର୍ସ, କର୍ମା ମିଡିଆ ଏଣ୍ଟରଟେନମେଣ୍ଟ ଏବଂ ଜି ଷ୍ଟୁଡିଓ ବ୍ୟାନରରେ ନିର୍ମିତ ଏହି ଫିଲ୍ମଟି ରିଲିଜ ହୋଇଥାଆନ୍ତା, ହେଲେ କୋଭିଡର ଦ୍ୱିତୀୟ ଲହର ପାଇଁ ତାହା ସ୍ଥଗିତ ରହିଥିଲା।


କ୍ରିତି


କଙ୍ଗନା

ପରଦା ପଛରେ

## ଭଲ ସିନେମା ନିର୍ମାଣ କରିବୁ

**ପ୍ରଥମଥର ପାଇଁ ଦୁହେଁ ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଛନ୍ତି । ତେବେ ପ୍ରଥମ ସିନେମା 'ମନ ମୋର କାଗଜ ଗୁଡ଼ି'ରୁ ଅନେକ କିଛି ଶିଖିବା ପରେ ଭବିଷ୍ୟତରେ ନିର୍ଦ୍ଧାରିତ ସମୟ ଅନ୍ତରାଳରେ ଚଳଚ୍ଚିତ୍ର ପ୍ରଯୋଜନା କରିବାକୁ ଯୋଜନା କରିଛନ୍ତି । ଏହି ନବାଗତ ପ୍ରଯୋଜକ ଯୋଡ଼ି ଶିବିର କୁମାର ପରିଡ଼ା ଏବଂ ବିବେକାନନ୍ଦ ବାରିକ ନିଜ ସମ୍ପର୍କରେ ଯାହା କହନ୍ତି....**

'ବର୍ତ୍ତମାନ ଯୁବପିଢ଼ି ସିନେମା ଦେଖିବାକୁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ସେମାନଙ୍କ ମନକୁ ଛୁଇଁଲାଭଳି ରୋମାଣ୍ଟିକ ହେଉ ଅବା ଆକ୍ସନଭିତ୍ତିକ ଚଳଚ୍ଚିତ୍ରଟିଏ ପ୍ରସ୍ତୁତ ହେବା ଦରକାର। ସେଥିରେ ଫ୍ୟାମିଲି ଡ୍ରାମା ଏବଂ ଇମୋଶନ ରହିଲେ ତାହାକୁ ମଧ୍ୟ ସବୁ ବର୍ଗର ଦର୍ଶକ ଦେଖିପାରିବେ। ଏଭଳି କଥାକୁ ଭଲ ଭାବରେ ହୃଦୟଙ୍ଗମ କରିବା ପରେ ଆମେ ଓଡ଼ିଆ ସିନେମା ପ୍ରଯୋଜନା କରିବାକୁ ସ୍ଥିର କରିଥିଲୁ ବୋଲି କହନ୍ତି ଶିବିର କୁମାର ପରିଡ଼ା। ଅନ୍ୟପକ୍ଷରେ ତାଙ୍କର ଯୋଡ଼ି ତଥା ଖୋର୍ଦ୍ଧା ଜିଲା ଜଟଣୀ ଅନ୍ତର୍ଗତ କାଇମାଟିଆ ଗ୍ରାମରେ ଜନ୍ମିତ ବିବେକାନନ୍ଦ ବାରିକ କ୍ରୀଡା ଏବଂ ସମାଜସେବା କ୍ଷେତ୍ରରେ ବ୍ୟସ୍ତ ରହିଲେ ମଧ୍ୟ ଶିବିରଙ୍କ ସହ ଏକାଠି ହୋଇ ପ୍ରସ୍ତୁତ କରିଛନ୍ତି ନୂଆ ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡ଼ି'। ନିଜର ଆଭିମୁଖ୍ୟ ବିଷୟରେ ବିବେକାନନ୍ଦ କହନ୍ତି, 'ଏବେ ଅନେକେ କହୁଛନ୍ତି ଯେ ଓଡ଼ିଆ ସିନେମା ଚାଲୁ ନାହିଁ। ଦର୍ଶକ ପ୍ରେକ୍ଷାଳୟକୁ ଆସୁନାହାନ୍ତି। ମୋ ମତରେ ଭଲ ସିନେମା ନିର୍ମିତ ହେଲେ ଓଡ଼ିଆ ସିନେମା ପୁଣି ଥରେ ଦର୍ଶକାଦୃତ ହୋଇପାରିବ।' ଅନ୍ୟପକ୍ଷରେ ରକ୍ତଦାନ, ବୃକ୍ଷରୋପଣ ସହ ସମାଜସେବାରେ ଜଡ଼ିତ ତଥା କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇରେ ଜନ୍ମିତ ଶିବିର କେବେ ଓଡ଼ିଆ ସିନେମା ଦେଖିବାକୁ ଭୁଲି ନ ଥାନ୍ତି। ''ପ୍ରଥମ ସିନେମାରୁ ପ୍ରଯୋଜନା ସମ୍ପର୍କରେ ଅନେକ ନୂଆ କଥା ଶିଖିଛୁ। ଆଗକୁ ପୁଣି ଓଡ଼ିଆ ସିନେମା ନିର୍ମାଣ କରିବାର ଯୋଜନା ରହିଛି। ହେଲେ ସବୁବେଳେ ଦର୍ଶକଙ୍କର ମାନସିକତାକୁ ଗୁରୁତ୍ୱ ଦେବାକୁ ଭୁଲିବୁ ନାହିଁ ବୋଲି କହନ୍ତି ଶିବିର।'' 'ମନ ମୋର କାଗଜ ଗୁଡି' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଦେବଜ୍ୟୋତି ପାତ୍ର (ଦୀପୁ) ଏବଂ ନାୟକ-ନାୟିକା ସାଜିଛନ୍ତି ରାକେଶ ଏବଂ ଭୂମିକା ଦାଶ।


ଶିବିର -ବିବେକ

# ଅଷ୍ଟ୍ରେଲିଆର ଗ୍ରେକୋଙ୍କୁ ପ୍ରଥମ ସ୍ୱର୍ଣ୍ଣ

ଟୋକିଓ,୨୫।୮(ଏପି)

ଟୋକିଓ ପାରାଲିମ୍ପିକ୍ସରେ ବୁଧବାର ପ୍ରଥମ ଦିବସରେ ଅଷ୍ଟ୍ରେଲୀୟ ମହିଳା ସାଇକ୍ଲିଷ୍ଟ ପେଗ୍ ଗ୍ରେକୋ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏଥି ସହ ସେ ଏହି ପାରାଲିମ୍ପିକ୍ସର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ସେ ଭେଲୋଡ୍ରୋମ ଟ୍ରାକ୍‌ରେ ମହିଳା ୩୦୦୦ ମିଟର ସାଇକ୍ଲିଂର ସି-୩ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଚାଇନାର ୱାଙ୍ଗ ଜିଓମେଇ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଓ ଜର୍ମାନୀର ଡେନିସ ସିଣ୍ଡଲର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୨୪ ବର୍ଷୀୟ ଗ୍ରେକୋ ନିର୍ଦ୍ଧାରିତ ସମୟକୁ ୩ ମିନିଟ୍ ୫୦.୮୧୫ ସେକେଣ୍ଡ ସମୟ ନେଇ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ପଦାର୍ପଣରେ

**ଟୋକିଓ ପାରାଲିମ୍ପିକ୍ସ**

ସ୍ୱର୍ଣ୍ଣିମ ସଫଳତ ହାସଲ କରିଛନ୍ତି। ଗ୍ରେକୋ ଜନ୍ମରୁ ସେରେବ୍ରାଲ ପାଲ୍‌ସିରେ ପୀଡିତ ରହିଆସିଛନ୍ତି। ତାଙ୍କ ଶରୀର ଡାହାଣ ପଟ ଏହା ଦ୍ୱାରା ପ୍ରଭାବିତ ହୋଇ ଆସିଛି। ୨୦୧୮ରେ ସେ ସାଇକ୍ଲିଂକୁ ନିଜର କ୍ୟାରିୟର ରୂପେ ବାଛିଥିଲେ। ତେବେ ଏହାପୂର୍ବରୁ ସେ ଆଥ୍‌ଲେଟ ଭାବେ ଟ୍ରାକ୍ ଆଣ୍ଡ ଫିଲ୍ଡରେ କ୍ୟାରିୟର ଆରମ୍ଭ କରିଥିଲେ। ସାଇକ୍ଲିଂରେ ପ୍ରବେଶ କରିବା ପରେ ସେ ତାଙ୍କ ର୍‍ୟାଙ୍କିଂରେ ସୁଧାର ଆଣିଥିଲେ। ୟୁସିଆଇ ପାରା ଆଥ୍‌ଲେଟ ଟ୍ରାକ ସାଇକ୍ଲିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ୨୦୧୯ରେ ଦୁଇଟି ସ୍ୱର୍ଣ୍ଣ ସମେତ ଗୋଟିଏ ରୌପ୍ୟ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୯ରେ ସେ ସାଇକ୍ଲିଂ ଅଷ୍ଟ୍ରେଲିଆ ଦ୍ୱାରା ସମ୍ମାନିତ ହୋଇଥିଲେ ଓ ତାଙ୍କୁ ଓମ୍ୟାନ ଟ୍ରାକ ସାଇକ୍ଲିଷ୍ଟ ଅଫ୍ ଦି ଇୟର ଭାବେ ପୁରସ୍କୃତ କରାଯାଇଥିଲା। ଏବେ ସେ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି।

ସ୍ୱର୍ଣ୍ଣ ଜିତିବା ପରେ ଗ୍ରେକୋ ଖୁସି ପ୍ରକାଶ କରିଛନ୍ତି। ଏହି ସଫଳତା ଅବିଶ୍ୱସନୀୟ ଓ ଏହା ମୋତେ ବହୁତ ଆନନ୍ଦ ଦେଇଛି। ଏବେ ମଧ୍ୟ ତଳକୁ ଅନାଇ ମେଡାଲକୁ ଦେଖୁଛି। ସକାଳେ ଅନୁଷ୍ଠିତ ହିଟ୍ସରେ ସେ ୮ ସେକେଣ୍ଡ କମ୍ ସମୟ ନେଇ ନିଜର ବିଶ୍ୱ ରେକର୍ଡ ଭାଙ୍ଗି ଫାଇନାଲ ପାଇଁ କ୍ୱାଲିଫାଏ କରିଥିଲେ। ରୌପ୍ୟ ପଦକ ହାସଲ କରିଥିବା ୱାଙ୍ଗ୍ ଗ୍ରେକୋ ସହ ଆଶାନୁରୂପ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିପାରି ନ ଥିଲେ।

ଅନ୍ୟପଟେ ହ୍ୱିଲଚେୟାର ରଗବୀ ପୁଲ୍ ପର୍ଯ୍ୟାୟରେ ଗତ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଷ୍ଟ୍ରେଲିଆ ୫୪- ୫୩ରେ ଡେନ୍‌ମାର୍କଠାରୁ ପରାସ୍ତ ହୋଇଛି। ସେହିପରି ବ୍ରିଟିଶ ସନ୍ତରଣକାରୀ ରିସି ଡୁନ ପୁରୁଷ ୧୦୦ ମିଟର ବଟରଫ୍ଲାଏ ଏସ୍ ୧୪ ବର୍ଗରେ ନୂଆ ପାରାଲିମ୍ପିକ୍ ରେକର୍ଡ ସୃଷ୍ଟି କରିଛନ୍ତି।


ଟୋକିଓ ପାରାଲିମ୍ପିକ୍ସର ମହିଳା ୩୦୦୦ ମିଟର ସାଇକ୍ଲିଂ ରେସ୍ ଅବସରରେ ପେଗ୍ ଗ୍ରେକୋ।

**କୋଭିଡ୍- ୧୯ ନେଇ ଆୟୋଜକ ଚିନ୍ତିତ**

ପାରାଲିମ୍ପିକ୍ସରେ କୋଭିଡ୍-୧୯ ସମସ୍ୟା ଜାରି ରହିଛି ଓ ଆୟୋଜକମାନେ ଏ ନେଇ ଚିନ୍ତିତ ରହିଛନ୍ତି। ପ୍ରତିଯୋଗିତାରୁ ବହୁତ ଦୂରରେ ଥିବା ପାରାଲିମ୍ପିକ୍ସ କ୍ରୀଡ଼ା ଗ୍ରାମରେ ବୁଧବାର ଆଉ ୨ଜଣ ଆଥ୍‌ଲେଟ କୋଭିଡ୍ ସଂକ୍ରମଣର ଶିକାର ହୋଇଛନ୍ତି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଗତ ଦୁଇଦିନରେ ୩ଜଣ ଆଥ୍‌ଲେଟଙ୍କ କୋଭିଡ୍ ପଜିଟିଭ ହୋଇଥିବା ଜଣାପଡିଛି। ତେବେ ଗତ ୩ଦିନ ମଧ୍ୟରେ ମୋଟ ଉପରେ କ୍ରୀଡ଼ାଗ୍ରାମରେ ୯ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୬ଜଣ ଆଥ୍‌ଲେଟ ନୁହନ୍ତି ବୋଲି ସ୍ପଷ୍ଟ କରାଯାଇଛି। କରୋନା ସଂକ୍ରମଣର ଶିକାର ହୋଇଥିବା ଆଥ୍‌ଲେଟମାନେ ବିଭିନ୍ନ ଦେଶର ଓ ଭିନ୍ନ ଭିନ୍ନ କ୍ରୀଡ଼ାର ବୋଲି ଆୟୋଜକ କମିଟି ମୁଖପାତ୍ର ମାସା ତାକାୟା କହିଛନ୍ତି। ଏହି ଆଥ୍‌ଲେଟମାନଙ୍କୁ ଆଇସୋଲେଶନରେ ରଖାଯାଇଛି। କ୍ରମାଗତ ଦ୍ୱିତୀୟ ସପ୍ତାହ ପାଇଁ ଜାପାନ କାରୋନ ଭାଇରସ୍ ଇମର୍ଜେନ୍ସିକୁ ବୃଦ୍ଧି କରିଛି। ଦେଶର ବିଭିନ୍ନ ସ୍ଥାନରେ ଡେଲଟା ଭାରିଆଣ୍ଟର ପ୍ରଭାବ ଦେଖିବାକୁ ମିଳିଛି ଓ ଏହା ସାରା ଦେଶରେ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ରାଜଧାନୀ ଟୋକିଓରେ ଗତ ଜୁଲାଇ ୧୨ ତାରିଖରୁ ଏପର୍ଯ୍ୟନ୍ତ ଇମର୍ଜେନ୍ସି ଜାରି ରହିଛି। ଟୋକିଓରେ ପ୍ରତିଦିନ ୫,୦୦୦୦ ଓ ସାରା ଦେଶରେ ୨୫,୦୦୦ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏଭଳି ସ୍ଥିତିରେ ହସ୍ପିଟାଲ ବେଡ୍‌ଗୁଡିକ ସଙ୍ଗେସଙ୍ଗେ ଭର୍ତ୍ତି ହେଉଛି ଓ ବହୁ ଲୋକ ଘରେ ନିଜର ଚିକିତ୍ସା କରାଇବାକୁ ପସନ୍ଦ କରୁଛନ୍ତି। ଅନ୍ୟ ଦେଶଗୁଡିକ ତୁଳନାରେ ଜାପାନରେ କରୋନା ସ୍ଥିତି ସେତେଟା ଉତ୍କଟ ହୋଇନାହିଁ। କିନ୍ତୁ ଦେଶରେ ମାତ୍ର ୪୦ ପ୍ରତିଶତ ଲୋକଙ୍କର ସମ୍ପୂର୍ଣ୍ଣ ଟିକାକରଣ ହୋଇଛି। ତେବେ ଅଲିମ୍ପିକ୍ସ ଭଳି ପାରାଲିମ୍ପିକ୍ସ ମଧ୍ୟ ସଫଳତାର ସହ ଶେଷ ହେବ ଓ ଏହି ଚ୍ୟାଲେଞ୍ଜକୁ ସଫଳତା ସହ ଗ୍ରହଣ କରିବୁ ବୋଲି ଆୟୋଜକମାନେ ଜୋର ଦେଇ କହିଛନ୍ତି।

## ପ୍ରଥମ ରାଉଣ୍ଡରେ ହାରିଲେ ଭବିନାବେନ, ସୋନାଲବେନ


ବୁଧବାର ମ୍ୟାଚ ଅବସରରେ ଭାରତର ସୋନାଲବେନ ମନୁଭାଇ ପଟେଲ।

ଟୋକିଓ, ୨୫।୮(ପି.ଟି.)

ଟୋକିଓ ପାରାଲିମ୍ପିକ୍ସରେ ଭାରତର ଅଭିଯାନ ନୈରାଶ୍ୟଜନକଭାବେ ଆରମ୍ଭ ହୋଇଛି। ଭାରତୀୟ ଟେବୁଲ ଟେନିସ ଖେଳାଳି ଭବିନାବେନ ପଟେଲ ଓ ସୋନାଲବେନ ମନୁଭାଇ ପଟେଲ ପ୍ରଥମ ରାଉଣ୍ଡରେ ହାରି ଯାଇଛନ୍ତି। ମହିଳା କ୍ଲାସ-୩ କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୋନାଲବେନ ପ୍ରଥମ ୩ ଗେମ୍‌ରେ ଅଗ୍ରଣୀ ରହିବା ସତ୍ତ୍ୱେ ମୋମେଣ୍ଟମ ହରାଇ ୧୧-୯, ୩-୧୧, ୧୭-୧୫, ୭-୧୧, ୪-୧୧ ପଏଣ୍ଟରେ ଚାଇନାର ଲି କ୍ୱାନଙ୍କଠାରୁ ହାରି ଯାଇଥିଲେ। କ୍ୱାନ୍ ହେଉଛନ୍ତି ବିଶ୍ୱର ୪ ନମ୍ବର ଖେଳାଳି ଏବଂ ରିଓ ପାରାଲିମ୍ପିକ୍ସର ରୌପ୍ୟ ପଦକ ବିଜୟିନୀ। ଅନ୍ୟ ଏକ ମ୍ୟାଚରେ ଭବିନାବେନ୍ ମହିଳା ସିଙ୍ଗଲ୍ସ କ୍ଲାସ-୪ ଗ୍ରୁପ୍‌ରେ ବିଶ୍ୱର ନମ୍ବରୱାନ୍ ଖେଳାଳି ଚାଇନାର ଝୋଉ ୟିଙ୍ଗ୍‌ଙ୍କଠାରୁ ୩-୧୧, ୯-୧୧, ୨-୧୧ ପଏଣ୍ଟରେ ପରାସ୍ତ ହୋଇଛନ୍ତି। କ୍ଲାସ୍-୪ ପ୍ରତିଯୋଗୀଙ୍କ ଅପେକ୍ଷା କ୍ଲାସ୍-୩ କାଟେଗୋରିର ଖେଳାଳିଙ୍କ କାନ୍ଧ ଅପେକ୍ଷାକୃତ ଦୁର୍ବଳ ଥାଏ।

# ଅମିତ, ଶିବପ୍ରସାଦଙ୍କ ନାମ ସୁପାରିସ


ଅମିତ ରୋହିଦାସ


ଶିବ ପ୍ରସାଦ ଦାସ


କାଳୁ ଚରଣ ଚୌଧୁରୀ

ଭୁବନେଶ୍ୱର, ୨୫।୮(କ୍ରୀଡ଼ା ପ୍ରତିନିଧି)

ଅଲିମ୍ପିକ୍ସ ହକିରେ ଦୀର୍ଘ ୪୧ ବର୍ଷର ପଦକ ଶୂନ୍ୟତାକୁ ଦୂର କରିଥିବା ଭାରତୀୟ ହକି ଦଳର ନିର୍ଭରଯୋଗ୍ୟ ସଦସ୍ୟ ଅମିତ ରୋହିଦାସ ଚଳିତ ବର୍ଷର ବିଜୁପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇବେ। ମିଳିଥିବା ସୂଚନା ଅନୁସାରେ ଅମିତଙ୍କ ବ୍ୟତୀତ ପାରା ସ୍ପୋର୍ଟ୍ସ କୋଚ୍ ଶିବ ପ୍ରସାଦ ଦାସଙ୍କ ନାମ ଶ୍ରେଷ୍ଠ କୋଚ୍ ଏବଂ ବିଶିଷ୍ଟ ହକି କୋଚ୍ କାଳୁ ଚରଣ ଚୌଧୁରୀଙ୍କ ନାମ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପାଇ ସୁପାରିସ ହୋଇଛି। ଇତି ମଧ୍ୟରେ ଚୟନ କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ନିଷ୍ପତ୍ତି ଉପରେ ଆନୁଷ୍ଠାନିକ ମୋହର ବାଜିବା ବାକିଅଛି। ଗତ ବର୍ଷ ଭଳି ଏଥର ମଧ୍ୟ କୌଣସି କ୍ରୀଡ଼ା ଖବରଦାତାଙ୍କ ନାମ ସୁପାରିସ ହୋଇନାହିଁ। ସେହିପରି ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ମଧ୍ୟ କୌଣସି ଅନୁଷ୍ଠାନକୁ ପୁରସ୍କୃତ କରାଯିବ ନାହିଁ ବୋଲି ଜଣାପଡ଼ିଛି। ଏଥିପାଇଁ ବିଶେଷ ଆବେଦନ ଆସି ନ ଥିବା ଜଣେ ଚୟନ କମିଟି ସଦସ୍ୟ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପ୍ରତିବର୍ଷ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଏବଂ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥାଏ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ କ୍ରୀଡ଼ା ଖବରଦାତାଙ୍କ ନାମ ବିଚାରକୁ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ନିକଟରେ ଶେଷ ହୋଇଥିବା ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ୧୯୮୦ ପରେ ଅଲିମ୍ପିକ୍ସରେ ଭାରତର ଏହା ପ୍ରଥମ ପଦକ ଥିଲା। ଭାରତର ବ୍ରୋଞ୍ଜ ବିଜୟ ପଥରେ ଅମିତ ରକ୍ଷଣଭାଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହକରି ପ୍ରଶଂସା ସାଉଁଟିଥିଲେ।

**ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର**

# ୧୨ ଜଣିଆ ଭାରତୀୟ ଦଳର ଟୋକିଓ ପ୍ରସ୍ଥାନ

ନୂଆଦିଲ୍ଲୀ, ୨୫।୮(ପି.ଟି.)

ପରାଲିମ୍ପିକ୍ସରେ ଯୋଗ ଦେବାକୁ ବୁଧବାର ଏକ ୧୨ ଜଣିଆ ଭାରତୀୟ ଦଳ ଟୋକିଓ ଯାତ୍ରା କରିଛି। ଏହି ଦଳରେ ଅଭିଜ୍ଞ ଦେବେନ୍ଦ୍ର ଝାଝାରିଆ ଓ ବିଶ୍ୱ ଚାମ୍ପିୟନ ସନ୍ଦୀପ ଚୌଧୁରୀଙ୍କ ସମେତ ୫ଜଣ ଜାଭେଲିନ ଥ୍ରୋୟର ସାମିଲ ରହିଛନ୍ତି। ଦୁଇଜଣ ହାଇଜମ୍ପର ନିଶଦ କୁମାର ଓ ରାମ ପଲ, ଡିସକସ ଥ୍ରୋୟର ଯୋଗେଶ କାଥୁନିୟା ମଧ୍ୟ ସାମିଲ ରହିଛନ୍ତି।

ଅଭିଜ୍ଞ ଜାଭେଲିନ ଥ୍ରୋୟର ଏଥେନ୍ସ ଓ ରିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥର ମଧ୍ୟ ସେ ପଦକ ହାସଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୪୦ ବର୍ଷୀୟ ଝାଝାରିଆ ଗତ ଜୁନ୍‌ରେ କ୍ୱାଲିଫାଇଂ ଇଭେଣ୍ଟରେ ୬୫. ୭୧ ମିଟର ଜାଭେଲିନ ଥ୍ରୋ କରି ନିଜର ରେକର୍ଡ (୬୩.୯୭) ଭାଙ୍ଗିଥିଲେ। ତାଙ୍କୁ ଏଥର ନିଜ ଦେଶର ଅଜିତ ସିଂ ଓ ସୁନ୍ଦର ଗୁର୍ଜର କଡ଼ା ଚ୍ୟାଲେଞ୍ଜ ଦେବେ। ପୁରୁଷ ଏଫ୍- ୪୬ ବର୍ଗରେ ଭାରତ ଏଥର ୩ଟି ଯାକ ପଦକ ହାସଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

**ପାରାଲିମ୍ପିକ୍ସ**

ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଜାଭେଲିନ ଥ୍ରୋୟରମାନେ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଟୋକିଓ ପାରାଲିମ୍ପିକ୍ସ ପରେ ଜାଭେଲନ୍ ଏବେ କ୍ରିକେଟ ପଛକୁ ରହି ଦେଶର ଦ୍ୱିତୀୟ ଲୋକପ୍ରିୟ କ୍ରୀଡ଼ା ବିବେଚିତ ହେବ ବୋଲି ଝାଝାରିଆ କହିଛନ୍ତି। ପୁରୁଷ ଏଫ୍‌୬୪ ବର୍ଗରେ ଚୌଧୁରୀ ଓ ସୁମିତ ଆଣ୍ଟିଲ ବିଶ୍ୱ ର୍‍ୟାଙ୍କିଂରେ ଯଥାକ୍ରମେ ୧ ଓ ୨ ନମ୍ବର ସ୍ଥାନରେ ରହିଛନ୍ତି।




# ତୃତୀୟ ଟେଷ୍ଟ: ଭାରତ ୭୮ରେ ଅଲ୍‌ଆଉଟ୍

ଲିଡ୍ସ,୨୫।୮

ଇଂଲଣ୍ଡ ଗସ୍ତରେ ଯାଇଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳର ବ୍ୟାଟିଂ ବିଫଳତା ଜାରି ରହିଛି। ପ୍ରଥମ ଦୁଇଟି ଟେଷ୍ଟରେ ପ୍ରଭାବୀ ପ୍ରଦର୍ଶନ କରିବା ପରେ ଭାରତ ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଟସ୍ ଜିତି ପ୍ରଥମ ଇନିଂସ ଆରମ୍ଭ କରି ଭାରତ ବୁଧବାର ପ୍ରଥମ ଦିବସରେ ମାତ୍ର ୪୦.୪ ଓଭରରେ ୭୮ ରନକରି ଅଲଆଉଟ ହୋଇଛି। ଇଂଲଣ୍ଡର ଶୃଙ୍ଖଳିତ ଦ୍ରୁତ ବୋଲିଂର ସମ୍ମୁଖୀନ ହୋଇପାରି ନ ଥିଲା ଭାରତ। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ବିନା କ୍ଷତିରେ ୧୨୦ ରନ୍ ସଂଗ୍ରହ କରି ୪୨ ରନ୍ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପ୍‌ନର ରୋରି ବର୍ନ୍ସ ୫୨ ଓ ହାସିବ ହମିଦ ୬୦ ରନ୍ କରି ଅପରାଜିତ ରହିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ଭାରତ ପାଇଁ ଆତ୍ମଘାତୀ ସାବ୍ୟସ୍ତ ହୋଇଛି। ପିଚ୍‌କୁ ପଢିବାରେ ଭାରତୀୟ ମ୍ୟାନେଜମେଣ୍ଟ ବିଫଳ ହୋଇଛି। ଇଂଲଣ୍ଡ ବିପକ୍ଷରେ ଭାରତର ଏହା ତୃତୀୟ ଓ ମୋଟ ଉପରେ ନବମ ସର୍ବନିମ୍ନ ସ୍କୋର। ଟେଷ୍ଟରେ ଭାରତର ସର୍ବନିମ୍ନ ସ୍କୋର ୩୬ ରହିଛି। ଗତବର୍ଷ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଏହି ସ୍କୋରରେ ଅଲଆଉଟ ହୋଇ ବେଶ୍ ସମାଲୋଚିତ ହୋଇଥିଲା। ଇଂଲଣ୍ଡ ବିପକ୍ଷରେ ଭାରତ ପୂର୍ବରୁ ୧୯୭୪ରେ ଲର୍ଡ୍ସରେ ୪୨ ଓ ୧୯୫୨ରେ ମାଞ୍ଚେଷ୍ଟରରେ ୫୮ ରନକରି ଅଲଆଉଟ ହୋଇଥିଲା। ଟେଷ୍ଟ ଫର୍ମାଟରେ ଭାରତ ୨୬ଥର ପାଇଁ ୧୦୦ରୁ କମ୍ ରନରେ ଅଲଆଉଟ ହେବାର ଅଲୋଡା ରେକର୍ଡ କରିଛି। ଭାରତ ତା'ର ଅନ୍ତିମ ୫ ଉଇକେଟ ମାତ୍ର ୨୮ ମିନିଟ୍‌ରେ ଓ ୧୧ ରନ ମଧ୍ୟ ହରାଇଥିଲା। ଓପନର ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କୁ ବାଦ୍ ଦେଲେ ବାକି ୯ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ୧୦୫ଟି ବଲର ସମ୍ମୁଖୀନ ହୋଇ ରୋହିତ ୧୯ ଓ ୫୪ଟି ବଲ ଖେଳି ରାହାନେ ୧୮ ରନ ସଂଗ୍ରହ କରିଥିଲେ।

ଭାରତର ଏହି ସ୍କୋରରେ ଅତିରିକ୍ତ ୧୬ ରନ (୧୧ ଲେଗ ବାଇ, ୫ ନୋ ବଲ) ସାମିଲ ରହିଛି। ଗତ ୯ ମାସ ମଧ୍ୟରେ ଭାରତ ଦ୍ୱିତୀୟଥର ପାଇଁ ୧୦୦ରୁ କମ୍ ରନରେ ଅଲଆଉଟ ହୋଇଛି। ଗତବର୍ଷ ଡିସେମ୍ବରରେ ଆଡିଲେଡ୍‌ରେ ଭାରତ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ମାତ୍ର ୩୬ ରନକରି ଅଲଆଉଟ ହୋଇଥିଲା। ଗତ ୩୪ ବର୍ଷ ମଧ୍ୟରେ କୌଣସି ଟେଷ୍ଟର ପ୍ରଥମ ଦିନରେ ଭାରତ ପାଇଁ ଏହା ସର୍ବନିମ୍ନ ସ୍କୋର। ଏହାପୂର୍ବରୁ ୧୯୮୭ରେ ଦିଲୀପ ଭେଙ୍ଗସରକାରଙ୍କ ନେତୃତ୍ୱାଧୀନ ଭାରତ ଦିଲ୍ଲୀର ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ପାଟ୍ରିକ ପ୍ୟାଟରସନଙ୍କ ସମ୍ମୁଖୀନ ହୋଇ ନ ପାରି ମାତ୍ର ୭୫ ରନକରି ଅଲଆଉଟ ହୋଇଥିଲା।

**ଆଣ୍ଡରସନଙ୍କ ଜବରଦସ୍ତ ଆଉଟ ସୁଇଙ୍ଗ୍**

ଇନିଂସ ଆରମ୍ଭରୁ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଆଣ୍ଡରସନଙ୍କ ପେସ୍ ଓ ଆଉଟ୍ ସୁଇଙ୍ଗକୁ ଭାରତୀୟ ବ୍ୟାଟ୍ସମ୍ୟାନ ବୁଝିବାରେ ବିଫଳ ହୋଇଥିଲେ। ଆଣ୍ଡରସନ ଇନ୍‌ଫର୍ମ ଲୋକେଶ ରାହୁଲ (୦), ଖରାପ ଫର୍ମ ଦେଇ ଗତି କରୁଥିବା ଚେତେଶ୍ୱର ପୂଜାରା (୧ରନ) ଓ କୋହଲି (୭ ରନ)ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଭାରତର ଏହି ୩ ବ୍ୟାଟ୍ସମ୍ୟାନ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇଥିଲେ। ଲଞ୍ଚ ପର ସେସନ୍‌ରେ ଭାରତ ୨୨ ରନରେ ୬ ଉଇକେଟ ହରାଇଥିଲା। ୮ ଓଭର ବୋଲିଂ କରି ଆଣ୍ଡରସନ ୫ ମେଡେନ ନେବା ସହ ୬ ରନ ବ୍ୟୟ କରି ଭାରତର ମୂଲ୍ୟବାନ ୩ଟି ଉଇକେଟ ଅକ୍ତିଆର କରିଥିଲେ। ସମ୍ପୂର୍ଣ୍ଣ ରଣନୀତି ସହ ଆଣ୍ଡରସନ ପଡିଆକୁ ଓହ୍ଲାଇଥିଲେ ଓ ଯୋଜନା ଅନୁସାରେ ଭାରତୀୟ ଟପ୍‌ଅର୍ଡରର ବିପର୍ଯ୍ୟୟ ଘଟାଇଥିଲେ। ଏହାପରେ ଭାରତ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ଚାଲିଥିଲା। ଭାରତୀୟ ଇନିଂସ ତାସଘର ପରି ଭୁଶୁଡି ପଡିଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୪, ମହମ୍ମଦ ସିରାଜ ୩ ରନ କରି ଆଉଟ ହୋଇଥିଲେ। ରାହୁଲଙ୍କ ସମେତ ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରା ଖାତା ଖୋଲିବାରେ ବିଫଳ ହୋଇଥିଲେ। ଈଶାନ୍ତ ଶର୍ମା ୮ ରନକରି ଅପରାଜିତ ରହିଥିଲେ। ଘରୋଇ ଦ୍ରୁତ ବୋଲରଙ୍କ ସାମ୍ନାରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଆତ୍ମସମର୍ପଣ କରିବା ଭଳି ମନେ ହେଉଥିଲା। କୌଣସି ବ୍ୟାଟ୍ସମ୍ୟାନ ଇଂଲଣ୍ଡ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲେ। ୩୭ତମ ଓଭରରେ କ୍ରେଗ୍ ଓଭରଟନ କ୍ରମାଗତ ଦୁଇଟି ବଲ୍‌ରେ ରୋହିତ ଶର୍ମା ଓ ସାମିଙ୍କ ଉଇକେଟ ଅକ୍ତିଆର କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ଲଞ୍ଚ ପରେ ଓଲି ରବିନସନ ପନ୍ତ ଓ ରାହାନେଙ୍କୁ ଆଉଟ କରିଥିଲେ। ସାମ କୁରାନ ୩୮ତମ ଓଭରର ଦ୍ୱିତୀୟ ଓ ତୃତୀୟ ବଲ୍‌ରେ ଜାଡେଜା ଓ ବୁମ୍‌ରାଙ୍କୁ ଆଉଟ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଆଣ୍ଡରସନ ଓ ଓଭରଟନ ୩ଟି ଲେଖାଏ, ରବିନସନ ଓ କୁରାନ ୨ଟି ଲେଖାଏ ଉଇକେଟ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୪୦.୪ ଓଭରରେ ୭୮ ଅଲଆଉଟ (ରୋହିତ- ୧୯, ରାହାନେ- ୧୮, ଆଣ୍ଡରସନ- ୩/୬, ଓଭରଟନ- ୩/୧୪, ରବିନସନ- ୨/୧୬, କୁରାନ- ୨/୨୭)। ଇଂଲଣ୍ଡ ପ୍ରଥମ ଇନିଂସ- ୪୨ ଓଭରରେ ୧୨୦/୦।



ଉଇକେଟ ନେବାପରେ ଜେମ୍ସ ଆଣ୍ଡରସନ୍ ଓ କ୍ରେଗ୍ ଓଭରଟନଙ୍କ ପ୍ରତିକ୍ରିୟା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୬ ଅଗଷ୍ଟ, ୨୦୨୧



**ଏଟିଏମ୍‌ରୁ ବାହାରୁଛି ଚିରା ନୋଟ: ଗ୍ରାହକ ଅସନ୍ତୁଷ୍ଟ**

ତିଗିରିଆ, (ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ପ୍ରସିଦ୍ଧ ନୂଆପାଟଣା ଦୁର୍ଗା ବଜାର ସାହୁ ମାର୍କେଟ କମ୍ପ୍ଲେକ୍ସରେ ଥିବା ଏକ ବ୍ୟାଙ୍କ ଏଟିଏମରୁ ଚିରା ୫ଶହ ଟଙ୍କିଆ ନୋଟ ବାହାରୁଛି। ମଙ୍ଗଳବାର ଉକ୍ତ ଏଟିଏମରୁ ଟଙ୍କା ଉଠାଇଥିବା ବହୁ ଲୋକ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅଠାଲଗାଯାଇ ଯୋଡ଼ା ଯାଇଥିବା ଚିରା ନୋଟ୍ ମେଶିନ୍‌ରୁ ବାହାରିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏଟିଏମ୍‌ରେ କିଭଳି ଚିରା ଫଟା ନୋଟ ଜମା କରାଯାଉଛି ତଦନ୍ତ କରି ତୁରନ୍ତ ପ୍ରତିକାର କରିବାକୁ ଦାବି ହୋଇଛି।



## ସଂକ୍ଷେପରେ

### ଦୁର୍ଘଟଣାରେ ପଥଚାରୀଙ୍କ ମୃତ୍ୟୁ

**ଟାଙ୍ଗୀ(କଟକ)୨୫।୮(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅଧୀନ ବଇଁଶିଆ ଛକ ନିକଟରେ ବୁଧବାର ଦୁର୍ଘଟଣାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବନ୍ଧାଳ ଗ୍ରାମର ସଦାନନ୍ଦ ଜେନା। ମିଳିଥିବା ସୂଚନା ଅନୁଯାୟୀ, ସରକାରୀ ବସ୍ (ଓଡ଼ି୦୨ଏକ୍ୟୁ-୪୮୦୪) ଦ୍ରୁତ ଗତିରେ କେନ୍ଦୁଝରରୁ କଟକ ଅଭିମୁଖେ ଆସୁଥିଲା। ଏହି ସମୟରେ ବାମ ପାର୍ଶ୍ୱରୁ ହଠାତ୍ ଏକ ଟ୍ରକ ରାସ୍ତା ଉପରକୁ ଆସି ଉକ୍ତ ବସ୍‌କୁ ସାଇଡ୍ ମାରିଥିଲା। ଫଳରେ ବସ୍ ଭାରସାମ୍ୟ ହରାଇ ରାସ୍ତାର ବାମପାର୍ଶ୍ୱରେ ଯାଉଥିବା ସଦାନନ୍ଦଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବା ପରେ ବସ୍ ଚକ ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍, ବସ୍‌ର ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଦୁର୍ଘଟଣାବେଳେ ବସ୍‌ରେ ଥିବା ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି।

### ୧୧ ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୨୫।୮:** ଲୁଟ୍ ଅଭିଯୋଗରେ ମର୍କତ ନଗର ପୋଲିସ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ଅତ୍ରିର ଆକାଶ ନାୟକ। ତାଙ୍କଠାରୁ ପୋଲିସ ଗୋଟିଏ ବାଇକ୍ ଓ ୧୧ଟି ମୋବାଇଲ ଜବତ କରିଛି।

### କାର୍ଯ୍ୟରେ ଯୋଗଦେଲେ ଅତିରିକ୍ତ ଡିସିପି କେଦାର ନାଥ ସାହୁ

**କଟକ ଅଫିସ,୨୫।୮:** କଟକ କମିଶନରେଟ ପୋଲିସରେ କେଦାରନାଥ ସାହୁ ଅତିରିକ୍ତ ଡିସିପି(କ୍ରାଇମ୍) ଭାବେ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଭିଜିଲାନ୍ସ ସେଲ ଓ କଟକ କ୍ୟାଣ୍ଟେନମେଣ୍ଟ ଥାନାରେ



ଆଇଆଇସି ଭାବେ କାର୍ଯ୍ୟ କରିଥିବାବେଳେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ରେଞ୍ଜ୍‌ରେ ଇନ୍ସପେକ୍ଟର ଭାବେ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ଏଥିସହ କେନ୍ଦ୍ରାପଡା, ଯାଜପୁରରୋଡ, ପଟ୍ଟାମୁଣ୍ଡାଇ ଓ ଉଦଳାରେ ଏସ୍‌ଡିପିଓ ଭାବେ କାର୍ଯ୍ୟ କରିସାରିଛନ୍ତି। ସାହୁ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଅନେକ ଦୁର୍ନୀତିମୂଳକ କାର୍ଯ୍ୟ ଲୋକଲୋଚନକୁ ଆଣିଛନ୍ତି। ଆଗାମୀ ଦିନରେ କଟକ ସହରକୁ ଅପରାଧ ମୁକ୍ତ କରିବା ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଉର୍ମିଳା ନର୍ସିଂହୋମ୍‌ରେ ସ୍ୱାସ୍ଥ୍ୟ ଶିବିର

**କଟକ ଅଫିସ,୨୫।୮:** କଟକ ମଙ୍ଗଳାବାଗସ୍ଥିତ କାଠଗୋଲାଠାରେ ଥିବା ଉର୍ମିଳା ନର୍ସିଂହୋମ୍‌ରେ ସ୍ୱାସ୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ୧୨୦ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସାଗରିକା ସାମଲ ଏବଂ ଡା. ବବଲିନା ମହାନ୍ତି ପ୍ରମୁଖ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏମାନଙ୍କ ମଧ୍ୟରୁ ୫୦ ଜଣଙ୍କର ୟୁଟ୍ରସ, ଟ୍ୟୁମର ଅସ୍ତ୍ରୋପଚାର ଆଗାମୀ ଦିନରେ ବିନା ମୂଲ୍ୟରେ କରାଯିବ ବୋଲି ଉର୍ମିଳା ନର୍ସିଂହୋମ ଅଧକ୍ଷ ଅଭୟ କୁମାର ଦାସ କହିଛନ୍ତି।

### ବାର୍ଷିକ ତାଲିମ ସମ୍ମିଳନୀ

**କଟକ ଅଫିସ, ୨୫।୮:** ସିଡିଏ ସତୀନଗରସ୍ଥିତ କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କନଫରେନ୍ସ ହଲ୍‌ରେ ମଙ୍ଗଳବାର ବାର୍ଷିକ ତାଲିମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଯୁଗ୍ମ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ପାଣି ଉଦ୍‌ଘାଟନ କରିଥିଲେ। ସେହିପରି ଶସ୍ୟ ପରିସଂଖ୍ୟାନ କିପରି ଉନ୍ନତ ପ୍ରକ୍ରିୟାରେ କାର୍ଯ୍ୟକାରୀ ହେବ ତା'ଉପରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ, ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଭୁବନେଶ୍ୱରର ତପନ ମିଶ୍ର, ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ କଟକର ଅମରେଶ୍ୱର ସାହୁ ଆଲୋଚନା କରିଥିଲେ। କେନ୍ଦ୍ରାଞ୍ଚଳର ୧୦ଟି ଜିଲା ଉପନିର୍ଦ୍ଦେଶକ, ସହ ନିର୍ଦ୍ଦେଶକ ଏବଂ ପରିସଂଖ୍ୟାନ ଅଧିକାରୀ ପ୍ରମୁଖ ଯୋଗଦେଇ କ୍ଷେତ୍ର କର୍ମଚାରୀମାନଙ୍କୁ ଶସ୍ୟ ପରିସଂଖ୍ୟାନ ଉନ୍ନତି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏଥିରେ କଟକସ୍ଥିତ ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ହୋତା, ଅଜିତ କେଶରୀ ସାମଲ, ଫକୀର ଚରଣ ରାଉତ, ଗୀତା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କଟକ ବୋହୂ ବୁଣୁଛନ୍ତି ମାଣିଆବନ୍ଧ ଶାଢ଼ି

**କଟକ ଅଫିସ, ୨୫।୮**

## ଘର ବାରଣ୍ଡାରେ ତନ୍ତ

କଟକ ସହରର ଏକମାତ୍ର ସ୍ଥାନରେ ବୁଣା ହେଉଛି ମାଣିଆବନ୍ଧ ଶାଢ଼ି। ରଙ୍ଗବେରଙ୍ଗର ସୂତାରେ ଆକର୍ଷଣୀୟ ଶାଢ଼ି ତିଆରି କରୁଛନ୍ତି ବକ୍ସିବଜାରସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ରହୁଥିବା ଝୁନା ଦାସ। କଟକ ଜିଲା ବଡ଼ମ୍ବା ବ୍ଲକ ଅଧୀନ ମାଣିଆବନ୍ଧ ହରିହରପାଟଣା ଗ୍ରାମର ଏକ ବୁଣାକାର ପରିବାରରେ ତାଙ୍କର ଜନ୍ମ। ଘରେ ପରିବାର ସଦସ୍ୟମାନେ ଶାଢ଼ି, ଡ୍ରେସ୍ କପଡା, ଲୁଙ୍ଗି, ଗାମୁଛା ଆଦି ବୁଣୁଥିଲେ। ପିଲାଦିନେ ଏହା ଦେଖିବା ପରେ ବୁଣାବୁଣି ପ୍ରତି ତାଙ୍କର ଆଗ୍ରହ ପ୍ରକାଶ ପାଇଥିଲା। ପରେ ସେ ଏହି କାମ ଶିଖି ନିଜେ ଶାଢୀ, ଡ୍ରେସ୍ କପଡା, ଲୁଙ୍ଗି, ଗାମୁଛା ଆଦି ବୁଣିବାକୁ ଲାଗିଲେ।

କଟକ ବକ୍ସିବଜାର ଅଞ୍ଚଳର ବସନ୍ତ ଦାସଙ୍କ ପୁଅ ରବିନାରାୟଣ ଦାସଙ୍କୁ ୨୦୧୫ରେ ଝୁନା ବିବାହ କରିଥିଲେ। ହେଲେ ସେଠାରେ ଲୁଗା ବୁଣିବା ପାଇଁ କୌଣସି ସୁବିଧା ନ ଥିଲା। ବିବାହର ୩ ବର୍ଷ ପରେ ସେ ଲୁଗା ବୁଣା ପୁନର୍ବାର ଆରମ୍ଭ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ବୋହୂର ପ୍ରତିଭାକୁ ପ୍ରୋତ୍ସାହନ ଦେବା ପାଇଁ ଶାଶୁ, ଶ୍ୱଶୁର ଚାହିଁଥିଲେ। ମାତ୍ର ଲୁଗା ବୁଣିବା ଲାଗି ଆବଶ୍ୟକ ସାମଗ୍ରୀ କିଣିବାକୁ ଅର୍ଥ ବାଧକ ସାଜିଥିଲା। ଏହା ଜାଣିବା ପରେ ଝୁନାଙ୍କୁ ତାଙ୍କ ଗ୍ରାମର ଜଣେ ଯୁବକ ସାହାଯ୍ୟ କରିଥିଲେ। ସେ ତାଙ୍କ ଶାଶୁଘର ବାରଣ୍ଡାରେ ତନ୍ତ ବସାଇ ଦେବା ସହ ଲୁଗା ବୁଣିବା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥିଲେ। ୩ବର୍ଷ ହେବ ଝୁନା ଲୁଗାବୁଣା କାର୍ଯ୍ୟ ଜାରି ରଖିଛନ୍ତି। ଘର କାମ ସରିବା ପରେ ସେ ତନ୍ତରେ ବସି ବିଭିନ୍ନ ଲୁଗା ଓ ଡ୍ରେସ୍ କପଡ଼ା ବୁଣିବା କାର୍ଯ୍ୟରେ ଲାଗି ପଡନ୍ତି। ହେଲେ ପରିଶ୍ରମ ଅନୁଯାୟୀ ତାଙ୍କୁ ପାରିଶ୍ରମିକ ମିଳୁନାହିଁ। ଗୋଟିଏ ଲୁଗା କିମ୍ବା ଡ୍ରେସ୍ କପଡା ବୁଣିବାକୁ ୧୦ରୁ ୧୨ ଦିନ ସମୟ ଲାଗିଥାଏ। ସେଥିପାଇଁ ତାଙ୍କୁ ୪୦୦ରୁ ୫୦୦ ଟଙ୍କା ମଜୁରି ମିଳୁଛି। ବଜାରରେ ଲୁଗା ଉଚ୍ଚ ଦରରେ ବିକ୍ରି ହେଉଥିବାବେଳେ ମୋତେ ପରିଶ୍ରମ ଅନୁଯାୟୀ ଟଙ୍କା ମିଳୁନାହିଁ ବୋଲି ଝୁନା କହିଛନ୍ତି।



ଝୁନା ତନ୍ତରେ ଶାଢ଼ି ବୁଣୁଛନ୍ତି।

ଏବେ ବୋହୂ ପାଇଁ ଆମେ ଘରେ ନିଜର ଏକ ସ୍ୱତନ୍ତ୍ର ତନ୍ତ ବସାଇବାକୁ ଚାହୁଁଛୁ। ସେଥିପାଇଁ ୮୦ରୁ ୯୦ ହଜାର ଟଙ୍କା ଆବଶ୍ୟକତା ରହିଛି। ଲୋନ୍ ପାଇଁ ଅନେକ ଥର ବ୍ୟାଙ୍କକୁ ଯାଇଥିଲେ ମଧ୍ୟ ସୁଫଳ ମିଳି ପାରିନାହିଁ। ଅନ୍ୟପକ୍ଷରେ ବୋହୂ ପରିଶ୍ରମ କରୁଥିଲେ ମଧ୍ୟ ସେହି ଅନୁଯାୟୀ ପାରିଶ୍ରମିକ ପାଉନାହିଁ।

**–ବସନ୍ତ ଦାସ, ଶ୍ୱଶୁର**



## ପରିଶ୍ରମ ତୁଳନାରେ ମିଳୁନି ପାରିଶ୍ରମିକ

**ରିପୋର୍ଟ: ସୁପ୍ରିୟା ପ୍ରିୟଦର୍ଶିନୀ**

### ବାଙ୍କୀ ଉପଖଣ୍ଡକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବି

**ବାଙ୍କୀ, ୨୫।୮(ସ୍ୱ.ପ୍ର.)**

ବାଙ୍କୀ ଓ ଡମପଡ଼ା ବ୍ଲକରେ ବର୍ଷାର ପରିମାଣ ଯଥେଷ୍ଟ କମ୍ ରହିଛି। ଫଳରେ ଖରିଫ ଫସଲ ପ୍ରଭାବିତ ହୋଇଥିବାବେଳେ ବାଙ୍କୀ ଉପଖଣ୍ଡରେ ମରୁଡ଼ି ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ବାଙ୍କୀ ଉପଖଣ୍ଡରେ ଥିବା ୨ଟି ଯାକ ତହସିଲକୁ ଚଳିତ ବର୍ଷ ଖରିଫ୍ ଋତୁରେ ମରୁଡ଼ି ଘୋଷଣା କରାଯାଇ ଚାଷୀମାନଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ବାଙ୍କୀ କୃଷକ ପରିଷଦ ବୁଧବାର ଦାବି କରାଯାଇଛି। ଏନେଇ ବାଙ୍କୀ ଉପଜିଲାପାଳଙ୍କ ଜରିଆରେ ରାଜ୍ୟ ସ୍ୱତନ୍ତ୍ର କମିଶନର ପ୍ରଦୀପ ଜେନାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଙ୍କୀ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସୀତାକାନ୍ତ ରାଉତ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଏହାର ନକଲ କଟକ ଜିଲାପାଳ ଓ ବାଙ୍କୀ କୃଷି ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବାଙ୍କୀ କୃଷକ ପରିଷଦ ସଭାପତି ଉତ୍କଳମଣି ମନ୍ତ୍ରୀ, ଉପସଭାପତି ସରୋଜ କୁମାର ମତଗଜ ସିଂହ, ସମ୍ପାଦକ ନିକୁଞ୍ଜ ସୁତାର, ଅମୂଲ୍ୟ କୁମାର ପ୍ରଧାନ, ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଚାନ୍ଦିନୀଚୌକ ରାସ୍ତା ପାର୍ଶ୍ୱରେ ବିକ୍ରି ପାଇଁ ରଖାଯାଇଥିବା ଖୁଦୁରୁକୁଣୀଙ୍କ ମୃଣ୍ମୟୀ ପ୍ରତିମାକୁ ଜଣେ ଯୁବକ କିଣୁଛନ୍ତି।

### ସିଟ୍ ବୃଦ୍ଧି ନ ହେଲେ ଆନ୍ଦୋଳନ ଚେତାବନୀ

**କଟକ ଅଫିସ, ୨୫।୮**

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୩ବର୍ଷିଆ ଏଲ୍‌ଏଲ୍‌ବି ସିଟ୍ ବୃଦ୍ଧି ପାଇଁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି ହୋଇଛି। ପୂର୍ବରୁ ବିଶ୍ୱବିଦ୍ୟାଳୟରେ ୩ବର୍ଷିଆ ଏଲ୍‌ଏଲ୍‌ବି ପାଇଁ ୨୪୦ ସିଟ୍ ରହିଥିଲା। ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ହେବାପରେ ଉକ୍ତ ସିଟ୍ ସଂଖ୍ୟା ୧୨୦ କରାଯାଇଛି। ଫଳରେ ଆଇନ ପାଠପଢାକୁ ସଙ୍କୁଚିତ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଅଧିକ ପିଲାଙ୍କୁ ବିଶ୍ୱବିଦ୍ୟାଳୟରେ ପଢିବାକୁ କିଭଳି ସୁଯୋଗ ମିଳିବ ସେ ନେଇ କର୍ତ୍ତୃପକ୍ଷ ଧ୍ୟାନ ଦିଅନ୍ତୁ ବୋଲି ଛାତ୍ରମାନେ ଦାବି କରିଛନ୍ତି। ଏ ନେଇ ବୁଧବାର ବିଶ୍ୱବିଦ୍ୟାଳୟ ଛାତ୍ରମାନେ ହାଇକୋର୍ଟ ବାର୍ ଅସୋସିଏଶନ ଓ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ୪୨ମୌଜା ମୁଖ୍ୟରାସ୍ତା ସମ୍ପ୍ରସାରଣକୁ ବିରୋଧ

**କଟକ ସଦର,୨୫।୮(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜା ଜମି-ବାସଗୃହ-ଜୀବିକା କ୍ଷତିଗ୍ରସ୍ତ ମଞ୍ଚର ଜରୁରୀ ବୈଠକ ସୋମବାର କଳପଡ଼ାସ୍ଥିତ କଦମ୍ବେଶ୍ୱର ମହାଦେବଙ୍କ ପୀଠରେ ଯୁଧିଷ୍ଠିର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ରାସ୍ତା ସମ୍ପ୍ରସାରଣ ଦ୍ୱାରା ୪୨ମୌଜାର ରାସ୍ତାରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ, ବସ୍ତି, କୋଠଘର, ଠାକୁରଘର ସମେତ ଉଚ୍ଚ ଅଟାଳିକାକୁ ଭଙ୍ଗାଯିବାକୁ ନିଷ୍ପତ୍ତି ହୋଇଛି। ଫଳରେ ବହୁଲୋକ ବାସଗୃହ ହରାଇବା ସହ ବ୍ୟବସାୟ ଉପରେ ନିର୍ଭର କରୁଥିବା ଶହଶହ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯିବେ। ତେଣୁ ରାସ୍ତା ସମ୍ପ୍ରସାରଣ ନିଷ୍ପତ୍ତିକୁ ମଞ୍ଚ ପକ୍ଷରୁ ବିରୋଧ କରାଯିବା ସହ ଉକ୍ତ ରାସ୍ତାଟି କାଠଯୋଡ଼ି ନଦୀବନ୍ଧ ଦେଇ ବରାଳରେ ସଂଯୋଗ କରିବା ଦାବି ଉପରେ ସହମତି ପ୍ରକାଶ ପାଇଥିଲା। ତେଣୁ ମୁଖ୍ୟରାସ୍ତା ସମ୍ପ୍ରସାରଣ ଯୋଜନାରୁ ସରକାର ଓହରିଯିବା ପାଇଁ ନିବେଦନ କରାଯାଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଝିଙ୍କିରିଆ ପୋଲଠାରୁ କାଠଯୋଡ଼ି ନଦୀବନ୍ଧକୁ ବିକଳ୍ପ ରାସ୍ତା ଭାବେ ସରକାର ଗ୍ରହଣ କରିବା ପାଇଁ ବୈଠକରେ ସଭାପତିଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ସାହୁ, ଲୋକନାଥ ମହାପାତ୍ର, ଜୟକୃଷ୍ଣ ମୁଦୁଲି, ରାଜକିଶୋର ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି। ପ୍ରସ୍ତାବିତ ରାସ୍ତା ସମ୍ପ୍ରସାରଣ ୪୨ମୌଜା ଲୋକଙ୍କୁ ବାସହରା କରିବା ସହ କ୍ଷୁଦ୍ର ବ୍ୟବସାୟୀଙ୍କର ଜୀବିକା ଛଡ଼ାଇ ନେବା ବୋଲି ସୁବ୍ରତ ପଣ୍ଡା ସୂଚନା ଦେଇଥିଲେ। ଶେଷରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।

## ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

**ଭୁବନେଶ୍ୱର,୨୫।୮ (ବ୍ୟୁରୋ)**

### ସମବାୟ ସମିତି ଦୁର୍ନୀତି

କଟକ ଜିଲାରେ ସମବାୟ ସମିତିର ଚାଷୀଙ୍କୁ ଋଣ ଦେବା ନାମରେ ହୋଇଥିବା ଦୁର୍ନୀତି ବିରୋଧରେ ପ୍ରତିବାଦ ଜୋର ଧରିଛି। ଏପରିକି ଏଥିରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମ୍ପୃକ୍ତିଥିବା ଅଭିଯୋଗ ଆଣି କଂଗ୍ରେସ ବୁଧବାର ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପଦ୍ମାକର ଗୁରୁ କହିଛନ୍ତି ଯେ, କେବଳ କଟକ ଜିଲା ନୁହେଁ ରାଜ୍ୟର ବିଭିନ୍ନ କେନ୍ଦ୍ର ସମବାୟ ବ୍ୟାଙ୍କରେ ଋଣ ଜାଲିଆତି ହୋଇଛି। ସମବାୟ ମନ୍ତ୍ରୀଙ୍କ ପୃଷ୍ଠପୋଷକତାରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ମନ୍ତ୍ରୀଙ୍କ ଭାଇ ବୀରେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହାୟତାରେ ଆଠଗଡ଼ର ଗୁରୁଡ଼ିଝାଟିଆ ପ୍ରାଥମିକ ସେବା ସମବାୟ ସମିତିରେ କୋଟି କୋଟି ଟଙ୍କାର ଦୁର୍ନୀତି ଏହାର ବଳିଷ୍ଠ ଉଦାହରଣ। ଏଥିସହ ଚାଷୀଙ୍କ ଅଖା ଦୁର୍ନୀତି କଥା ମଧ୍ୟ ଉଠେଇଛି କଂଗ୍ରେସ। ଚାଷୀଙ୍କ ପାଇଁ କିଣାଯାଇଥିବା ଅଖାରେ ପାଖାପାଖି ୨୨୦୬ କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ନ ନେବା ଶାସକ ଦଳର ଅନେକ ନେତା ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସଂପୃକ୍ତ ରହିଥିବା ପ୍ରମାଣିତ କରୁଛି।

ରାଜ୍ୟ ସରକାର ୫-ଟିର ଦ୍ୱାହି ଦେଉଥିବାବେଳେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା କେବଳ ଏକ ଶବ୍ଦ ହୋଇ ରହିଯାଇଛି। ମୁଖ୍ୟମନ୍ତ୍ରୀ ଦୁର୍ନୀତି କ୍ଷେତ୍ରରେ ଶୂନ ସହନଶୀଳତାର କଥାକୁ କାର୍ଯ୍ୟରେ ପରିଣତ କରନ୍ତୁ। ଅବିଳମ୍ବେ ରାଜ୍ୟ ସମବାୟ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରନ୍ତୁ। ଏପରିକି ମୁଖ୍ୟମନ୍ତ୍ରୀ ଏହି ସମବାୟ ଦୁର୍ନୀତି ଉପରେ ନିଜର ଜବାବ ରଖନ୍ତୁ। ରାଜ୍ୟକୁ ଉପକୂଳ, ଦକ୍ଷିଣ, ପଶ୍ଚିମ ବିଭିନ୍ନ ଜୋନରେ ବିଭକ୍ତ କରି ଅଲଗା ଅଲଗା କମିଟି ଗଠନ କରି ଏହାର ତଦନ୍ତ କରାଯାଉ। ଦୁର୍ନୀତିଗ୍ରସ୍ତ ସମବାୟ ମନ୍ତ୍ରୀ ଯଦି ତୁରନ୍ତ ଇସ୍ତଫା ନ ଦେବେ, ତେବେ ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ଏହାକୁ ନେଇ ପ୍ରଦେଶ କଂଗ୍ରେସ ଏକ ଜନ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛି। ପ୍ରକାଶଯୋଗ୍ୟ ଯେ, ଗୁରୁଡ଼ିଝାଟିଆ ସମବାୟ ବ୍ୟାଙ୍କ ସମେତ ଅନ୍ୟ ୨୫ଟି ବ୍ୟାଙ୍କରେ କୃଷି ଋଣ ଜାଲିଆତି କରି ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭିଜିଲାନ୍ସ ତଦନ୍ତ କରାଯାଇ ୭ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଏନ୍‌ସିସି କ୍ୟାଡେଟ୍ ସମ୍ବର୍ଦ୍ଧିତ

**କଟକ ଅଫିସ, ୨୫।୮**

କଟକସ୍ଥିତ ଏନ୍‌ସିସି ଗ୍ରୁପ୍ ହେଡକ୍ୱାର୍ଟର ପକ୍ଷରୁ 'ଏକ ଭାରତ ଶ୍ରେଷ୍ଠ ଭାରତ' ଶିବିରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କ୍ୟାଡେଟ୍ ଏବଂ ସହକର୍ମୀମାନଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। କଟକସ୍ଥିତ ଏନ୍‌ସିସି ଗ୍ରୁପ୍ ହେଡକ୍ୱାର୍ଟର କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଏନ୍‌ସିସି ଗ୍ରୁପ୍ କମାଣ୍ଡର କଲୋନେଲ ରଜନୀଶ କାପୁର ଯୋଗଦେଇ କଟକ କଲେଜର ଏନ୍‌ସିସି ଅଫିସର ମେଜର ପୂର୍ଣ୍ଣଚନ୍ଦ୍ର ସାହୁ, ବ୍ରାହ୍ମଣଝରିଲୋ କଲେଜର ପ୍ରଜ୍ଞା ବେହେରାଙ୍କ ସହ ବିଭିନ୍ନ କଲେଜର ପ୍ରାୟ ୨୫ ଜଣ କ୍ୟାଡେଟ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଏକ ଭାରତ ଶ୍ରେଷ୍ଠ ଭାରତ ସର୍ବଭାରତୀୟ ଅନ୍‌ଲାଇନ୍ କ୍ୟାମ୍ପ ଗତ ଜୁଲାଇ ୧୯ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

### 'ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କର'

**ଟାଙ୍ଗୀ(କଟକ),୨୫।୮(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତ ଭଗତପୁର କଲ୍ୟାଣମଣ୍ଡପ ପରିସରରେ ମଙ୍ଗଳବାର ସାଲେପୁର ନିର୍ବାଚନ ମଣ୍ଡଳୀର ୧୦ ଓ ୧୨ ନମ୍ବର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳ ପକ୍ଷରୁ ପର୍ଯ୍ୟବେକ୍ଷକ ତଥା ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ଶତପଥୀ ଯୋଗ ଦେଇ ଉଭୟ ଜୋନର କର୍ମୀମାନଙ୍କୁ ଦଳର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ସରକାରୀ ଯୋଜନା କିଭଳି ଲୋକମାନଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ଚେଷ୍ଟିତ ହେବା ପାଇଁ କହିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଦଳୀୟ କର୍ମୀମାନେ ନିଜ ନିଜ ଭିତରେ ମତାନ୍ତର ମନାନ୍ତରକୁ ଭୁଲି ଏକାଠି ହୋଇ ଦଳୀୟ ପ୍ରାର୍ଥୀମାନଙ୍କୁ ଜିତାଇ ନିର୍ବାଚନ ମଣ୍ଡଳୀରେ ଉଦାହରଣ ସୃଷ୍ଟି କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ବଡଚଣା ବିଧାୟକ ଶତପଥୀଙ୍କୁ ଏକ ବାଇକ୍ ରାଲିରେ ଟାଙ୍ଗୀ ଷ୍ଟେଟ ବ୍ୟାଙ୍କ ଗଡ଼ା ନିକଟରୁ ବୈଠକ ସ୍ଥଳୀକୁ ଅଣାଯାଇଥିଲା। ବୈଠକରେ ବ୍ଲକ ଚେୟାରମ୍ୟାନ ଜୟଶ୍ରୀ ପ୍ରଧାନ, ତାପସ ସାହୁ, କହ୍ନେଇପୁର ସରପଞ୍ଚ ସସ୍ମିତା ସାହୁ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସୁବୋଧ ସାମଲ, ଧନେଶ୍ୱର ନାୟକ, ଆତ୍ମା ଅଧକ୍ଷ ନିବାସ ପାଣ୍ଡବ, ବାବାଜୀ ମହାନ୍ତି, ସ୍ୱାଧୀନ ମହାନ୍ତି, ପ୍ରେମାନନ୍ଦ ସାମଲ, ଜନ୍ମେଜୟ ଖିଲାର ଓ ଗୋବିନ୍ଦ ଦାସ ପ୍ରମୁଖଙ୍କ ସହିତ ଶତାଧିକ କର୍ମୀ ଯୋଗଦେଇଥିଲେ।

## ହରିୟାଣା ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍ ଧରାପଡିଲା

**ଭୁବନେଶ୍ୱର,୨୫।୮(ବ୍ୟୁରୋ)**

### କଟକର ୧୦, ଭୁବନେଶ୍ୱରର ୪ ଏଟିଏମ୍‌ରୁ ଲୁଟିଛନ୍ତି

ଓଡ଼ିଶାରେ ଏଟିଏମ୍‌ରୁ ଟଙ୍କା ଲୁଟୁଥିଲା ହରିଆଣା ଗ୍ୟାଙ୍ଗ୍। ବୁଧବାର ପୁରୁଣା ଭୁବନେଶ୍ୱରର ବଡ଼େଇବାଙ୍କସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ ଲୁଟ୍ ଉଦ୍ୟମବେଳେ କମିଶନରେଟ ପୋଲିସ ଗ୍ୟାଙ୍ଗ୍‌ର ଦୁଇଜଣଙ୍କୁ କାବୁ କରିଛି। ସେମାନଙ୍କଠାରୁ ପୋଲିସ ଏକାଧିକ ଏଟିଏମ୍ କାର୍ଡ ଓ ଇଲୋକ୍ଟ୍ରୋନିକ୍ସ ଡିଭାଇସ୍ ଜବତ କରିଥିବାବେଳେ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ୍ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ତେବେ ସେ ରହୁଥିବା ହୋଟେଲ ଆଗରୁ ସ୍ପେଶାଲ ସ୍କ୍ୱାଡ୍ ଏକ ଦାମୀ କାରକୁ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କ ଘର ହରିୟାଣା ଫରିଦାବାଦରେ। ସେମାନଙ୍କ ନାମରେ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଏକାଧିକ ମାମଲା ରହିଥିବାବେଳେ ଓଡ଼ିଶାରେ ମଧ୍ୟ ବହୁ ଏଟିଏମ୍‌ରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ମଙ୍ଗଳବାର ରାତିରେ କଟକର ୧୦ରୁ ଊର୍ଦ୍ଧ୍ୱ ଏଟିଏମ୍‌ରୁ ଲୁଟ୍ କରିଥିବାବେଳେ ବୁଧବାର ସକାଳେ ଭୁବନେଶ୍ୱରର ୪ ଏଟିଏମ୍‌ରୁ ଟଙ୍କା ଲୁଟିଛନ୍ତି। ଲିଙ୍ଗରାଜ ଥାନା ଅଞ୍ଚଳରେ ୨ଟି ଏଟିଏମ୍, କଳ୍ପନା ନିକଟରୁ ଗୋଟିଏ ଓ କଟକରୋଡ୍‌ର ଅନ୍ୟ ଏକ ଏଟିଏମ୍‌ରୁ ଟଙ୍କା ଲୁଟିଥିବା ସ୍ପେଶାଲ ସ୍କ୍ୱାଡ୍‌ର ଜଣେ ଅଧିକାରୀ କହିଛନ୍ତି। ଅଭିଯୁକ୍ତ ଦ୍ୱୟଙ୍କ ବୟାନ ଆଧାରରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସେମାନଙ୍କୁ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି।

ଏହି ଗ୍ୟାଙ୍ଗ୍ କୌଣସି ଏଟିଏମ୍‌କୁ ତାଡ଼ି ଲୁଟୁ ନ ଥିଲେ। ଗ୍ୟାଙ୍ଗ୍‌ର ସଦସ୍ୟମାନେ ଏଟିଏମ୍‌ର କ୍ୟାସ୍ ବାହାରିବା ସ୍ଥାନରେ ଏକ ଇଲୋକ୍ଟ୍ରୋନିକ୍ସ ଡିଭାଇସ୍ ଲଗାଇ ଆଖପାଖରେ ଛକି ରହୁଥିଲେ। କେହି ବ୍ୟକ୍ତି ଟଙ୍କା ଉଠାଇବା ସମୟରେ ଟଙ୍କା ଇଲୋକ୍ଟ୍ରୋନିକ୍ସ ଡିଭାଇସ୍ ପ୍ରଭାବରେ ଅଟକି ରହି ଯାଉଥିଲା। ବେଳେବେଳେ ଗ୍ରାହକ ଟଙ୍କା ଉଠାଇବାକୁ ବାରମ୍ବାର ପ୍ରୟାସ କରି ନିରାଶ ହୋଇ ଫେରିବା ପରେ ସେସବୁ ଟଙ୍କାକୁ ସମ୍ପୃକ୍ତ ଲୁଟେରାମାନେ ଉଠାଇ ନେଇଥାନ୍ତି।

## ୪୭ ହଜାର ଭିନ୍ନକ୍ଷମଙ୍କୁ ଯୋଜନାରେ ସାମିଲ କରାଯାଉ

**କଟକ ଅଫିସ, ୨୫।୮**

କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଭିନ୍ନକ୍ଷମମାନଙ୍କ ଅଧିକାର ଓ ଅଧିନିୟମ,୨୦୧୬ ଓ ବିଭିନ୍ନ ଯୋଜନା ସମ୍ବନ୍ଧରେ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ ଯୋଗଦେଇ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ-୨୦୧୬ ସମ୍ବନ୍ଧରେ ସମାଜର ତୃଣମୂଳ ସ୍ତରରୁ ବ୍ୟାପକ ଜନ ସଚେତନତା କରିବା, ଭିନ୍ନକ୍ଷମଙ୍କୁ ଦକ୍ଷତା ବିକାଶ ନିଯୁକ୍ତି ତାଲିମ ଦେବା ଓ ଭିନ୍ନକ୍ଷମଙ୍କ ନିମନ୍ତେ ପ୍ରତ୍ୟେକ କାର୍ଯ୍ୟାଳୟରେ ରାମ୍ପ ତିଆରି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଭିନ୍ନକ୍ଷମମାନଙ୍କ ଇନ୍ଦିରାଆବାସ, ବିଜୁପକ୍କା ଘର ଯୋଜନାରେ ଆସିଥିବା ଦରଖାସ୍ତଗୁଡିକୁ ତୁରନ୍ତ ବିଚାର କରିବାକୁ ପିଡ଼ି ଡ଼ିଆରଡ଼ିଏ, ଉପଜିଲାପାଳ ଓ ବିଡିଓମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଜିଲାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପୁନଃ ଆୟୋଜନ କରିବାକୁ ଜିଲା ସାମାଜିକ ସୁରକ୍ଷା



ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

### ଭିନ୍ନକ୍ଷମ ସଚେତନତା ଶିବିର

ଅଧିକାରୀଙ୍କୁ ଦାସ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ କରିବାକୁ କମିଶନର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ଜନ କଲ୍ୟାଣ ଯୋଜନାରେ ସେମାନଙ୍କୁ ସାମିଲ କରାଯାଉ। ଜିଲାର ୪୭ ହଜାର ଭିନ୍ନକ୍ଷମଙ୍କୁ ଜନ କଲ୍ୟାଣକାରୀ ଯୋଜନାରେ ସାମିଲ କରାଇବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର ଯୋଗଦେଇ କୋଭିଡ୍ ସମୟରେ ସ୍ଥାନୀୟ କୁଷ୍ଠାଶ୍ରମରେ ୪୦୦ ଭିନ୍ନକ୍ଷମଙ୍କୁ ଟିକା ପ୍ରଦାନ କରିବା, ଜନ୍ମରୁ ୬ ବର୍ଷର ପିଲାମାନଙ୍କ ସର୍ଭେ କରିବା, ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟରେ କୋଭିଡ ଟିକାକରଣ କାର୍ଯ୍ୟକ୍ରମ କରିବା, ଜିଲାର ୧୧ ହଜାର ୪ଶହ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ୪ ଦମ୍ପତିଙ୍କୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ବାବଦରେ ୫୦ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ, ଦୃଷ୍ଟିହୀନ କଲେଜ ଛାତ୍ରଙ୍କୁ ସରକାରୀ ଶିକ୍ଷା ଯୋଜନାରେ ଲାପ୍‌ଟପ୍ ପ୍ରଦାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମମାନଙ୍କ ନିମନ୍ତେ ବିଭିନ୍ନ ଯୋଜନା ୨୦୧୯-୨୦ ଏବଂ ୨୦୨୦-୨୧ କାର୍ଯ୍ୟାବଳୀର ସୂଚନା ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡ଼ି ଡିଆରଡିଏ ଅମ୍ବର କର, କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା, ଅଶୋକ ଷଡଙ୍ଗୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଡା. ଏସ.କେ. ଗିରି, ସୁଜାତା ପଟ୍ଟନାୟକ, ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ହାତୀ ଉପଦ୍ରବ, ଚିନ୍ତାରେ ଚାଷୀ**

ବେଗୁନିଆ,(ଡି.ଏନ୍.ଏ.): ଚଳିତବର୍ଷ ଖରିଫ ଋତୁ ଆରମ୍ଭରୁ ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଦେଖାଗଲାଣି। ଧାନ ତଳି ଏବେ ରୁଆ ପୋତା ସମୟରେ ହାତୀପଲ ଆସି କୁଦି ଦଳି ନଷ୍ଟ କରି ପକାଉଛନ୍ତି। ଦିନବେଳେ ସେମାନେ ନାରଗୋଡା ଜଙ୍ଗଲରେ ବିଶ୍ରାମ କରୁଛନ୍ତି। ସନ୍ଧ୍ୟା ହେଲେ ହାତୀମାନେ ଗାଁ ମଧଭାଗକୁ ପଶି ଆସୁଛନ୍ତି। ବିଶେଷ କରି ହାତୀପଲ ଗତ ୫ଦିନ ହେଲା ବେଗୁନିଆ ବ୍ଲକର ହଜ, ସିକୋ, ଶଗଡଭଙ୍ଗା, ହୀରାପୁର, ଦେଉଳି ଏବଂ ପରିଛଲ ପଞ୍ଚାୟତର ବିଭିନ୍ନ ଗାଁର ଚାଷୀଙ୍କ ଜମିରେ ଫସଲ ହାନି କରୁଛନ୍ତି। ମଙ୍ଗଳବାର ରାତିରେ ହଜ ପଞ୍ଚାୟତ ଅଞ୍ଚଳର କଲରାଝର, ନାରଗୋଡା, ନିଧିପୁର, ବାଲଧାଡି, ମୁକ୍ତାପୁର ଆଦି ଗ୍ରାମର ବହୁ ଚାଷୀ ଙ୍କ ଧାନ ତଳି ନଷ୍ଟ କରିଥିବାର ଖବର ମିଳିଛି।

## ସଂକ୍ଷେପରେ

### ୫୦ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ଜଟଣୀ/ଯାଁଳା,୨୫।୮(ଡି.ଏନ୍.ଏ.): ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ଜଟଣୀ ଥାନା ଓ ଯାଁଳା ଫାଣ୍ଡି ପୋଲିସ ମିଳିତ ଭାବେ ମଙ୍ଗଳବାର ରାତିରେ ୨ ବେପାରୀଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ସଗୁନ ବଗିଚାର ନରେନ୍ଦ୍ର ବେହେରା ଓରଫ ଟିକି (୩୫) ଓ ସାମନ୍ତରାପୁରର ସଦାଶିବ ନାଏକ ଓରଫ ସିଲୁ (୨୦)। ସେମାନଙ୍କ ନିକଟରୁ ୫୦ ଗ୍ରାମ ବ୍ରାଉନ ସୁଗାର, ୩୫ ଶହ ଟଙ୍କା ଓ ୩ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୩୫/୨୧) ରୁଜୁ କରିଛି। ସୂଚନା ଅନୁସାରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ଟାବେଳକୁ ନରେନ୍ଦ୍ର ଓ ସଦାଶିବ ଦୁହେଁ ତଳଖେତା ଛକ ନିକଟକୁ ବ୍ରାଉନସୁଗାର ବିକ୍ରି କରିବାକୁ ଆସିଥିଲେ। ସେଠାରେ ବିକିବା ପରେ ଅନ୍ୟ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ଯାଁଳା ଫାଣ୍ଡି ଓ ଜଟଣୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କୌଶଳକ୍ରମେ ୨ ବେପାରୀଙ୍କୁ ଧରିଥିଲେ। ସୂଚନାଯୋଗ୍ୟ, ଯାଁଳା ଫାଣ୍ଡି ଅନ୍ତର୍ଗତ ମେଡିକାଲ ଛକ, ସ୍ଥାନୀୟ ବସ୍ତି, ଭୁଆଶୁଣି ବଜାର ଆଦି ଅଞ୍ଚଳରେ ଦୀର୍ଘଦିନ ହେବ ବହୁ ପରିମାଣର ବ୍ରାଉନସୁଗାର, ଗଞ୍ଜେଇ ଓ ଆସ୍କାଫର୍ଟି ବେପାର ଚାଲୁଥିବା ଅଭିଯୋଗ ହୋଇଆସୁଥିଲା।

### ଜାତୀୟ ବିଜ୍ଞାନ ମେଳା ପାଇଁ ଶୁଭଶ୍ରୀ ସାହୁ ମନୋନୀତ



ଜଟଣୀ,୨୫।୮ (ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଅଧୀନ ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠ ସରକାରୀ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ସାହୁ ଜାତୀୟ ବିଜ୍ଞାନ ମେଳା ନିମନ୍ତେ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସୂଚନା ମୁତାବକ ଚଳିତବର୍ଷ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରୁ ଜାତୀୟ ବିଜ୍ଞାନ ମେଳା ନିମନ୍ତେ ରାଜ୍ୟରୁ ମୋଟ ୧୫ ଜଣ ମେଧାବୀ ଛାତ୍ରଛାତ୍ରୀ ଯୋଗ୍ୟତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାର ଜଟଣୀସ୍ଥିତ ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠର ଛାତ୍ରୀ ଶୁଭଶ୍ରୀ ଗାଣିତିକ ମଡେଲ ପାଇଁ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଭାଗ ନେବା ନିମନ୍ତେ ଯୋଗ୍ୟ ହୋଇଛନ୍ତି। ଶିକ୍ଷକ ଅଜୟ କୁମାର ବରାଡଙ୍କ ତତ୍ତ୍ୱାବଧାନରେ ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଗ୍ରସେନ ରଣସିଂ, ବିଜ୍ଞାନ ଶିକ୍ଷକ ତଥା ଖୋର୍ଦ୍ଧା ଜିଲା ଓସ୍ଥା ସଂଘ ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ରଶ୍ମିବାଳା ପରିଡ଼ା, ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ଏବଂ ଏସ୍‌ସିଇଆରଟି ନିର୍ଦ୍ଦେଶକ ଗଙ୍ଗାଧର ସାହୁ ପ୍ରମୁଖ ପ୍ରଶଂସା କରିଛନ୍ତି।

### ବ୍ଲକ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ଟାଙ୍ଗୀ (ଖୋର୍ଦ୍ଧା),୨୫।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା କଂଗ୍ରେସ ତରଫରୁ ବିଭିନ୍ନ ଦାବି ନେଇ ବୁଧବାର ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ କର୍ମୀମାନେ ଏକତ୍ରିତ ହୋଇ ରାଲିରେ ଯାଇ ବ୍ଲକ କାର୍ଯ୍ୟାଳୟ ଆଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଗୁ ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ଓ ବିଭିନ୍ନ ଦାବି ନେଇ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ସେଥିରେ ଖୋର୍ଦ୍ଧା ଜିଲା ସଭାପତି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ପୂର୍ବତନ ବ୍ଲକ ସଭାପତି ବିଶ୍ୱଭୂଷଣ ଛୋଟରାୟ, ଚିଲିକା ନିର୍ବାଚନ ମଣ୍ଡଳୀର ପ୍ରଦୀପ ସ୍ୱାଇଁ, ଜୟଦେବ ବେହେରା, ଲକ୍ଷ୍ମଣ ଶ୍ରୀଚନ୍ଦନ, ସୁକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

### ୫୦ ୟୁନିଟ ରକ୍ତ ସଂଗ୍ରହ

ବେଗୁନିଆ, ୨୫।୮(ଡି.ଏନ.ଏ): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଗୋଡିସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଓଡ଼ିଶା ମୋ ପରିବାରର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦର୍ଶ ବଜାର କମିଟି ଓ ଗୋଡ଼ି-ଗୋଡିସାହି ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଯୁବ ବର୍ଗମାନେ ରକ୍ତ ଦାନ କରିଥିଲେ। ଗୌତମ ପ୍ରଧାନ, ସୁଦର୍ଶନ ମଲ୍ଲିକ, ପ୍ରାଣକୃଷ୍ଣ ମାନ୍ଧାତା, ପତିଆ ରଣା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ହଟୁନି ଜବରଦଖଲ

## ରାଜସ୍ୱ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବେଗୁନିଆ,୨୫।୮(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ସିକୋ ଗ୍ରାମରେ ଥିବା ପତିତପାବନଦେବ ଦୋଳ ପଡ଼ିଆ ଏବେ ଜବର ଦଖଲକାରୀଙ୍କ କବଜାରେ ରହିଛି। ଦୀର୍ଘଦିନ ପରେ ମଧ୍ୟ ଜବରଦଖଲ ନ ହଟିବାରୁ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ସିକୋ ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଖବରପାଇ ଅତିରିକ୍ତ ତହସିଲଦାର ସନାତନ ଆଚାର୍ଯ୍ୟ, ଜଙ୍କିଆ ପୋଲିସ ପହଞ୍ଚି ଜବରଦଖଲ ହଟେଇବା ପାଇଁ ବିଧିବଦ୍ଧ ପ୍ରକ୍ରିୟା ଜାରି ରହିବ ବୋଲି ପ୍ରତିଶ୍ରୁତି ଦେବା ପରେ ଯାଇ ବିକ୍ଷୋଭରୁ ହଟିଥିଲେ। ସୂଚନା ଥାଉକି, ଚନ୍ଦ୍ରଶେଖରପୁର ମୌଜା ଖାତା ନଂ ୫୭୨,ପ୍ଲଟ ନଂ ୪୯୦,୪୯୧,୪୯୨ରେ ୧ ଏକର ୫୩୫ ଡେସିମିଲ ଏବଂ ସିକୋ ମୌଜାରେ ଖାତା ନଂ ୮୨୦,ପ୍ଲଟ ନଂ ୬୯୧,୬୯୫ରେ ୧ଏକର ୫୦୫ ଡେସିମିଲ ଜାଗା ରହିଛି। କେଉଁ ଆବହମାନ କାଳରୁ ଗ୍ରାମବାସୀଙ୍କ ପକ୍ଷରୁ ଏଠାରେ ଯାନିଯାତ୍ରା ପାଳନ ହୋଇ ଆସୁଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମବାସୀ ନେଇଥିଲେ। ଶାନ୍ତି କମିଟି ନାଁରେ ସରକାରଙ୍କୁ ରାଜସ୍ୱ ମଧ୍ୟ ଗଣୁଛନ୍ତି। ହେଲେ ଗ୍ରାମର କେତେଜଣ ଖଳ ପ୍ରକୃତିର ଲୋକ ଉକ୍ତ ସ୍ଥାନରେ ଗୃହ ନିର୍ମାଣ କରିବା ସହ ଦୋକାନ ବଜାର କରି ଜବରଦଖଲ କରିସାରିଲେଣି। ତେବେ ଜବର ଦଖଲକାରୀଙ୍କୁ ହଟେଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଛି। ଜିଲାପାଳ, ତହସିଲଦାର ଏବଂ ଜନପ୍ରତିନିଧିମାନଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ ନ କରିବାରୁ ବୁଧବାର ଗ୍ରାମବାସୀ ବିକ୍ଷୋଭକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ କଡ଼ାକଡ଼ି କରିବେ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

## ଗୋଚର ଜମି ଉଚ୍ଛେଦ ଦାବି

ଖୋର୍ଦ୍ଧାଅଫିସ,୨୫।୮

ଖୋର୍ଦ୍ଧା ଜିଲାରେ ସରକାରୀ କାର୍ଯ୍ୟାଳୟ ସ୍ଥାପନ ଲାଗି ପ୍ରଶାସନକୁ ଜମି ମିଳୁ ନ ଥିବାବେଳେ ବିଭିନ୍ନ ତହସିଲରେ ଏକର ଏକର ସରକାରୀ ଓ ଗୋଚର ଜମି ଜବରଦଖଲରେ ରହିଛି। ମାତ୍ର ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ପ୍ରଶାସନ ପଦକ୍ଷେପ ନେଉ ନ ଥିବା ଓଡ଼ିଶା ଗୋ ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ଏ ନେଇ ମଞ୍ଚ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦିଆଯାଇଛି। ତୁରନ୍ତ ଜବରଦଖଲ ଉଚ୍ଛେଦ ଲାଗି ଦାବି କରାଯାଇଛି।

ଅଭିଯୋଗ ଅନୁଯାୟୀ, ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଗ୍ରାମର କେତେଜଣ ମୁଷ୍ଟିମେୟ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତି ଯୋଜନାବଦ୍ଧ ଭାବେ ବିଶିଆପଡ଼ା ଗ୍ରାମର ପ୍ଲଟ ନଂ-୪, ୧୬, ୧୮ ଓ ଖାତା ନଂ-୫୫୧ରେ ଥିବା ୨୨ ଏକରରୁ ଊର୍ଦ୍ଧ୍ୱ ଗୋଚର ଜମିକୁ ଦୀର୍ଘଦିନ ହେବ ଜବରଦଖଲ କରି ରଖିଛନ୍ତି । ଏହି ଗୋଚର ଜମି ତଥା ଗ୍ରାମ୍ୟ ଜଙ୍ଗଲର ଅଧିକାଂଶ ଭାଗରେ ବାହାରୁ ଆସୁଥିବା ଅଚିହ୍ନା ଲୋକ ବସ୍ତି ସ୍ଥାପନ କରିସାରିଲେଣି। ଖୋଲାପଡ଼ିଆରେ ଗୋ-ହତ୍ୟା କରାଯାଇ ମାଂସ ଚାଲାଣ ହେଉଛି। ଏହି ଅଞ୍ଚଳରୁ ଗୋରୁ ମଧ୍ୟ ଚୋରି ହେଉଛନ୍ତି। ବହୁ ବାଲାଂଦେଶୀ ଶରଣାର୍ଥୀ ଏଠାରେ ରହି ନିଜ ନାମ ଆଧାର କାର୍ଡ ଓ ଭୋଟର ତାଲିକାରେ ପଞ୍ଜୀକରଣ କରୁଛନ୍ତି। ଗୋଚର ଜମିରେ ବେଆଇନ ଭାବେ କ୍ଲବ, ଉପାସନା ଗୃହ, ଘର ନିର୍ମାଣ କରାଯାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ଚିତ୍ତରଞ୍ଜନ ପ୍ରଧାନ, ସୁକାନ୍ତ ନରେନ୍ଦ୍ର, ନବ କିଶୋର ପାହାଡ଼ସିଂହ, ବିଜୟ କୁମାର ବେହେରା, ମାନସ ରଞ୍ଜନ ପାତ୍ର, ମନୋଜ କୁମାର ପାହାଡ଼ସିଂହ, ପ୍ରହ୍ଲାଦ ଗିରି, ପ୍ରତାପ କିଶୋର ପାତ୍ର, ଗୌତମ ମହାନ୍ତି, ଅଶୋକ ମଙ୍ଗରାଜ ପ୍ରମୁଖ ଦାବି କରିଛନ୍ତି।

## ନିରାକାରପୁରରେ ଓଭରବ୍ରିଜ୍ ପାଇଁ ମାପ ଆରମ୍ଭ

ନିରାକାରପୁର,୨୫।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନୂଆ ଜଗନ୍ନାଥ ସଡ଼କ ଉପରେ ଥିବା ରେଲୱେ ଲେଭଲ କ୍ରସିଂ ଯୋଗୁ ଦୈନିକ ହଜାର ହଜାର ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଏଠାରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହା ଦୀର୍ଘବର୍ଷ ହେଲା ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ। ଫଳରେ ଅନେକ ଦୁର୍ଘଟଣା ଓ ଅଭିଯୋଗ ହେବା ପରେ ଶେଷରେ ବ୍ରିଜ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବୁଧବାର ରେଳ ବିଭାଗଯନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ନିରାକାରପୁରରେ ପହଞ୍ଚି ମାପଚୁପ ଆରମ୍ଭ କରିଛନ୍ତି। ଏ ନେଇ ଆସିଥିବା ପୂର୍ତ୍ତ ବିଭାଗର ଯନ୍ତ୍ରୀ ଜେ.କେ. ଦାସ କହିଛନ୍ତି, ଏବେ ମେଜରମେଣ୍ଟ ଆରମ୍ଭ ହେଲା, ଏହାପରେ ଲ୍ୟାଣ୍ଡ ଆକ୍ୱିଜିଶନ ହେବ। ତା'ପରେ ଟେଣ୍ଡର ହେବ କିନ୍ତୁ ଏହିପଟେ ହିଁ ଏହି ଓଭରବ୍ରିଜ କାର୍ଯ୍ୟ ହେବ। ଯେହେତୁ ରେଲୱେର କିଛି ଅଂଶ କାମହେବ ସେଥିପାଇଁ ଆମ ସହିତ ରେଳ ବିଭାଗର ଯନ୍ତ୍ରୀମାନେ ମଧ୍ୟ ଯାଇଥିଲେ। ଏହାକୁ ରେଳ ବିଭାଗ ଓ ଆମ ବିଭାଗ ମିଶି କାର୍ଯ୍ୟ କରିବେ ବୋଲି ସେ ସୂଚନା ଦେଇଛନ୍ତି।



ପୂର୍ତ୍ତବିଭାଗ ଓ ରେଳ ବିଭାଗର ଯନ୍ତ୍ରୀମାନେ ଓଭରବ୍ରିଜ୍ ପାଇଁ ମାପୁଛନ୍ତି।

## ବାଇକ୍ ଚୋରଙ୍କୁ ଧରିଲେ ଦୋକାନୀ

ନିରାକାରପୁର,୨୫।୮(ଡି.ଏନ୍.ଏ.)

ବାଇକ୍ ଚୋରି କରିଥିବା ଜଣେ ଚୋରକୁ ସିକୋ ଫାଣ୍ଡି ଅନ୍ତର୍ଗତ ହଜ ବଜାରର ଦୋକାନୀମାନେ ମଙ୍ଗଳବାର ରାତିରେ କାବୁ କରି ପୋଲିସ ଜିମା ଦେଇଛନ୍ତି। ହେଲେ ଚୋର ଜଣକ ଚାନ୍ଦପୁର ଥାନା ଅଞ୍ଚଳରେ ବାଇକ୍ ଚୋରି କରିଥିବାରୁ ସେହି ଥାନାକୁ ଜିମା ଦିଆଯାଇଛି। ଚୋରକୁ କାବୁ କରିଥିବା ଟଙ୍କିଆ ଥାନା ଅଧୀନ ଦୋକାନୀମାନଙ୍କ ସୂଚନା ଅନୁଯାୟୀ, ବଜାରରେ ବାରମ୍ବାର ଚୋରି ହେଉଥିବାରୁ କେତେଜଣ ଦୋକାନୀ ପାଳି କରି ବଜାରକୁ ଜଗି ରହୁଥିଲେ। ତେବେ ମଙ୍ଗଳବାର ରାତିରେ ମଧ୍ୟ ଦୋକାନୀମାନେ ଜଗିଥିବାବେଳେ ରାତି ୧ଟା ବେଳେ କଲରା ଝରପଟୁ ଏକ ବାଇକରେ ୨ଜଣ ଯୁବକ ଆସି ପଳାଇ ଯାଉଥିଲେ। ଏହାଦେଖି ଦୋକାନୀମାନେ ତାଙ୍କୁ ଅଟକାଇବାରୁ ସେଥିରୁ ଜଣେ ଯୁବକ କୌଶଳକ୍ରମେ ଖସି ଯାଇଥିଲା। ସନ୍ଦେହରେ ଅନ୍ୟ ଯୁବକଙ୍କୁ ଦୋକାନୀମାନେ ଧରି ପୋଲିସକୁ ଜଣାଇଥିଲେ। ସିକୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାନିକଟରୁ ଭୁଜାଲି ଓ ଏକ ଲୁହାରଡ ସମେତ ଏକ ବାଇକ୍ ଜବତ କରିଥିଲା। ଏ ନେଇ ଫାଣ୍ଡି ଅଧିକାରୀ ଶଙ୍କର୍ଷଣ ଆଇଚ କହିଛନ୍ତି, ଧରାହୋଇଥିବା ଯୁବକଙ୍କୁ ପଚାରାଉଚରା କରିବାରୁ ସେ ଚାନ୍ଦପୁର ଥାନା ଅଞ୍ଚଳରୁ ଏକ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲା। ପରେ ଚାନ୍ଦପୁର ଥାନାକୁ ଜଣାଇ ଯୁବକଙ୍କୁ ତାଙ୍କୁ ଜିମା ଦିଆଯାଇଛି ବୋଲି ସେ କହିଛନ୍ତି।

## ଖୋଲିଲା ଶାନ୍ତିସ୍ତୂପ ଧଉଳି

ପୁରୁଣା ଭୁବନେଶ୍ୱର,୨୫।୮(ଡି.ଏନ୍.ଏ.)

**ଖୁବ୍‌ଶୀଘ୍ର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ**

କରୋନା କଟକଣା ଯୋଗୁ ଦୀର୍ଘ ୩ମାସ ଧରି ବନ୍ଦ ରହିଥିବା ଶାନ୍ତିସ୍ତୂପ ଧଉଳି ପୀଠ ବୁଧବାର ଖୋଲିଛି। ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ମାସ୍କ, ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ କରାଯାଇ ଶାନ୍ତିସ୍ତୂପକୁ ଛଡ଼ାଯାଉଛି। ଏଥିସହ ପ୍ରଥମଦିନରେ ଓଟିଡିସିର କୌଣସି ବସ୍ ଧଉଳି ପାହାଡ଼କୁ ଚଳାଚଳ କରିପାରି ନ ଥିଲା। ତେବେ ଗୁରୁବାରଠାରୁ ଓଟିଡିସିର ବସ୍ ଯାହା ପାହାଡ଼ ପାଦଦେଶରୁ ଶାନ୍ତିସ୍ତୂପକୁ ବସ୍ ଯୋଗେ ଆସୁଥିବା ପର୍ଯ୍ୟଟକଙ୍କୁ ନେବା ପାଇଁ ଚାଲିବ ବୋଲି ଓଟିଡିସି ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଦିନରେ କମ୍ ସଂଖ୍ୟକ ପର୍ଯ୍ୟଟକ ଧଉଳିକୁ ବୁଲିବାକୁ ଆସିଥିଲେ। ସେହିପରି ଧଉଳି ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ମଧ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସମୟ ମଧ୍ୟ ନିର୍ଦ୍ଧିଷ୍ଟ ହୋଇସାରିଛି। ପ୍ରଥମ ଶୋ ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ହୋଇ ୭ଟା ୦୫ମିନିଟ, ୨ୟ ଶୋ ୭ଟା ୧୫ରୁ ୭ଟା ୫୦ ପର୍ଯ୍ୟନ୍ତ ଚାଲିବ। ମୋଟ ସିଟ୍ ୨୫୦ ଥିବାବେଳେ କୋଭିଡ୍ କଟକଣା ପାଇଁ ୫୦ପ୍ରତିଶତ ସିଟ୍ କେବଳ ବଳବତ୍ତର ରହିବ। ତେବେ ଏହି ଶୋ ଗୁରୁବାରଠାରୁ ଚାଲିବାକୁ ପ୍ରସ୍ତୁତ ଚାଲିଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମାତ୍ର ୧/୨ଦିନ ଘୁଞ୍ଚାଇ ଦିଆଯାଇଥିବା ନେଇ ନୂତନ ଭାବେ ଯୋଗଦେଇଥିବା ଟୁରିଷ୍ଟ ଅଫିସର ଅଞ୍ଜନ ବାରିକ ସୂଚନା ଦେଇଛନ୍ତି।

## ବେଗୁନିଆ ନିର୍ବାଚନମଣ୍ଡଳୀର ଉନ୍ନୟନ ପାଇଁ ବୈଠକ

ଖୋର୍ଦ୍ଧା ଅଫିସ,୨୫।୮

ବେଗୁନିଆ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହେଉଥିବା ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ବିଧାୟକ କହିଥିଲେ। ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ ଯୋଗଦେଇ ଲୋକ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଠିକ ବୁଝାମଣା ରଖି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ବେଗୁନିଆ ଓ ବୋଲଗଡ଼ ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏପରିକି ଚଳିତବର୍ଷ ଆବାସ ଯୋଜନାରେ ଉଭୟ ବ୍ଲକରେ ଗୃହ ନିର୍ମାଣ ପାଇଁ ଅଧିକ ଟଙ୍କା ମଞ୍ଜୁର ହୋଇଥିବାରୁ ହିତାଧିକାରୀଙ୍କୁ ଶୀଘ୍ର କାର୍ଯ୍ୟାଦେଶ ଦେବା ପାଇଁ ବିଧାୟକ କହିଥିଲେ। ବୋଲଗଡ଼ ବ୍ଲକରେ ଥିବା ୧୮୦ଜଣ ଭୂମିହୀନ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଜାଗା ଲିଜ୍ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସରେ ଏହି ୨ଟି ବ୍ଲକର ୪୦ଟି ପଞ୍ଚାୟତରେ ଖେଳପଡ଼ିଆ ନିର୍ମାଣ, ପୋଖରୀଖନନ, ପାନୀୟ ଜଳ ପ୍ରକଳ୍ପ, କ୍ରୀଡ଼ାରେ ଉନ୍ନତି, କଲ୍ୟାଣମଣ୍ଡପ, ପାର୍କ, ମାର୍କେଟ କମ୍ପ୍ଲେକ୍ସ ଓ ରାସ୍ତା ଉନ୍ନତୀକରଣ କାର୍ଯ୍ୟ କରିବାକୁ ବିଧାୟକ କହିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଜିଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତିର ଅଧ୍ୟକ୍ଷ, ବିଧାୟକଙ୍କ ପ୍ରତିନିଧି, ବିଭିନ୍ନ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।




ଖୋର୍ଦ୍ଧା ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ବୈଠକରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

## କୃଷକ ସଚେତନତା ଶିବିର

ଖୋର୍ଦ୍ଧା ଅଫିସ,୨୫।୮

ଖୋର୍ଦ୍ଧା ଉପକଣ୍ଠ କାଇପଦର ଗ୍ରାମରେ ବୁଧବାର ସୁବିଧା ସଂସ୍ଥା ଆନୁକୂଲ୍ୟରେ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମଗ୍ରିକ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିରରେ ଖୋର୍ଦ୍ଧା ଓ ବେଗୁନିଆ ବ୍ଲକରୁ ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ। ଅତିଥି ଭାବେ କାଇପଦର ସରପଞ୍ଚ ରାଜଶ୍ରୀ ଚମ୍ପତିରାୟ ଓ ଘରୋଇ ବ୍ୟାଙ୍କ ପରିଚାଳକ କ୍ଷେତ୍ରବାସୀ ସାହୁ ଯୋଗଦେଇ କୃଷକମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଜୈବିକ ସାର ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ରୂପେଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଶ୍ୱଜିତ ପଟ୍ଟନାୟକ ଓ ତାରାପ୍ରସାଦ ବେହେରା ସଂଯୋଜନା କରିଥିଲେ। କେତେଜଣ ଦୁଃସ୍ଥ ପରିବାରଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ଭୁବନେଶ୍ୱର ଏମ୍‌ପିଙ୍କ ପୌରାଞ୍ଚଳ ଗସ୍ତ



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି।

ଜଟଣୀ,୨୫।୮(ଡି.ଏ.ଏ.)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଧବାର ଜଟଣୀ ପୌରାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା କରିଥିଲେ। ପୌରାଞ୍ଚଳ ଅଧୀନ ୱାର୍ଡ ନଂ-୨୨ ଓ ୨୩ କୁଦିଆରୀରେ ପଦଯାତ୍ରା କରି ଘର ଏବଂ ସାହି ବୁଲି ଜନସାଧାରଣଙ୍କୁ ସାକ୍ଷାତକରି ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ପରେ ସମାଧାନ ନିମନ୍ତେ ସେମାନଙ୍କୁ ପ୍ରତିଶ୍ରୁତି ଦେବା ସହ ସମସ୍ତ ଅଭିଯୋଗର ୪୮ ଘଣ୍ଟା ମଧ୍ୟରେ ସମାଧାନ ନେଇ ଚେଷ୍ଟା କରାଯାଉଛି ବୋଲି ଏମ୍‌ପି କହିଥିଲେ। ପୌର ନିର୍ବାଚନକୁ ନେଇ ସେ କହିଥିଲେ, ଭାଜପା ୩୬୫ଦିନ ଲୋକଙ୍କ ସହିତ ରହିଛି ରହିବ। ରାଜନୀତି ଓ ନିର୍ବାଚନ ସହିତ ଜନସମ୍ପର୍କ ପଦଯାତ୍ରାର କୌଣସି ସମ୍ପର୍କ ନାହିଁ। ଭାରତୀୟ ଜନତା ପାର୍ଟି ନିର୍ବାଚନ ପାଇଁ ରାଜନୀତି କରୁ ନାହିଁ। ଏହି ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଜଟଣୀ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡଜେନା, ନଗର ସଭାପତି ତିରୁପତି ଶତପଥୀ, ସମ୍ପାଦକ ପ୍ରଶାନ୍ତ ବେହେରା, ନାଗଭୂଷଣ ରାୟ, ଲିଟୁ ରାଉତରାୟ, ଚିତ ସୁନ୍ଦରାୟଙ୍କ ସହିତ ଜଟଣୀ ପୌରାଞ୍ଚଳ ଏବଂ ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।

## ସମୀକ୍ଷା ବୈଠକରେ ଉତ୍ତେଜନା

ଟାଙ୍ଗୀ(ଖୋର୍ଦ୍ଧା),୨୫।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଟାଙ୍ଗୀ ବ୍ଲକର କାର୍ଯ୍ୟାଳୟରେ ବୁଧବାର ଏକ ସମୀକ୍ଷା ବୈଠକ ହୋଇଯାଇଛି। ହେଲେ ବୈଠକରେ କୌଣସି କଥାକୁ ନେଇ ଖୋର୍ଦ୍ଧା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଓ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ବ୍ଲକ କାର୍ଯ୍ୟାଳୟ ବାହାରେ ଉଭୟ ସମର୍ଥକଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସୂଚନା ଅନୁଯାୟୀ, ଟାଙ୍ଗୀ ବ୍ଲକର ବିଭିନ୍ନ କାର୍ଯ୍ୟକୁ ନେଇ ଏହି ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗଦେବ ଉପସ୍ଥିତ ଥିବାବେଳେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଅନୁପସ୍ଥିତ ଥିଲେ। ବୈଠକରେ ଖୋର୍ଦ୍ଧା ବିଧାୟକ ନ ଥିବାରୁ ଏହାକୁ ସ୍ଥଗିତ ରଖିବାକୁ ବ୍ଲକ ଅଧ୍ୟକ୍ଷ କହିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ପରେ କାର୍ଯ୍ୟାଳୟ ବାହାରେ ମଧ୍ୟ ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

## ଆତ୍ମଘୋଷିତ ବାବାଙ୍କ ୨ ବ୍ୟାଙ୍କ ଆକାଉଣ୍ଟ ଅଚଳ

ଭୁବନେଶ୍ୱର,୨୫।୮(ବ୍ୟୁରୋ)

**ଓଟିଡିସି ନାଁରେ ୩ କୋଟି ଠକେଇ ମାମଲା**

- ୨୫ ଲକ୍ଷ ଠକେଇ ଅଭିଯୋଗ ଆଣିଲେ ଆଉଜଣେ ଠିକାଦାର
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ଇଓଡବ୍ଲ୍ୟୁ

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ନାଁରେ ଜାଲ୍ ୱାର୍କ ଅର୍ଡର ଦେଇ ଜଣେ ସ୍ପେଶାଲ କ୍ଲାସ୍ କଣ୍ଟ୍ରାକ୍ଟରଙ୍କୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଗିରଫ ହୋଇଥିବା ଆତ୍ମଘୋଷିତ ବାବା ଓରଫ ବିଜୟାନନ୍ଦ ଚୌଧୁରୀଙ୍କ ଠକେଇ ଗୁମର ଖୋଲିବାରେ ଲାଗିଛି। ତାଙ୍କ ନାମରେ ଠକେଇ ଅଭିଯୋଗ ସଂଖ୍ୟା ବଢୁଛି। ବିଜୟାନନ୍ଦ ଏକ କାମର ଟେଣ୍ଡର କରାଇ ଦେବାକୁ କହି ଗଞ୍ଜାମ ଜିଲାର ଜଣେ ଠିକାଦାରଙ୍କୁ ୨୫ ଲକ୍ଷ ଟଙ୍କାର ଠକେଇ କରିଥିବା ଇଓଡବ୍ଲ୍ୟୁରେ ଅଭିଯୋଗ ହୋଇଛି। ଏନେଇ ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିବା ସହ ତାଙ୍କ ନାମରେ ଥିବା ୨ଟି ବ୍ୟାଙ୍କ ଆକାଉଣ୍ଟରୁ ୨୫ ଲକ୍ଷ ଟଙ୍କାକୁ ଜବତ କରିବା ସହ ଅଚଳ କରିଦେଇଛି। ଅନ୍ୟପକ୍ଷରେ ବିଭିନ୍ନ ଲୋକଙ୍କ ପାଖରୁ ବାବାଙ୍କ ଆକାଉଣ୍ଟକୁ ବହୁ ପରିମାଣର ଅର୍ଥ ଟ୍ରାନ୍ସଫର ହୋଇଥିବାର ପ୍ରମାଣ ତଦନ୍ତକାରୀ ସଂସ୍ଥା ହାତରେ ଲାଗିଛି। ଟଙ୍କା ପଠାଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଇଓଡବ୍ଲ୍ୟୁ ନିଜ ସ୍କାନରକୁ ନେଇଛି। ସେହିଭଳି ବାବା ବିଜୟାନନ୍ଦ ଏକ ଓଡିଆ ଚଳଚ୍ଚିତ୍ର ମହୁରତବେଳେ ନଜର ଆସିଥିଲେ। ତେବେ ସେ ଉକ୍ତ ସିନେମାରେ ସେ ଟଙ୍କା ନିବେଶ କରିଛନ୍ତି ନା ନାହିଁ ତାହାର ତଦନ୍ତ ମଧ୍ୟ କରୁଛି ଇଓଡବ୍ଲ୍ୟୁ। ତେବେ ୩ କୋଟି ଠକେଇ ମାମଲା ସହ ଅଭିଯୋଗ ଆସିଥିବା ବିଭିନ୍ନ ମାମଲାରେ ଅଧିକ ଖୋଳତାଡ଼ ପାଇଁ ବାବା ବିଜୟାନନ୍ଦଙ୍କୁ ଇଓଡବ୍ଲ୍ୟୁ ରିମାଣ୍ଡରେ ଆଣିବାକୁ ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ କରିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**ଗୋ ଚାଲାଣ, ଜଣେ ଗିରଫ**

ଡେଲାଙ୍ଗ, (ଡି.ଏନ୍.ଏ.): ଗୋରୁ ଚାଲାଣ ଅଭିଯୋଗରେ ଡେଲାଙ୍ଗ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଘୋରଡିଆ ଗୋପପାଟଣା ଗ୍ରାମର ସହ୍ବା ଖାଁ (୩୦)। ଡେଲାଙ୍ଗ ଥାନା ଏଏସଆଇ ଯୁଗଳ କିଶୋର ଜେନା ପାଟ୍ରୋଲିଂ କରିବା ସମୟରେ ଡେଲାଙ୍ଗ -ଖୋର୍ଦ୍ଧା ରାସ୍ତାରେ ବିଳମ୍ବିତ ରାତ୍ରରେ ଖୁଣ୍ଟିଆ ସାହି ଛକ ନିକଟରେ ଏକ ଗୋରୁ ବୋଝେଇ ଗାଡ଼ି ଏସିଭ ନମ୍ବର ଓଆର୦୨ -ଏଜେ ୮୮୫୦ ଦେଖିଥିଲେ। ଗାଡ଼ିକୁ ଅଟକାଇ ପଚରାଉଚରା ପରେ ଗୋଚାଲାଣ ହେଉଥିବା ଜଣାପଡ଼ିଥିଲା। ୧୫ଟି ବାଛୁରୀଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ବେନ୍ତପଡ଼ା ମଠ ଗୋଶାଳାରେ ଛଡ଼ାଯାଇଛି। ଏ ନେଇ ନଂ.୧୯୦/୨୧ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

| ୨୫.୦୮.୨୦୨୧ | |
|---|---|
| ୧,୯୩,୪୭୩ ଟଙ୍କା | |
| ସୁନା | ୪୨୦ ମିଲିଗ୍ରାମ |
| ରୁପା | ୮୮.୮୦୦ ଗ୍ରାମ |

# ଆନନ୍ଦବଜାରରେ କଟକଣାକୁ ବେଖାତିର

ପୁରୀ ଅଫିସ,୨୫।୮

■ ମହାପ୍ରସାଦ ସେବନ କରୁଛନ୍ତି ଶ୍ରଦ୍ଧାଳୁ
■ ନିର୍ଦ୍ଦେଶ ଜାରି କରି ଚୁପ୍ ବସିଛି ପ୍ରଶାସନ

କରୋନା ସଂକ୍ରମଣ ସାମାନ୍ୟ ଥମିବା ପରେ କଟକଣା ମଧ୍ୟରେ ଗତ ୨୩ତାରିଖରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ତେବେ ଆନନ୍ଦବଜାରରେ ଅବଢ଼ା ସେବନ ଉପରେ କଟକଣା ରହିଛି। ଅବଢ଼ା କିଣି ହେବ, ମାତ୍ର ଶ୍ରୀମନ୍ଦିର ପରିସରରେ ଖାଇହେବ ନାହିଁ ବୋଲି ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଭଳି କଟକଣା ଜାରି କରାଯାଇଛି। ମାତ୍ର ଏହି କଟକଣାକୁ ଖାତିର ନ କରି ଅନେକ ଶ୍ରଦ୍ଧାଳୁ ଆନନ୍ଦବଜାରରେ ମହାପ୍ରସାଦ ସେବନ କରୁଥିବା ଓ ଏଥିପାଇଁ କଦଳିପତ୍ର ମିଳୁଥିବା ଅଭିଯୋଗ ସାମ୍ନାକୁ ଆସିଛି। କଟକଣା ଜାରି ପରେ ତଦାରଖ କରିବା ପରିବର୍ତ୍ତେ ପ୍ରଶାସନ ବେପରୁଆ ଭାବେ ଚୁପ୍ ବସିଥିବା ଏଥିରୁ ସ୍ପଷ୍ଟ ହେଉଛି।

ନୟାଗଡ଼ରୁ ଏଠାକୁ ଆସିଥିବା ରାଜେଶ କୁମାର ସାହୁ କହିଛନ୍ତି, ଶ୍ରୀମନ୍ଦିର ଭିତରେ କୋଭିଡ୍ କଟକଣା କାର୍ଯ୍ୟକାରୀ ହେଉନାହିଁ। ଆସିବା ସମୟରେ ମହାପ୍ରସାଦ ସାଙ୍ଗରେ ନେଇ ଫେରିବି ବୋଲି ମନସ୍ଥ କରିଥିଲି। ମାତ୍ର ମହାପ୍ରଭୁଙ୍କ ଦର୍ଶନ ସାରି ଆନନ୍ଦବଜାରରେ ପ୍ରବେଶ କରିବା ପରେ ଆଚମ୍ବିତ ହୋଇଯାଇଥିଲି। ଆନନ୍ଦବଜାରରେ ଭକ୍ତ ଅବଢ଼ା ଖାଉଛନ୍ତି ଓ ହାତ ଧୋଉଛନ୍ତି। ଜଣେ କିମ୍ବା ଦୁଇଜଣ ନୁହେଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଆନନ୍ଦବଜାରରେ ଅବଢ଼ା ଖାଉଛନ୍ତି। କେହି ଭଙ୍ଗା କୋଉଥା ତ ଆଉ କେହି କଦଳି ପତ୍ରରେ ମହାପ୍ରସାଦ ସେବନ କରୁଛନ୍ତି। ଏଥିରୁ କଟକଣା କିପରି ପାଳନ ହେଉଛି ତାହା ସହଜରେ ବୁଝାପଡୁଛି ବୋଲି ସାହୁ କହିଛନ୍ତି। ଆନନ୍ଦବଜାରରେ ଶ୍ରୀମନ୍ଦିର ପୋଲିସ ଓ କର୍ମଚାରୀମାନେ ଥିବା ସତ୍ତ୍ୱେ ଲୋକେ କିପରି ସେଠାରେ ଅବଢ଼ା ସେବନ କରୁଛନ୍ତି ତାହାକୁ ନେଇ ସେ ଆଶ୍ଚର୍ଯ୍ୟ ହେବା ସହ ପ୍ରଶ୍ନ ଉଠାଇଛନ୍ତି। ସାହୁ ଆହୁରି କହିଛନ୍ତି ଯେ, କାହାରି ଧର୍ମୀୟ ଭାବନାକୁ ଆଘାତ କିମ୍ବା ଇଙ୍ଗିତ କରିବା ଉଦ୍ଦେଶ୍ୟରେ ଏଭଳି କହୁନାହିଁ। ମାତ୍ର ବାସ୍ତବରେ ପ୍ରଶାସନ ଯଦି ଶ୍ରୀମନ୍ଦିର ପରିସରରେ ମହାପ୍ରସାଦ ସେବନର ସୁଯୋଗ ଦେବାକୁ ଚାହୁଁଛନ୍ତି ତେବେ ଏନେଇ ଘୋଷଣା କରନ୍ତୁ। କାହାରିକୁ ଅନ୍ଧାରରେ ରଖି ଲୁଚାଛପାରେ ଏଭଳି କରା ନ ଯିବା ଉଚିତ ବୋଲି ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ପଚରାଯିବାରେ କହିଛନ୍ତି, ଏଭଳି ଅଭିଯୋଗ ପ୍ରଥମ ଥର ପାଇଁ ଶୁଣିବାକୁ ପାଇଲି। ଏନେଇ ମୋ ପାଖରେ ଅଦ୍ୟାବଧି କୌଣସି ସୂଚନା ନାହିଁ। ତଥାପି ଅଭିଯୋଗ ତଦନ୍ତ ପରିସରଭୁକ୍ତ ଅଟେ।



ଲଦାଖ ଯାତ୍ରାରେ ବାହାରିଥିବା ଦୁଇ ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସଚେତନତା ବାର୍ତ୍ତା ନେଇ ଲଦାଖ୍ ଯାତ୍ରା

ପୁରୀ ଅଫିସ, ୨୫।୮

ବର୍ଜ୍ୟବସ୍ତୁ ସୁପରିଚାଳନାର ସଚେତନତା ବାର୍ତ୍ତା ନେଇ ପର୍ବତାରୋହୀ ମିତ୍ରଭାନୁ ନାୟକ ଏବଂ ମିଶନ ଓଡ଼ିଶାର ସମ୍ପାଦକ ତଥା ଖବରଦାତା ମଧୁସୂଦନ ମିଶ୍ର ବୁଧବାର ପୁରୀରୁ ଲେହ-ଲଦାଖ୍ ଅଭିମୁଖେ ମୋଟର ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ଜିଲାପାଳ, ଉପଜିଲାପାଳଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଉଭୟଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

ବର୍ତ୍ତମାନ ସବୁଠି କୁଢ଼ କୁଢ଼ ବର୍ଜ୍ୟବସ୍ତୁ ଦେଖିବାକୁ ମିଳୁଛି। ଏଥିଯୋଗୁ ଜଳବାୟୁ ଓ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ସେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ସିଂହଦ୍ୱାରଠାରୁ ଲେହ-ଲଦାଖ୍ ଅଭିମୁଖେ ମୋଟର-ସାଇକେଲ ଯାତ୍ରା ଆରମ୍ଭ କରିଥିବା ମିଶ୍ର କହିଛନ୍ତି। ଉଭୟ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ବିହାର, ଉତ୍ତର ପ୍ରଦେଶ, ନୂଆଦିଲ୍ଲୀ, ହରିୟାଣା, ପଞ୍ଜାବ, ହିମାଚଳ ପ୍ରଦେଶ, ଜମ୍ମୁ ଓ କାଶ୍ମୀର ସମେତ ଲେହ, ଲଦାଖ୍, କାର୍ଗିଲ ଓ ଡ୍ରାସ୍ ସେକ୍ଟରରେ ସଚେତନତା ସୃଷ୍ଟି କରିବେ। ୨୦ଦିନରେ ୬ହଜାର କିଲୋମିଟର ଯାତ୍ରା କରି ଆସନ୍ତା ସେପ୍ଟେମ୍ବର ୧୫ରେ ପୁରୀ ଫେରିବେ। ଏହି ସମୟରେ ହଜାରିବାଗ୍, ବାରାଣସୀ, ମଥୁରା, ହରିଦ୍ୱାର, ଝାନସୀ ଏବଂ ଅଯୋଧ୍ୟା ପ୍ରଭୃତି ଐତିହାସିକ ସ୍ଥାନରେ ସଚେତନତା ସୃଷ୍ଟି କରିବା ସହ ନମାମୀ ଗଙ୍ଗେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ମିଶନ ଓଡ଼ିଶା ସମ୍ପାଦକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ପିପିଲି,୨୫।୮(ସ୍ୱ.ପ୍ର.): ପିପିଲି ଏନ୍ଏସିର ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହୋଇଥିବା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ ଆଣିଛନ୍ତି। ଏ ନେଇ ବୁଧବାର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ପିପିଲି ଏନ୍ଏସିରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକୁ କେଉଁ ଉଦ୍ଦେଶ୍ୟରେ ଜିଲାପାଳ ପିପିଲି ବ୍ଲକ ବିଭାଗୀୟ ଜେଇଙ୍କ ନାମରେ କାର୍ଯ୍ୟାଦେଶ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତିତାହା ବୁଝାପଡୁନାହିଁ। ଏହାଦ୍ୱାରା ଯୋଜନାର ସଫଳ ରୂପାୟନ ନେଇ ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ଏଭଳି ଜନବିରୋଧୀ ନିଷ୍ପତ୍ତି ପ୍ରତ୍ୟାହାର ନହେଲେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ। ସମ୍ମିଳନୀରେ ରାଜ୍ୟ ମହିଳା ସମ୍ପାଦିକା ନିରୁପମା ପାତ୍ର, ଏନଏସି ସଭାପତି ସେକ ମେହେବୁବ୍, ଗୁଣନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଘୋରଡ଼ିଆରେ ଶାନ୍ତି କମିଟି ଗଠିତ

ଡେଲାଙ୍ଗ, ୨୫।୮(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘୋରଡିଆ ରାଧାମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଶାନ୍ତି ପ୍ରତିଷ୍ଠା ଓ ବିକାଶଧାରା ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୨୦୧୭ରେ କୌଣସି କାରଣରୁ ଗୋଷ୍ଠୀ ସଂଘର୍ଷ ପରେ ବିଭିନ୍ନ ସମ୍ପ୍ରଦାୟ ଓ ଜାତିର ଲୋକଙ୍କ ମଧ୍ୟରେ ଥିବା ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ୪ବର୍ଷ ଧରି ବିବାଦ ଲାଗି ରହିଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିଲା। ଶାନ୍ତି, ସଂହତି ଓ ବିକାଶଧାରା ପ୍ରତିଷ୍ଠା ଲକ୍ଷ୍ୟ ନେଇ ୫ ପଞ୍ଚାୟତର ୧୪ ଗ୍ରାମର ଲୋକେ ବୁଧବାର ବୈଠକ କରିଥିଲେ। ସାଉରିଆର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁ ଓ ସୟଦ୍ ମହମ୍ମଦଙ୍କ ଆହ୍ୱାନ କ୍ରମେ ଏଥିରେ ରମେଶ ପାଙ୍ଗଶାଣୀ ଅଧ୍ୟକ୍ଷତା କରିଥିଲେ। ୨୧ ଜଣିଆ ଉପଦେଷ୍ଟା ମଣ୍ଡଳୀ ଓ ୩୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଆଞ୍ଚଳିକ ବିକାଶ କମିଟି ସଭାପତି ଭାବେ ପ୍ରକାଶ ଚନ୍ଦ୍ର ପାତ୍ର, ଉପସଭାପତି ଜାକିର ଖାଁ, ସମ୍ପାଦକ ରମେଶ ପାଙ୍ଗଶାଣି, କାର୍ଯ୍ୟକାରୀ ସମ୍ପାଦକ ଶଶିଶେଖର ରାୟ ଓ ସହ ସମ୍ପାଦକ ସୟଦ ମହମ୍ମଦ୍ ରହିଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳି ସଭାପତି ଭାବେ କମ୍ରୁର ମହମଦ ଓ ଉପସଭାପତି ଦୁର୍ଯ୍ୟୋଧନ ସାହୁଙ୍କୁ ଚୟନ କରାଯାଇଛି। ବୈଠକରେ ଆଦିକନ୍ଦ ରାଉତରାୟ, ଅବଦୁଲ ୱାହିଦ୍ ଖାଁ, ସଞ୍ଜନ ଜେନା, ରବିନ୍ଦ୍ର ଦାସ, ବିଧାନ ଚନ୍ଦ୍ର ରାୟ, ଲଡୁକିଶୋର ରାୟ, ଯୁଧିଷ୍ଠିର ମାର୍ଥା, ୱାହିଦ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୨୫।୮: ପୁରୀ ପୌରସଂସ୍ଥା ଅଧୀନ ୩୧ ନମ୍ବର ୱାର୍ଡର ହରଚଣ୍ଡି, ତାରିଣୀ ଓ ବିଜୁ ନଗର ବସ୍ତିର ବାସିନ୍ଦା ବିଭିନ୍ନ ସମସ୍ୟା ନେଇ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସେମାନେ ମୌଳିକ ସୁବିଧା ଓ ସୁଯୋଗ ପାଉ ନ ଥିବା, ବସ୍ତିରେ ଷ୍ଟ୍ରିଟ ଲାଇଟ ଲାଗି ନ ଥିବା ଅଭିଯୋଗ ଆଣି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

### ପୁରୀକୁ ମଦମୁକ୍ତ କରିବାକୁ ଦାବି

ପୁରୀ ଅଫିସ, ୨୫।୮: ପବିତ୍ର ସହର ପୁରୀକୁ ମଦମୁକ୍ତ କରିବା ପାଇଁ ପୂଜ୍ୟ ପୂଜା ସଂସଦ ଦାବି କରିଛି। ଏ ନେଇ ବୁଧବାର ସଂସଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସଂସଦର ସଭାପତି କୃଷ୍ଣଚନ୍ଦ୍ର ଜଗଦେବ କହିଛନ୍ତି, ପୁରୀରେ ନିଶା କାରବାର ବଢ଼ିଚାଲିଛି। ଏହା ଅଧାର୍ମିକ ପରିବେଶ ତଥା ସାମାଜିକ ଜୀବନକୁ ପ୍ରଭାବିତ କରୁଛି। ପୁରୀ ସହରକୁ ନିଶା ଓ ମଦମୁକ୍ତ କରିବା ପାଇଁ ସମସ୍ତ ମଦଦୋକାନ ଉଚ୍ଛେଦ କରାଯାଉ। ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ।



ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କରୋନା ଯୋଦ୍ଧା।

# ୬୦ କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

ନିମାପଡ଼ା,୨୫।୮(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସମାରୋହ, ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ବିଡିଓ ବସନ୍ତ କୁମାର ମଲ୍ଲିକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ କମ୍ରୁର ସ୍ୱାଇଁ, ସରପଞ୍ଚ ପ୍ରତାପସେନ ସ୍ୱାଇଁ, ସମିତିସଭ୍ୟ ପ୍ରମିଳା ଦାସ, ଯୁବନେତା ରବି ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚୁନା ପ୍ରଧାନ, ଜିଆର୍ଏସ୍ ମଧୁସ୍ମିତା ରାୟ, ଅନୁଷ୍ଠାନ ସାହାଯ୍ୟ ହୋପ୍ ଅଫ ଲାଇଫ୍(କଟକ) ପ୍ରତିଷ୍ଠାତା ବବିତା ଦାଶ ପ୍ରମୁଖ ଯୋଗଦେଇ ପଞ୍ଚାୟତର ଏଭଳି ପ୍ରୟାସ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କରୋନା ସମୟରେ ଲୋକଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇଥିବା ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଏଏନ୍ଏମଙ୍କ ସମେତ ୬୦ଜଣ କରୋନା ଯୋଦ୍ଧାଙ୍କୁ ସମାରୋହରେ ମଞ୍ଚାସୀନ ଅତିଥିମାନେ ଏକକାଳୀନ ସମ୍ମାନ ପ୍ରଦର୍ଶନ କରିବା ସହ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ପଞ୍ଚାୟତ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ, ଗ୍ରାମୀଣ ଉଦ୍ୟାନରେ କରୋନା ଯୋଦ୍ଧାମାନେ ବିଭିନ୍ନ ଚାରା ଲଗାଇଥିଲେ। ସମାରୋହରେ ବହୁ ୱାର୍ଡସଭ୍ୟଙ୍କ ସମେତ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଏଥିସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାଯ୍ୟ ହୋପ୍ ଅଫ ଲାଇଫ ପକ୍ଷରୁ ପଞ୍ଚାୟତର ଗରିବ, ଅସହାୟଙ୍କୁ ରାଶନ ସାମଗ୍ରୀ ପ୍ୟାକେଟ ସହାୟତା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରତାପସେନ ସ୍ୱାଇଁ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ।

# ୩ ବର୍ଷ ପରେ ରେଡ୍କ୍ରସ୍ କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ,୨୫।୮

ଫନୀ ବାତ୍ୟା, କରୋନା ପରିସ୍ଥିତି ଓ ବିଭିନ୍ନ କାରଣରୁ ଗତ ୩ବର୍ଷ ଧରି ପୁରୀ ଜିଲା ରେଡ୍କ୍ରସ୍ ସମିତିର କାର୍ଯ୍ୟକାରିଣୀ ବୈଠକ ହୋଇପାରି ନ ଥିଲା। ୩ ବର୍ଷ ପରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ଜିଲାର ପ୍ରତ୍ୟେକ ବ୍ଲକ୍ରେ ରେଡକ୍ରସ୍ କାର୍ଯ୍ୟକୁ ବ୍ୟାପକ କରାଯିବ। ଆଜୀବନ ସଭ୍ୟଙ୍କ ସଂଖ୍ୟା ବୃଦ୍ଧି କରାଯିବାକୁ ପଦକ୍ଷେପ ନିଆଯିବ। ଆସନ୍ତା ମାସ ପ୍ରଥମ ସପ୍ତାହରେ କୃଷ୍ଣପ୍ରସାଦ ବ୍ଲକ୍ର ବିଭିନ୍ନ ଗ୍ରାମରେ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତଦାନ ଶିବିର ଆୟୋଜନ ହେବ। ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀରେ ସୁଆଣ୍ଡୋରେ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ବୈଠକ ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ସୁମନ୍ତ କର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ରାଧାକାନ୍ତ ଦାଶ ଓ ରାଜକିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅପହରଣ ଅଭିଯୋଗ: ୩ ଗିରଫ

ପୁରୀ ଅଫିସ, ୨୫। ୮

ଜଣେ ବ୍ୟକ୍ତିଙ୍କୁ ଅପହରଣ କରି ଟଙ୍କା ମାଗିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ଭାରତପୁର ଥାନା ଅନ୍ତର୍ଗତ ତାରିଣୀ ମାର୍କେଟ ଅଞ୍ଚଳର ବିକାଶ ଚରଣ ସାହୁ, ଉତ୍ତମ ଦାସ ଓ ସନାତନ ସାହୁ। ଏ ନେଇ କେସ୍ ନଂ. ୧୭୬/୨୧ ରୁଜୁ ହୋଇଛି। ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଜମ୍ବୁ ମେରାଇନ ଥାନା ଅନ୍ତର୍ଗତ ରାମନଗରର ଅଭିଷେକ ଦେବନାଥ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ବାପା ଶ୍ୟାମଳ ଦେବନାଥ ପୁରୀ ଟ୍ୟାକ୍ସି ଷ୍ଟାଣ୍ଡରେ ଠିଆ ହୋଇଥିବା ବେଳେ ୩ଜଣ ବ୍ୟକ୍ତି ଆସି ତାଙ୍କୁ ଜୋର ଜବରଦସ୍ତ କାରରେ ବସାଇ ନେଇଯାଇଥିଲେ। ବାପାଙ୍କୁ ଫେରାଇବା ପାଇଁ ୩ଲକ୍ଷ ୭୩ ହଜାର ଟଙ୍କା ଦାବି କରିଥିଲେ। ଏତଲା କ୍ରମେ ପୋଲିସ ୩ଅଭିଯୁକ୍ତଙ୍କୁ ଧରିଥିଲା।

# ପୁରୀ କୃଷି ବିଜ୍ଞାନ କେନ୍ଦ୍ର ରାଜ୍ୟର ଶ୍ରେଷ୍ଠ କେବିକେ ଭାବେ ପୁରସ୍କୃତ

ସାକ୍ଷୀଗୋପାଳ,୨୫।୮(ଡି.ଏନ୍.ଏ.)

ଆଧୁନିକ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଉତ୍ତମ ଅଭିବୃଦ୍ଧି ଜରିଆରେ ଲୋକଙ୍କ ଆସ୍ଥାଭାଜନ ହୋଇଥିବା ସାକ୍ଷୀଗୋପାଳସ୍ଥିତ ପୁରୀ କୃଷି ବିଜ୍ଞାନ କେନ୍ଦ୍ର ରାଜ୍ୟର ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ର (କେବିକେ) ଭାବେ ପୁରସ୍କୃତ ହୋଇଛି। ମଙ୍ଗଳବାର ଓୟୁଏଟିର ୬୦ତମ ପ୍ରତିଷ୍ଠା ଉତ୍ସବରେ କୃଷି ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପୁରୀ କେବିକେର ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତିଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟର ୩୧ଟି କୃଷି ବିଜ୍ଞାନ କେନ୍ଦ୍ର ମଧ୍ୟରେ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ପୁରୀ କେନ୍ଦ୍ର ଯଥେଷ୍ଟ ଅଭିବୃଦ୍ଧି କରିଥିବାରୁ ଶ୍ରେଷ୍ଠ କେବିକେ ପୁରସ୍କାର ପ୍ରଦାନ କରାଯାଇଛି। ପୁରୀ ଜିଲାରେ ଛତୁଚାଷ, ଛତୁମଞ୍ଜି ଉତ୍ପାଦନ, ମହୁମାଛି ପାଳନ, ଉନ୍ନତ କୁକୁଡ଼ା ପାଳନ, ଗୋରୁଙ୍କ ଚାରଣ ନିମନ୍ତେ ଘାସଚାଷ, ମାଛ ଓ ଚିଙ୍ଗୁଡ଼ି ଚାଷ, ଖାରିପାଣି କଙ୍କଡ଼ା ଚାଷ ପ୍ରଚାରପ୍ରସାର ସହିତ ଲୋକାଭିମୁଖୀ ଜରିଆରେ ଯୁବକ ଏବଂ କୃଷିଜୀବୀ ମହିଳାଙ୍କୁ ଉପାର୍ଜନକ୍ଷମ କରିବାରେ ସକ୍ଷମ ହୋଇଛନ୍ତି। ଏଥିସହ କେବିକେ ଫାର୍ମରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି ନୂତନ କିସମର ପିଣ୍ଡି ବିହନ, ଅଧିକ ଅମଳକ୍ଷମ ମାଛ ଯାଆଁଳ, ପନିପରିବା ଚାରା, ସପୁରି, କଦଳୀ ପୁଆ ଉତ୍ପାଦନ ଓ ଚାଷୀଙ୍କୁ ସୁଲଭ ଦରରେ ବିକ୍ରୟ ଓ କୃଷି ପରାମର୍ଶ ଦେଇ ଚାଷୀଙ୍କ ଆସ୍ଥା ଭାଜନ ହୋଇଛନ୍ତି। ଏହି ସଫଳତା ପାଇଁ ବୈଜ୍ଞାନିକ ମହାନ୍ତି କେବିକେର ବୈଜ୍ଞାନିକ, କୃଷକ ଓ କର୍ମଚାରୀଙ୍କୁ ଶ୍ରେୟ ଦେଇଛନ୍ତି।



ମନ୍ତ୍ରୀ ଅରୁଣ ସାହୁ ପୁରୀ କେବିକେର ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତିଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

# ଧାର୍ଯ୍ୟ ସମୟରେ ମିଳୁନି ବିଭିନ୍ନ ପ୍ରମାଣପତ୍ର

ପୁରୀ ଅଫିସ, ୨୫।୮

■ ପୁରୀ ତହସିଲ ଅଫିସ୍ରୁ ଫେରୁଛନ୍ତି ଲୋକେ
■ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ତହସିଲ କାର୍ଯ୍ୟାଳୟରୁ ବିଭିନ୍ନ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଛି। ସେହିପରି ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରୁଛନ୍ତି। ତେଣୁ ସରକାରୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ସାମାଜିକ କର୍ମୀ ତଥା ଆସୋସିଏଶନ ଅଫ ଟୁଇଟର୍ ଆକ୍ଟିଭିଟିଜ୍ ସଦସ୍ୟ ସତ୍ୟନାରାୟଣ ସାହୁ ଏବଂ ଦେବରାଜ ଦାସ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି।

ଉକ୍ତ ସାମାଜିକ କର୍ମୀ ଦ୍ୱୟ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର ମୋ ସରକାର ଏବଂ ୫-ଟି ମାଧ୍ୟମରେ ଜନସାଧାରଣଙ୍କ ପାଇଁ ସରକାରୀ କାର୍ଯ୍ୟାଳୟରେ ବ୍ୟବସ୍ଥା ସରଳୀକରଣ କରୁଥିବାବେଳେ ପୁରୀ ତହସିଲ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଘଟୁଛି। ବିଭିନ୍ନ ପ୍ରମାଣପତ୍ର ପାଇଁ ଲୋକେ ପୁରୀ ତହସିଲ ଅଫିସକୁ ଧାଉଁଥିବା ବେଳେ ମାସ ମାସ ଧରି ଆବେଦନପତ୍ର ପଡ଼ିରହୁଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରମାଣପତ୍ର ଦେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ପୁରୀ ତହସିଲ କାର୍ଯ୍ୟାଳୟରେ ଏହାର ଉଲ୍ଲଂଘନ କରାଯାଉଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ସେହିପରି ଅନେକ ଛାତ୍ରୀଛାତ୍ର ପାଠପଢ଼ା ଓ ଚାକିରି କ୍ଷେତ୍ରରେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିପାରୁନାହାନ୍ତି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଆବେଦନକାରୀମାନେ କିପରି ଆବଶ୍ୟକ ପ୍ରମାଣପତ୍ର ଧାର୍ଯ୍ୟ ସମୟରେ ପାଇପାରିବେ ସେଥିଲାଗି ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏହି ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସାମାଜିକ କର୍ମୀ ଦ୍ୱୟ କହିଛନ୍ତି।

# 'ସୁରକ୍ଷା ଓ ପେନସନ ସୁବିଧା ମିଳୁ'




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀ ଅଫିସ, ୨୫।୮

**ପେସାଦାର ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକ**

ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ବୁଧବାର ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇ ରାଜ୍ୟରେ ବଢ଼ି ଚାଲିଥିବା ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଓ ପେନସନ ଯୋଜନା ଲାଗୁ କରିବା ସହ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସେ ଦାବି କରିଥିଲେ। ବିଧାନସଭା ଶୀତକାଳୀନ ଅଧିବେଶନ ସମୟରେ ଏନେଇ ଆନ୍ଦୋଳନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଇପସିତ ପ୍ରତିହାରୀ, ସଞ୍ଜୟ ପତି, କମଳଲୋଚନ ଦୀକ୍ଷିତ, ପ୍ରଦ୍ୟୁମ୍ନ ସୁବୁଦ୍ଧି, ମାନସ ରଞ୍ଜନ ଦାଶ, ସରୋଜ ବେହେରା, ବିଜୟ ମହାପାତ୍ର, ଅବନୀ ଭୂଷଣ ବାରିକ, ଧିରେନ୍ଦ୍ର ସେନାପତି, ସୁରେଶ ମହାନ୍ତି, ପ୍ରଦୀପ ନାୟକ ଓ ଆଦିତ୍ୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କରୋନାରେ ପ୍ରାଣ ହରାଇଥିବା ସାମ୍ବାଦିକଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ପୁରୀର ୨୩ଜଣ ସାମ୍ବାଦିକଙ୍କୁକୋଭିଡଯୋଦ୍ଧାଭାବେସମ୍ମାନିତ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ବିଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ଅନେକ ଯୋଜନା କାର୍ଯ୍ୟକାରିତାକୁ ଅପେକ୍ଷା

ପୁରୀ ଅଫିସ,୨୫।୮

■ ଆଜି ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ
■ ରତ୍ନଭଣ୍ଡାର ପୁନଃ ଯାଞ୍ଚ ଦାବି

ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଗୁରୁବାର ଅନୁଷ୍ଠିତ ହେବ। କମିଟି ଅଧୀନରେ ନୀତି, ଅର୍ଥ, ବିକାଶ, ନିର୍ମାଣ, ପ୍ରଚାର ପ୍ରସାର ଓ ରତ୍ନଭଣ୍ଡାର ରକ୍ଷଣାବେକ୍ଷଣ ଭଳି ଅନେକ ସବ୍କମିଟି ପ୍ରସ୍ତୁତ ହେବ। ତେବେ ରତ୍ନଭଣ୍ଡାର ଖୋଲିବା ଉପରେ ରାଜ୍ୟବାସୀଙ୍କ ନଜର ରହିଥିବାରୁ ଏନେଇ ପରିଚାଳନା କମିଟି କି ନିଷ୍ପତ୍ତି ନେବ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି।

୨୦୧୮ରେ ରତ୍ନଭଣ୍ଡାର ଯାଞ୍ଚ ପରେ ଖୋଲାଯାଇ ରଥଯାତ୍ରା ଓ ମୌସୁମୀ ସମୟରେ ପୁଣି ଥରେ ସ୍ଥିତି ଯାଞ୍ଚ କରିବାକୁ ୧୭ଜଣିଆ ଯାଞ୍ଚ କମିଟି ପରାମର୍ଶ ଦେଇଥିଲେ। ବର୍ଷା ବେଳେ କେଉଁ ସ୍ଥାନରୁ ପାଣି ଗଳୁଛି ତାହା ସ୍ପଷ୍ଟ ଭାବେ ଜଣାପଡ଼ିବ ବୋଲି ରିପୋର୍ଟରେ କୁହାଯାଇଥିଲା। ସେହିଭଳି ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରହିଥିଲା ଯେ, ଭିତର ଓ ବାହାର ଭଣ୍ଡାର ଘର କାନ୍ଥରେ ବହୁ ଫାଟ ସୃଷ୍ଟି ହୋଇଛି। ଅଧିକାଂଶ ସ୍ଥାନରେ ପ୍ଲାଷ୍ଟର କାନ୍ଥରୁ ଛାଡ଼ିଯାଇଛି। ବିଭିନ୍ନ ସ୍ଥାନରେ ଲୁହା ରଡ୍ ଦେଖାଯାଉଛି। କିଛି ପଥର ଛାତରୁ ଖସିପଡ଼ିଛି। ଭିଜୁଆଲ୍ ଅବଜରଭେଶନ୍ ସହାୟତାରେ ଏଭଳି ରିପୋର୍ଟ ଦିଆଯାଇଥିବା ବେଳେ ପରବର୍ତ୍ତୀ ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ସହ ମରାମତି ଓ ସଂରକ୍ଷଣ ନିହାତି ଆବଶ୍ୟକ ବୋଲି ରିପୋର୍ଟରେ ଦର୍ଶାଯାଇଥିଲା। ସେହିଭଳି ୟିଏସ୍ପିଭି ଟେଷ୍ଟ, ରାଇବାଉଣ୍ଡ ହାମର୍ ଟେଷ୍ଟ, କୋରେଶନ୍ ରେଜିଷ୍ଟାନ୍ସ ଟେଷ୍ଟ, ମଏଶ୍ଚର କଣ୍ଟେଣ୍ଟ ଟେଷ୍ଟ ମାଧ୍ୟମରେ ସଂରକ୍ଷଣ କରାଯାଇପାରିବ ଓ ଏଭଳି ଟେଷ୍ଟ ସମୟରେ ରତ୍ନଭଣ୍ଡାର ବାହ୍ୟ ଭିତ୍ତିରେ କୌଣସି ପରିବର୍ତ୍ତନ ନ କରିବା ପାଇଁ ରିପୋର୍ଟରେ ଉଲ୍ଲେଖ ରହିଥିଲା। ୨୦୧୮ ଏପ୍ରିଲ ୪ରେ ଏହି ରିପୋର୍ଟ ଦାଖଲ ହୋଇଥିଲେ ବି ଏହା ପରଠାରୁ ରତ୍ନଭଣ୍ଡାର ଖୋଲାଯାଇନାହିଁ। ଅନ୍ୟପକ୍ଷରେ ରତ୍ନଭଣ୍ଡାରରୁ ଚୋରି ହୋଇଥିବା ନେଇ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ବାରମ୍ବାର ଅଭିଯୋଗ ଆଣୁଥିଲେ ବି ସରକାର ସ୍ୱଚ୍ଛତାର ପରିଚୟ ଦେବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ତତ୍କାଳୀନ ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କ ଦସ୍ତଖତରେ ପୁନଃ ଯାଞ୍ଚ ପାଇଁ ପରାମର୍ଶ ଦିଆଯାଇଥିଲେ ମଧ୍ୟ ସରକାର ଏହାକୁ କାର୍ଯ୍ୟକାରୀ ନ କରାଇବା ଦୁର୍ଭାଗ୍ୟଜନକ ଘଟଣା। ରାଜ୍ୟବାସୀଙ୍କ ସ୍ୱାର୍ଥ ସପକ୍ଷରେ ଯିବାକୁ ଚାହୁଁଥିଲେ ସରକାର ତୁରନ୍ତ ରତ୍ନଭଣ୍ଡାର ଖୋଲନ୍ତୁ ବୋଲି ସେ ଦାବି କରିଛନ୍ତି। ତେବେ ନୂଆ କମିଟି ଆସନ୍ତା ୩ବର୍ଷ ପାଇଁ ଦାୟିତ୍ୱ ନେବାକୁ ଥିବାବେଳେ ଉନ୍ନୟନମୂଳକ କାର୍ଯ୍ୟ ସମେତ ଅନେକ ଆହ୍ୱାନ ରହିଛି। ଏହା କମିଟିର ଦକ୍ଷତା ମୂଲ୍ୟାୟନ କରିବ। ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିବା ପରେ ୧୮ ମାସ ମଧ୍ୟରେ କାମ ଶେଷ କରିବା ପାଇଁ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ କମିଟି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଚେଷ୍ଟା କରିବ। ସେହିପରି ଶ୍ରୀମନ୍ଦିର ସେବାୟତ ପରିବାର ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ ଯୋଜନା ସ୍ୱପ୍ନ ହୋଇଛି। ୨୦୧୬-୧୭ରେ ଏନେଇ ମାଟିତୋଟା ମୌଜାରେ ଜାଗା ଚିହ୍ନଟ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟ ଆଗେଇନାହିଁ। ବାସଗୃହ ନ ଥିବା ସେବାୟତଙ୍କ ପାଇଁ ବାସଗୃହ ବ୍ୟବସ୍ଥା କରିବା ପାଇଁ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇନାହିଁ। ସେବାୟତ ପରିବାର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଲାଗି ମାଳତୀପାଟପୁରରେ ଜମି ଚିହ୍ନଟ ସରିଥିଲେ ବି କାର୍ଯ୍ୟ ହୋଇପାରୁନାହିଁ। ଏଥିସହ ଅବଢ଼ା ଦର ନିର୍ଦ୍ଧାରଣ ନେଇ ମଧ୍ୟ କମିଟି ପଦକ୍ଷେପ ଉପରେ ରାଜ୍ୟବାସୀଙ୍କ ନଜର ରହିଛି।